# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୪/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, April 4/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 129 | ମୂଲ୍ୟ ₹୭/-



**Committed to the Success** of students **since 1988.**

Aakash + BYJU'S



| Anmol Arichwal | Mrinal Kutteri | Chirag Falor | Vatsa A Batra | Dhruv Sanjay Jain | Hrishikesh N Gangule | Tanishka Kabra | Tanmay Gupta | Karthika G Nair |
|---|---|---|---|---|---|---|---|---|
| JEE (Adv.) 2021 IISc Bangalore AIR 58 | NEET (UG) 2021 720/720 AIIMS Delhi AIR 1 | JEE (Adv.) 2020 MIT USA AIR 1 | NEET (UG) 2022 715/720 AIIMS Delhi AIR 2 | JEE (MAIN) 2023 Session-1 100 Percentile Overall | NEET (UG) 2022 715/720 AIIMS Delhi AIR 3 | JEE (Adv.) 2022 ALL INDIA RANK (Female) IIT Bombay AIR 1 | NEET (UG) 2021 720/720 AIIMS Delhi AIR 1 | NEET (UG) 2021 720/720 AIIMS Delhi AIR 1 |
| 4 Year Classroom | 2 Year Classroom | 4 Year Classroom | 2 Year Classroom | 4 Year Classroom | 2 Year Classroom | 4 Year Classroom | 2 Year Classroom | 2 Year Classroom |

## Our Toppers from Odisha (Classroom Programs)

**NEET-UG 2022** — Odisha Topper

- Priya Somadutta Nayak — AIR 39 — 705/720 — 2 Year Classroom Program
- Subharanjan Mangaraj — AIR 309 — 690/720 — 2 Year Classroom Program
- Saumya Sajan Panda — AIR 439 — 686/720 — 2 Year Classroom Program
- Suryanshu Ku. Dash — AIR 475 — 685/720 — 2 Year Classroom Program
- Pratik Sahoo — AIR 504 — 685/720 — 2 Year Classroom Program
- Abhipsa Padhi — AIR 533 — 685/720 — 2 Year Classroom Program
- SP Akankshya — AIR 557 — 685/720 — 1 Year Classroom Program
- Ashutosh Rath — AIR 901 — 680/720 — 1 Year Classroom Program

and many more...

**JEE (Main & Advanced) 2022**

- Atish Kumar Sahoo — AIR 311 — 2 Year Classroom Program
- Veda Raju — AIR 1239 — 2 Year Classroom Program
- Suryadeep Mallick — AIR 1723 — 2 Year Classroom Program
- Avipsa Swain — AIR 3036 — 2 Year Classroom Program
- Abhipsa Swain — AIR 3389 — 2 Year Classroom Program
- Karan Pattanaik — AIR 3922 — 3 Year Classroom Program
- Soham Pal — AIR 4475 — 2 Yr. Classroom Program
- Sreerag S Sreejith — AIR 5497 — 2 Year Classroom Program

and many more...

Though every care has been taken to publish the result correctly, yet Aakash Educational Services Ltd. shall not be responsible for inadvertent error, if any.

## ADMISSIONS OPEN FOR 2023-24

**CLASS 10th** — Moving to Class 11th
2 Year Integrated Courses for **NEET / JEE**
Classes From : 14th April, 2023

**CLASS 11th** — Moving to Class 12th
1 Year Integrated Courses for **NEET / JEE**
Classes From : 10th April, 2023

**CLASS 12th** — Appeared / Passed Students
1 Year Repeater Course for **NEET**
Classes From : 10th April, 2023

## Crash Course for NEET 2023

**DIRECT ADMISSION -** FOR CLASS XII APPEARED / PASSED STUDENTS

**Batches Starting from: 07th & 10th April, 2023**

Get up to **90% Scholarship***

Appear for Instant Admission & Scholarship Test. Register now for **FREE** visit: **iacst.aakash.ac.in** or scan the code

*T&C apply.

**6** Branches in **Odisha**

Scan code to locate the nearest centre

**BHUBANESWAR**
**(Bhouma Nagar):** 7008005000, 9337870700, 9337355775, 6372800243, 9078884986, 6372800244
**(Chandrasekharpur):** 7008005000, 90788 84990, 90788 84982, 7008000100
**Cuttack:** 7008005000, 9337355773, 9078891914

**Balasore:** 7008005000, 9311734469
**Berhampur:** 7008005000, 9337355235, 9348588695
**Sambalpur:** 7008005000, 9289821015, 9337355234
**Information Centre: Rourkela:** 9337355752

Download **Aakash App** — GET IT ON Google Play | Download on the App Store

CALL (TOLL-FREE) **1800-102-2727**

VISIT **aakash.ac.in**

Aakash BYJU'S

**ମହିଳାଙ୍କୁ ବଳାତ୍କାର: ୨ ଯବାନ ଗିରଫ**

ଉତ୍ତରପ୍ରଦେଶର ଝାନ୍ସି ରେଳ ଷ୍ଟେଶନ୍ ୟାର୍ଡରେ ୨ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ୨ ସେନା ଅଧିକାରୀଙ୍କୁ ରବିବାର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ, ସିପାହୀର ନାୟକ ସନ୍ଦୀପ ତିୱାରୀ ଏବଂ ରିଶିକେଶର ହାବିଲଦାର୍ ସୁରେଶ ରାୱତ। ଘଟଣାରେ ସମ୍ପୃକ୍ତ ଆଉଜଣେ ଅଭିଯୁକ୍ତ ପଞ୍ଜାବର ରବୀନ୍ଦ୍ର ଫେରାର୍ ଥିବା ପୋଲିସ କହିଛି। ତିନିଜଣଯାକ ପାଡ଼ିତାଙ୍କୁ ରେଳଷ୍ଟେଶନ୍ ୟାର୍ଡରେ ଥିବା ଆର୍ମି କୋଚ୍‌କୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ମାଲିଆନା ଦଙ୍ଗା ମାମଲାରେ ୪୦ ଦୋଷମୁକ୍ତ

**ମିରଟ, ୩।୪:** ୩୬ ବର୍ଷ ତଳର ମାଲିଆନା ସାମ୍ପ୍ରଦାୟିକ ଦଙ୍ଗା ମାମଲାର ୪୦ ଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ କୋର୍ଟ ଦୋଷମୁକ୍ତ କରିଦେଇଛନ୍ତି। ୧୯୮୭ ମେ' ୨୩ରେ ଘଟିଥିବା ଏହି ଦଙ୍ଗାରେ ୭୨ ଜଣ ମୁସଲମାନ ନିହତ ହୋଇଥିଲେ। ବାବ୍ରୀ ମସ୍‌ଜିଦ-ରାମ ଜନ୍ମଭୂମି ବିବାଦରୁ ହାସିମପୁରା ସଂଘର୍ଷର ଦିନକ ପରେ ମାଲିଆନାରେ ଏହି ଦଙ୍ଗା ସୃଷ୍ଟି ହୋଇଥିଲା। ଏହି ଘଟଣାରେ ୯୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଅତିରିକ୍ତ ଜିଲା ଓ ଦୌରା ଜଜ୍ ଲଖୱିନ୍ଦର ସୁଦ୍ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଶନିବାର ୪୦ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ମୁକ୍ତ କରିଦେଇଛନ୍ତି। ଦଙ୍ଗା ମୃତକଙ୍କ ପରିବାର ସଦସ୍ୟ ଉକ୍ତ ରାୟ ବିରୋଧରେ ହାଇକୋର୍ଟରେ ଅପିଲ୍ କରିବେ ବୋଲି କହିଛନ୍ତି।

### କାଫେରେ ବିସ୍ଫୋରଣ: ରୁଷୀୟ ମିଲିଟାରି ବ୍ଲଗର୍ ମୃତ

**ମସ୍କୋ, ୩।୪:** ରୁଷିଆର ଦ୍ୱିତୀୟ ବୃହତ୍ ସହର ସେଣ୍ଟ ପିଟର୍ସବର୍ଗର ଏକ କାଫେରେ ରବିବାର ବିସ୍ଫୋରଣ ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫ ଜଣ ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ରୁଷୀୟ ମିଲିଟାରି ବ୍ଲଗର୍ ଭ୍ଲାଡଲେନ୍ ଟାଟାର୍ସ୍କି ଓରଫ ମାକ୍ସିମ୍ ଫୋମିନ। ମାକ୍ସିମ୍‌ଙ୍କୁ ହତ୍ୟା ସନ୍ଦେହରେ ରୁଷୀୟ ମହିଳା ଡାର୍ୟା ଟ୍ରେପୋଭାଙ୍କୁ ଗିରଫ କରାଯାଇଛି। ଟ୍ରେପୋଭା କାଫେକୁ ବିସ୍ଫୋରକ ସାମଗ୍ରୀ ଆଣିଥିବା ଯାଞ୍ଚ ଅଧିକାରୀ ଦାବି କରିଛନ୍ତି। ପୂର୍ବରୁ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ବିରୋଧରେ କରାଯାଇଥିବା ବିକ୍ଷୋଭରେ ସାମିଲ ଥିବା ଡାର୍ୟାଙ୍କୁ ଅଟକ ରଖାଯାଇଥିଲା। ମାକ୍ସିମ୍‌ଙ୍କୁ ମିଳିଥିବା ଏକ ଉପହାର ଭିତରେ ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ (ଆଇଇଡି) ଲୁଚାଇ ରଖାଯାଇଥିବା ଗୋଇନ୍ଦା ସୂଚନା ମିଳିଛି। ଆହତମାନଙ୍କ ମଧ୍ୟରୁ ୨୪ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଭିତରୁ ୬ ଜଣ ଗୁରୁତର ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

### କିରନ ନାଦାରଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ସମ୍ମାନ

**ନୂଆଦିଲ୍ଲୀ, ୩।୪ (ପି.ଟି.):** ପରୋପକାରୀ ତଥା କଳା ସଂଗ୍ରାହକ କିରନ ନାଦାରଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଚେଭାଲିଅର୍ ଡି ଲା ଲେଗିଅନ୍ ଡି'ହନର'ରେ ସମ୍ମାନିତ କରାଯାଇଛି। ନାଦାରଙ୍କର କଳା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ, ଜାତୀୟ ଏବଂ ଅନ୍ତର୍ଜାତୀୟ



ସଂସ୍କୃତିକୁ ପ୍ରଚାର ପ୍ରସାର କରିବାର ପ୍ରତିବଦ୍ଧତା ଏବଂ ଭାରତ-ଫ୍ରାନ୍ସ ସାଂସ୍କୃତିକ ସମ୍ପର୍କକୁ ବଢ଼ାଇବାରେ ଅଗ୍ରଣୀ ଭୂମିକାର ସ୍ୱୀକୃତି ସ୍ୱରୂପ ଭାରତରେ ଅବସ୍ଥାପିତ ଫ୍ରାନ୍ସ ରାଷ୍ଟ୍ରଦୂତ ଏମାନୁଏଲ୍ ଲେନାଇନ୍ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିଛନ୍ତି। କିରନ ନାଦାର ମ୍ୟୁଜିୟମ ଅଫ୍ ଆର୍ଟର ଅଧ୍ୟକ୍ଷା ନାଦାର ଶିବ ନାଦାର ଫାଉଣ୍ଡେଶନର ଟ୍ରଷ୍ଟି ମଧ୍ୟ ରହିଛନ୍ତି।

# ଭାରତ ମହାସାଗର ଉପରେ ଚାଇନା ନଜର



**ବେଜିଂ, ୩।୪**

■ମେରାଇନ୍ ଡେଟା ସଂଗ୍ରହ ପାଇଁ ସର୍ଭେ ସ୍ଥାନ ଚିହ୍ନଟ
■ଭାରତୀୟ ସୁରକ୍ଷା ପ୍ରତି ବିପଦ ଆଶଙ୍କା

ସ୍ଥଳଭାଗ ପରେ ଏବେ ଜଳଭାଗକୁ ଟାର୍ଗେଟ୍ କରିଛି ଚାଇନା। ଏଣିକି ଭାରତ ମହାସାଗର ଉପରେ ପଡ଼ୋଶୀ ରାଷ୍ଟ୍ର ଚାଇନାର କଡ଼ାକଡ଼ି ନଜର ରହିବ। ନାଚୁରାଲ୍ ସାଇନ୍ସ ଫାଉଣ୍ଡେଶନ୍ ଅଫ୍ ଚାଇନା (ଏନ୍ଏସ୍ଏଫ୍‌ସି) ପକ୍ଷରୁ ମେରାଇନ୍ ସର୍ଭେ ଡେଟା ପ୍ରସ୍ତୁତ ଲାଗି ୩୩ ଗୋଟି ସ୍ଥାନ ଚୟନ କରାଯାଇଛି। ଏ ନେଇ ନିୟମିତ ଭାବେ ବେଜିଂର ଦୃଷ୍ଟି ବିବାଦୀୟ ଦକ୍ଷିଣ ଚାଇନା ସାଗର, ତାଇୱାନ୍ ଷ୍ଟ୍ରେଟ୍, ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ଭାରତ ମହାସାଗର ଉପରେ ରହିବ। ସେଗୁଡ଼ିକ ମଧ୍ୟରୁ ୨ଟି ଭାରତ ମହାସାଗର କ୍ଷେତ୍ରରେ ଅବସ୍ଥିତ ହୋଇଥିବାବେଳେ ଦକ୍ଷିଣ ଚାଇନା ସାଗରର ବିବାଦୀୟ ରେଜିୟନ୍‌ରେ ୮ଟି ସ୍ଥାନ ଚିହ୍ନଟ କରାଯାଇଛି। ଚୟନ କରାଯାଇଥିବା ୩୩ଟି ସ୍ପଟ୍‌କୁ ଚାଇନାର ରିସର୍ଚ୍ଚ ଜାହାଜ ନିୟମିତ ଯା'ଆସ କରିବ। ତେବେ ଭାରତ ମହାସାଗରରେ ଏପ୍ରକାର ସର୍ଭେ କରିବା ପଛରେ ଚାଇନାର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇପାରି ନାହିଁ। କିନ୍ତୁ ଏହାଦ୍ୱାରା ଭାରତୀୟ ସୁରକ୍ଷା ବ୍ୟବସ୍ଥା ଉପରେ ବିପଦ ଆଶଙ୍କା କରାଯାଉଛି। ନିକଟରେ ହଂକଂର ନ୍ୟୁଜ୍ ୱେବ୍ ସାଇଟ୍ ସାଉଥ୍ ଚାଇନା ମର୍ନିଂ ପୋଷ୍ଟ (ଏସ୍‌ସିଏମ୍‌ପି)ରେ ପ୍ରକାଶ ପାଇଥିବା ଖବର ଅନୁସାରେ, ମେରାଇନ୍ ସର୍ଭେ ସକାଶେ ଏନ୍ଏସ୍ଏଫ୍‌ସି ନାଭାଲ୍ ସ୍ଥାନ ଚିହ୍ନଟ କରିଥିବା ଘୋଷଣା କରିଥିଲା। ଏ ନେଇ ଚାଇନା ପକ୍ଷରୁ ୬୦ରୁ ଊର୍ଦ୍ଧ୍ୱ ଜାହାଜ ମୁତୟନ କରାଯିବ। ସର୍ଭେ ପାଇଁ ଚୟନ କରାଯାଇଥିବା ସ୍ପଟ୍‌ଗୁଡ଼ିକ ମୁଖ୍ୟତଃ ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଥିବା ଆମେରିକୀୟ ମିଲିଟାରି ବେସ୍ ସାଙ୍ଗକୁ ତାଇୱାନ୍ ଓ ଦକ୍ଷିଣ ଚାଇନା ସାଗରର ବିବାଦୀୟ କ୍ଷେତ୍ର ରହିଛି। ଭାରତ ମହାସାଗରର ପୂର୍ବାଞ୍ଚଳ ସର୍ଭେ ସ୍ଥାନରେ ଚାଇନା ସାମିଲ କରିଥିବାବେଳେ ଶତ୍ରୁ ରାଷ୍ଟ୍ରର କଡ଼ା ନଜର ଭାରତୀୟ ସୁରକ୍ଷା ବ୍ୟବସ୍ଥା ଉପରେ ରହିବ ବୋଲି ଆକଳନ କରାଯାଉଛି। ଗତ ଜାନୁୟାରୀରେ ସଂଗୃହୀତ ସାଟେଲାଇଟ୍ ଫଟୋରୁ ଚାଇନା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜଠାରୁ ୫୫ କିଲୋମିଟର ଦୂରରେ ଅବସ୍ଥିତ ମ୍ୟାନ୍‌ମାରର ଗ୍ରେଟ୍ କୋକୋ ଆଇଲାଣ୍ଡରେ ସନ୍ଦିଗ୍ଧ ନିର୍ମାଣ ଆରମ୍ଭ କରୁଥିବା ଜଣାପଡ଼ିଥିଲା।

## ମିଲିଟାରି ସାଇଟ୍‌ରୁ ଡେଟା ସଂଗ୍ରହ କରିଛି ସ୍ପାଏ ବେଲୁନ୍

**ୱାଶିଂଟନ୍, ୩।୪**

ଆମେରିକା ଆକାଶରେ ଚିହ୍ନଟ ହୋଇଥିବା ଚାଇନାର ଗୋଇନ୍ଦା ବେଲୁନ ଏକାଧିକ ଆମେରିକୀୟ ମିଲିଟାରି ସାଇଟ୍‌ରୁ ସମ୍ବେଦନଶୀଳ ଡେଟା ସଂଗ୍ରହ କରି ବେଜିଂ ପଠାଇଛି। ବାଇଡେନ୍ ପ୍ରଶାସନର ଶତଚେଷ୍ଟା ପରେ ସୁଦ୍ଧା ଡେଟା ଟ୍ରାନ୍ସଫର ହୋଇଥିବା ସୋମବାର ଏକ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ଚାଇନା ପକ୍ଷରୁ ଉକ୍ତ ବେଲୁନ୍‌କୁ ନିୟନ୍ତ୍ରଣ କରାଯାଉଥିବାବେଳେ ସହଜରେ ଆମେରିକା ମିଲିଟାରି ଡେଟା ବେଲୁନ୍ ଦ୍ୱାରା ସଂଗ୍ରହ କରାଯାଇଛି। ଇଲେକ୍ଟ୍ରୋନିକ୍ ସିଗ୍‌ନାଲ୍ ଜରିଆରେ ଏହାକୁ ଡେଟା ସଂଗ୍ରହ କରାଯାଇଛି। ଗତ ଜାନୁୟାରୀ ୨୮ରେ ଆମେରିକାର ଆଲାସ୍କା ଆକାଶରେ ୩ଟି ବସ୍ ଆକାରର ଏକ ଗୋଇନ୍ଦା ବେଲୁନ୍ ଚିହ୍ନଟ କରାଯାଇଥିଲା। ୪ ଦିନ ପରେ ଉଡ଼ି ଉଡ଼ି ଏହା ମାଲମଷ୍ଟ୍ରର୍ମ ଏୟାରବେସ୍ ନିକଟରେ ପହଞ୍ଚିଥିଲା। ଫେବୃୟାରୀ ୪ରେ ଦକ୍ଷିଣ କାରୋଲିନା ତଟରେ ଆମେରିକା ମିଲିଟାରି ରକେଟ୍ ମାଡ଼ କରି ବେଲୁନ୍‌କୁ ନଷ୍ଟ କରିଥିଲା।

## ଭାରତୀୟ ବଂଶୋଦ୍ଭବ ପ୍ରଫେସରଙ୍କୁ ୟୁରୋଲୋଜିଷ୍ଟ ଅଫ୍ ଦି ଇୟର ପୁରସ୍କାର



ଡ. ନିତ୍ୟା ଆବ୍ରାହାମ

**ନ୍ୟୁୟର୍କ, ୩।୪**

ନ୍ୟୁୟର୍କର ଆଲବର୍ଟ ଆଇନଷ୍ଟାଇନ୍ କଲେଜ ଅଫ୍ ମେଡିସିନ୍‌ରେ ଆସୋସିଏଟ୍ ପ୍ରଫେସର ଥିବା ଭାରତୀୟ-ଆମେରିକୀୟ ଡ. ନିତ୍ୟା ଆବ୍ରାହାମଙ୍କୁ ୟଙ୍ଗ୍ ୟୁରୋଲୋଜିଷ୍ଟ ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ କରାଯାଇଛି। ମୋଣ୍ଟେଫିଓର ୟୁରୋଲୋଜି ରେସିଡେନ୍ସି କାର୍ଯ୍ୟକ୍ରମର ପ୍ରୋଗ୍ରାମ ଡାଇରେକ୍ଟର ଥିବା ନିତ୍ୟା ଆବ୍ରାହାମ ଅନେକ ଛାତ୍ରୀଛାତ୍ର, ଫେଲୋମାନଙ୍କୁ ନିଜ ଶିକ୍ଷାନୁଷ୍ଠାନ ସମେତ ଅନ୍ୟ ଅନୁଷ୍ଠାନରେ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ଦେଇଛନ୍ତି। ଆମେରିକାନ ୟୁରୋଲୋଜିକାଲ ଆସୋସିଏଶନ ଓ ଏହାର ନେତାମାନେ ଦେଶର ଯୁବ ୟୁରୋଲୋଜିଷ୍ଟମାନଙ୍କ କଠିନ ପରିଶ୍ରମକୁ ସ୍ୱୀକୃତି ଦେଇଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି।

## ସିସୋଡିଆଙ୍କ ହାଜତ ମିଆଦ ୨ ସପ୍ତାହ ବଢ଼ିଲା

**ନୂଆଦିଲ୍ଲୀ, ୩।୪**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସିବିଆଇ ହାଜତ ମିଆଦକୁ ଦିଲ୍ଲୀର ଏକ ଅଦାଲତ ୨ ସପ୍ତାହ ବଢ଼ାଇ ଦେଇଛନ୍ତି। ସୋମବାର ସିବିଆଇ ସିସୋଡିଆଙ୍କୁ କୋର୍ଟରେ ହାଜର କରି ବିଚାର ବିଭାଗୀୟ ହାଜତ ମିଆଦ ବଢ଼ାଇବାକୁ ନିବେଦନ କରିଥିଲା। ଅଦାଲତ ସିସୋଡିଆଙ୍କୁ ଏପ୍ରିଲ ୧୭ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି।

## ରାମନବମୀ ହିଂସା | ଭାଜପାକୁ ଦାୟୀ କଲେ ମମତା

**କୋଲକାତା, ୩।୪**

**ଶାନ୍ତି ବଜାୟ ରଖିବାକୁ ଆହ୍ୱାନ**



ମମତା ବାନାର୍ଜୀ

ପଶ୍ଚିମବଙ୍ଗର ହାଓଡ଼ା ପରେ ହୁଗ୍‌ଲି ଜିଲାରେ ରାମନବମୀ ହିଂସାକୁ ନେଇ ଉତ୍ତେଜନା ଲାଗି ରହିଛି। ଫଳରେ ହୁଗ୍‌ଲି ଜିଲାରେ ୧୪୪ ଧାରା ଜାରି ହେବା ସହ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ରବିବାର ସନ୍ଧ୍ୟାରେ ହୁଗ୍‌ଲି ଜିଲାର ରିସ୍ରାଠାରେ ରାମନବମୀ ରାଲିବେଳେ ହିଂସାକାଣ୍ଡ ଘଟିଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ବେଳେ ଅନେକ ଗାଡ଼ି ପୋଡ଼ିଦେଇଥିଲେ। ଏହି ଘଟଣାରେ ପୋଲିସ ୧୨ ଜଣଙ୍କୁ ଗିରଫ କରିଛି। ଶାନ୍ତି ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ରାମ ନବମୀ ଯିବାର ୩ ଦିନ ପରେ କ'ଣ ପାଇଁ ଶୋଭାଯାତ୍ରା କରାଯାଉଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ହିଂସାକାଣ୍ଡ ପାଇଁ ସେ ଭାଜପାକୁ ଦାୟୀ କରିଛନ୍ତି। ଗୈରିକ ଦଳ ବିନା ଅନୁମତିରେ ଜାଣିଶୁଣି ସଂଖ୍ୟାଲଘୁ ଅଞ୍ଚଳ ଦେଇ ଶୋଭାଯାତ୍ରା ନେଇଥିଲା ବୋଲି ମମତା ଅଭିଯୋଗ କରିଛନ୍ତି। ଏକ ଜନସଭାକୁ ସମ୍ବୋଧିତ କରି ମମତା କହିଛନ୍ତି, ଲୋକଙ୍କ ପାଇଁ ସେ ସବୁକିଛି କରିବେ। ତେବେ ଦଙ୍ଗା ସୃଷ୍ଟି କରୁଥିବା ଭାଜପାକୁ ଆଗାମୀ ପଞ୍ଚାୟତ ନିର୍ବାଚନ ଓ ୨୦୨୪ ସାଧାରଣ ନିର୍ବାଚନରେ ସମର୍ଥନ ନ କରିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଭାଜପା କହିଛି, ମୁଖ୍ୟମନ୍ତ୍ରୀ ମମତା ହିଂସାକାଣ୍ଡ ସୃଷ୍ଟି କରାଇଛନ୍ତି। ଭାଜପା ତାଙ୍କର ଇସ୍ତଫା ଦାବି କରିବା ସହ ହିଂସାକାଣ୍ଡର ଏନ୍‌ଆଇଏ ତଦନ୍ତ ଦାବି କରିଛି।

## ଏନ୍‌କାଉଣ୍ଟରରେ ୫ ମାଓବାଦୀ ନିହତ

**ରାଞ୍ଚି, ୩।୪**

ଝାଡ଼ଖଣ୍ଡର ଚାତ୍ରା ଅନ୍ତର୍ଗତ ଲାୱାଲଙ୍ଗରେ ସୋମବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୫ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଏରିଆ କମିଟି ସଦସ୍ୟ ଗୌତମ ପାଶ୍ୱାନ ଅଛନ୍ତି। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଅନ୍ୟ ମୃତ ମାଓବାଦୀ ହେଲେ ସବ୍ ଜୋନାଲ କମାଣ୍ଡର ଅମର ଗୁଞ୍ଜୁ, ନନ୍ଦୁ ଏବଂ ସଞ୍ଜୀବ ଭୂୟାଁ। ଏନ୍‌କାଉଣ୍ଟର ସ୍ଥଳରୁ ଦୁଇଟି ଏକେ-୪୭, ଗୋଟିଏ ଇନ୍‌ସାସ୍, ଦୁଇଟି ରାଇଫଲ ଜବତ ହୋଇଥିବା ଏସ୍‌ପି ରାକେଶ ରଞ୍ଜନ କହିଛନ୍ତି। ଲାୱାଲଙ୍ଗ ଥାନା ଅନ୍ତର୍ଗତ ଜଙ୍ଗଲ ମଧ୍ୟରେ କେତେଜଣ ଶୀର୍ଷ ମାଓବାଦୀ କମାଣ୍ଡର ଏକାଠି ହୋଇଥିବାର ସୂଚନା ପାଇ ଝାଡ଼ଖଣ୍ଡ ସଶସ୍ତ୍ର ପୋଲିସ, ସିଆର୍‌ପିଏଫ୍‌ର କୋବ୍ରା ବାଟାଲିୟନ ଏବଂ ଆଇଆର୍‌ବି ପକ୍ଷରୁ ମିଳିତ ତଲାସି ଅଭିଯାନ କରାଯାଇଥିଲା। ସୁରକ୍ଷା ବଳକୁ ଦେଖି ମାଓବାଦୀମାନେ ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ହୋଇଥିଲା।




## ଆତ୍ମହତ୍ୟା ଉଦ୍ୟମ ରୋକିବାରୁ ଝିଅକୁ ହତ୍ୟା କଲେ ବାପା

**ଶ୍ରୀନଗର, ୩।୪**

ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲାରେ ୮ ବର୍ଷୀୟା ବାଳିକାଙ୍କ ମୃତ୍ୟୁ ଘଟଣାରେ ତାଙ୍କ ବାପା ହତ୍ୟାକାରୀ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ମହମ୍ମଦ ଇକ୍‌ବାଲଙ୍କୁ ପୋଲିସ ହତ୍ୟା ଅଭିଯୋଗରେ ଗିରଫ କରିଛି। ଇକ୍‌ବାଲ ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ଝିଅ ଅଟକାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଇକ୍‌ବାଲ ଝିଅକୁ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ତଣ୍ଟି କାଟିଦେଇଥିଲେ। ୪୫ ବର୍ଷୀୟ ଇକ୍‌ବାଲ ଦୋଷ ସ୍ୱୀକାର କରିଥିବା ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି। ବୁଧବାର ଇକ୍‌ବାଲଙ୍କର ତାଙ୍କ ସ୍ତ୍ରୀଙ୍କ ସହ ଝଗଡ଼ା ପରେ ସେ ଏକ ଛୁରି ନେଇ ଘରୁ ବାହାରି ଯାଇଥିଲେ। ତେବେ ୮ ବର୍ଷର ଝିଅ ତାଙ୍କ ପାଖ ଛାଡ଼ି ନ ଥିଲା। ଏପରିକି ଇକ୍‌ବାଲ ଝିଅକୁ ୧୦ ଟଙ୍କା ଦେଇ ଟଫି କିଣିବାକୁ ଯିବାକୁ କହିଥିଲେ ମଧ୍ୟ ସେ ଯାଇ ନ ଥିଲା। ଫଳରେ ସେ ଆତ୍ମହତ୍ୟା କରି ନ ପାରି କ୍ରୋଧରେ ଝିଅକୁ ହତ୍ୟା କରିଥିଲେ ବୋଲି କହିଛନ୍ତି।

# ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ




ସିବିଆଇ ହୀରକ ଜୟନ୍ତୀ ସମାରୋହକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରୁଛନ୍ତି। ପାଖରେ ଏନ୍ଏସ୍ଏ ଅଜିତ ଡୋଭାଲ, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏବଂ ସିବିଆଇ ନିର୍ଦ୍ଦେଶକ ସୁବୋଧ କୁମାର ଜୟସ୍ୱାଲ ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

**ନୂଆଦିଲ୍ଲୀ, ୩।୪(ପି.ଟି.)**

**ସିବିଆଇ ହୀରକ ଜୟନ୍ତୀ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ**

ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ରାଜନୈତିକ ଇଚ୍ଛାଶକ୍ତିର କୌଣସି ଅଭାବ ନାହିଁ। ଦୁର୍ନୀତିଗ୍ରସ୍ତ ଯେତେ କ୍ଷମତାଶାଳୀ ହୁଅନ୍ତୁ ନା କାହିଁକି, ନିଃସଙ୍କୋଚରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିବିଆଇ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ହୀରକ ଜୟନ୍ତୀ ସମାରୋହରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତକୁ ଦୁର୍ନୀତିମୁକ୍ତ କରିବାରେ ଏହି ତଦନ୍ତକାରୀ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଗଣତନ୍ତ୍ର ଓ ନ୍ୟାୟ ରାସ୍ତାରେ ଦୁର୍ନୀତି ସବୁଠୁ ବଡ଼ ପ୍ରତିବନ୍ଧକ। ଛବି ମଳିନ କରିବାକୁ ଉଦ୍ୟମ କରୁଥିବା ଲୋକଙ୍କ ପାଇଁ ସିବିଆଇ ବିଚଳିତ ହେବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଦୁର୍ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ, ଏହା ଦେଶବାସୀଙ୍କ ଇଚ୍ଛା। ବହୁ ଦଶନ୍ଧି ଧରି ଦୁର୍ନୀତିରୁ ଫାଇଦା ଉଠାଇଥିବା ଲୋକମାନେ ଏଭଳି ପରିବେଶ ସୃଷ୍ଟି କରିଛନ୍ତି ଯାହା ତଦନ୍ତକାରୀ ସଂସ୍ଥାକୁ ଅଡୁଆରେ ପକାଉଛି। ତେବେ ଦୁର୍ନୀତିଗ୍ରସ୍ତଙ୍କ କଥାରେ ବିଚଳିତ ହୋଇ ସିବିଆଇ ନିଜ କର୍ତ୍ତବ୍ୟରୁ ଦୂରେଇ ଯିବା ଉଚିତ ନୁହେଁ ବୋଲି ମୋଦି କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ୍ ୪/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, April 4/2023 | Page 14 | ପୃଷ୍ଠା-୧




**ମେଡ୍‌ଭେଡେଭ୍‌ଙ୍କୁ ଟାଇଟଲ**

ରୁଷିଆର ଡାନିଲ ମେଡ୍‌ଭେଡେଭ୍ ମାୟାମି ଓପନ୍ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ୧୦

୦୮ **୬୫ ବର୍ଷ ପୁରୁଣା ବନାରସୀ ଶାଢ଼ିରେ ପ୍ରିୟଙ୍କା**

ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରା ନିକଟରେ 'ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର'ରେ ୬୫ ବର୍ଷ ପୁରୁଣା ବନାରସୀ ଶାଢ଼ି ପିନ୍ଧି ଚର୍ଚ୍ଚାର ପରିସରକୁ ଆସିଛନ୍ତି।





୨୦୧୬ରୁ ୨୦୨୨ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଓଡ଼ିଶା ସରକାରୀ ସିବିଟି ଶିକ୍ଷକ ସଂଘ ଡାକରାରେ ସାରା ରାଜ୍ୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ମନୋରଞ୍ଜନ)

# ରାହୁଲଙ୍କ ଜେଲଦଣ୍ଡ ଉପରେ ସ୍ଥଗିତାଦେଶ

## ମାନହାନି ମାମଲା

### ୧୩ ପର୍ଯ୍ୟନ୍ତ ଜାମିନ ଅବଧି ବଢ଼ିଲା

**ନୂଆଦିଲ୍ଲୀ, ୩।୪**

ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ଏହାକୁ ସୁରଟ ଜିଲା ଓ ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଅଦାଲତ ରାହୁଲଙ୍କ ଜାମିନ ଅବଧିକୁ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୩ ପର୍ଯ୍ୟନ୍ତ ବଢ଼ାଇବା ସହ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଦେଇଛନ୍ତି। ଦୋଷୀସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ ପାଇଁ ରାହୁଲଙ୍କ ଆବେଦନ ଶୁଣାଣି ଏପ୍ରିଲ ୧୩ରେ ହେବ ବୋଲି ତାଙ୍କ ଓକିଲ ରୋହନ ପାଣ୍ଡ୍ୱାଲା କହିଛନ୍ତି। ତାଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଥିବା ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦିଙ୍କୁ ମଧ୍ୟ କୋର୍ଟ ନୋଟିସ ଜାରି କରି ତଳ କୋର୍ଟ ରାୟ ଉପରେ ସ୍ଥଗିତାଦେଶ ସମ୍ପର୍କରେ ତାଙ୍କୁ ଜବାବ ମାଗିଛନ୍ତି। ୧୦ ତାରିଖ ସୁଦ୍ଧା ତାଙ୍କୁ ଜବାବ ଦାଖଲ କରିବାକୁ କୁହାଯାଇଛି। ତେବେ ଦୋଷୀସାବ୍ୟସ୍ତ ରାୟ ଉପରେ ମେ' ୩ରେ ଶୁଣାଣି ହେବ। ରାହୁଲଙ୍କ ସୁରଟ ଗସ୍ତକୁ ନେଇ ସେଠାରେ ରାଜନୈତିକ ଉଷ୍ମତା ଜୋର୍ ଧରିଛି। ମିତ୍ରକାଳ ବିରୋଧରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼େଇ କରିବାକୁ ହେବ। ଏହି ଲଢ଼େଇରେ ସତ୍ୟ ତାଙ୍କର ଅସ୍ତ୍ର ଓ ସତ୍ୟ ହିଁ ଶରଣ ବୋଲି ରାହୁଲ ଟୁଇଟ୍ କରି କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ କର୍ନାଟକରେ ଏକ ସଭାକୁ ସମ୍ବୋଧିତ କରିବା ଅବସରରେ ରାହୁଲ ଗାନ୍ଧୀ କହିଥିଲେ, ସବୁ ଚୋରଙ୍କ ସାଙ୍ଗିଆ ମୋଦି କିପରି ହେଲା। ଏହି ମନ୍ତବ୍ୟ ପାଇଁ



ସୁରଟ ସେସନ୍ସ କୋର୍ଟରେ ଭଉଣୀ ପ୍ରିୟଙ୍କାଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ଗୁଜରାଟର ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦି ରାହୁଲଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଥିଲେ। ଏହି ମାମଲାରେ ସୁରଟର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୋର୍ଟ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡାଦେଶ ଦେଇଥିଲେ। ଫଳରେ ତାଙ୍କର ଲୋକ ସଭା ସଦସ୍ୟତା ରଦ୍ଦ ହୋଇଯାଇଥିଲା।

# ପିଲା ପଢ଼ିବେନି ମୋଗଲ ସାମ୍ରାଜ୍ୟ ଅଧ୍ୟାୟ

## ଦ୍ୱାଦଶ ଶ୍ରେଣୀ ଇତିହାସ ବହିରୁ ହଟାଇଲା ଏନ୍‌ସିଇଆର୍‌ଟି

**କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଅମଳରେ ମୁସଲମାନ ସମ୍ପ୍ରଦାୟ ସହିତ ଜଡ଼ିତ ବିଭିନ୍ନ ସହର, ରେଳଷ୍ଟେଶନର ନାମକୁ ପରିବର୍ତ୍ତନ କରାଯାଇଛି। କେବଳ ସେତିକି ନୁହେଁ, ଏହି ସରକାର ଅଣହିନ୍ଦୀ ଭାଷୀ ରାଜ୍ୟଗୁଡ଼ିକରେ ହିନ୍ଦୀ ଭାଷାକୁ ଜବରଦସ୍ତ ଲଦି ଦେବା ପାଇଁ ଉଦ୍ୟମ କରିଆସୁଛନ୍ତି। ଏହାକୁ ବିଭିନ୍ନ ସ୍ଥାନରେ ଜୋରଦାର ବିରୋଧ କରାଯାଉଛି। ଏବେ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ଦ୍ୱାଦଶ ଶ୍ରେଣୀର ଇତିହାସ ପାଠ୍ୟକ୍ରମକୁ ସଂଶୋଧନ କରି ମୋଗଲ ସାମ୍ରାଜ୍ୟର ଅଧ୍ୟାୟଗୁଡ଼ିକୁ ହଟାଇ ଦେଇଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଆଉ ମୋଗଲ ସାମ୍ରାଜ୍ୟ ବିଷୟ ପଢ଼ିପାରିବେ ନାହିଁ।**

- **ହିନ୍ଦୀ, ନଗର ବିଜ୍ଞାନ ପୁସ୍ତକରେ ମଧ୍ୟ ପରିବର୍ତ୍ତନ**
- **ଦଶମ, ଏକାଦଶ ଶ୍ରେଣୀ ପାଠ୍ୟପୁସ୍ତକରୁ ହଟିଛି ଅଧ୍ୟାୟ**
- **ଚଳିତ ଶିକ୍ଷାବର୍ଷରୁ ଲାଗୁ କରିବେ ସିବିଏସ୍‌ଇ, କେତେକ ବୋର୍ଡ**

**ଭୁବନେଶ୍ୱର (ବ୍ୟୁରୋ)/ ନୂଆଦିଲ୍ଲୀ,୩।୪(ଆଇଏଏନ୍‌ଏସ୍)**

ଏନ୍‌ସିଇଆର୍‌ଟି କେବଳ ଇତିହାସ ବହି ନୁହେଁ, ଅନ୍ୟ କେତେକ ପାଠ୍ୟପୁସ୍ତକରେ ମଧ୍ୟ ପରିବର୍ତ୍ତନ ଆଣି କିଛି ଅଧ୍ୟାୟକୁ ବାଦ୍ ଦେଇଛି। ଏହି ସଂଶୋଧନ ଚଳିତ ଶିକ୍ଷାବର୍ଷ ୨୦୨୩-୨୦୨୪ରୁ ଲାଗୁ ହେବ। ଏନ୍‌ସିଇଆର୍‌ଟିକୁ ଅନୁସରଣ କରୁଥିବା ସିବିଏସ୍‌ଇ ସମେତ ଉତ୍ତରପ୍ରଦେଶ ଓ କେତେକ ରାଜ୍ୟର ବୋର୍ଡ ଦ୍ୱାରା ପରିଚାଳିତ ସ୍କୁଲଗୁଡ଼ିକ ସଂଶୋଧିତ ପାଠ୍ୟକ୍ରମ ଅନୁଯାୟୀ ପିଲାଙ୍କୁ ପାଠ ପଢ଼ାଇବେ।

ଏନ୍‌ସିଇଆର୍‌ଟି କରିଥିବା ପରିବର୍ତ୍ତନ ଅନୁଯାୟୀ, ଦ୍ୱାଦଶ ଶ୍ରେଣୀ ଇତିହାସ ପୁସ୍ତକ 'ଥିମ୍ ଅଫ୍ ଇଣ୍ଡିଆନ ହିଷ୍ଟ୍ରି-ପାର୍ଟ ୨'ରୁ 'କିଙ୍ଗସ୍ ଆଣ୍ଡ କ୍ରୋନିକଲ୍ସ; ଦ ମୋଗଲ କୋର୍ଟସ୍ (ଷୋଡଶ ଏବଂ ସପ୍ତଦଶ ଶତାବ୍ଦୀ) ଅଧ୍ୟାୟକୁ ବାଦ୍ ଦିଆଯାଇଛି। ସେହିପରି ହିନ୍ଦୀ ପାଠ୍ୟପୁସ୍ତକରୁ କେତେକ କବିତା ଏବଂ ଅନୁଚ୍ଛେଦକୁ ହଟାଇ ଦିଆଯାଇଛି। ଏହାସହିତ ଏନ୍‌ସିଇଆର୍‌ଟି ଦ୍ୱାଦଶ ଶ୍ରେଣୀର ନଗରବିଜ୍ଞାନ (ସିଭିକ୍ସ) ପୁସ୍ତକରୁ ଦୁଇଟି ଅଧ୍ୟାୟ 'ଆମେରିକାନ ହେଜିମୋନି ଇନ୍ ୱାର୍ଲ୍ଡ ପଲିଟିକ୍ସ' ଓ 'ଦ କୋଲ୍ଡ ୱାର୍ ଏରା'କୁ ବାଦ୍ ଦେଇଛି। ସେହିପରି ଦ୍ୱାଦଶ ଶ୍ରେଣୀର 'ଇଣ୍ଡିଆନ ପଲିଟିକ୍ସ ଆଫ୍‌ଟେର୍ ଇଣ୍ଡିପେଣ୍ଡେନ୍ସ'ରୁ ଦୁଇଟି ଅଧ୍ୟାୟ 'ରାଇଜ୍ ଅଫ୍ ପପୁଲାର ମୁଭ୍‌ମେଣ୍ଟସ୍' ଓ 'ଏରା ଅଫ୍ ୱାନ୍ ପାର୍ଟି ଡୋମିନାନ୍ସ'କୁ ମଧ୍ୟ ହଟାଇ ଦିଆଯାଇଛି।

ଦଶମ ଏବଂ ଏକାଦଶ ଶ୍ରେଣୀର କେତେକ ପୁସ୍ତକରେ ମଧ୍ୟ ଏନ୍‌ସିଇଆର୍‌ଟି ପରିବର୍ତ୍ତନ କରିଛି। ତଦନୁଯାୟୀ, ଦଶମ ଶ୍ରେଣୀର 'ଡେମୋକ୍ରାଟିକ୍ ପଲିଟିକ୍ସ-୨' ବହିରୁ ୩ଟି ଅଧ୍ୟାୟ ଯଥା 'ଡେମୋକ୍ରାସି ଆଣ୍ଡ ଡାଇଭର୍ସିଟି', 'ପପୁଲାର ଷ୍ଟ୍ରଗଲ୍ସ ଆଣ୍ଡ ମୁଭ୍‌ମେଣ୍ଟସ' ଓ 'ଚ୍ୟାଲେଞ୍ଜସ୍ ଅଫ୍ ଡେମୋକ୍ରାସି'କୁ ବାଦ୍ ଦିଆଯାଇଛି। ସେହିପରି ଏକାଦଶ ଶ୍ରେଣୀର ପାଠ୍ୟପୁସ୍ତକ 'ଥିମ୍‌ସ ଇନ୍ ୱାର୍ଲ୍ଡ ହିଷ୍ଟ୍ରି'ରୁ 'ସେଣ୍ଟ୍ରାଲ୍ ଇସ୍‌ଲାମିକ୍ ଲ୍ୟାଣ୍ଡସ୍', 'କ୍ଲାଶ୍ ଅଫ୍ କଲ୍‌ଚର୍ସ' ଏବଂ 'ଇଣ୍ଡଷ୍ଟ୍ରିଆଲ୍ ରିଭୋଲ୍ୟୁଶନ' ଆଦି ଅଧ୍ୟାୟକୁ ବାଦ୍ ଦିଆଯାଇଛି।

ମୋଗଲ ସାମ୍ରାଜ୍ୟ ଅଧ୍ୟାୟକୁ ବାଦ୍ ଦିଆଯିବା ଉଚିତ୍ ନୁହେଁ ବୋଲି କହିଛନ୍ତି ବିଜେବି ଜୁନିୟର କଲେଜର ପୂର୍ବତନ ପ୍ରିନ୍ସିପାଲ ରଘୁନାଥ ପଣ୍ଡା। ସେ କହିଛନ୍ତି ଯେ, ପୂର୍ବ ତଥ୍ୟରୁ ଭବିଷ୍ୟତକୁ ଗଢ଼ିବା ପାଇଁ ବର୍ତ୍ତମାନ ଚିନ୍ତା କରିବାର ଅର୍ଥ ହେଉଛି ଇତିହାସ। ଇତିହାସରୁ ଆମକୁ ବହୁତ କିଛି ଶିଖିବାକୁ ☞ପୃଷ୍ଠା-୨

# ଟ୍ରେନ୍‌ଯାତ୍ରୀଙ୍କୁ ନିଆଁ ଲଗାଇଦେଲେ ସହଯାତ୍ରୀ

## ୩ ମୃତ, ୮ ଆହତ

- **ତଦନ୍ତ ପାଇଁ ଏସ୍‌ଆଇଟି ଗଠିତ**
- **ଏନ୍‌ଆଇଏ ତଦନ୍ତରେ ସାମିଲ ହୋଇପାରେ**

**କୋଝିକୋଡ୍, ୩।୪**

କେରଳର କୋଝିକୋଡ୍ ଜିଲାରେ ଏକ ଏକ୍ସପ୍ରେସ୍ ଟ୍ରେନ୍‌ର ଯାତ୍ରୀଙ୍କୁ ଅନ୍ୟ ଜଣେ ନିଆଁ ଲଗାଇଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୮ ଯାତ୍ରୀ ଆହତ ହୋଇଛନ୍ତି। ରବିବାର ରାତି ୯ଟା ୪୫ରେ ଏହି ମର୍ମନ୍ତୁଦ ଘଟଣା ଘଟିଛି। ମୃତଦେହଗୁଡ଼ିକ ଏଲାଥୁର ଷ୍ଟେଶନ ଏବଂ କୋରାପୁଝା ବ୍ରିଜ୍ ମଧ୍ୟରେ ଠାବ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ବର୍ଷକର ଶିଶୁ ରହିଛନ୍ତି। ଟ୍ରେନ୍‌ଟି କୋଝିକୋଡ୍ ସହର ଅତିକ୍ରମ କରି କୋରାପୁଝା ରେଳ ବ୍ରିଜ୍ ନିକଟରେ ପହଞ୍ଚିଥିବାବେଳେ ଲାଲ୍ ଶାର୍ଟ ଓ ଟୋପି ପିନ୍ଧିଥିବା ଜଣେ ଅପରିଚିତ ବ୍ୟକ୍ତିଙ୍କର ସହଯାତ୍ରୀଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଅପରିଚିତ ବ୍ୟକ୍ତି ଜଣକ ତାଙ୍କ ଉପରେ ଦାହ୍ୟ ପଦାର୍ଥ ଢାଳି ନିଆଁ ଲଗାଇ ଦେଇଥିଲେ।

କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ଆଲାପୁଝା-କନ୍ନୁର ଏକ୍‌ଜିକ୍ୟୁଟିଭ୍ ଏକ୍ସପ୍ରେସ୍‌ର ଗୋଟିଏ ବଗିରେ ଯାତ୍ରୀଙ୍କ ଦେହରେ ନିଆଁ ଲଗାଇଥିବା ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ପାରିନାହିଁ। ଏହି ଘଟଣାରେ କେହି ଗିରଫ ହୋଇନାହାନ୍ତି। ତେବେ ଅଭିଯୁକ୍ତ ଉତ୍ତର ଭାରତୀୟ ବୋଲି ସନ୍ଦେହ କରାଯାଉଛି। ସେ ବ୍ୟାଗ୍‌ରେ ପେଟ୍ରୋଲ ବୋତଲ ଆଣିଥିବାରୁ ଆକ୍ରମଣ ଯୋଜନାବଦ୍ଧ ଥିଲା ବୋଲି କୁହାଯାଉଛି। ରେଲୱେ ପୋଲିସ ଓ ଅନ୍ୟ ସଂସ୍ଥାଗୁଡ଼ିକ ମଧ୍ୟ ଘଟଣାର ତଦନ୍ତ କରୁଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ଟ୍ରେନ୍ ଆକ୍ରମଣ ଘଟଣାର ତଦନ୍ତ କରିବ। ଏହି ଘଟଣା ପଛରେ ଆତଙ୍କବାଦ ସମ୍ପୃକ୍ତି ସନ୍ଦେହ କରାଯାଉଥିବାରୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମଧ୍ୟ ତଦନ୍ତରେ ସାମିଲ ହୋଇପାରେ ବୋଲି କୁହାଯାଉଛି। ରେଳ ମନ୍ତ୍ରଣାଳୟ ଘଟଣାର ସବିଶେଷ ରିପୋର୍ଟ ମାଗିଛନ୍ତି। ଅଭିଯୁକ୍ତଙ୍କ ବ୍ୟାଗ୍ ରେଲ୍‌ୱେ ଟ୍ରାକ୍‌ରୁ ମିଳିଛି। ସେଥିରେ ହିନ୍ଦୀ ଓ ଇଂଲିଶରେ ଲେଖାଥିବା ନୋଟ୍ ରହିଛି, ଯେଉଁଥିରେ କେରଳର ୬ଟି ସହରର ନାମ ଲେଖାଅଛି। ଏଥିସହିତ ପେଟ୍ରୋଲ ବୋତଲ, ଇୟରଫୋନ୍ ଓ କଭର, ଦୁଇଟି ମୋବାଇଲ ଫୋନ୍, ଟିଫିନ୍ ବକ୍ସ, ପର୍ସ, ଟି-ଶାର୍ଟ, ଟାୱେଲ, ଚଷମା ଆଦି ବ୍ୟାଗ୍‌ରୁ ମିଳିଛି। ଉକ୍ତ ନୋଟ୍‌ବୁକ୍‌ରେ କାର୍ପେଣ୍ଟର ଶବ୍ଦ ବାରମ୍ବାର ବ୍ୟବହୃତ ହୋଇଛି। ଷ୍ଟେଶନରେ ଟ୍ରେନ୍ ଅଟକିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | **ଡିଷ୍ଟିବା କଷ୍ଟକର**

# ସରିଲା ହିନ୍ଦୋଳ, ଅତାବିରା ଏନ୍‌ଏସି ନିର୍ବାଚନ

- ହିନ୍ଦୋଳରେ ୮୮%, ଅତାବିରା ୭୪%
- ବୁଧବାର ଭୋଟ ଗଣତି

**ଭୁବନେଶ୍ୱର,୩।୪(ବ୍ୟୁରୋ):** ବରଗଡ଼ ଜିଲାର ଅତାବିରା ଓ ଢେଙ୍କାନାଳ ଜିଲାର ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ରେ ସୋମବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ଏନ୍‌ଏସିରେ ୮୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଅତାବିରାରେ ୭୪% ମତଦାନ ହୋଇଥିବା ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଦୁଇ ଏନ୍‌ଏସିର ସମୁଦାୟ ୨୮ ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ଅତାବିରା ଏନ୍‌ଏସିର ୧୨ଟି ୱାର୍ଡର କାଉନ୍‌ସିଲର ପଦବୀ ପାଇଁ ୩୯ ଜଣ ପ୍ରାର୍ଥୀ ଓ ଅଧ୍ୟକ୍ଷ ପଦ ଲାଗି ୪ ପ୍ରାର୍ଥୀ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ସେହିପରି ହିନ୍ଦୋଳ ଏନ୍‌ଏସିର ୧୬ଗୋଟି ୱାର୍ଡର କାଉନ୍‌ସିଲର ପଦବୀ ନିମନ୍ତେ ସମୁଦାୟ ୫୦ ଜଣ ପ୍ରାର୍ଥୀ ଓ ଅଧ୍ୟକ୍ଷ ପଦ ପାଇଁ ୩ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସକାଳ ୮ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଉଭୟ ଏନ୍‌ଏସିରେ ମତଦାନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିବା କମିଶନଙ୍କ ପକ୍ଷରୁ କୁହାଯାଇଛି। ଆସନ୍ତା ୫ ତାରିଖରେ ଉଭୟ ଏନ୍‌ଏସିରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଅନ୍ୟପକ୍ଷେ ଏପ୍ରିଲ ୧୯ରେ ଉପାଧ୍ୟକ୍ଷ ପଦ ଲାଗି ନିର୍ବାଚନ ଅନୁଷ୍ଠିତ ହେବ।

# ଅମାନୁଷିକ, ନୃଶଂସ ବିଷ ଦେଇ ୬ କୁକୁରଙ୍କୁ ହତ୍ୟା

### ଥାନାରେ ମାମଲା ରୁଜୁ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ସୋମବାର ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି। ମୈତ୍ରୀ ବିହାର ଥାନା ଅନ୍ତର୍ଗତ ସିଅନ ଶ୍ରମିକ ବସ୍ତିରେ ଖାଦ୍ୟରେ ବିଷ ଦିଆଯାଇ ୬ କୁକୁରଙ୍କୁ ହତ୍ୟା କରାଯାଇଛି। ଏଥିମଧ୍ୟରେ ୩ ଛୁଆ ଥିବାବେଳେ ୩ ମା' କୁକୁର ଅଛନ୍ତି। ଏଥିସହ ଆଉଏକ ମାଈ କୁକୁର ମଧ୍ୟ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କଥା କହିପାରୁ ନ ଥିବା ଏହି ବିଶ୍ୱସ୍ତ ପ୍ରାଣୀ କୁକୁରଙ୍କ ଉପରେ ମଣିଷର ଏପରି ନିଷ୍ଠୁରତାକୁ ନେଇ ପ୍ରାଣୀପ୍ରେମୀମାନେ ☞ପୃଷ୍ଠା-୨



# ଓଡ଼ିଶାରେ ବଢ଼ିଛି ବାଲ୍ୟବିବାହ

## ଲୋକ ସଭାରେ ତଥ୍ୟ ରଖିଲା ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୩।୪

ମହିଳା ସଶକ୍ତୀକରଣ ଲାଗି 'ବେଟି ବଚାଓ-ବେଟି ପଢ଼ାଓ' ଏବଂ ଅନ୍ୟାନ୍ୟ ଯୋଜନା ସତ୍ତ୍ୱେ ବାଲ୍ୟ ବିବାହ ଓଡ଼ିଶା ସମେତ ଦେଶର ବିଭିନ୍ନ ଭାଗରେ ଏବେ ବି ସାମାଜିକ ବ୍ୟାଧି ଭାବେ ରହିଆସିଛି। ଗତ ୫ ବର୍ଷ ମଧ୍ୟରେ ଦେଶରେ ବାଲ୍ୟବିବାହର ବର୍ଦ୍ଧିତ ଧାରା ଜାରି ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଲୋକ ସଭାରେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ, ଓଡ଼ିଶାରେ ୨୦୧୭ରେ ୧୭ଟି ବାଲ୍ୟବିବାହ ହୋଇଥିବାବେଳେ ୨୦୨୧ରେ ତାହା ୬୪କୁ ବୃଦ୍ଧି ପାଇଛି। ଅର୍ଥାତ୍ ୫ ବର୍ଷରେ ବାଲ୍ୟ ବିବାହ ୩ ଗୁଣରୁ ଅଧିକ ବଢ଼ିଛି। ଜାତୀୟ ସ୍ତରରେ ୨୦୧୭ରେ ବାଲ୍ୟ ବିବାହ ସଂଖ୍ୟା ୩୯୫ ଥିବାବେଳେ ୨୦୨୧ରେ ତାହା ୧,୦୫୦ରେ ପହଞ୍ଚିଛି। ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଥିବାରୁ ବାଲ୍ୟବିବାହ ସମ୍ପର୍କରେ ଅଧିକ ରିପୋର୍ଟ ହୋଇଥାଇପାରେ ବୋଲି ମନ୍ତ୍ରଣାଳୟ କହିଛି। ଏହା ବ୍ୟତୀତ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ଏବଂ ରାଜ୍ୟରେ ଆଇନର ଉତ୍ତମ କାର୍ଯ୍ୟକାରିତା ଯୋଗୁ ବାଲ୍ୟବିବାହ ସମ୍ପର୍କରେ ଅଧିକ ଅଭିଯୋଗ ମିଳିପାରୁଛି। ବାଲ୍ୟବିବାହ ନିରାକରଣ ଆଇନ, ୨୦୦୬ କାର୍ଯ୍ୟକାରୀ ହେବା ପରେ ଏହା କିଛି ☞ପୃଷ୍ଠା-୨




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳ ତ ହେଲାଣି ବାବରା
ଅସତୀ ଖାଇଲେ ସରୁ ଚାଉଳ
ସତୀ କି ନ ମିଳେ ବଗଡ଼ା।**

ବିଟପି ବା ଦୁଶ୍ଚରିତ୍ର ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା’ ଠାରୁ କାହିଁ କେତେ ଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହାର ପୁଷମାସ
କାହାର ସର୍ବନାଶ।**

ସଂସାରରେ ସୁଖ ଏବଂ ଦୁଃଖର ପରିଧି ମଧ୍ୟରେ କେତେବେଳେ କିଏ ଦୁଃଖ ଭୋଗ କରେ ତ ଅନ୍ୟ କେହି ସୁଖ ଭୋଗ କରୁଥିବା ଦେଖିବାକୁ ମିଳିଥାଏ। ଜଣକର ଭଲ ହେଲାବେଳେ ଆଉ ଜଣକର କିଛି ନା କିଛି ମନ୍ଦ ଘଟିଥାଏ। ଅବସ୍ଥାର ତାରତମ୍ୟ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ‘ଶୁଣ ସରକାର, ଆମ ନିଯୁକ୍ତି ସ୍ଥାୟୀ କର’

## ରାଜଧାନୀରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ରଣହୁଙ୍କାର

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ରାଜ୍ୟ ସରକାର ଚୁକ୍ତିଭିତ୍ତିକ ବା ଠିକା ନିଯୁକ୍ତି ଉଚ୍ଛେଦ ଘୋଷଣା କରିଥିଲେ ମଧ୍ୟ ରାଜ୍ୟରେ ୨୦୧୬ରୁ ୨୦୨୨ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ୧୮ହଜାର ହଜାର ଶିକ୍ଷୟିତ୍ରୀଶିକ୍ଷକ ଏବେ ବି ନିୟମିତ ହୋଇପାରି ନାହାନ୍ତି। ସ୍ଥାୟୀ ନିଯୁକ୍ତି ଦାବି ନେଇ ବିଭିନ୍ନ ବର୍ଗର ଶିକ୍ଷୟିତ୍ରୀଶିକ୍ଷକ ଆନ୍ଦୋଳନ ଜାରି ରଖିଥିଲେ ମଧ୍ୟ ସରକାର ସେମାନଙ୍କ କଥା ଶୁଣୁନାହାନ୍ତି। ବାରମ୍ବାର ଆଲୋଚନା ଓ ପ୍ରତିଶ୍ରୁତି ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିବାରୁ ଶେଷରେ ସେମାନେ ରାଜଧାନୀରେ ବଡ଼ ସମାବେଶ କରିବା ସହ ରଣହୁଙ୍କାର ଦେଇଛନ୍ତି। ଓଡ଼ିଶା ସରକାରୀ ସିବିଟି ଶିକ୍ଷକ ସଂଘ ଡାକରାରେ ସାରା ରାଜ୍ୟରୁ ହଜାର ହଜାର ଶିକ୍ଷୟିତ୍ରୀଶିକ୍ଷକ ସୋମବାର ସକାଳେ ଭୁବନେଶ୍ୱରକୁ ପ୍ରବେଶ କରିବା ସହ ଲୋୟର ପିଏମ୍‌ଜିରେ ଏକାଠି ହୋଇଥିଲେ। ଧାରଣାସ୍ଥଳଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ରାସ୍ତାକୁ କବ୍‌ଜା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ‘ଶୁଣ ଶୁଣ ସରକାର, ଆମ ନିଯୁକ୍ତି ସ୍ଥାୟୀ କର’ ନାରା ଦେଇ ସରକାରଙ୍କୁ ଦାବି ଓ ଚେତାବନୀ ଶୁଣାଇଥିଲେ। ପ୍ରବଳ ଖରାତାତି ସତ୍ତ୍ୱେ କିଏ ଛତା ଧରି ତ ଆଉ କିଏ ଖାଲି ମୁଣ୍ଡରେ ନିଜର ହକ୍ ପାଇଁ ବସି ରହିଥିଲେ।

ଶିକ୍ଷୟିତ୍ରୀଶିକ୍ଷକଙ୍କ ଅଭିଯୋଗ ଅନୁଯାୟୀ, ୨୦୨୨ ଅକ୍ଟୋବର ୧୫ରେ ମୁଖ୍ୟମନ୍ତ୍ରୀ ଚୁକ୍ତିଭିତ୍ତିକ ପ୍ରଥାର ଉଚ୍ଛେଦ ଘୋଷଣା କରିଥିଲେ। ଏହାପରେ ସମସ୍ତ ବିଭାଗର ସରକାରୀ କର୍ମଚାରୀଙ୍କୁ ନିୟମିତ କରାଯାଇଛି। କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ୨୦୧୬ରୁ ୨୦୨୨ ବ୍ୟାଚ୍‌ର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିୟମିତ କରାଯାଇନାହିଁ। ଅନ୍ୟ ବିଭାଗର କର୍ମଚାରୀମାନେ ନିୟମିତ ହେବାପରେ ସମସ୍ତ ସରକାରୀ ସୁବିଧା ଲାଭ କରୁଛନ୍ତି। ମାତ୍ର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟମିତ ଘୋଷଣା କରିବା ପାଇଁ ସରକାର ପଛଘୁଞ୍ଚା ଦେଉଛନ୍ତି। ରାଜ୍ୟ ସରକାରଙ୍କ ‘୫-ଟି’ର ପ୍ରଥମ ‘ଟି’ ଏକ ପ୍ରହେଳିକା ବୋଲି କହି ଆନ୍ଦୋଳନରତ ଶିକ୍ଷୟତ୍ରୀଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହା ଛାତ୍ର ସମାଜର ଭବିଷ୍ୟତକୁ ବିପଦରେ ପକାଉଥିବା ସଂଘ ସଭାପତି ରାଜେନ୍ଦ୍ର ମଲିକ କହିଛନ୍ତି। ୧୮ହଜାର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ନିଯୁକ୍ତି ନିୟମିତ ଘୋଷଣା ନ କରାଯିବା ଯାଏ ଶିକ୍ଷକମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଆବାହକ ମନୋଜ ଜେନା, ମହା ସଚିବ ଦେବାଶିଷ ଜେନା, ସମ୍ପାଦକ ଦେବରାଜ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଏମ୍‌କେସିଜିରେ ଲିଫ୍ଟ ଅଚଳ, ଫସିଲେ ରୋଗୀଙ୍କ ସମ୍ପର୍କୀୟ

**ବ୍ରହ୍ମପୁର ଅଫିସ,୩।୪**

ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଏବଂ ହସ୍‌ପିଟାଲ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଥିବା ଲିଫ୍ଟ ସୋମବାର ଅଚଳ ହୋଇ ପଡିଥିଲା। ଫଳରେ ସେଥିରେ ଯାଉଥିବା ରୋଗୀଙ୍କ ସମ୍ପର୍କୀୟ ପ୍ରାୟ ୨୦ ମିନିଟ୍ ଧରି ଫସି ରହିଥିଲେ। ପୁରୁଷୋତ୍ତମପୁର ଅଞ୍ଚଳର ଜଣେ ମହିଳା ପ୍ରସୂତି ୱାର୍ଡରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ଦେଖିବା ପାଇଁ ଦୁଇଜଣ ସମ୍ପର୍କୀୟ ସକାଳେ ଲିଫ୍ଟରେ ଯାଉଥିଲେ, ହେଲେ ତାହା ମଝିରେ ହଠାତ ଅଚଳ ହୋଇଯାଇଥିଲା। ଏହା ଦେଖି ବାହାରେ ଠିଆ ହୋଇଥିବା ରୋଗୀ ସମ୍ପର୍କୀୟମାନେ ପାଟି କରିଥିଲେ। ଖବର ପାଇ ମେଡିକାଲ କର୍ତ୍ତୃପକ୍ଷ ଲିଫ୍ଟ ମରାମତି ଦାୟିତ୍ୱରେ ଥିବା ସଂସ୍ଥାକୁ ଜଣାଇଥିଲେ। କର୍ମଚାରୀମାନେ ସେଠାରେ ପହଞ୍ଚି ମରାମତି କରିବା ପରେ ତାହା କାର୍ଯ୍ୟକ୍ଷମ ହୋଇଥିଲା। ବାରମ୍ବାର ଲିଫ୍ଟ ଅଚଳ ହେଉଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ସୋମବାର ସନ୍ଧ୍ୟାରେ ଅଧ୍ୟକ୍ଷଙ୍କ କକ୍ଷରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ ଏମ୍‌କେସିଜିରେ ଥିବା ବିଭିନ୍ନ ସମସ୍ୟା ସହ ଲିଫ୍ଟ ଅଚଳ କଥା ଆଲୋଚନା ହୋଇଥିଲା। ଏହା ଅଗାମୀ ଦିନରେ କିପରି ନ ହେବ ସେଥିପ୍ରତି ସମସ୍ତେ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା ବୋଲି ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ସୁପରସ୍ପେଶାଲିଷ୍ଟ କୋଠାରୁ ରବିବାର ସିଲିଂ ଖସିବା ସହ ସର୍ଜରି ବିଭାଗର ଲିଫ୍ଟ କିଛି ସମୟ ପାଇଁ ଅଚଳ ହୋଇପଡିଥିଲା। ନିୟମିତ ବ୍ୟବଧାନରେ ଲିଫ୍ଟ ଅଚଳକୁ ନେଇ ପ୍ରଶ୍ନ ଉଠିଛି। ଏଥିଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଆରମ୍ଭ କରି ଡାକ୍ତର, ନର୍ସିଂ ଅଫିସର, କର୍ମଚାରୀ ଲିଫ୍ଟରେ ଯାତାୟାତ କରିବାକୁ ଏବେ ସୁରକ୍ଷିତ ମନେ କରୁନାହାନ୍ତି।

# ଆନ୍ଦୋଳନ ଜାରି ରଖିବ ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ

- **୪ରୁ ନିୟମିତ ସହ ସମସ୍ତ ପ୍ରକାର ଆର୍ଥିକ ସୁବିଧା ମିଳିବ: ଅତିରିକ୍ତ ସଚିବ**
- **ପୃଥକ ବିଜ୍ଞପ୍ତି ପ୍ରକାଶ ଜିଦ୍‌ରେ ଅଟଳ ରହିଲା ସଂଘ**

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ସ୍ଥାୟୀ ନିଯୁକ୍ତି ଦାବି ନେଇ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମଜିରେ ଚାଲିଥିବା ଆନ୍ଦୋଳନ ରବିବାର ୩ ଦିନରେ ପହଞ୍ଚିଛି। ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶର ତଥା ସଚିବ ଅଶ୍ୱଥି ଏସ୍‌ଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ସଚିବ ଅଶ୍ୱିନୀ ମିଶ୍ର ସଂଘର ଏକ ଛଅ ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ଶିକ୍ଷକଙ୍କ ସ୍ଥାୟୀ ନିଯୁକ୍ତି ନେଇ ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିବା ଅତିରିକ୍ତ ସଚିବ କହିଥିଲେ। ୨ରୁ ୩ ଦିନ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ ହେବାକୁ ଥିବାବେଳେ ୨୦୧୬ ବ୍ୟାଚ୍‌କୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଥିଲା ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ୨୦୧୬ ବ୍ୟାଚର ଶିକ୍ଷୟିତ୍ରୀଶିକ୍ଷକ ୨୦୨୨ ଏପ୍ରିଲ୍ ୪ ତାରିଖରୁ ନିୟମିତ ହେବା ସହ ସମସ୍ତ ପ୍ରକାର ଆର୍ଥିକ ସୁବିଧା(ଏରିୟର)ପାଇବେ ବୋଲି ଅତିରିକ୍ତ ସଚିବ କହିଥିଲେ। ହେଲେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ନ ପାଇବା ଯାଏ ସଂଘ ଆନ୍ଦୋଳନରୁ ନ ଓହରିବା ନିଷ୍ପତ୍ତିରେ ଅଟଳ ରହିଥିଲେ। ବାହାରିବାକୁ ଥିବା ବିଜ୍ଞପ୍ତିକୁ ପୃଥକ୍ ଭାବେ ଅର୍ଥାତ୍ ପେ ପ୍ରୋଟେକ୍ସନ ଏବଂ ନିୟମିତ ପାଇଁ ପୃଥକ ଚିଠି ହେଉ ବୋଲି ସଂଘ ସଭାପତି ପଞ୍ଚାନନ ଜେନା ଦାବି କରିଥିଲେ। ତେବେ ନିୟମିତ ନିର୍ଦ୍ଦେଶନାମା ନ ପାଇବା ଯାଏ ସଂଘ ଧାରଣାରୁ ଓହରିବ ନାହିଁ ବୋଲି ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ମାଧ୍ୟମିକ ଶିକ୍ଷକଙ୍କୁ ବିଭାଗ ଅପମାନିତ କରୁଛି: ଓଟିଏଫ୍

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ରାଜ୍ୟ ବିକାଶରେ ଶିକ୍ଷକଙ୍କ ଭୂମିକା ସର୍ବାଧିକ ଥିବାବେଳେ ସେମାନଙ୍କୁ ଚୁକ୍ତିଭିତ୍ତିକ କର୍ମଚାରୀଭାବେ ରଖି ଗଣଶିକ୍ଷା ବିଭାଗ ଅପମାନିତ କରୁଛି ବୋଲି ଓଡ଼ିଶା ଟିଚର୍ସ ଫେଡ୍‌ରେଶନ(ଓଟିଏଫ୍) ପକ୍ଷରୁ କୁହାଯାଇଛି। ରାଜ୍ୟରୁ ଚୁକ୍ତି ଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ନେଇ ଘୋଷଣା ହୋଇଛି। ଘୋଷଣାକୁ ୬ ମାସ ବିତିଯାଇଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ଚୁକ୍ତିଭିତ୍ତିକ ମାଧ୍ୟମିକ ଶିକ୍ଷକଙ୍କୁ ନିୟମିତ କରିବାରେ ଅହେତୁକ ବିଳମ୍ବ କରୁଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଛାଡ଼ି ଅନ୍ୟ ସମସ୍ତ ପ୍ରାରମ୍ଭିକ ନିଯୁକ୍ତ ସରକାରୀ କର୍ମଚାରୀ ନିୟମିତ ହୋଇସାରିଲେଣି। ବାରମ୍ବାର ଆନ୍ଦୋଳନ, ଧାରଣା, ଅଭିଯୋଗ, ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ପରେ ବି ବିଭାଗ ନିୟମିତ ନିର୍ଦ୍ଦେଶନାମା ବାହାର କରିବା ବଦଳରେ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି ବୋଲି ଓଟିଏଫ୍ ପକ୍ଷରୁ ପ୍ରଭାକର ଜୟସିଂହ, ଚିରଞ୍ଜନ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଶୀଘ୍ର ନିୟମିତ ଚିଠି ପ୍ରକାଶ କରା ନ ଗଲେ ଶିକ୍ଷକମାନେ ଶ୍ରେଣୀ ଶିକ୍ଷାଦାନ ବର୍ଜନ କରିବେ ବୋଲି ଓଟିଏଫ ଚେତାବନୀ ଦେଇଛି।

# ‘ସାଇଗାୟତ୍ରୀ ମାକ୍ରୋ ସ୍କାଏକ୍ରାପର’ ଚିଟ୍‌ଫଣ୍ଡ ସମ୍ପତ୍ତି ବାଜ୍ୟାପ୍ତି

**ବାଲେଶ୍ୱର ଅଫିସ, ୩।୪**

ଚିଟ୍‌ଫଣ୍ଡ ଠକେଇ ମାମଲାର ବିଚାର କରି ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ଓଡ଼ିଶା ପ୍ରୋଟେକ୍ସନ୍ ଇଣ୍ଟରେଷ୍ଟ ଅଫ୍ ଇନ୍‌ଭେଷ୍ଟର୍ସ ଡିପୋଜିଟର (ଓପିଆଇଡି) କୋର୍ଟ ଜଜ୍ ବିଶ୍ୱଜିତ ଦାସ ସାଇଗାୟତ୍ରୀ ମାକ୍ରୋ ସ୍କାଏକ୍ରାପର ଇଣ୍ଡିଆ ଲିମିଟେଡ଼ କମ୍ପାନୀର ସମ୍ପତ୍ତି ବାଜ୍ୟାପ୍ତି କରିଛନ୍ତି। ଏହି କମ୍ପାନୀର ମୁଖ୍ୟ ଅଫିସ୍ ପଶ୍ଚିମବଙ୍ଗ ରାଜ୍ୟ ବେହେଲା ଥାନା ବ୍ରଜେନ ମୁଖାର୍ଜୀ ରୋଡ୍‌ରେ ରହିଥିଲା। ଏହାର ଶାଖା କାର୍ଯ୍ୟାଳୟ ଭଦ୍ରକ ଜିଲା ମାଧବନଗର ସ୍ଥିତ ପୁରୁଷୋତ୍ତମ ବିହାର ବନ୍ତ ଛକରେ ଖୋଲାଯାଇଥିଲା। ବାଲେଶ୍ୱର ଜିଲା ସୋର ଥାନା ପାଖର ଗ୍ରାମର ଲକ୍ଷ୍ମୀକାନ୍ତ ପାଢ଼ୀ ମ୍ୟାନେଜିଂ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ଲୋଭନୀୟ ସ୍କିମ୍ ଦେଖାଇ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଲୁଟ୍ କରିନେଇଥିଲେ। ଅଭିଯୋଗ ହେବା ପରେ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କ ବିରୋଧରେ କୋର୍ଟରେ ମାମଲା ବିଚାରାଧୀନ ଥିଲା। ଉକ୍ତ ମାମଲାକୁ ବିଚାର କରି ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ନାମରେ ଥିବା ଭଦ୍ରକ ଆଚାର୍ଯ୍ୟ ନଗରସ୍ଥିତ ଆକ୍ସିସ୍ ବ୍ୟାଙ୍କ୍ ଖାତାରେ ଥିବା ୧୩୭୯ ଟଙ୍କା ୮୮ ପଇସା, ଅଭିଲିପ୍ସା ପ୍ରିୟଦର୍ଶିନୀଙ୍କ ନାମରେ ଉକ୍ତ ବ୍ୟାଙ୍କ୍ ଖାତାରେ ଥିବା ୧୩୦୧ ଟଙ୍କା ୨ ପଇସା, ଅବନ୍ତୀଲତା ପାଢ଼ୀଙ୍କ ନାମରେ ଥିବା ଭୁବନେଶ୍ୱର ବରମୁଣ୍ଡାସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଖାତାରେ ଥିବା ୨୦ହଜାର ୪୯୬ଟଙ୍କା ୬୫ ପଇସା ଏବଂ ସାଇ ଗାୟତ୍ରୀ ମଲ୍ଟି ଷ୍ଟେଟ୍ କୋ-ଅପରେଟିଭ୍ ସୋସାଇଟି ନାମରେ ଉକ୍ତ ବ୍ୟାଙ୍କ ଖାତାରେ ଥିବା ୧୪ହଜାର ୨୦୩ଟଙ୍କା ୬୯ ପଇସା ମୋଟ୍ ୩୭ ହଜାର ୩୮୧ଟଙ୍କା ୨୪ ପଇସାକୁ ଫ୍ରିଜ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସଂସ୍ଥା ଓ ସଂସ୍ଥାର ନିର୍ଦ୍ଦେଶକମାନଙ୍କ ନାମରେ ଥିବା ବାଲେଶ୍ୱର ଓ ଭଦ୍ରକ ଜିଲାର ୫ ଏକର ୩୬ ଡିସିମିଲ ଜମିକୁ ବାଜ୍ୟାପ୍ତି କରାଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ବାଣ ଭିଡ଼ାବେଳେ ବିସ୍ଫୋରଣ, ଯୁବକ ମୃତ

## ରାଜଧାନୀରେ ଅଭାବନୀୟ ଘଟଣା

## ଘର ସିଲ୍ କଲା ପୋଲିସ

**ଭୁବନେଶ୍ୱର,୩।୪ (ବ୍ୟୁରୋ)**



ବିସ୍ଫୋରଣରେ ନଷ୍ଟ ହୋଇଯାଇଥିବା ଘର।



ମୃତ ଯୁବକ ଶିବାନନ୍ଦ ତଡା

ରାଜଧାନୀ ଭୁବନେଶ୍ୱରର ଜନବସତି ଭିତରେ ବେଆଇନ ଭାବେ ଚାଲିଥିଲା ବାଣ ତିଆରି। ହଠାତ୍ ବିସ୍ଫୋରଣ ହେବାରୁ ଏଥିରେ ଜଣଙ୍କର ମୃତ୍ୟୁ ହୋଇଛି। ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍‌ନଗର ଜିଏଲ୍ କଲୋନିରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ଯୁବକ ହେଲେ ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ଶିବାନନ୍ଦ ତଡା। ସେ ଏଠାରେ ରହି ବାଣ ତିଆରି କରିବା ସହ ବିକ୍ରି କରନ୍ତି। ତେବେ ବିସ୍ଫୋରଣ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇବା ସହ ଘରକୁ ସିଲ୍ କରିଦେଇଛି। ଅନ୍ୟପଟେ ସାଇବର ଥାନା ନିକଟରେ ଏହି ବେଆଇନ କାରବାର ଚାଲିଥିଲେ ମଧ୍ୟ ପୋଲିସ ପାଖରେ ଖବର ନ ରହିବା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ଥାନୀୟ ଲୋକଙ୍କ ସୂଚନାମୁତାବକ, ଶିବାନନ୍ଦ ତଡ଼ା ଦୀର୍ଘ ୩ବର୍ଷ ହେଲା ଏଠାରେ ରହି ବାଣ ଭିଡିବା ସହ ବେପାର କରିଥାନ୍ତି। ତେଣୁ ବାହାଘର ପାଇଁ ବରାଦ ଥିବାରୁ ସୋମବାର ସନ୍ଧ୍ୟାରେ ଘର ବାରଣ୍ଡାରେ ବସି ବାଣ ଭିଡୁଥିଲେ। ଏହି ସମୟରେ ବାଣଟି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ, ଘରର ଆଜ୍‌ବେଷ୍ଟସ ଉଡିବା ସହିତ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ପ୍ରଚଣ୍ଡ ଶବ୍ଦ ଶୁଣାଯାଇଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ସେଠାକୁ ଦୌଡ଼ ଆସି ଶିବାନନ୍ଦଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଥିବା ଦେଖିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିଲାବେଳେ ଗୋଡ଼, ମୁହଁ ସମେତ ଶରୀରର ବିଭିନ୍ନ ଅଂଶରେ ଗଭୀର ଆଘାତ ଲାଗିଥିଲା। ଗୋଡ଼ ସମେତ ଦେହର ବିଭିନ୍ନ ସ୍ଥାନରୁ ମାଂସ ଖଣ୍ଡ ବାହାରି ଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଶିବାନନ୍ଦଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଉଥିବାବେଳେ ଅଧାବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିଏମ୍‌ସି ମେୟର ସୁଲୋଚନା ଦାସ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଘଟଣା ବିଷୟରେ ପଚାରିବୁଝିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଟ୍ରେନ୍‌ଯାତ୍ରୀଙ୍କୁ ନିଆଁ...

ପରେ ସନ୍ଦିଗ୍ଧ ଏକ ବାଇକ୍‌ରେ ବସି ରାସ୍ତା ପାର୍ ହୋଇ ଚାଲିଯାଉଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ନେବା ପାଇଁ ଷ୍ଟେଶନରେ ଅପେକ୍ଷା କରି ରହିଥିଲେ। ଉକ୍ତ ବାଇକ୍‌ର ରେଜିଷ୍ଟ୍ରେଶନ ନମ୍ବର କୋଝିକୋଡ୍‌ର କୁରାଚୁନ୍ଦ ବାସିନ୍ଦାଙ୍କର ବୋଲି ପୋଲିସ କହିଛି। ଆହତମାନଙ୍କୁ କୋଝିକୋଡ୍ ମେଡିକାଲ କଲେଜ ସମେତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନିଆଁ ଲାଗିବା ପରେ ମହିଳା ଜଣକ ତାଙ୍କ ବର୍ଷକର ପୁତୁରା ସହ ଟ୍ରେନ୍‌ରୁ ଡେଇଁ ପଡ଼ିଥିବା ବିଶ୍ୱାସ କରାଯାଉଛି। ମହିଳାଙ୍କ ଘର କନ୍ନୁର ବୋଲି ଜଣାପଡ଼ିଛି। ଅନ୍ୟ ମୃତବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇପାରି ନାହିଁ।

## ବିଷ ଦେଇ...

ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ପିପୁଲ ଫର୍ ଆନିମାଲ ସଂସ୍ଥାର ପ୍ରତିଷ୍ଠାତା ଜୀବନ ବଲ୍ଲଭ ଦାସ ଥାନାରେ ଏତଲା ଦେଇଛନ୍ତି। ପୋଲିସ ତାଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା (ନଂ.୯୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରିଣୀ ପ୍ରିୟଦର୍ଶିନୀ ନନ୍ଦ କହିଛନ୍ତି, କୁକୁରମାନଙ୍କୁ କେହି ଖାଦ୍ୟରେ ବିଷ ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ(ଓୟୁଏଟି)ରେ ୬ ମୃତ କୁକୁରଙ୍କ ବ୍ୟବଚ୍ଛେଦ କରାଯାଇଛି। ଏହାର ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ତେବେ ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳରେ ପଚରାଉଚରା କରାଯିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ତଦନ୍ତ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୧୨ଟାବେଳେ ମା’ କୁକୁରମାନେ କେଉଁଠୁ ମାଂସ ପୁଣ୍ଡିକୁ ଖାଇ ଆସି ବାନ୍ତି କରି ସେମାନଙ୍କ ଛୁଆକୁ ଦେଇଥିଲେ। ଏହାପରେ ଛୁଆ କୁକୁର ତାହାକୁ ଖାଇଥିଲେ। କିଛି ସମୟ ମଧ୍ୟରେ ଗୋଟିକ ପରେ ଗୋଟିଏ କୁକୁର ଓ ଛୁଆ ଛଟପଟ ହୋଇ ମରିଯାଇଥିଲେ। ଏଭଳି ନୃଶଂସ ତଥା ଅମାନୁଷିକ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା ଓ ଅଭିଯୋଗକାରୀ ଜୀବନ ବଲ୍ଲଭ ଦାସ ଦାବି କରିଛନ୍ତି।

## ଓଡ଼ିଶାରେ ବଢ଼ିଛି...

ପରିମାଣରେ ହ୍ରାସ ପାଇଥିଲା। ୨୦୦୬ରେ ବାଲ୍ୟବିବାହ ପ୍ରସାର ୪୭ ପ୍ରତିଶତରୁ ୨୦୧୯-୨୧ ବେଳକୁ ୨୩.୩ ପ୍ରତିଶତକୁ ହ୍ରାସ ପାଇଥିଲା। ତେବେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଆସାମ, ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ, ତ୍ରିପୁରା ଏବଂ ପଶ୍ଚିମବଙ୍ଗରେ ଏହି ହାର ଜାତୀୟ ହାରଠାରୁ ଅଧିକ ରହିଛି। ପୁଅଙ୍କ ସହ ଝିଅମାନଙ୍କ ବିବାହ ବୟସ ୨୧କୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ୨୦୨୧ରେ ବିଲ୍ ଆଣିଥିଲେ। ଏହା ବିଭାଗୀୟ ସଂସଦୀୟ କମିଟିର ବିଚାରାଧୀନ ରହିଛି। ବିଜେଡି ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରଣାଳୟ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଉକ୍ତ ତଥ୍ୟ ଉପସ୍ଥାପନ କରିଛି।

## ପିଲା ପଢ଼ିବେନି...

ମିଳେ। ତେଣୁ ପାଠ୍ୟପୁସ୍ତକରେ ମୋଗଲ ସାମ୍ରାଜ୍ୟର ଯେଉଁ ଇତିହାସ ରହିଛି ତାହାକୁ ବାଦ୍ ଦିଆଯିବା ଉଚିତ୍ ନୁହେଁ। ମୋଗଲ ସମ୍ରାଟ ଆକବରଙ୍କ ଯେଉଁଭଳି ଶାସନ ପ୍ରଣାଳୀ ଏବଂ ଜନହିତକର କାର୍ଯ୍ୟ ଥିଲା ତାହାକୁ ସରକାର ଆଦୃତ କଲେ ସମାଜରୁ ବହୁ ପ୍ରକାର ସମସ୍ୟାର ସମାଧାନ ହୋଇପାରିବ। ସରକାର ସର୍ବଦା ଭାଇଚାରାକୁ ପ୍ରାଧାନ୍ୟ ଦେଉଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ପାଠ୍ୟପୁସ୍ତକରୁ ମୋଗଲ ସାମ୍ରାଜ୍ୟକୁ ବାଦ୍ ଦେବା ଯଥାର୍ଥ ନୁହେଁ। ଅନ୍ୟପକ୍ଷରେ ମଣିଷ ଉପଦେଶରୁ କମ୍ ଶିଖେ, ମାତ୍ର ଭୁଲ୍‌କୁ ଦେଖି ସେଥିରୁ ଅଧିକ ଶିଖେ ବୋଲି ପଣ୍ଡା କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାର ମଧ୍ୟ ଏନ୍‌ସିଇଆର୍‌ଟି ଦ୍ୱାରା କରାଯାଇଥିବା ପରିବର୍ତ୍ତନକୁ ଆପଣାଇବା ଆବଶ୍ୟକ ବୋଲି କହିଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ପ୍ରାକ୍ତନ ଅଧ୍ୟକ୍ଷ ବାସୁଦେବ ଛାଟୋଇ। ତାଙ୍କ କହିବାନୁଯାୟୀ, ଆମକୁ ଯିଏ ଆକ୍ରମଣ କରିଥିଲା, ତାକୁ ଗୌରବାନ୍ୱିତ କରିବା ଇତିହାସ ଆମେ ପଢ଼ିବା ଉଚିତ ନୁହେଁ। କାରଣ ତାହାକୁ ପଢ଼ିବା ଦ୍ୱାରା ଆମ ସ୍ୱାଭିମାନକୁ କୁଠାରାଘାତ ହେବ। ବରଂ ଆମର ସ୍ୱାଭିମାନକୁ ଅକ୍ଷୁଣ୍ଣ ରଖିଥିବା ବ୍ୟକ୍ତିଙ୍କ ଇତିହାସ ଜାଣିବା ଦରକାର। ତେଣୁ ଏନ୍‌ସିଇଆର୍‌ଟି ପକ୍ଷରୁ ଇତିହାସ ପାଠ୍ୟପୁସ୍ତକରୁ ମୋଗଲ ସାମ୍ରାଜ୍ୟ ଅଧ୍ୟାୟକୁ ବାଦ୍ ଦିଆଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଛାଟୋଇ କହିଛନ୍ତି।

ଐତିହାସିକ ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ କହିଛନ୍ତି, ଇତିହାସ ହେଉଛି ସତ୍ୟର ପ୍ରତିଫଳନ। ତେଣୁ ଯାହା ଘଟିଛି ତାହାକୁ ଆମେ ସ୍ୱୀକାର କରିବା ଆବଶ୍ୟକ। ନିଜକୁ ସୁହାଇବା ଭଳି ତଥ୍ୟକୁ ରଖି ଅନ୍ୟକୁ ବାଦ୍ ଦେବା ଠିକ୍ ନୁହେଁ। ମୋଗଲ ସମ୍ରାଟ ଆକବର ଜଣେ ଭଲ ଶାସକ ଥିଲେ। ତାଙ୍କର ଧର୍ମନୀତି ସବୁ ଧର୍ମକୁ ସୁହାଉଥିଲା। ତାଙ୍କଦ୍ୱାରା ପ୍ରଣୀତ ‘ଦିନ୍-ଇ-ଇଲାହୀ’ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା। କିଛି ସୁଲତାନ ହିନ୍ଦୁ ବିରୋଧୀ ଥିଲେ। ମାତ୍ର ତାହାର ଅର୍ଥ ନୁହେଁ, ସବୁ ମୋଗଲ ସମ୍ରାଟ ଭଲ ନୁହେଁ। ସେହିପରି ଇତିହାସ ଏକ ଚେନ୍ ସଦୃଶ। ଏଥିରୁ ଗୋଟିଏ ବିଷୟ ବି ବାଦ୍ ଦେଲେ ତାହାର ଲିଙ୍କ୍ କଟିଯିବ। ତେଣୁ ଇତିହାସ ଯାହା ରହିଛି ତାହାକୁ ପଢ଼ିବା ଦରକାର। ଭଲ ଓ ଖରାପ ଉଭୟ ବିଷୟ ସମ୍ପର୍କରେ ପିଲାମାନେ ଜାଣିବା ଆବଶ୍ୟକ ବୋଲି ପଟ୍ଟନାୟକ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମ ତ୍ୱରାନ୍ୱିତ କରିବା ନିଷ୍ପତ୍ତି ନେବେ। କଠିନ ଶ୍ରମ ସାଙ୍ଗକୁ ରାତି ଅନିଦ୍ରାଜନିତ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖା ଦେଇପାରେ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ମିଳିବ ନାହିଁ। ଅଧ୍ୟାପନା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ ନୂତନ ଯୋଜନା ଆରମ୍ଭ ସକାଶେ ମନ ବଳାଇବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ବହୁ କାମ ହାତକୁ ନେବା ଦ୍ୱାରା ଟେନ୍‌ସନ ବଢ଼ିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବା ସମ୍ଭାବନା ରହିଛି। ଯାତ୍ରା ସମୟରେ ସାଧାରଣ ବର୍ଗର ଲୋକ ଦ୍ୱାରା ଉପକୃତ ହୋଇପାରନ୍ତି।

**ମିଥୁନ** ମାନସିକ ଅସ୍ଥିରତାଜନିତ ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରୁ ସରକାରୀ କ୍ଷେତ୍ରରୁ ଲାଭର ଆଶା କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଉନ୍ନତମାନର ସୁଫଳଜନିତ ଖୁସି ହୋଇପାରନ୍ତି।

**କର୍କଟ** ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ଶେଷ ସମୟରେ ବିଶ୍ୱାସଘାତକତା କରିପାରନ୍ତି। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ପରିବାରର ସହଯୋଗରେ ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ବ୍ୟବସାୟ ଓ ନିର୍ମାଣ, ପରିବହନରେ ସଫଳତା ହାସଲ କରିବେ।

**ସିଂହ** ବକେୟା ଅର୍ଥ ପ୍ରାପ୍ତି ସକାଶେ ଉଚ୍ଚ ଆଶାକରି ନିରାଶ ହେବେ। ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବ। ଆପଣଙ୍କ ପରିସ୍ଥିତିର ବିଷମତା ଲକ୍ଷ୍ୟକରି ମିତ୍ରବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ସାମାଜିକ ସ୍ତରରେ ଦୀର୍ଘ ଦିନରୁ ଚାହୁଁଥିବା ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଉପକୃତ ହୋଇପାରନ୍ତି। ପରିସ୍ଥିତିବଶତଃ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ସାଧାରଣ କଥାକୁ ମଧ୍ୟ ଭିନ୍ନାର୍ଥରେ ଗ୍ରହଣକରି ଅଶାନ୍ତ ରହିବେ। ନିଜ ବେକାର ଭାଇଙ୍କ କାମଧନ୍ଦା ପାଇଁ ଚିନ୍ତା କରିବେ। ଆକସ୍ମିକ ଭାବରେ ଆହୂତ ହୋଇ ଦୂରଯାତ୍ରା ପାଇଁ ସଜବାଜ ହୋଇପାରନ୍ତି।

**ତୁଳା** ଆର୍ଥିକ ଉନ୍ନତି ଲାଗି ବିଭିନ୍ନ ଯୋଜନା ପାଇଁ ମନ ବଳାଇବେ। ନିର୍ମାଣ କାର୍ଯ୍ୟରେ ସାମାନ୍ୟ ବାଧା ଉପୁଜିପାରେ। ବକେୟା ଆଦାୟରେ ବନ୍ଧୁ ସହଯୋଗ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ବ୍ୟଥିତ କରିପାରେ। ଆକସ୍ମିକ ଭାବେ ଦୂରଯାତ୍ରା କରିବାକୁ ପଡ଼ିପାରେ। ପିଲାମାନଙ୍କ ପାଠପଢ଼ା ପାଇଁ ଚିନ୍ତିତ ହୋଇପାରନ୍ତି।

**ବିଛା** ପଡ଼ୋଶୀଙ୍କ ଦ୍ୱାରା ପ୍ରଭାବିତ ହୋଇ କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ସ୍ୱର୍ଣ୍ଣାଦି ଅଳଙ୍କାର କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପ୍ରିୟଜନଙ୍କ ପରାମର୍ଶରେ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ।

**ଧନୁ** ପାରିବାରିକ ଦୁଶ୍ଚିନ୍ତା ବଢ଼ିଯିବା ଦ୍ୱାରା କାମଗୁଡ଼ିକ ମଧ୍ୟ ଶୃଙ୍ଖଳିତ ହେବ ନାହିଁ। ଅନୁରାଧା ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଦେଇପାରେ। ବନ୍ଧୁମାନଙ୍କ ସହ ଆଲୋଚନା କାଳରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମକର** ଆଜି ଆପଣ ଯାହା କରନ୍ତୁନା କାହିଁକି ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ଈର୍ଷାପର ଆତ୍ମୀୟମାନଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଦୀର୍ଘଦିନରୁ ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପିଲାଙ୍କ ଆଚରଣଗତ ତ୍ରୁଟିରୁ ସମସ୍ୟା ଆସିପାରେ।

**କୁମ୍ଭ** ଆଜି ବାରମ୍ବାର ସମସ୍ୟା ଉପୁଜୁଥିବା କାରଣରୁ ସବୁକାମ ବିଳମ୍ବରେ ଓ କଷ୍ଟରେ ସମ୍ପନ୍ନ ହେବ। ସାଧାରଣ କଥାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି ,ମାତ୍ର ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ହେବ, କିନ୍ତୁ ପ୍ରତିବନ୍ଧକ ଲାଗିରହିବ। ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି।

**ମୀନ** ବିଭିନ୍ନ ପ୍ରତିବନ୍ଧକ କାରଣରୁ କର୍ମକ୍ଷେତ୍ରରେ ସମସ୍ୟାରେ ପଡ଼ି ଅପଦସ୍ଥ ହୋଇପାରନ୍ତି। ତଥାପି ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ସଫଳତା ହାସଲ କରିପାରିବେ। ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି। ତରବରିଆ ଭାବେ କୌଣସି କାମ ନ କରି ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

ଆଜି ଚୈତ୍ର ଶୁକ୍ଳ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ, ଶ୍ରୀମନ୍ଦିରରେ ଦମନକ ଯାତ୍ରା, ଦୟଣାଚୋରି ନୀତି, ରାମଲୀଳା, ସୀତାଚୋରି, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଏପ୍ରିଲ ୪ ତାରିଖ ମଙ୍ଗଳବାର। ରାଶିନକ୍ଷତ୍ର-ଦିବା ଘ.୦୯।୩୫ ଗତେ ଉତ୍ତରା ଫାଲ୍‌ଗୁନୀ/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୮।୪୫ ଗତେ, ଘ.୧୦।୩୬ ମଧ୍ୟେ, ଘ.୦୧।୦୩ ଗତେ, ଘ.୦୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ.୦୪।୨୫ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଏପ୍ରିଲ, ୨୦୨୩

**ବ୍ଲକ ଉପାଧ୍ୟକ୍ଷଙ୍କ ଘରେ ଆୟକର ବିଭାଗ ଚଢ଼ାଉ**

ସୋର, ୩।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ବ୍ଲକ ଉପାଧ୍ୟକ୍ଷ ତଥା ବିଶିଷ୍ଟ ବ୍ୟବସାୟୀ ଭ୍ରମରବର ନାୟକଙ୍କ ମହୁମହାଣସ୍ଥିତ ଘର ଏବଂ ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନରେ ସୋମବାର ସକାଳେ ଆୟକର ବିଭାଗ ତରଫରୁ ଚଢ଼ାଉ କରାଯାଇଛି। ନାୟକଙ୍କ ବାସଭବନ, ମା' କଲ୍ୟାଣ ମଣ୍ଡପ, ଗୋପାଳପୁରସ୍ଥ ବୃଦ୍ଧାଶ୍ରମ, ଦହିସଡ଼ାସ୍ଥିତ ମଡ଼ର୍ନ ହୋଟେଲରେ ଅଧକାରୀମାନେ ଉପସ୍ଥିତ ରହି ଆୟ ସମ୍ପର୍କିତ ଯାଞ୍ଚ ଚଳାଇଛନ୍ତି। ୧୫ ଜଣରୁ ଅଧିକ ଅଧିକାରୀ ଏବଂ ପୋଲିସ ଏଥିରେ ସାମିଲ ହୋଇଛନ୍ତି।






# ଜାପାନ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୪(ବ୍ୟୁରୋ)

ରାଜ୍ୟକୁ ବିଦେଶୀ ପୁଞ୍ଜିକୁ ଆକୃଷ୍ଟ କରିବା ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ଏକ ୫ ଜଣିଆ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଜାପାନ ଗସ୍ତ କରିଛି। ଏହି ପ୍ରତିନିଧି ଦଳରେ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର, ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ପୁନିଆ ସାମିଲ ହୋଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ ପାଣ୍ଡିଆନ୍ ଓ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା ସାମିଲ ହୋଇଛନ୍ତି। ଇସ୍ପାତ୍, ଆଲୁମିନିୟମ୍, ଟେକ୍ସଟାଇଲ୍, ଖାଦ୍ୟ ପ୍ରକ୍ରିୟାକରଣ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିଳ୍ପକୁ ନେଇ ଓଡ଼ିଶାର ଏକ ବ୍ୟବସାୟ ପ୍ରତିନିଧି ମଣ୍ଡଳୀ ଜାପାନରେ ବ୍ୟବସାୟୀଙ୍କ ସହ ଆଲୋଚନା କରିବ। ଟୋକିଓରେ ଆୟୋଜିତ ପୁଞ୍ଜି ନିବେଶକ ସମ୍ମିଳନୀରେ ଯୋଗଦେବା ସହ କ୍ୱିଟୋ ଏବଂ ଓସାକା ସହରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେବେ। ମୁଖ୍ୟମନ୍ତ୍ରୀ କେତେକ ସରକାରୀ ଓ ବ୍ୟବସାୟିକ ବୈଠକରେ ଭାଗନେବେ। ଓଡ଼ିଶାରେ ଜାପାନୀ ପୁଞ୍ଜିନିବେଶ ସମ୍ପର୍କରେ ବିଭିନ୍ନ ଉଦ୍ୟୋଗୀଙ୍କ ସହ ନବୀନ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ନୂଆ ଶିଳ୍ପନୀତି ଓ ଶିଳ୍ପାୟନ ପାଇଁ ରାଜ୍ୟ ସରକାର ଯୋଗାଇଥିବା ୱାନ୍ ପ୍ଲସ୍ ସୁବିଧା ସମ୍ପର୍କରେ ନିବେଶକାରୀଙ୍କୁ ବୁଝାଇବେ।


ସିଙ୍ଗାପୁର ଏୟାରପୋର୍ଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

# ବିଧାୟକଙ୍କ ଦରମା ବୃଦ୍ଧି ପାଇଁ ସବ୍‌କମିଟି ଗଠିତ

ଭୁବନେଶ୍ୱର,୩।୪(ବ୍ୟୁରୋ)

ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନ୍‌ସନ ବୃଦ୍ଧି ପାଇଁ କ୍ୟାବିନେଟ୍ ସବ୍‌କମିଟି ଗଠନ କରାଯାଇଛି। ଏ ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ସବ୍‌କମିଟିରେ ରାଜସ୍ୱ ମନ୍ତ୍ରୀ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ସଦସ୍ୟ ଅଛନ୍ତି। ସବ୍ କମିଟି ବିଧାୟକଙ୍କ ଦରମା ବୃଦ୍ଧି ନେଇ ପରାମର୍ଶଦାତା କମିଟି ଦେଇଥିବା ସୁପାରିସ୍‌କୁ ଅନୁଧ୍ୟାନ କରିବ। ପରେ ଏହାର ଚୂଡ଼ାନ୍ତ ରିପୋର୍ଟ କମିଟି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଇବ। ମୁଖ୍ୟମନ୍ତ୍ରୀଙ୍କ ମୋହର ବାଜିବା ପରେ ଏହା ବିଲ୍ ଭାବେ ବିଧାନସଭାରେ ଉପସ୍ଥାପନ କରାଯିବ। ଏଠାରେ ସୂଚନାଯୋଗ୍ୟ, ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ ବଢ଼ାଇବା ପାଇଁ ବିଧାୟକ ଅମର ଶତପଥୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ପରାମର୍ଶଦାତା କମିଟି ଗଠନ କରାଯାଇଥିଲା। କମିଟି ଇତିମଧ୍ୟରେ ଏହାର ସୁପାରିସ୍‌କୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି। ବିଧାନସଭା ସବ୍‌କମିଟି ଏହି ସୁପାରିସ୍‌କୁ ଅନୁଧ୍ୟାନ କରିବା ସହ ସରକାରଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବ। ଦରଦାମ୍ ଓ ଆନୁଷଙ୍ଗିକ ଖର୍ଚ୍ଚ ବଢୁଥିବାରୁ ବିଧାୟକମାନଙ୍କୁ ଦିଆଯାଉଥିବା ଦରମା ଓ ଭତ୍ତା ବଢ଼ାଇବା ସହ ପୂର୍ବତନ ବିଧାୟକଙ୍କ ପେନ୍‌ସନ ବୃଦ୍ଧି କରିବାକୁ ବିଧାନସଭାରେ ଦଳଗତ ନିର୍ବିଶେଷରେ ବିଧାୟକମାନେ ଦାବିକରି ଆସୁଛନ୍ତି। ଗତ ବଜେଟ ଅଧିବେଶନରେ ମଧ୍ୟ ଏହି ପ୍ରସଙ୍ଗ ନେଇ କଂଗ୍ରେସ ବିଧାୟକ ନରସିଂହ ମିଶ୍ର, ବିଜେଡି ବିଧାୟକ ଅମର ଶତପଥୀ, ଭାଜପା ବିଧାୟକ ମୋହନ ଚରଣ ମାଝି ପ୍ରମୁଖ ଦାବି କରିଥିଲେ। ଏହା ଉପରେ ଅନୁଧ୍ୟାନ କରିବାକୁ ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## କେନ୍ଦୁଝର ରାସମନ୍ଦିର ବଜାରରେ ଅଗ୍ନିକାଣ୍ଡ

# ଜଳିଗଲା ୬୯ ଦୋକାନ

କେନ୍ଦୁଝର, ୩।୪ (ସ୍ୱ.ପ୍ର.)

କେନ୍ଦୁଝର ସହର ରାସମନ୍ଦିର ବଜାର (ଡେଲି ମାର୍କେଟ)ରେ ସୋମବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ୬୯ଟି ଖୁଚୁରା ଦୋକାନ ପୋଡ଼ି ଛାରଖାର ହୋଇଯାଇଛି। ନିଆଁର ପ୍ରକୋପ ଏତେ ମାତ୍ରରେ ଥିଲା ଯେ, ଦୀର୍ଘ ୪ ଘଣ୍ଟା ଧରି ୨୦ ଫୁଟ୍ ଉଚ୍ଚରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଲୁଗା, ମସଲା, ବାସନ, ଝାଡୁ, ଟେଲର, ଗ୍ରୋସେରୀ ସାମଗ୍ରୀ, ଷ୍ଟିଲ୍ ବାସନକୁସନ ଆଦି ପାଉଁଶ ହୋଇଯାଇଛି। ୬ଟି ଦମକଳ ଗାଡ଼ି ଲାଗି ନିଆଁ ଆୟତ୍ତ କରିବାରେ ସକ୍ଷମ ହୋଇଥିବା କେନ୍ଦୁଝର ଦମକଳ କେନ୍ଦ୍ରର ଷ୍ଟେଶନ ଅଫିସର ମନୋରଞ୍ଜନ ମହାନ୍ତ କହିଛନ୍ତି। ନିଆଁ ଲିଭିବା ପରେ ପାଉଁଶ ଗଦାରୁ ବେପାରୀମାନେ ବର୍ତ୍ତିଯାଇଥିବା ସାମଗ୍ରୀ ଖୋଜୁଥିବା ଦୃଶ୍ୟ ଦୁଃଖଦାୟକ ଥିଲା।

ସୂଚନା ଅନୁଯାୟୀ, ବଜାରରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କେନ୍ଦୁଝରର ଦୁଇଟି ଅଗ୍ନିଶମ ଗାଡ଼ି ପହଞ୍ଚିଥିଲା। ମାତ୍ର ନିଆଁ ପ୍ରକୋପ ଅଧିକ ଥିବାରୁ ପରେ ବାଂଶପାଳ, ପାଟଣା, ଝୁମ୍ପୁରା ଦମକଳ କେନ୍ଦ୍ର, ଏମ୍ଏସ୍‌ପି କାରଖାନାର ଦମକଳ ଗାଡ଼ି ନିୟୋଜନ କରାଯାଇଥିଲା। କେନ୍ଦୁଝର ଦମକଳ କେନ୍ଦ୍ରର ଷ୍ଟେଶନଅଫିସର ମନୋରଞ୍ଜନଙ୍କ ନେତୃତ୍ୱରେ ପାଖାପାଖି ୩୫ଜଣ କର୍ମଚାରୀ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିଲେ। ୬ଟି ଦମକଳ ଗାଡ଼ିରେ ୧୫ ଟ୍ରିପ୍ ପାଣି ବୁହା ହୋଇ ଦୀର୍ଘ ୪ଘଣ୍ଟା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। କେନ୍ଦୁଝର ସଦର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁଙ୍କ ନେତୃତ୍ୱରେ ଟାଉନ ଥାନା ଅଧିକାରୀ ସୁନୀଲ କର, ସବ୍‌ଇନ୍ସପେକ୍ଟର ସୁନୀଲ ନନ୍ଦଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ରହି ଟ୍ରାଫିକ ନିୟନ୍ତ୍ରଣ କରିବା ସହ ନିଆଁ ଲିଭାଇବାରେ ସହଯୋଗ କରିଥିଲେ। ଖବରପାଇ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାୟକ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକଙ୍କ ସମେତ ରାଜନୈତିକ ଦଳର ନେତାମାନେ ପହଞ୍ଚି ବ୍ୟବସାୟୀଙ୍କୁ ସମବେଦନା ଜଣାଇଥିଲେ। ଜିଲାପାଳ ଆଶିଷ ଠାକ୍‌ରେ, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ପୌରପାଳିକା ନିର୍ବାହୀ ଅଧିକାରୀ ଧିମନ ଚକମା, ତହସିଲଦାର ଆଶିଷ ମହାପାତ୍ରଙ୍କ ସମେତ ବହୁ ପଦାଧିକାରୀ ପହଞ୍ଚି କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ଆଦେଶକ୍ରମେ କ୍ଷୟକ୍ଷତି ଆକଳନ ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ୫ ଜଣିଆ ଟିମ୍ ଗଠନ ହୋଇଛି। ଅନୁଧ୍ୟାନ ସମୟରେ ରାସ ପୂଜା କମିଟି ସମ୍ପାଦକ ହରିଶ ଚନ୍ଦ୍ର ଦାସ ଓ ଅନ୍ୟ କର୍ମକର୍ତ୍ତା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଏବଂ ଜିଲାପାଳଙ୍କ ସହ ଆଲୋଚନା କରି କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। କ୍ଷୟକ୍ଷତି ଆକଳନ ଚାଲିଛି, ଆପତକାଳୀନ ବିଭାଗ ନିଷ୍ପତ୍ତି କ୍ରମେ ନିୟମାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ କିସ୍କୁ କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ରାସ ମନ୍ଦିର ବଜାର ବହୁ ବର୍ଷ ଧରି ଚାଲି ଆସୁଥିଲେ ହେଁ, ଅଗ୍ନି ନିର୍ବାପକ ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବାରୁ ଅଘଟଣ ଘଟିଲା ବୋଲି ଆଲୋଚନା ହେଉଛି।


ରାସ ମନ୍ଦିର ମାର୍କେଟ ଜଳୁଛି।

- ■ ରାଜସ୍ୱ ବିଭାଗ ପକ୍ଷରୁ ୫ ଜଣିଆ ଟିମ୍ ଗଠିତ
- ■ ମାର୍କେଟ୍‌ରେ ନ ଥିଲା ଅଗ୍ନି ନିର୍ବାପକ ସୁରକ୍ଷା ବ୍ୟବସ୍ଥା

# ବ୍ୟାଙ୍କ ନିକଟରୁ ବ୍ୟବସାୟୀଙ୍କଠୁ ୧୭.୫ ଲକ୍ଷ ଲୁଟ୍

ଫୁଲବାଣୀ ଅଫିସ, ୩।୪

କନ୍ଧମାଳ ଜିଲା ଫୁଲବାଣୀ ଆକ୍ସିସ ବ୍ୟାଙ୍କ ପାଖରୁ ସୋମବାର ଜଣେ ବ୍ୟବସାୟୀଙ୍କଠାରୁ ଦୁର୍ବୃତ୍ତମାନେ ୧୭ ଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଶାସ୍କର ପାତ୍ର।

ଶାସ୍କର ଗ୍ରୋସରି ହୋଲ୍‌ସେଲ ବ୍ୟବସାୟ କରନ୍ତି। ଗତ ୩ ଦିନ ହେଲା ବ୍ୟାଙ୍କ ବନ୍ଦ ଥିଲା। ସୋମବାର ବ୍ୟାଙ୍କ ଖୋଲାଥିବାରୁ ପୂର୍ବାହ୍ନରେ ଶାସ୍କରଙ୍କ ଭାଇ ଅଶ୍ୱିନୀ ଏବଂ କର୍ମଚାରୀ ରମେଶ ପ୍ରଧାନ ଏକ ବ୍ୟାଗ୍‌ରେ ବ୍ୟବସାୟ ଟଙ୍କା ଜମା କରିବାକୁ ସ୍କୁଟିରେ ବ୍ୟାଙ୍କ ଯାଇଥିଲେ। ପ୍ରଥମେ ଷ୍ଟେଟ ବ୍ୟାଙ୍କରେ ଟଙ୍କା ଜମା କରିବା ପରେ ବାକି ଟଙ୍କା ଧରି ଆକ୍ସିସ୍ ବ୍ୟାଙ୍କକୁ ବାହାରିଥିଲେ। ବ୍ୟାଙ୍କଠାରୁ ମାତ୍ର ୨୦ରୁ ୩୦ ମିଟର ଦୂରରେ ଏକ ବାଇକ୍‌ରେ ୨ ଜଣ ଯୁବକ ପଛରୁ ଆସି ସ୍କୁଟିକୁ ଗୋଇଠା ମାରିଥିଲେ। ଫଳରେ ଟଙ୍କା ନେଇ ଯାଉଥିବା ବ୍ୟବସାୟୀ ଏବଂ କର୍ମଚାରୀ ତଳେ ପଡ଼ିଯାଇଥିଲେ। ଏହାର ସୁଯୋଗ ନେଇ ଲୁଟେରାମାନେ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଝାମ୍ପି ସରକୁଲାର ରୋଡ୍ ଦେଇ ଫେରାର ହୋଇଯାଇଥିଲେ। ଖବର ପାଇ ଟାଉନ ଥାନା ଥାନାଧିକାରୀ ଅଶୋକ କୁମାର ଗିରି ବ୍ୟାଙ୍କ ଯାଇ ସିସିଟିଭି ଯାଞ୍ଚକରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏ ଯାଏ ପୋଲିସ ଲୁଟେରାଙ୍କୁ ଠାବ କରିବାରେ ସକ୍ଷମ ହୋଇନାହିଁ। ଏ ନେଇ ଶାସ୍କର କୁହନ୍ତି, ଆମର କାହା ସହିତ ସେଭଳି କିଛି ଶତ୍ରୁତା ନାହିଁ। ଅପରପକ୍ଷେ ବିଗତ ଦିନରେ ଏଭଳି ଘଟଣା ସହରରେ ବହୁବାର ଘଟିଛି। ହେଲେ ପୋଲିସ କାହାରିକୁ ଧରିବାରେ ସଫଳ ହୋଇନାହିଁ।


ଲୁଟେରାମାନେ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଯାଉଥିବା ବେଳର ସିସିଟିଭି ଫୁଟେଜ।

## ଚମ୍ପାଗୁଡ଼ା ଘାଟିରେ ଓଲଟିଲା ପିକଅପ୍ ଭ୍ୟାନ, ୨ ମୃତ

ପଟ୍ଟାଙ୍ଗି,୩।୪(ଡି.ଏନ୍.ଏ.)

ପଟ୍ଟାଙ୍ଗି ନିକଟସ୍ଥ ଚମ୍ପାଗୁଡ଼ା ଘାଟିରେ ରବିବାର ବିଳମ୍ବିତ ରାତିରେ ଏକ ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରସାମ୍ୟ ହରାଇ ଭ୍ୟାନଟି ଘାଟି ତଳକୁ ଓଲଟିପଡ଼ିଛି। ଫଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ଯୁଗଳ ହାଁସଦା ଓ ବାସୁଦେବ ମଣ୍ଡଳ। ସମସ୍ତ ଶ୍ରମିକ ବାହାର ରାଜ୍ୟର ବୋଲି ଜଣାପଡ଼ିଛି। ଖବରରୁ ପ୍ରକାଶ, କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ଅମ୍ବାବାଲି ଓ ତଳଗୋଲୁର ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭାରତମାଳା ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। କୋଲକାତାରୁ ଶ୍ରମିକମାନଙ୍କୁ ଅଣାଯାଇ ଏଠାରେ ରାସ୍ତା କାର୍ଯ୍ୟରେ ନିୟୋଜିତ କରାଯାଇଛି। ରବିବାର ବିଳମ୍ବିତ ରାତିରେ ଭ୍ୟାନ (ଏପି୩୧ଏଜେ-୦୦୫୨)ଟି ସମ୍ପୃକ୍ତ ଶ୍ରମିକମାନଙ୍କୁ ଧରି ସାଲୁରରୁ କୁରୁଲି ଅଭିମୁଖେ ଯାଉଥିବାବେଳେ ଚମ୍ପାଗୁଡ଼ା ଘାଟିରେ ଭାରସାମ୍ୟ ହରାଇ ଭ୍ୟାନଟି ଓଲଟି ପଡ଼ିଥିଲା। ଏଥିରେ ଉପରୋକ୍ତ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩ ଜଣ ଆହତ ହୋଇଥିଲେ। ତେବେ ଦୁର୍ଘଟଣା ପରେ ଆହତ ଶ୍ରମିକଙ୍କୁ ପଟ୍ଟାଙ୍ଗି ବ୍ଲକର ସୁଙ୍କି ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ନେଇ ଭାରତମାଳା ପ୍ରକଳ୍ପର କର୍ମଚାରୀମାନେ ଆନ୍ଧ୍ର ନେଇଯାଇଥିଲେ। ଖବରପାଇ ସୁଙ୍କି ଥାନା ଅଧିକାରୀ କରୁଣାକର ଶବର ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ଭାତ ଥାଳି ଧରି ଧାରଣାରେ ଛାତ୍ରୀଛାତ୍ର

- ■ ମଧ୍ୟାହ୍ନଭୋଜନରେ ତରକାରି ନିଅଣ୍ଟ ନେଇ ଅସନ୍ତୋଷ
- ■ ଖରାରେ ଚାଲି ଚାଲି ଆସି ବିଡିଓଙ୍କ ଅଫିସ ଆଗରେ ବସିଲେ

ବାରିପଦା ଅଫିସ/ରାସଗୋବିନ୍ଦପୁର/ମୋରଡ଼ା, ୩/୪(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ବିନୋଦରାୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନକୁ ନେଇ ସୋମବାର ଅସନ୍ତୋଷ ଦେଖାଦେଇଛି। ମଧ୍ୟାହ୍ନଭୋଜନରେ ତରକାରୀ ନିଅଣ୍ଟ ପଡିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟଠାରୁ ୪ଶହ ମିଟର ଦୂର ବିଡିଓଙ୍କ କାର୍ଯ୍ୟାଳୟକୁ ଆସି ଭାତ ଥାଳି ଧରି ଧାରଣାରେ ବସିଥିଲେ। ବିଭାଗୀୟ ଅଧିକାରୀମାନେ ପହଞ୍ଚି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଉକ୍ତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୬୧ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ନିମନ୍ତେ ଏସ୍ଏସ୍‌ଜି ମହିଳାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତିଦିନ ମଧ୍ୟାହ୍ନଭୋଜନ ଖାଇବା ବେଳେ ତରକାରୀ ଅଭାବ ଦେଖାଯାଇଥାଏ। ବାରମ୍ବାର ଏପରି ହେବାରୁ ପରିଚାଳନା କମିଟି ପକ୍ଷରୁ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଅବଗତ କରିଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନେ କର୍ଣ୍ଣପାତ ନ କରିବାରୁ ଛାତ୍ରୀଛାତ୍ରମାନେ ବିନା ତରକାରୀରେ ଭାତ ଖାଇବାକୁ ବାଧ ହେଉଥିଲେ। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ସମସ୍ତ ଛାତ୍ରୀଛାତ୍ର ଭାତ ଥାଳି ଧରି ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଧାରଣା ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଧାରଣାସ୍ଥଳକୁ ବିଡିଓ ଲଲାଟେନ୍ଦୁ କୁମାର ସିଂ, ବିଇଓ ସତୀଶ ଚନ୍ଦ୍ର ମହାପାତ୍ର, ସିଡିପିଓ ପାର୍ବତୀ ସୋରେନ ଓ ପ୍ରଧାନ ଶିକ୍ଷୟିତ୍ରୀ ଧାନମଣି ଟୁଡୁ ପହଞ୍ଚି ପର୍ଯ୍ୟାୟକ୍ରମେ ୧୫ଦିନ ମଧ୍ୟରେ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ପରେ ସନ୍ଧ୍ୟାରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ କୋମଳମତି ଛାତ୍ରୀଛାତ୍ରଙ୍କ ଖାଦ୍ୟମାରଣ ନୀତିକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଅସନ୍ତୋଷ ତୀବ୍ର ରୂପ ଧାରଣ କରିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

# ଦୁଇ ସାକ୍ଷୀଙ୍କ ବୟାନ ରେକର୍ଡ

**ଜାଲ୍ ସାର୍ଟିଫିକେଟ୍ ମାମଲା**

- ■ ଦ୍ୱିତୀୟ ମାମଲାର ଚାର୍ଜ ନେଲା କ୍ରାଇମ୍ ବ୍ରାଞ୍ଚ
- ■ ରିଲାଏନ୍ସ ଏଜୁକେଶନ୍ କମ୍ପ୍ଲେକ୍ସ ଷ୍ଟାଫ୍‌ଙ୍କ ୧୬୧ ବୟାନ ରେକର୍ଡ
- ■ ପ୍ରଧାନ ଡାକଘର, ଟାଉନ୍ ଥାନାରେ ସାଇବର ଏକ୍ସପର୍ଟଙ୍କ ଛାନଭିନ୍

ବଲାଙ୍ଗୀର ଅଫିସ, ୩।୪

ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିବା ଜାଲ୍ ସାର୍ଟିଫିକେଟ୍ ମାମଲାର କ୍ରାଇମବ୍ରାଞ୍ଚସ୍ତରୀୟ ତଦନ୍ତ ସୋମବାର ତୃତୀୟ ଦିନରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚ ଟିମ୍ ଜାଲ୍ ସାର୍ଟିଫିକେଟ୍ ମାମଲାର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅନୁସନ୍ଧାନ କରୁଛି। ମାମଲାର ଦୁଇ ପୀଡିତା ତଥା ସାକ୍ଷୀଙ୍କୁ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି। ଏହା ସହିତ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଅଭିଯୁକ୍ତଙ୍କ କୋଚିଂ ଅନୁଷ୍ଠାନ ରିଲାଏନ୍ସ ଏଜୁକେଶନ୍ କମ୍ପ୍ଲେକ୍ସକୁ ଯାଇ ଅନୁସନ୍ଧାନ କରିଛନ୍ତି। ଏଠାକାର ଷ୍ଟାଫ୍‌ଙ୍କ ସିଆରପିସି ୧୬୧ଧାରାରେ ବୟାନ ରେକର୍ଡ କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରୁ କ୍ରାଇମବ୍ରାଞ୍ଚ ଟିମ୍ ଜାଲ୍ ସାର୍ଟିଫିକେଟ ମାମଲାର ଦୁଇ ପୀଡିତା ସୁବଳୟା ଭୁଏ ଏବଂ ରମଣୀ ନାଗଙ୍କୁ ବଲାଙ୍ଗୀର ସିଭିଲ କୋର୍ଟ ପରିସରକୁ ନେଇ ଯାଇଥିଲେ। ସେଠାରେ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ମଧ୍ୟ ଦୁଇ ପୀଡିତା ତଥା ଏହି ମାମଲାର ପ୍ରମୁଖ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇପାରି ନ ଥିଲା। ଏହାପରେ ଅପରାହ୍ଣ ପ୍ରାୟ ୫ଟାରେ ପୁଣି ଥରେ ଦୁଇ ସାକ୍ଷୀଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ କୋର୍ଟ ପରିସରକୁ ନେଇଥିଲେ। ସେଠାରେ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଉଭୟ ସାକ୍ଷୀଙ୍କ ୧୬୪ ବୟାନ ରେକର୍ଡ କରାଯାଇଥିଲା। ଏହି ବହୁଚର୍ଚ୍ଚିତ ଜାଲ ସାର୍ଟିଫିକେଟ ମାମଲା ପାଇଁ ଦୁଇ ସାକ୍ଷୀଙ୍କ ବୟାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ବୟାନ ରେକର୍ଡ କରିବା ପରେ କ୍ରାଇମବ୍ରାଞ୍ଚ ଏବେ ଅନ୍ୟ ଦିଗ ଉପରେ ତଦନ୍ତ କେନ୍ଦ୍ରୀଭୂତ କରିବ ବୋଲି ଜଣାପଡିଛି।

କ୍ରାଇମବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱରେ ସୋମବାର ତୃତୀୟ ଦିନରେ ବହୁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ତଦନ୍ତ କରାଯାଇଛି। ଜାଲ ସାର୍ଟିଫିକେଟ ମାମଲାରେ ବଲାଙ୍ଗୀର ଟାଉନ୍ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ବଲାଙ୍ଗୀର ଡାକ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଭିଯୋଗ ମୁତାବକ ଟାଉନ୍ ଥାନାରେ ଏକ ମାମଲା (୧୪୧/୨୩) ରୁଜୁ ହୋଇଥିଲା। ବଲାଙ୍ଗୀର ଡାକ ମଣ୍ଡଳରେ ୬୦ଟି ଗ୍ରାମୀଣ ଡାକ ସେବକ ପଦବୀରେ ପ୍ରାର୍ଥୀମାନେ ଆବେଦନ କରିଥିଲେ। ସେଥିରୁ ୩୮ ଜଣ ପ୍ରାର୍ଥୀ ଉତ୍ତରପ୍ରଦେଶ ବୋର୍ଡ ଓ ମାଧ୍ୟମିକ ଶିକ୍ଷା ପରିଷଦର ଦଶମ ଏବଂ ଇଣ୍ଟରମିଡିଏଟ୍ ସାର୍ଟିଫିକେଟ୍ ଦାଖଲ କରିଥିଲେ। ସାର୍ଟିଫିକେଟରେ ଉଲ୍ଲେଖଥିବା ମାର୍କ ଏବଂ ପ୍ରାର୍ଥୀଙ୍କ ହାବଭାବରୁ ସନ୍ଦେହ ପରି ଡାକ ଅଧୀକ୍ଷକ ପଟ୍ଟନାୟକ ଏହା ଜାଲ୍ ସାର୍ଟିଫିକେଟ ସନ୍ଦେହ କରି ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। । ସିନ୍ଧେକେଲା ଥାନା ଚାନ୍ଦୋତରା ଗ୍ରାମର ରଜତ କୁମାର ନାଏକଙ୍କୁ ଏମ୍‌ସିଏଲରେ ଚାକିରି କରାଇ ଦେବା ନାଁରେ ରିଲାଏନ୍ସ କୋଚିଂ ସେଣ୍ଟର ମାଲିକ ତଥା ମୁଖ୍ୟ ଅଭିଯୁକ୍ତ ମନୋଜ ଏବଂ ସହଯୋଗୀ ଆଲୋକ ୫ ଲକ୍ଷ ଟଙ୍କା ନେଇଥିଲେ। ଏହି ମାମଲାର ମଧ୍ୟ ତଦନ୍ତ କ୍ରାଇମବ୍ରାଞ୍ଚ ସୋମବାର ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ ତୃତୀୟ ଦିନରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ବଲାଙ୍ଗୀରର ପ୍ରଧାନ ଡାକଘରକୁ ଯାଇ ତଦନ୍ତ କରିବା ସହ ଡକ୍ୟୁମେଣ୍ଟର ଛାନଭିନ୍ କରିଥିବା ଜଣାପଡ଼ିଛି।


କ୍ରାଇମ୍‌ବ୍ରାଞ୍ଚ ଟିମ୍ ପୀଡିତା ତଥା ସାକ୍ଷୀଙ୍କୁ ଏସ୍‌ଡିଜେଏମ୍ କୋର୍ଟକୁ ବୟାନ ରେକର୍ଡ ପାଇଁ ନେଉଛନ୍ତି।

## ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ: ଅଧ୍ୟାପକଙ୍କ ନାମରେ ମାମଲା

ସୋର, ୩।୪(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଏକ ମହାବିଦ୍ୟାଳୟରେ ପଢୁଥିବା ଜଣେ ଯୁକ୍ତ ୩ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରୀଙ୍କୁ ପଦାର୍ଥ ବିଜ୍ଞାନ ଅଧ୍ୟାପକ ରାଧାକାନ୍ତ ଦାସ ଅଶ୍ଳୀଳ ଇଙ୍ଗିତ କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କୁ ବିଭିନ୍ନ ଆଳ ଦେଖାଇ ଅସଦାଚରଣ କରିବା ସହ ମନ୍ଦ ଉଦ୍ଦେଶ୍ୟରେ ଅନ୍ୟ ଜାଗାକୁ ଯିବା ପାଇଁ ପ୍ରସ୍ତାବ ଦେବା ନେଇ ଅଭିଯୋଗ ହୋଇଛି। ଅଧ୍ୟାପକଙ୍କ ଏପରି ହୀନ ଆଚରଣ ପାଇଁ ପୀଡିତା ଛାତ୍ରୀ ନିୟମିତ ମହାବିଦ୍ୟାଳୟକୁ ଆସିପାରୁ ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ସୋର ଥାନା ଭାରପ୍ରାପ୍ତ ଅଧିକାରିଣୀ ସୁଜାତା ଖମାରୀଙ୍କୁ ପଚାରିବାରୁ ଛାତ୍ରୀଙ୍କ ଅଭିଯୋଗ ଅଧାରରେ ମାମଲା (ନଂ. ୧୯୧/୨୩) ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି।

ADMISSION OPEN ADMISSION OPEN
MARUTI PHARMACY COLLEGE
BARGARH
(Kurla Road, Barahgoda)
COURSE OFFERED
D.PHARMA
(Management Seat)
SESSION-2022-23
CONTACT: 9438066954/ 7605930501
Sd./- Principal



ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ- ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ- ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ- ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ । -ଶ୍ରୀମା

# ତିଷ୍ଠିବା କଷ୍ଟକର

ମାତ୍ର ୫ ସେକେଣ୍ଡରେ ଘୂର୍ଣ୍ଣିଝଡ଼ କେତେ କ୍ଷତି ଘଟାଇପାରେ ଆମେରିକାର ମିସିସିପି ଓ ଆଲବାମାରେ ତାହାର ଚିତ୍ର ଦେଖିବାକୁ ମିଳିଛି । ୨ ଏପ୍ରିଲ ଗୋଟିଏ ଦିନରେ ୧୦ଟି ଟର୍ନାଡୋ ଆସି ଭୟଙ୍କର ସ୍ଥିତି ସୃଷ୍ଟି କରିବା ପରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି । ୨,୬୦୦ ଘର ଭାଙ୍ଗିଯାଇଛି, ଅସଂଖ୍ୟ ଗଛ ଉପୁଡ଼ିବା ସହ ବିଦ୍ୟୁତ୍ ସେବା ଘୋର ବାଧାପ୍ରାପ୍ତ ହୋଇଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ଲାଗି ସମ୍ପୃକ୍ତ ଅଞ୍ଚଳରେ ଜରୁରିକାଳୀନ ପରିସ୍ଥିତି ଜାରି କରାଯାଇଛି । ବିଗତ କିଛି ବର୍ଷ ହେବ ବିଶେଷକରି ଆମେରିକା ଓ ୟୁରୋପୀୟ ମହାଦେଶରେ ହିଟ୍ ୱେଭ୍, ଜଙ୍ଗଲ ନିଆଁ, ପ୍ରଚୁର ପରିମାଣର ବରଫପାତ ଏବଂ କ୍ରାନ୍ତୀୟ ଘୂର୍ଣ୍ଣିବାତ୍ୟା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କେବଳ ବିଶ୍ୱତାପନ ବୃଦ୍ଧିଜନିତ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରକୃତିର ଅସ୍ୱାଭାବିକ ରୂପ ଦେଖିବାକୁ ମିଳୁଛି । ଯଦି କୌଣସି ଭୌଗୋଳିକ ଅଞ୍ଚଳରେ ବର୍ଷା ହେଉଛି ତ କିଛି ଦିନ ଧରି ସେଠାରେ ଜଳପ୍ଲାବନ ସୃଷ୍ଟି କରୁଛି । ଅନ୍ୟପକ୍ଷରେ ଆଫ୍ରିକୀୟ ମହାଦେଶର କେତେକ ରାଷ୍ଟ୍ରରେ ବର୍ଷାଭାବ ଯୋଗୁ ବିସ୍ତୀର୍ଣ୍ଣ ଇଲାକା ମରୁଭୂମି ପାଲଟିଲାଣି । ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍ଓ) ଆକଳନ ଅନୁଯାୟୀ ବିଗତ ୫୦ ବର୍ଷ ମଧ୍ୟରେ ଜଳବାୟୁ ଓ ପାଣିପାଗ ସମ୍ବନ୍ଧୀୟ ପ୍ରାକୃତିକ ବିପର୍ଯ୍ୟୟ ୫ ଗୁଣା ବୃଦ୍ଧି ପାଇଛି । ପ୍ରକୃତିର ବିଚିତ୍ର ପ୍ରଭାବ ଭାରତୀୟମାନେ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ଦେଖିଆସୁଛନ୍ତି । ଏବେ ଏହାର ତୀବ୍ରତା ବ୍ୟକ୍ତି ତା' ଆଖପାଖରେ ଅନୁଭବ କଲାଣି । ଓଡ଼ିଶା ଚଳିତବର୍ଷ ମାସେରୁ ଅଧିକ ସମୟ ଧରି ଗୋଟେ ପଶ୍ଚିମା ଝଡ଼ର ଲଗାତର ସମ୍ମୁଖୀନ ହୋଇଚାଲିଛି । ଫଳରେ ଖରାଦିନରେ ପ୍ରବଳ ବର୍ଷା ଓ ଝଡ଼ର ପ୍ରଭାବ ଅନେକ ଅଞ୍ଚଳରେ ଅନୁଭୂତ ହୋଇଛି । ଏଇ କିଛି ଦିନ ଧରି ଯେଉଁଭଳି ଭାବେ ଅଦିନିଆ କଚଡ଼ା ବର୍ଷା ହେଲା ଲୋକେ କୁହାକୁହି ହେଲେ ଯେମିତି ବର୍ଷାଋତୁ ଆସିଯାଇଛି । ଋତୁକାଳୀନ ଶସ୍ୟ ସହ ପନିପରିବା ନଷ୍ଟ ଯୋଗୁ ଏହାର ଦରବୃଦ୍ଧି ଲୋକଙ୍କ ଆର୍ଥିକ ସ୍ୱାସ୍ଥ୍ୟକୁ ବିଗାଡ଼ି ଦେଲାଣି । ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଭୀଷଣ ଗରମ ଅନୁଭୂତ ହେବ ବୋଲି ଆକଳନ କରାଯାଉଥିବା ବେଳେ ବର୍ଷା ପରିମାଣ ବଢ଼ିବା ନିଶ୍ଚିତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଘଟୁଛି ବୋଲି କହିହେବ ।

**ଆରାମ ଜୀବନ ଆଗକୁ ଆହୁରି ଦୁଃଖ ଆଣିଦେବା ଥୟ। ପୃଥିବୀର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପରିଚିତ ଆମେରିକା ପ୍ରକୃତିର ପରିବର୍ତ୍ତନ ଯୋଗୁ ଯେଉଁ ବିପଦର ସମ୍ମୁଖୀନ ହୋଇଛି, ତାହା ସବୁ ରାଷ୍ଟ୍ରକୁ ସଚେତନ କଲା ଭଳି ବାର୍ତ୍ତା ଦେଉଛି। ନିଷ୍ଠାର ସହ ପ୍ରକୃତି ଓ ପରିବେଶ ବଞ୍ଚାଇବାର ପ୍ରୟାସ ନ ହେଲେ ତିଷ୍ଠିବା କଷ୍ଟକର ହୋଇପଡ଼ିବ।**

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଜୀବସତ୍ତା ପ୍ରତି ବିପଦ ସୃଷ୍ଟି କରୁଥିବାର ଅସଂଖ୍ୟ ପ୍ରମାଣ ମିଳିଛି । ଲୋକେ ତାହାକୁ ପ୍ରତ୍ୟକ୍ଷ ମଧ୍ୟ କରୁଛନ୍ତି । ଇଜିପ୍ଟର ଶର୍ମ ଏଲ୍ ଶେଖ୍‌ରେ ଅନୁଷ୍ଠିତ ହୋଇଯାଇଥିବା ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ବିଶ୍ୱ ସମ୍ମିଳନୀ କପ୍ ୨୭ଠାରୁ ଆରମ୍ଭ କରି ସ୍ଥାନୀୟ ସ୍ତରରେ ଏହାର ମୁକାବିଲା ଲାଗି ପର୍ଯ୍ୟାପ୍ତ ଆଲୋଚନା ହେଉଛି । ସବୁ ସ୍ତରରେ ଉଚିତ ପଦକ୍ଷେପ ନିଆଯାଇପାରୁ ନ ଥିବାରୁ ସ୍ଥିତିରେ ପରିବର୍ତ୍ତନ ଆସିପାରୁ ନାହିଁ । ଅଳ୍ପ ବୟସର ହେଲେ ମଧ୍ୟ ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ ଏହି ଅସଙ୍ଗତିକୁ ଅନୁଭବ କରିବା ପରେ କପ୍ ୨୭ରେ ଯୋଗ ଦେବାକୁ ଅନିଚ୍ଛା ପ୍ରକାଶ କଲେ । ଯେତେବେଳେ ଗୋଟେ ଚଡ଼କ ପଡ଼ି ସାରିଲାଣି ଓ ମୁଣ୍ଡ ଉପରେ ଏକାଧିକ ଚଡ଼କ ଚକ୍କର କାଟୁଛନ୍ତି, ସେତେବେଳେ ଯୋଜନା ଓ ଆଲୋଚନା ସ୍ତରରେ ଅଟକି ରହିବା ଅର୍ଥ ବିପଦକୁ ବରଣ କରିବା । ପ୍ରତ୍ୟେକ ବ୍ୟକ୍ତି ଆହ୍ୱାନ ବା କାର୍ଯ୍ୟାନ୍ୱୟନ ସ୍ତରରେ ପହଞ୍ଚି ତତ୍କ୍ଷଣାତ୍ ପଦକ୍ଷେପ ନେବା ଦରକାର । ସବୁଜ ଗୃହ ବାଷ୍ପ (ଗ୍ରୀନ୍ ହାଉସ୍ ଗ୍ୟାସ) ଉତ୍ସର୍ଜନ ବୃଦ୍ଧି ଜୀବଜଗତ ପାଇଁ ଅସହ୍ୟ ହେଇପଡ଼ିଲାଣି । ପ୍ରାକ୍-ଶିଳ୍ପ ବିପ୍ଳବଠାରୁ ଆମେ ୧.୧ ଡିଗ୍ରୀ ସେଲ୍‌ସିୟସ୍ ଟପିଗଲୁଣି । ତେବେ ବିଶ୍ୱର ହାରାହାରି ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ (୨.୭ ଡିଗ୍ରୀ ଫାରେନ୍‌ହାଇଟ୍ ସହ ସମକକ୍ଷ) ଭିତରେ ରଖିବା ଆମ ହାତମୁଠାରେ ଅଛି । କିନ୍ତୁ ଏହା କଠିନ ହେବାକୁ ଯାଉଛି, କାରଣ ସୁଯୋଗର ସବୁ ବାତାୟାନକୁ ଆମେ ଯେପରି ବନ୍ଦ କରିଦେଉଛେ । ଉଦାହରଣ ସ୍ୱରୂପ, ଜୀବାଶ୍ମ ଇନ୍ଧନ ବଦଳରେ ସ୍ୱଚ୍ଛ ଶକ୍ତି ହାସଲ କରିବାରେ ସେଭଳି ସକ୍ଷମ ହୋଇପାରୁନେ । କାର୍ବନ ନିର୍ଗମନ ହ୍ରାସ ଓ ସବୁଜ ଶକ୍ତି ବୃଦ୍ଧି ଭଳି କାର୍ଯ୍ୟକ୍ରମ ପାଇଁ ଗରିବ ଦେଶକୁ ପାଣ୍ଠି ଯୋଗାଇବାରେ ଧନୀ ରାଷ୍ଟ୍ରଗୁଡ଼ିକ ଅବହେଳା ପ୍ରଦର୍ଶନ କରିବାଠାରୁ ଆରମ୍ଭ କରି ମନୁଷ୍ୟକୃତ ଯାବତୀୟ ନକାରାତ୍ମକ କାର୍ଯ୍ୟ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ବାଧା ସୃଷ୍ଟି କରୁଛି । ଭାଷଣରେ ଅଙ୍ଗାରକ କମ୍ କରିବା ଲାଗି କହୁଥିବା ବ୍ୟକ୍ତି ନିଜ ଜୀବନରେ ତାହାକୁ ଅନୁପାଳନ କରିବାରେ ଯେମିତି ଅନିଚ୍ଛୁକ । ଆରାମ ଜୀବନ ଆଗକୁ ଆହୁରି ଦୁଃଖ ଆଣିଦେବା ଥୟ । ପୃଥିବୀର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପରିଚିତ ଆମେରିକା ପ୍ରକୃତିର ପରିବର୍ତ୍ତନ ଯୋଗୁ ଯେଉଁ ବିପଦର ସମ୍ମୁଖୀନ ହୋଇଛି, ତାହା ସବୁ ରାଷ୍ଟ୍ରକୁ ସଚେତନ କଲା ଭଳି ବାର୍ତ୍ତା ଦେଉଛି । ନିଷ୍ଠାର ସହ ପ୍ରକୃତି ଓ ପରିବେଶ ବଞ୍ଚାଇବାର ପ୍ରୟାସ ନ ହେଲେ ତିଷ୍ଠିବା କଷ୍ଟକର ହୋଇପଡ଼ିବ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 9 | 1 | | | | | | |
| | 7 | | | | | 3 | 8 | 9 |
| | 2 | | | | | | | |
| | | 6 | | | 8 | | | 1 |
| | | | | | 2 | | 9 | 4 |
| | | | | 3 | | | | 8 |
| 7 | | | 5 | | | | | |
| | | | | | | | | 6 |
| 8 | 1 | | | | | 5 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 7 | 9 | 4 | 2 | 5 | 3 | 1 |
| 1 | 4 | 9 | 7 | 3 | 5 | 8 | 2 | 6 |
| 3 | 5 | 2 | 8 | 1 | 6 | 4 | 7 | 9 |
| 7 | 3 | 6 | 2 | 5 | 8 | 1 | 9 | 4 |
| 9 | 1 | 5 | 3 | 7 | 4 | 6 | 8 | 2 |
| 8 | 2 | 4 | 6 | 9 | 1 | 7 | 5 | 3 |
| 5 | 9 | 3 | 4 | 6 | 7 | 2 | 1 | 8 |
| 2 | 6 | 1 | 5 | 8 | 3 | 9 | 4 | 7 |
| 4 | 7 | 8 | 1 | 2 | 9 | 3 | 6 | 5 |

ଗତକାଲିର ଉତ୍ତର

# ଖାଦ୍ୟରେ ରାସାୟନିକ ବିଷ



ଡ. ବିଜୟକେତନ ପଟ୍ଟନାୟକ

୨୦୦୭ ମସିହାରେ ମୁଁ ରାଜ୍ୟ ସରକାରଙ୍କ ପରିବେଶ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ ଥାଏ ଏବଂ ସେହି ସୂତ୍ରରେ କୋରାପୁଟ ଜିଲାସ୍ଥିତ ସୁନାବେଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା 'ଇକୋ କ୍ଲବ୍' ପରିଦର୍ଶନରେ ଯାଇଥାଏ । ମୋ ଅବଗତି ନିମନ୍ତେ ଇକୋ କ୍ଲବ ସମ୍ପର୍କିତ ଆୟୋଜିତ କାର୍ଯ୍ୟକ୍ରମ ମଧ୍ୟରୁ ଛାତ୍ରୀମାନଙ୍କ ଭିତରେ ବକ୍ତୃତା ପ୍ରତିଯୋଗିତା ଥିଲା ଅନ୍ୟତମ । ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀର ଛାତ୍ରୀ ଯିଏକି 'ହାଲ୍' ଟାଉନଶିପରେ ନିଜ ପିତାମାତାଙ୍କ ସହ ରୁହନ୍ତି, ବକ୍ତୃତା ଦେବା ଅବସରରେ ଯେଉଁ ଦୁଇଟି ମୂଳବିନ୍ଦୁ ଉତ୍ଥାପନ କରିଥିଲେ, ଦୀର୍ଘ ୧୫ ବର୍ଷ ପରେ ତାହା ଏବେ ବି ମୋର ମନେରହିଛି । ବକ୍ତବ୍ୟର ପ୍ରଥମ ବିନ୍ଦୁଟି ଥିଲା- 'ଆମେ ଘରେ ମା'ମାନଙ୍କୁ କହିଛୁ, ବାପା ବଜାରକୁ ସଉଦା ବା ପରିବାପତ୍ର ଆଣିବାକୁ ଗଲା ବେଳେ ସେମାନେ ଯେପରି ତାଙ୍କ ହାତରେ କନା ବା ଝୋଟରୁ ପ୍ରସ୍ତୁତ ବ୍ୟାଗ୍‌ଟିଏ ଧରାଇଦେବେ । ତା'ହେଲେ ଦୋକାନୀ ସେମାନଙ୍କୁ ପଲିଥିନ ମୁଣାରେ ଜିନିଷ ଦେବ ନାହିଁ ଏବଂ ବ୍ୟବହାର ପରେ ଫିଙ୍ଗିଦେବା କାରଣରୁ ବର୍ଷ ବର୍ଷ ଧରି କ୍ଷୟ ନ ହେଉଥିବା ଯୋଗୁ ରାସ୍ତାଘାଟରେ ପଲିଥିନ ଆବର୍ଜନା ବୃଦ୍ଧି ପାଇବ ନାହିଁ । ତାଙ୍କ ବକ୍ତବ୍ୟର ଦ୍ୱିତୀୟ ବିନ୍ଦୁଟି ଥିଲା- 'ବାପାଙ୍କୁ ମନା କରିବ, ବଜାରରୁ ଅଦିନିଆ ପରିବାପତ୍ର ଆଣିବେ ନାହିଁ । ପରେ ପରେ ଛାତ୍ରୀ ଜଣକ ନିଜେ ବୁଝାଇ ଦେଲେ ଆଜିକାଲି ବଜାରରେ ସବୁଦିନେ ସବୁ ପ୍ରକାର ପରିବା ମିଳୁଛି । ଖରାଦିନିଆ ପରିବା ପୋଟଳ ଶୀତଦିନେ ମିଳୁଛି । ଶୀତଦିନେ ହେଉଥିବା ଫୁଲକୋବି, ବନ୍ଧାକୋବି ଖରାଦିନେ ମଧ୍ୟ ମିଳୁଛି । ବିଲାତି ବାଇଗଣ ବର୍ଷ ସାରା ମିଳୁଛି । ଅଦିନିଆ ପରିବା ସବୁ ବଜାରକୁ ଆସିବା ପୂର୍ବରୁ ଶୀତଳ ଭଣ୍ଡାରରେ ସାଇତା ହୋଇ ରଖାଯାଇଥାଏ । ସେ ଗୁଡ଼ିକୁ ତାଜା ରଖିବା ପାଇଁ 'ପ୍ରିଜରଭେଟିଭ' ବା ସଂରକ୍ଷକ ଏବଂ ପଚନ ପ୍ରତିରୋଧକ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଇଥାଏ । ଫଳତଃ ପନିପରିବାରେ ରାସାୟନିକ ଛିଟାର କିୟଦଂଶ ମହଜୁଦ ରହିଥାଏ । ଖାଇବା ସମୟରେ ତାହା ଶରୀରକୁ ପ୍ରବେଶକରି ସ୍ୱାସ୍ଥ୍ୟହାନି ଘଟାଏ । ଆମ ଦେଶରେ ବର୍ଦ୍ଧିତ ଜନସଂଖ୍ୟାକୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେବା ପାଇଁ ୧୯୬୦ରେ କୃଷି ବିପ୍ଳବ ଆରମ୍ଭ ହୋଇଥିଲା; ଯାହା 'ସବୁଜ ବିପ୍ଳବ' ନାମରେ ପରିଚିତ । କୃଷି ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ ଏହାର ପ୍ରବର୍ତ୍ତକ । ଦେଶରେ କୃଷି ଉତ୍ପାଦନ ବଢ଼ାଇବା ପାଇଁ ଅଧିକ ଅମଳକ୍ଷମ ବିହନ ବ୍ୟବହାର, ବ୍ୟାପକ ଜଳସେଚନ, ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର କରାଗଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ସବୁଜ ବିପ୍ଳବର ସଫଳ ମଧ୍ୟ ଆମକୁ ମିଳିଲା । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଦେଖାଗଲା ଏହାଦ୍ୱାରା ଲାଭ ଅପେକ୍ଷା ଅଧିକ କ୍ଷତି ହେଉଛି । ଏବେ ସବୁଜ ଯୁଗ ସମାପ୍ତିର ବେଳ ଆସିଛି । ୨୦୨୩ ଆର୍ଥିକ ବର୍ଷ ବଜେଟରେ ପ୍ରସ୍ତାବିତ ପ୍ରାକୃତିକ କୃଷି ଜାତୀୟ ମିଶନର ଆଭିମୁଖ୍ୟ ହେଲା କୃଷିକ୍ଷେତ୍ରରେ କୌଣସି ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ନ କରିବା । ଡିଡିଟି ଓ ଆଲ୍‌ଡ୍ରିନ ଭଳି କୀଟନାଶକର ବ୍ୟବହାର ଅନେକ ଦିନରୁ (୧୯୭୪ପରଠାରୁ) ଆମ ଦେଶରେ ବନ୍ଦ ହୋଇଯାଇଥିଲେ ମଧ୍ୟ ସମ୍ପ୍ରତି ଶସ୍ୟକ୍ଷେତ୍ରରେ ବହୁଳ



ବ୍ୟବହୃତ କୀଟନାଶକ ହେଉଛି ବିଏଚ୍‌ସି । କୌଣସି କୀଟନାଶକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରାଗଲା ପରେ ତାହା ସମ୍ପୂର୍ଣ୍ଣ ରୂପେ କ୍ଷୟ ହୁଏ ନାହିଁ ବା ମନ୍ଥର ଗତିରେ କ୍ଷୟପ୍ରାପ୍ତ ହୁଏ । କୃଷିଜାତ ଦ୍ରବ୍ୟ ଜରିଆରେ ଶାକାହାରୀ ପ୍ରାଣୀ ଏବଂ ଖାଦ୍ୟଶୃଙ୍ଖଳର ଶୀର୍ଷରେ ଥିବା ମନୁଷ୍ୟ ଶରୀରରେ ଏହି ବିଷାକ୍ତ ଅବଶିଷ୍ଟାଂଶର ଜୈବିକ ଅଭିବୃଦ୍ଧି ଘଟିଥାଏ । ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡ଼ିଥାଏ ।

ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନ ବୃଦ୍ଧି ପାଇଁ ବ୍ୟବହାର କରାଯାଉଥିବା ଅପ୍ରାକୃତିକ, ସଂଶ୍ଳେଷିତ ତଥା ସିନ୍ଥେଟିକ ସାର, ପୋକ ଦାଉରୁ ରକ୍ଷାକରିବା ପାଇଁ ବ୍ୟବହାର କରାଯାଉଥିବା କୀଟନାଶକ ଏବଂ ପନିପରିବାକୁ ସଂରକ୍ଷଣ କରିବା ନିମନ୍ତେ ଦିଆଯାଉଥିବା ସଂରକ୍ଷକ କେତେକାଂଶରେ ବିଷାକ୍ତ । ଏସବୁ ବିଷମିଶ୍ରିତ ଖାଦ୍ୟଶସ୍ୟ ଓ ପନିପନିବାର ବ୍ୟବହାରକରି ମନୁଷ୍ୟର ଜୀବନ ସମ୍ଭାବନା ମଧ୍ୟ ହ୍ରାସପାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ଦେଶର ବିଭିନ୍ନ ପ୍ରାନ୍ତରୁ ଖାଦ୍ୟଶସ୍ୟ, ଡାଲିଜାତୀୟ ଶସ୍ୟ, ଦୁଗ୍ଧ ଅଣ୍ଡା ଓ ମାଂସ ଆଦିର ନମୁନା ନିଆଯାଇ ବିଶ୍ଳେଷଣ ଏବଂ ଅନୁଶୀଳନ କରାଯାଇଥିଲା । ଦେଖାଗଲା ଶତକଡ଼ା ୫୦ ଭାଗରୁ ଅଧିକ ନମୁନାରେ ରାସାୟନିକ ବିଷର ଅବଶେଷ ରହିଛି ଓ ସେଥିରୁ ଶତକଡ଼ା ୩୦ ଭାଗ ସହଜ ସୀମାଠାରୁ ଅଧିକ । ଭାରତୀୟ କୃଷି, ଗବେଷଣା ପରିଷଦର ପ୍ରଦତ୍ତ ତଥ୍ୟ ମୁତାବକ ଅନେକତ୍ର ତଟକା ପନିପରିବାରେ ମଧ୍ୟ ପ୍ରୟୋଗ ହୋଇଥିବା ବିଷାକ୍ତ କୀଟନାଶକର ରହିଯାଇଥିବା ଅବଶେଷ ମନୁଷ୍ୟର ସହଜ ସୀମାଠାରୁ ୨୦ ଗୁଣ ଅଧିକ । କୋବି, ଟମାଟୋ, ଭେଣ୍ଡି, ବାଇଗଣ କୌଣସିଟି ଏଥିରୁ ମୁକ୍ତ ନୁହେଁ । କୋବି, ବନ୍ଧାକୋବି, ବାଇଗଣ ଆଦି ପରିବାର ଆକୃତି ବୃଦ୍ଧି କରିବା ନିମନ୍ତେ ହାଇବ୍ରିଡ୍ ବିହନ ବ୍ୟବହାର କରିବା ସହିତ 'ଅକ୍ସିଟୋସିନ' ଇଞ୍ଜେକ୍ସନ ମଧ୍ୟ ଦିଆଯାଉଛି । ଅକ୍ସିଟୋସିନ ଇଞ୍ଜେକ୍ସନ ମଧ୍ୟ ଅଧିକ କ୍ଷୀର ଦେବା ପାଇଁ ଗାଈକୁ ଦିଆଯାଇଥାଏ । ଅଧିକ ଅଣ୍ଡା ଦେବା ପାଇଁ କୁକୁଡ଼ାକୁ ଦିଆଯାଏ । ତରଭୁଜକୁ ଅଧିକ ମିଠା ଓ ଲାଲ କରିବା ପାଇଁ ଅକ୍ସିଟୋସିନ୍ ସାକାରିନ ଇଞ୍ଜେକ୍ସନ ଦିଆଯାଇଥାଏ । ଆମ୍ବ ଓ କଦଳୀକୁ ଶୀଘ୍ର ପାଚିବା ପାଇଁ କାର୍ବାଇଡ୍ ଦିଆଯାଏ । ଫଳ ଶୁଖି ନ ଯିବା ପାଇଁ ଏବଂ ଚିକ୍କଣ ତଟକା ଦେଖାଯିବା ନିମନ୍ତେ ଏହା ଉପରେ 'ୱାକ୍ସ' ବୋଳାଯାଏ । ଆମେରିକାର ଏକ ରିସର୍ଚ୍ଚ ରିପୋର୍ଟରେ ଦର୍ଶାଯାଇଛି, କୃତ୍ରିମ ଏବଂ ଅଣ ଅନୁମୋଦିତ ରଙ୍ଗ, ରାସାୟନିକ ସୁଗନ୍ଧି ଓ କୋକେନ୍ ଆଦି ପଦାର୍ଥ ବଜାରରେ ମିଳୁଥିବା ପାନୀୟ, ଫଳରସ, ଚକୋଲେଟ୍ ଓ ଆଇସ୍‌କ୍ରିମ୍ ଆଦିରେ ଯେଭଳି ମିଶାଯାଉଛି ତାହା ପିଲାମାନଙ୍କର ମାନସିକ ଅସ୍ଥିରତା ଓ ଅତ୍ୟଧିକ ଚଞ୍ଚଳତାର କାରଣ ।

ଭାରତୀୟ ମାର୍କେଟରେ ମିଳୁଥିବା ବିଭିନ୍ନ ବ୍ରାଣ୍ଡର କ୍ଷୀର ହିଁ ସବୁଠାରୁ ଅଧିକ ଅପମିଶ୍ରିତ ବୋଲି ଆମର 'ଫୁଡ୍ ସେଫ୍‌ଟି ଓ ଷ୍ଟାଣ୍ଡାର୍ଡ ଅଥରିଟି'ର ୨୦୧୨ରେ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି । ଅପମିଶ୍ରିତ କ୍ଷୀରରେ ଚକ୍ ପାଉଡର, ୟୁରିଆ ଓ କଷ୍ଟିକ୍ ସୋଡ଼ା ମିଶିଥାଏ । କ୍ଷୀରକୁ ବହଳିଆ କରିବା ପାଇଁ ଏବଂ ସେଥିରେ ପ୍ରୋଟିନ୍ ବା ପୁଷ୍ଟିସାରର ଉପସ୍ଥିତ ଦର୍ଶାଇବା ନିମନ୍ତେ ପାଣି ମିଶ୍ରିତ କ୍ଷୀରରେ 'ମେଲାମାଇନ' ନାମକ ଏକ ଯବକ୍ଷାର ଜାତୀୟ ଯୌଗିକ ବ୍ୟବହାର କରାଯାଇଥାଏ । ୨୦୧୮ରେ କିଛି ସମ୍ବାଦପତ୍ରରେ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଭାରତରେ ବିକ୍ରି କରାଯାଉଥିବା ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟରୁ ୬୮.୭ ପ୍ରତିଶତ ଅପମିଶ୍ରିତ । କାରଣ ଦେଶରେ ମାତ୍ର ୧୪ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବା ବେଳେ ଖର୍ଚ୍ଚ ହେଉଛି ୬୪ କୋଟି ଲିଟର । ତେଲ ଓ ବନସ୍ପତିରେ ମଧ୍ୟ କୃତ୍ରିମ ରସାୟନିକ ସୁଗନ୍ଧି ଓ ରଙ୍ଗ ମିଶାଇ ଏହାକୁ ଖାଣ୍ଟି ସୋରିଷ ତେଲ ବା ଖାଣ୍ଟି ଗୁଆଘିଅ ବୋଲି ପ୍ରତିପାଦିତ କରାଯାଉଛି ।

ଶିଶୁମାନଙ୍କ ପାଇଁ ମିଳୁଥିବା 'ବେବି ଫୁଡ୍' ବା ପ୍ୟାକେଟରେ ମିଳୁଥିବା ଦୁଗ୍ଧ କିପରି ଅପମିଶ୍ରିତ ନ ହେବ, ସେଥିପାଇଁ ଖାଦ୍ୟ ଅପମିଶ୍ରଣ ପ୍ରତିକାର ନିୟମ, ୧୯୫୫ରେ ଯଥେଷ୍ଟ ପ୍ରାବଧାନ ରହିଛି । ତେବେ ବି ୨୦୧୮ ଏପ୍ରିଲରେ କେରଳର କୋଚିରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ପୁଷ୍ଟିସାର ପାଉଡର, ବାସି ଚକୋଲେଟ୍ ଜବତ କରାଯାଇଥିଲା । ମହାରାଷ୍ଟ୍ରରେ ମଧ୍ୟ ବୋତଲରେ ସିଲ୍‌କରି ବିକ୍ରି କରାଯାଉଥିବା ଦୁଗ୍ଧରେ ସହନ ସୀମାଠାରୁ ଅଧିକ କୀଟନାଶକ ରାସାୟନିକ ପଦାର୍ଥର ଉପସ୍ଥିତି ଜଣାପଡ଼ିଥିଲା । ଫାଷ୍ଟ ଫୁଡ୍ 'ମାଗି'ରେ ସ୍ୱାଦ ଆଣିବା ପାଇଁ 'ମନୋ ସୋଡିୟମ୍ ଗ୍ଲୁଟାମେଟ୍' ବ୍ୟବହାର କରାଯାଇଥାଏ, ଯାହା ସ୍ନାୟୁ ଉତ୍ତେଜକ । ପାଉଁରୁଟି, କେକ୍ ପ୍ରଭୃତିରେ ଫଙ୍ଗସ ନ ହେବା ପାଇଁ 'ସୋଡିୟମ' ମିଶ୍ରଣ କରାଯାଇଥାଏ । ଯେକୌଣସି ପ୍ରକାର ସୋଡିୟମ ମିଶ୍ରଣ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ । ଏମିତି ଦେଖିବାକୁ ଗଲେ ଆମେ ଆଜିର ଦିନରେ ଯାହା ସବୁ ଖାଉଛେ ଯଥା: ଧାନ, ଗହମ ବା ବିରି, ମୁଗ ପରି ଡାଲି ଜାତୀୟ ଶସ୍ୟ, ପନିପରିବା, ଫଳ, ଦୁଗ୍ଧ, ଛେନା, ଘିଅ, ପାଉଁରୁଟି କେକ୍, ସସ୍, ଜାମ୍, ଆଚାର କିମ୍ବା ମାଗି ବା ଚିପ୍ସ, ସବୁଥିରେ କିଛି ନା କିଛି ରାସାୟନିକ ଅପମିଶ୍ରଣ ରହିଛି । ଖୋଲା ବଜାରରେ ମିଳୁଥିବା ଏହି ରାସାୟନିକ ବିଷ ମିଶ୍ରିତ ଖାଦ୍ୟକୁ ଆମେ ନୀରବରେ ଗଳାଧଃକରଣ କରି ଚାଲିଛେ । ବିଷର ଚକ୍ରବ୍ୟୂହରୁ ମୁକ୍ତି କାହିଁ ?

**ପୂର୍ବତନ ପରିବେଶ ନିର୍ଦ୍ଦେଶକ, ଓଡ଼ିଶା,**
**ମୋ-୯୪୩୭୦୦୦୯୦୪**

# ଯାତ୍ରାର ଅନ୍ତିମ ପର୍ବ



ସୁପ୍ରଭା ବେହେରା

ଚଳନ୍ତି ଯାନର ଝରକା ଫାଙ୍କରୁ ନୀଳ ଗଗନ, ଭସା ବାଦଲ, ସବୁଜିମା ଭରା ନଦନଦୀ, ଧୂସର ପାହାଡ଼ ଦେଖିବାର ମଜା କିଛି ନିଆରା । ମନ ଉପରେ ତାହା ଏକ ଭିନ୍ନ ପ୍ରଭାବ ପକାଏ । ବିଷାଦ ମନରେ ଭରିଦିଏ ପ୍ରାଣ ପ୍ରାଚୁର୍ଯ୍ୟ । କେବେ କେବେ ଖୁବ୍ ସୁନ୍ଦର ଦୃଶ୍ୟରାଜି ଦେଖି ମନ ବିହ୍ୱଳ ହେଉ ହେଉ ତାହା ପୁଣି ଅଦୃଶ୍ୟ ହୋଇଯାଏ । ଏଠି ଅଳିକରେ ବଦଳି ଯାଉଥାଏ ଦୃଶ୍ୟପଟ । ଚଳମାନ ଅବସ୍ଥାରେ ଅଦୃଶ୍ୟ ହେଉଥିବା ଦୃଶ୍ୟକୁ ଦେଖିବାକୁ ବ୍ୟାକୁଳ ହେଉଥିବା କବିଙ୍କ ମନ ଦିନେ ରେଳଗାଡ଼ିକୁ ଜଣାଇଥିଲା ନିବେଦନ । ବାହାରେ ଚିଲିକାର ନୀଳ ଜଳରାଶି । ଜଳରାଶି ଉପରେ ଛୋଟ ଛୋଟ ଉର୍ମିମାଳା । କଳରାବକରି ଉଡ଼ିଯାଉଥିବା ଦଳ ଦଳ ପକ୍ଷୀ । କବି କିନ୍ତୁ ଏସବୁକୁ ମନଭରି ଦେଖିପାରୁ ନ ଥାନ୍ତି । ରେଳଗାଡ଼ିର ଗତି ଦୃଶ୍ୟକୁ ଅଦୃଶ୍ୟ କରୁଥାଏ । ଉତ୍କଳମଣି ଗୋପବନ୍ଧୁ ଦାସ ସେଦିନ ଲେଖିଲେ-

''ରହ ରହ କ୍ଷଣେ ବାଷ୍ପୀୟ ଶକଟ
ଦେଖିବି ଚିଲିକା ଚାରୁ ଚିତ୍ରପଟ୍ଟ ।''

ଭ୍ରମଣ ଖାଲି ମନରେ ପ୍ରାଣ ପ୍ରାଚୁର୍ଯ୍ୟ ଭରି ଦିଏ ନାହିଁ ଅଧିକନ୍ତୁ ମଣିଷ ମନରେ ଭରିଦିଏ ସୃଜନଶୀଳତା । ସେ ସୃଜନ ସାହିତ୍ୟ, ବିଜ୍ଞାନ, ଗଣିତର ନୂତନ ସୂତ୍ର କିମ୍ବା ଚିତ୍ରକଳା କିଛି ମଧ୍ୟ ହୋଇପାରେ । ଆମର ସାହିତ୍ୟ ଅନେକ ଭ୍ରମଣ କାହାଣୀକୁ ନେଇ ସମୃଦ୍ଧ ଓ ଋଦ୍ଧିମନ୍ତ; ଯାହାକି ମଣିଷକୁ ନୂତନ ସ୍ଥାନର ଭୌଗୋଳିକ, ଐତିହାସିକ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ପୃଷ୍ଠଭୂମି ସମ୍ବନ୍ଧରେ ଧାରଣା ଦେଇଥାଏ ।

ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଚନ୍ଦ୍ରଶେଖର ଭେଙ୍କଟରମଣ ଜଳଯାତ୍ରା କରୁଥାନ୍ତି । ସୁଦୂର ଲଣ୍ଡନରୁ ବମ୍ବେ । ଯାତ୍ରା ସମୟରେ ବିଜ୍ଞାନାଗାରର ଗବେଷଣାରୁ ଅବ୍ୟାହତି ମିଳିଥାଏ । ଆଉ ସବୁବେଳେ ତ ବ୍ୟସ୍ତମୟ ଜୀବନ । ଦୀର୍ଘଦିନର ଜଳଯାତ୍ରା । ଚାରିଆଡ଼େ ସମୁଦ୍ରର ନୀଳ ଜଳରାଶି । ଜାହାଜର ଡେକ୍ ଉପରେ ବସି ବିଶାଳ ସମୁଦ୍ରର ସୌନ୍ଦର୍ଯ୍ୟକୁ ନିରେଖି ନିରେଖି ହଠାତ୍ ବୈଜ୍ଞାନିକଙ୍କ ଅନୁସନ୍ଧିତ୍ସୁ ମନରେ ପ୍ରଶ୍ନ ଆସିଲା- ସମୁଦ୍ରର ଜଳରାଶି ନୀଳ କାହିଁକି ? କିଏ ଲେସି ଦେଇଛି ମେଞ୍ଚାଏ ନୀଳ ରଙ୍ଗ ! ଗ୍ଲାସ୍‌ର ମୁନ୍ଦାଏ ପାଣି ତ କାହିଁ ନୀଳ ଦେଖାଯାଏ ନାହିଁ? ଲାଗି ରହିଲେ ଗବେଷଣାରେ । ଆଉ ସଫଳ ମଧ୍ୟ ହେଲେ । ସାରା ବିଶ୍ୱକୁ ଜଣାଇଲେ ରଞ୍ଜନରଶ୍ମିର ପ୍ରଭାବ । ସମୁଦ୍ରର ସେହି ଜଳଯାତ୍ରା, ତାଙ୍କ ଗବେଷଣାରେ ଆଣିଲା ବିରାଟ ପରିବର୍ତ୍ତନ । ସେ ହେଲେ ନୋବେଲ ପୁରସ୍କାର ବିଜୟୀ ଓ ସାରା ବିଶ୍ୱ ପାଇଁ ଆଣିଲେ ଗର୍ବ ଓ ଗୌରବ ।

ରାମାନୁଜନ ଓ ହାର୍ଡି,୨ଜଣ ବିଶିଷ୍ଟ ଗଣିତଜ୍ଞ ଓ ବନ୍ଧୁ ମଧ୍ୟ । ଥରେ ରାମାନୁଜନଙ୍କ ଦେହ ଖରାପ ହେଲା । ସେ ଡାକ୍ତରଖାନାରେ ଭର୍ତ୍ତି ହେଲେ । ସେତେବେଳେ ସେ ଲଣ୍ଡନରେ ଚିକିତ୍ସିତ ହେଉଥାନ୍ତି । ହାର୍ଡି ତାଙ୍କୁ ଦେଖିବାକୁ ଡାକ୍ତରଖାନା ଟାକ୍ସିରେ ଗଲେ । ଯାତ୍ରା ସମୟରେ ଗାଡ଼ି ପଛରେ ଲେଖାଥିବା



ସଂଖ୍ୟାକୁ ଅନୁଧ୍ୟାନ କରିବା ହାର୍ଡିଙ୍କୁ ଖୁବ୍ ଭଲ ଲାଗେ । ସେହିଦିନ ସେ ଯାଇଥିବା ଟାକ୍ସି ପଛର ସଂଖ୍ୟା ଥିଲା ୧୭୨୯, ଯାହା ତାଙ୍କୁ ଏକ ଅନାକର୍ଷଣୀୟ ସଂଖ୍ୟା ଭଳି ମନେହୋଇଥିଲା । ସେ ଡାକ୍ତରଖାନାରେ ପହଞ୍ଚି ରାମାନୁଜନଙ୍କୁ ଏହା କହିଥିଲେ । ରାମାନୁଜନ ପରେ ଏହି ସଂଖ୍ୟାର ମହତ୍ତ୍ୱ କହିଥିଲେ । ଯାହା ପରବର୍ତ୍ତୀ ସମୟରେ ଗଣିତ ଶାସ୍ତ୍ରରେ ହାର୍ଡି ରାମାନୁଜନ ନମ୍ବର ନାମରେ ଖ୍ୟାତ ହେଲା ।

ଯାତ୍ରାକାଳରେ ଚିତ୍ରକରଟିଏ ମଧ୍ୟ ରୁଣ୍ଡେଇ ଚାଲିଥାଏ ତା' ମନଲାଖି ଛବି ସବୁ । ପ୍ରକୃତିର କୋଳରୁ ଉଠାଇନେଇ ନିଖୁଣ ଭାବରେ କେମିତି ଥୋଇଦେବ ତାହାର କାନ୍‌ଭାସ ଉପରେ । ସେଇ ଚିନ୍ତାରେ ବିଭୋର ଥାଏ । ଏବେ କିନ୍ତୁ ଦୃଶ୍ୟପଟ ବଦଳିଯାଇଛି । ଆମେ କେତେଜଣ ଆଉ ଆତ୍ମହରା ହେଉଛନ୍ତି, ଚଳନ୍ତି ଗାଡ଼ିର ଝରକା ସେପାଖର ଦୃଶ୍ୟ ଦେଖି ? କହିବାକୁ ଗଲେ ସମୟ କାହା ପାଖରେ ଅଛି ? ଆମ ଜୀବନର ଗାଡ଼ି ପରା ଆମେ ଯାତ୍ରା କରୁଥିବା ଗାଡ଼ିର ବେଗଠାରୁ ଅଧିକ ବେଗରେ ଦୌଡ଼ୁଛି । ଆଜ୍ଞା ହଁ ! ଆମ ହାତର ଆଙ୍ଗୁଳି ଚାଳନାରେ ସାରା ବିଶ୍ୱ । ଆଭାସି ଦୁନିଆର ମାୟାରେ ବାୟା । ଗୋଟିଏ ସର୍ବସାଧାରଣ ଯାତ୍ରା କରୁଥିବା ଯାନ ହେଉ ଅବା ଗୋଟିଏ ବ୍ୟକ୍ତିଗତ ଭାବରେ ଯାତ୍ରା କରୁଥିବା ଯାନବାହନ ହେଉ, ତା' ଭିତରର ୮୦% ଲୋକ ଆଭାସି ଦୁନିଆର ପରଦାରେ ମଗ୍ନଥିବେ । କିଏ ଅଫିସ୍‌ର ବାକି କାମ କରୁଛି, କିଏ ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ । ସବୁଠାରୁ ବେଶି ଦୁଃଖଦ ପରିସ୍ଥିତି ସେତେବେଳେ ଆସେ, ଯେତେବେଳେ ନିଜେ ଚାଳକ ମୋବାଇଲରେ ବୁଡ଼ିଯାଏ । ମୋଟର ଯାନ ନିୟନ୍ତ୍ରଣ ନିୟମ ଅନୁସାରେ ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍‌ର ବ୍ୟବହାର ଏକ ଦଣ୍ଡନୀୟ ଅପରାଧ । ଏଥିରେ ଚାଳକକୁ ୫୦୦୦ପର୍ଯ୍ୟନ୍ତ ଟଙ୍କାର ଜରିମାନା ମଧ୍ୟ ରହିଛି । କିନ୍ତୁ ଆଜିର ଯୁବସମାଜ ପାଇଁ ଏହା ଅନ୍ଧକୁ ଆଖିଠାର ପରି । ସେମାନଙ୍କ ପାଇଁ ପ୍ରମୁଖ ଆମୋଦ ହେଲା କାନରେ ମୋବାଇଲ ଫୋନ୍, ହାତରେ କ୍ଷିପ୍ର ବେଗର ଯାନ । ସେମାନଙ୍କୁ ଲାଗେ, ସତେ ଯେମିତି ରାଜରାସ୍ତାରେ ସେମାନେ ସୁପରସୋନିକ ବିମାନ ଚଳାଉଛନ୍ତି ! କେତେ କେତେ ଜୀବନ ପ୍ରଦୀପ ଲିଭିଯାଏ ସେହି କାରଣରୁ । ୨୦୨୧ର ପରିସଂଖ୍ୟାନ ଅନୁସାରେ ଯାତ୍ରା ସମୟରେ ଚାଳକର ମୋବାଇଲ ଫୋନ୍ ବ୍ୟବହାର ଯୋଗୁ ୧୯୯୭ ଟି ଦୁର୍ଘଟଣା ହୋଇ ଅଛି, ଯାହା ସେହି ବର୍ଷ ହୋଇଥିବା ଦୁର୍ଘଟଣାର ୩୧% । ରାଜପଥ ଓ ପରିବହନ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଏହି ଦୁର୍ଘଟଣାରେ ୧୦୪୯ ଜଣଙ୍କର ପ୍ରାଣହାନି ଘଟିଛି । ଯାତ୍ରା ବଳଦଗାଡ଼ିର ହେଉ କିମ୍ବା ବିମାନର, ସେ ଏକ ସୁଖଦ ଓ ରୋମାଞ୍ଚକର ଅନୁଭୂତି ସେତେବେଳେ ହୋଇଥାଏ, ଯେବେ ଆମେ ଝରକା ସେ ପାଖର ଦୃଶ୍ୟକୁ ଉପଭୋଗ କରନ୍ତି । ଆଉ ଝରକା ସେ ପାଖର ଦୃଶ୍ୟ ସବୁଦିନ ପାଇଁ ବିବର୍ଣ୍ଣ ହୋଇଯାଏ, ଯାତ୍ରା ଶେଷ ଯାତ୍ରା ହୋଇଯାଏ, ଯେତେବେଳେ ଚାଳକ ମୋବାଇଲ ଫୋନ୍‌ରେ ବୁଡ଼ିଯାଏ ।

**ମୁକୁନ୍ଦପୁର, ତିହିଡ଼ି, ଭଦ୍ରକ,**
**ମୋ-୯୦୪୦୩୬୦୨୫୯**

## ଏଇ ଭାରତରେ

ଭାରତରେ ମହିଳା ଫୁଟ୍‌ବଲର ଲୋକପ୍ରିୟତା ଏବେ ବଢ଼ିବାରେ ଲାଗିଛି । ମହିଳାମାନଙ୍କ ପୋଷାକ ଉପରେ ବିଭିନ୍ନ ଅଞ୍ଚଳରେ ଥିବା ସାମାଜିକ କଟକଣାକୁ ପଛରେ ପକାଇ ଝିଅମାନେ ଜର୍ସି ପିନ୍ଧି ଖେଳିବାକୁ ବାହାରି ଆସୁଛନ୍ତି । ହେଲେ ପାରମ୍ପରିକ ପୋଷାକର ଛିଟା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ଗ୍ୱାଲିୟରରେ ଅନୁଷ୍ଠିତ ଏକ ୨ଦିନଆ ଫୁଟ୍‌ବଲ ଟୁର୍ନାମେଣ୍ଟରେ । ସେଠାରେ ମହିଳାମାନେ ଜର୍ସି ବଦଳରେ ଶାଢ଼ି ପିନ୍ଧି ଖେଳିଛନ୍ତି । ଏହା ଏକ ସମ୍ପୂର୍ଣ୍ଣ ନିଆରା ଖେଳ, ଯାହା ଦେଖି ଦର୍ଶକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏହି ଦୁଇଦିନିଆ ଟୁର୍ନାମେଣ୍ଟର ନାଁ ଥିଲା 'ଗୋଲ୍ ଇନ୍ ଶାଢ଼ି' । ମହିଳାମାନେ ଶାଢ଼ି ପିନ୍ଧି ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ । ମଧ୍ୟପ୍ରଦେଶରେ ମହିଳା ଫୁଟ୍‌ବଲ ପ୍ରତି ମହିଳାମାନଙ୍କୁ ଆକର୍ଷିତ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିଲା ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି । ଏହି ଟୁର୍ନାମେଣ୍ଟରେ ଗ୍ୱାଲିୟର ମ୍ୟୁନିସିପାଲ କର୍ପୋରେଶନ କମିଶନର କମେଣ୍ଟ୍ରି କରିଥିଲେ ।

## ୨୫ ବର୍ଷ ତଳର ଧରିତ୍ରୀ

୪ ଏପ୍ରିଲ ୧୯୯୮

- ପାକ୍ ପ୍ରଧାନମନ୍ତ୍ରୀ ନୱାଜ ସରିଫ ଓ ତାଙ୍କର ବନ୍ଧୁ ସାଂସଦଙ୍କ ବିରୁଦ୍ଧରେ ଆଗତ ଅଦାଲତ ଅବମାନନା ଅଭିଯୋଗ ସୁପ୍ରିମ୍‌କୋର୍ଟରେ ଖାରଜ ।
- ମଧ୍ୟପ୍ରଦେଶର ସେହୋର ଜିଲା ବେଲାବରୀ ଅଞ୍ଚଳର ଏକ ଗିରିପଥରେ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୩୦୦ ଫୁଟ ତଳକୁ ଖସିପଡ଼ିବାରୁ ୩୦ ଯାତ୍ରୀ ମୃତ ।
- କଣ୍ଠଶିଳ୍ପୀ ତଥା ସଂଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କୁ ମର୍ଯ୍ୟାଦାପୂର୍ଣ୍ଣ 'ଜୟଦେବ ପୁରସ୍କାର' ପ୍ରଦାନ ।

## ଚିରନ୍ତନୀ

ଅଳତା ପରେ ରାଜେ ନାଗରା
ଚରମ ତୁମେ ଚାରୁ ଘାଗରା
ପୃଷ୍ଠ ବେଣୀ ପରେ ସକଳ ବାଣୀ ମରେ
କୁଟିଳ କଟୀ ପୁଣି ମେଖଳା ।

-(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଗହମ ଓ କିରୋସିନ ଉପଲବ୍ଧ ହେଉ

ମହାଶୟ,

ଦେଶରେ ପ୍ରତ୍ୟେକେ କାର୍ଡଧାରୀ ହୁଅନ୍ତୁ ବା ଅନ୍ୟମାନେ ବଞ୍ଚିବାର ସମସ୍ତଙ୍କର ଅଧିକାର ଅଛି । କେନ୍ଦ୍ରରେ ଭାଜପା ସରକାର ଆସିବା ଦିନଠାରୁ ଏହା ଉପରେ କଟକଣା କରାଯାଇ ସର୍ବସାଧାରଣ ଲୋକଙ୍କୁ ଉପହାସ କରାଯାଇଛି । କାର୍ଡଧାରୀଙ୍କୁ କିଲୋଗ୍ରାମ ପ୍ରତି ଏକ ଟଙ୍କାରେ ଗହମ ଓ କିରୋସିନ ଯୋଗାଯାଇଛି, ଯାହାକି ଅନ୍ୟମାନଙ୍କ ପାଇଁ ଅନ୍ୟାୟ କରାଯାଇଛି । ସେମାନେ ଏକ ଟଙ୍କାରେ ଗହମ ନେଇ ଅନ୍ୟମାନଙ୍କୁ ୨୦ ଟଙ୍କାରେ ବିକୁଛନ୍ତି । ସାଧାରଣ ଲୋକ କ'ଣ ଗହମ ବା କିରୋସିନ ପାଇଁ ହକ୍‌ଦାର ନୁହନ୍ତି ? ଅଧିକ ଦର ହେଉ ପଛେ ସରକାର ଜନମତ ନିଅନ୍ତୁ, ବିନା କାର୍ଡଧାରୀ ବା ସାଧାରଣ ଜନତାଙ୍କ ପାଇଁ ଗହମ ଓ କିରୋସିନ ଦେବାର ବ୍ୟବସ୍ଥା କରନ୍ତୁ । ଗଣତନ୍ତ୍ର ଦେଶରେ ସମସ୍ତଙ୍କର ସମାନ ଅଧିକାର ଥିଲେ ମଧ୍ୟ କେନ୍ଦ୍ର ସରକାର ସର୍ବସାଧାରଙ୍କ ପ୍ରତି ଏଭଳି ବୈମାତୃକ ମନୋଭାବ ପରିହାର କରନ୍ତୁ ।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ସୌମ୍ୟରଞ୍ଜନ


@ ଅନିଲ


@ ଶେଷଦେବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁନରୁଦ୍ଧାର ହେଉନି ଜଳଉସ୍ସ

## ଭୂତଳ ଜଳସ୍ତର ହ୍ରାସ ପାଉଛି

**ସୋନପୁର,୩।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗଭୀର ନଳକୂପ ଖୋଳି ଲୋକେ ରବିଋତୁରେ ଧାନ ଚାଷ କରୁଛନ୍ତି। ଧାନଚାଷରେ ଅଧିକ ଜଳ ଆବଶ୍ୟକ ହେଉଥିବାରୁ ଭୂତଳ ଜଳସ୍ତର ହ୍ରାସ ପାଉଛି। ଜିଲାରେ ତାତି ବଢିବା ସହିତ ଆଭ୍ୟନ୍ତରୀଣ ଅଞ୍ଚଳରେ ଜଳ ସଙ୍କଟ ଆରମ୍ଭ ହେଲାଣି। ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଥିବା ପୁରାତନ ଜଳଉସ୍ସଗୁଡିକ ଠିକ୍ ଭାବରେ ପୁନରୁଦ୍ଧାର ହେଉନି। ତେଣୁ ଗ୍ରୀଷ୍ମଋତୁରେ ପ୍ରତିବର୍ଷ ଜିଲାରେ ଜଳକଷ୍ଟ ଦେଖାଯାଉଛି। ଏପ୍ରିଲ ମାସ ଆରମ୍ଭରୁ ତାତି ଅସମ୍ଭାଳ ହେଲାଣି। ୨୦୨୨ରେ ସୋନପୁର ସହର ଦେଶର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଥିଲା। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା।

ସୁବର୍ଣ୍ଣପୁର ପୌରାଞ୍ଚଳରେ ରାଜାରାଜୁଡା ଅମଳରୁ ୫୦ରୁ ଊର୍ଦ୍ଧ୍ୱ ଛୋଟ ବଡ ଜଳ ଉତ୍ସ ଥିଲା। ସେଗୁଡିକୁ ପୁନରୁଦ୍ଧାର ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଜଳଉସ୍ସଗୁଡିକ ପୋତି ହୋଇଗଲାଣି। ଫଳରେ କେବଳ ଜନସାଧାରଣ ନୁହେଁ ପଶୁପକ୍ଷୀ ମଧ୍ୟ ଜଳକଷ୍ଟରୁ ରକ୍ଷା ପାଇ ପାରିନାହାନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ସହିତ ଜଳକଷ୍ଟ ଯୋଗୁଁ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହୋଇଛି।

ଜିଲାରେ ପଞ୍ଚାୟତ ପୋଖରୀ ସଂଖ୍ୟା ୩ ହଜାର ୭୮୮ଟି, ବେସରକାରୀ ପୋଖରୀ ସଂଖ୍ୟା ୫୬୨ଟି, ରାଜସ୍ୱ ବିଭାଗ ଅଧିନରେ ୨୨୯ଟି, କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ ୩୪ଟି ଏହିପରି ମୋଟ ୪ ହଜାର ୬୪୨ଟି ପୋଖରୀ ଅଛି । ଏହି ସମସ୍ତ ପୋଖରୀ ୧୧୧୬୮/୭୫୪ ଏକର ଅଟେ। ସେହିଭଳି ଜିଲାର ମଧ୍ୟ ଭାଗ ଦେଇ ମହାନଦୀ, ତେଲ ନଦୀ, ଅଙ୍ଗନଦୀ, ନିବୃତ୍ତି ଯୋର ଓ ସୁକତେଲ ନଦୀ ଏବଂ ଅନେକ ଯୋର, ନାଳ ପ୍ରବାହିତ ହେଉଛି। ଠେଙ୍ଗୋ ଭଳି ମଧ୍ୟମ ଜଳସେଚନ ପ୍ରକଳ୍ପ ରହିଛି। ତେବେ ନଦୀଗୁଡିକରେ ଜଳ ପ୍ରବାହ ହ୍ରାସ ପାଇଥିବା ବେଳେ ପୋଖରୀଗୁଡିକରେ ଜଳସ୍ତର କମିଛି। ପ୍ରତିବର୍ଷ ଗ୍ରାମାଞ୍ଚଳରେ ପୋଖରୀ ଗୁଡିକର ପୁନରୁଦ୍ଧାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ବିଶେଷ କରି ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ଜଳଉସ୍ସ ଗୁଡିକର ଉନ୍ନତି କରାଯାଉଛି। ମାତ୍ର ଏହି ଅର୍ଥର ସଦ୍‌ବିନିଯୋଗ ହେଉ ନଥିବାରୁ ପୋଖରୀ ଗୁଡିକର ଉନ୍ନତି ହୋଇପାରୁନି। ଗ୍ରୀଷ୍ମଋତୁରେ ଜିଲାର ଅଧିକାଂଶ ପୋଖରୀ ଶୁଖିଲା ପଡୁଛି। ଅନ୍ୟପକ୍ଷେ ଶତାଧିକ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଭୂତଳ ଜଳ ଉତ୍ତୋଳନ କରାଯାଉଛି। ଏହି ଜଳକୁ ରବିଋତୁରେ ଧାନ ଚାଷରେ ବ୍ୟବହାର କରାଯାଉଛି। ଫଳରେ ଭୂତଳ ଜଳସ୍ତର ହ୍ରାସ ପାଉଛି। ଜିଲାରେ ୨୯୨ଟି ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଥିବା ବେଳେ ଜଳସ୍ତର ହ୍ରାସ ଯୋଗୁଁ କିଛି ପ୍ରକଳ୍ପ ଅଚଳ ହୋଇ ପଡିଥିବା ଅଭିଯୋଗ ହେଉଛି। ସେହିପରି ଜିଲାରେ ୮ ହଜାର ୫୮୧ଟି ନଳକୂପ ଥିବା ବେଳେ କେତେକ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ତେଣୁ ଗ୍ରାମାଞ୍ଚଳରେ ଜଳକଷ୍ଟ ଅଧିକ ଗୁରୁତର ହେବା ଆଶଙ୍କା ସୃଷ୍ଟି କରିଛି। ଜିଲାର ପ୍ରାୟ ୪୨ ପ୍ରତିଶତ ଗାଁକୁ ପାନୀୟ ଜଳ ଯୋଗାଣ କରା ଯାଇଥିବା ସରକାରୀ ଭାବେ କୁହାଯାଉଛି । ଏବେ ବି ଜିଲାର ୫୮ ପ୍ରତିଶତ ଗ୍ରାମବାସୀ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ବିନିକା, ଡୁଙ୍ଗୁରିପାଲି ଓ ତରଭା ବ୍ଲକରେ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବା ବେଳେ ତାହା ମନ୍ଥର ଗତିରେ ଚାଲିଛି। ଏବେ ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି । ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳ ଉଲୁଣ୍ଡା, ବୀରମହାରାଜପୁର, ତରଭା, ବିନିକା, ସୋନପୁର ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ଥିବା ଗ୍ରାମ ଗୁଡିକରେ ଜଳକଷ୍ଟ ଆରମ୍ଭ ହେଲାଣି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ଗ୍ରାମାଞ୍ଚଳରେ ଶୁଖିଲା ପଡିଥିବା ଏକ ଜଳାଶୟ ।

# ପାଚିକା ପଦ ପୂରଣ ଦାବିରେ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

**ବୌଦ୍ଧ, ୩।୪(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର କୁସଙ୍ଗ ପଞ୍ଚାୟତ ଅନ୍ତର୍ଗତ ଭାଗାମୁଣ୍ଡା ଗ୍ରାମର ପୁରୁଷ ଓ ମହିଳାମାନେ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ସୋମବାର ତାଲା ପକାଇଥିଲେ। ଗ୍ରାମର ଅଧିବାସୀମାନଙ୍କ କହିବା ମୁତାବକ ଦୀର୍ଘ ୮ମାସ ହେବ ଏଠାରେ ପାଚିକା ବୟସ ପାଇଁ ଅବସର ନେଇ ସାରିଛନ୍ତି। ସେଥିପାଇଁ ଗ୍ରାମର ପୁରୁଷ ଓ ମହିଳାମାନଙ୍କ ଦ୍ୱାରା ନିଜ ଗ୍ରାମର ଜଣେ ସ୍ଥାନୀୟ ମହିଳାଙ୍କୁ ଚୟନ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଏହାର ସ୍ଥାୟୀ ନିଯୁକ୍ତି ହୋଇପାରୁନାହିଁ। ଏବିଷୟରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଗ୍ରାମର ଅଭିଭାବକଙ୍କ ଦ୍ୱାରା ବାରମ୍ବାର ଜିଲାପାଳ ଓ ହରଭଙ୍ଗା ସିଡିପିଓଙ୍କୁ ଅଭିଯୋଗ କଲାପରେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ଆହୁରି ମଧ୍ୟ ଗ୍ରାମର ଅଧିବାସୀଙ୍କ କହିବା ମୁତାବକ ହରଭଙ୍ଗା ସିଡିପିଓ ଅନ୍ୟ ଜଣକୁ ନିଯୁକ୍ତି ଚାହୁଁଛନ୍ତି। ସେଥିପାଇଁ ଗ୍ରାମର ମହିଳା ଓ ପୁରୁଷମାନେ ବାଧ୍ୟ ହୋଇ ନିଜଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଛନ୍ତି। ଯଦି ଏହି ଅଭିଯୋଗର ସମାଧାନ ନ ହୁଏ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ବନ୍ଦ ରଖିବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଗ୍ରାମବାସୀ।

## ବସ୍ କର୍ମଚାରୀଙ୍କ ଖାମଖିଆଲି ନୀତି

# ଚାଲିଗଲା ଯାତ୍ରୀଙ୍କ ଜୀବନ

**ନୂଆପଡ଼ା ଅଫିସ,୩।୪:** ନୂଆପଡା ଜିଲା ସଦର ମହକୁମାସ୍ଥିତ ଏକତା ଛକଠାରେ ସୋମବାର ସକାଳେ ଏକ ଅଭାବନୀୟ ଘଟଣା ଘଟି ଯାଇଛି। ଏକ ଘରୋଇ ବସ୍ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବରଗଡ ଜିଲା ପାଇକମାଲ ଥାନା ଛେତେଙ୍ଗା ଗ୍ରାମର ମହେନ୍ଦ୍ର ପଟେଲ (୩୪)। ପ୍ରାପ୍ତ ସୂଚନା ମୁତାବକ ଏକ ଘରୋଇ ବସ୍ ଯୋଗେ ମହେନ୍ଦ୍ର କୌଣସି କାମରେ ଭୋର ସକାଳୁ ରାୟପୁର ଯାଉଥିଲେ। ନୂଆପଡା ପହଞ୍ଚିବା ପୂର୍ବରୁ ବରତୁଣ୍ଡା ନିକଟରେ ସେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ସହିତ ସିଟରେ ବସିଥିବା ଜଣେ ବ୍ୟକ୍ତି ବସ୍ କର୍ମଚାରୀଙ୍କୁ ଜଣାଇଥିଲେ। ହେଲେ ବସ କର୍ମଚାରୀ ନୂଆପଡାରେ ଓହ୍ଲାଇବାକୁ ଦେବୁ ବୋଲି କହିଥିଲେ। ନୂଆପଡା ଏକତା ଛକରେ ଛାଡି ପଳାଇ ଯାଇଥିଲେ। ସେଠାରେ ମହେନ୍ଦ୍ର ଛଟପଟ ହୋଇ ପ୍ରାୟ ଅଧା ଘଣ୍ଟା ପଡି ରହିବା ପରେ ଚେତାଶୂନ୍ୟ ହୋଇ ଯାଇଥିଇଲେ। ନୂଆପଡା ଥାନା ପୋଲିସ ଖବର ପାଇ ମହେନ୍ଦ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକତା ଛକଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ମାତ୍ର ୧୦୦ ମିଟର ଦୂର। ବସ୍ କର୍ମଚାରୀ ଚାହିଁଥିଲେ ଚିକିତ୍ସାଳୟକୁ ପହଞ୍ଚାଇ ପାରିଥାନ୍ତା ଏବଂ ଏକ ଜୀବନ ବଞ୍ଚିଯାଇ ପାରିଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ସରକାରଙ୍କ ନିୟମ ଅନୁସାରେ ଘରୋଇ ବସ ମାଲିକମାନେ ଚଳାଉ ନାହାନ୍ତି। ବସ୍‌ରେ କୌଣସି ସୁବିଧା ନାହିଁ। ନିଜ ମନମୁତାବକ ଚଳାଉଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।

# ଟ୍ରକ ଯାଞ୍ଚ ବେଳେ ନାକେଦମ ହେଲେ ପରିବହନ କର୍ମଚାରୀ

**ଲୋଇସିଂହା, ୩।୪(ଡି.ଏନ.ଏ)**

ଯାନବାହାନ ଯାଞ୍ଚବେଳେ ଏକ ଟ୍ରକକୁ ରବିବାର ରାତିରେ ଅଟକାଇ ସୁବର୍ଣ୍ଣପୁର ଜିଲା ଆଞ୍ଚଳିକ ପରିବହନ ବିଭାଗକୁ ନାକେଦମ ହେବାକୁ ପଡିଛି। ଶେଷରେ ସବୁକିଛି ଠିକ୍‌ଠାକ ଥିବାରୁ ଡ୍ରାଇଭରଙ୍କୁ ଗାଡି ହସ୍ତାନ୍ତର କରାଯାଇଥିବା ଲୋଇସିଂହା ଥାନା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି।

ବଲାଙ୍ଗୀର- ସୋନପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଅଗ୍ନିଶମ କାର୍ଯ୍ୟାଳୟ ଆଗରେ ରବିବାର ରାତିରେ ଯାନବାହାନ ଯାଞ୍ଚ ଚାଲିଥିଲା। ରାତି ପ୍ରାୟ ୧୨ଟାରେ ବରଗଡ ପଟୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ମାର୍ବଲ ବୋଝେଇ ଟ୍ରକ(ଆରଜେ୨୪ଜିଏ୫୦୨୯)କୁ ଅଟକାଇ ବିଭାଗ ପକ୍ଷରୁ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଗାଡିରେ ଓଭରଲୋଡ ଥିବା ଡ୍ରାଇଭରଙ୍କୁ କୁହାଯାଇଥିଲା। ହେଲେ ଡ୍ରାଇଭର ଓଭରଲୋଡ ନାହିଁ ବୋଲି କହିଥିଲେ। ମାପ ପାଇଁ ସୋନପୁରକୁ ଗାଡି ନେବାକୁ କୁହାଯାଇଥିଲା। ହେଲେ ତନଖିସ୍ଥଳରୁ ସୋନପୁରର ଦୂରତା ୬୦ କିମି ଦୂର ଥିବାରୁ ଡ୍ରାଇଭର ରାଜି ଗାଡି ନେବାକୁ ରାଜି ହୋଇ ନ ଥିଲେ। ରାତି ପ୍ରାୟ ୩ଟାରେ ପାଖରେ ମାପ କରିଦେବାକୁ କହି ଟ୍ରକକୁ ଲୋଇସିଂହା ଥାନା ଅନ୍ତର୍ଗତ ଆଗଲାପାଲିର ଏକ କ୍ରଶରକୁ ନେବାକୁ ଡ୍ରାଇଭରଙ୍କୁ କୁହାଯାଇଥିଲା। ୨୦କିମି ବୁର୍ଡା ଛକ ପର୍ଯ୍ୟନ୍ତ ଆସିଲା ପରେ ଡ୍ରାଇଭର ପରିଶ୍ରା ବାହାନରେ ଗାଡିରୁ ଓହ୍ଲାଇ କୁଆଡେ ଚାଲିଯାଇଥିଲେ। ସକାଳେ ସମ୍ପୃକ୍ତ ଡ୍ରାଇଭର ବୁର୍ଡାଛକରେ ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଲୋକଙ୍କୁ ଜଣାଇ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ । ସମ୍ପୃକ୍ତ କ୍ରଶରରେ ଲୋଡିଂ ଗାଡି ମାପ କରିବା ପରେ ଓଜନ ଠିକ୍ ଥିବା ଜଣାପଡିଥିଲା । ଶେଷରେ ପରିବହନ କର୍ମଚାରୀ ଡ୍ରାଇଭରଙ୍କୁ ଖୋଜାଖୋଜି କରି ଲୋଇସିଂହା ଥାନାରେ ଟ୍ରକ ଗାଡି ହସ୍ତାନ୍ତର କରିଥିବା ଜଣାଯାଇଛି।

**ଚକ୍ରଧରପୁର ଡିଭିଜନ ଅଧୀନସ୍ଥ ଷ୍ଟେଶନଗୁଡ଼ିକରେ ସ୍ୱୟଂଚାଳିତ ଟିକେଟ ବିକ୍ରୟ ମେଶିନ (ଏଟିଭିଏମ୍)ରେ ମୁତୟନ ହେବା ଲାଗି ସୁବିଧାକାରୀଙ୍କ ନିଯୁକ୍ତି**

ଅଧିସୂଚନା: ସିଓଏମ୍‌ଏମ୍‌ଏଲ୍.୮୦/ୟୁଟିଏସ୍/ଏଟିଭିଏମ୍-ଫାସିଲିଟେଟର/୦୩.୨୩ ତାରିଖ: ୩୧।୦୩।୨୦୨୩

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଏଟିଭିଏମ୍‌ଗୁଡ଼ିକରେ ସୁବିଧାକାରୀଙ୍କ ନିଯୁକ୍ତି ଲାଗି ଜନସାଧାରଣଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି । ସ୍ମାର୍ଟ କାର୍ଡ ବ୍ୟବହାର କରି ଏଟିଭିଏମ୍ ଟିକେଟ ଜାରି କରିବା ନିମନ୍ତେ ସୁବିଧାକାରୀଙ୍କୁ ନିୟୋଜିତ କରିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି । ମନୋନୀତ ପ୍ରାର୍ଥୀମାନଙ୍କୁ କାର୍ଯ୍ୟ ଆରମ୍ଭ କରିବା ତାରିଖଠାରୁ ତା୩୧।୦୧।୨୦୨୪ରିଖରେ ସମାପ୍ତ ହେଉଥିବା ଅବଧି ପର୍ଯ୍ୟନ୍ତ ଏଟିଭିଏମ୍ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ୍ ଜାରି କରିବାକୁ ସୁବିଧାଜନକ କରିବା ଲାଗି ଚକ୍ରଧରପୁର ଡିଭିଜନ ଅଧୀନସ୍ଥ ନାମିତ ଷ୍ଟେଶନଗୁଡ଼ିକରେ ସୁବିଧାକାରୀ ଭାବେ କାମ କରିବାକୁ ଅନୁମତି ମିଳିବ । ଦରଖାସ୍ତ ଫର୍ମକୁ ସମସ୍ତ ସଂଲଗ୍ନକ ସହିତ ଜଉମୁଦଦିଆ ଲଫାପାରେ ଆବଶ୍ୟକତା ଅନୁଯାୟୀ ନିର୍ଦ୍ଧାରିତ ଫର୍ମାଟରେ ପକାଯିବା ଆବଶ୍ୟକ । ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଡିଭିଜନରେ ପ୍ରମୁଖ ଷ୍ଟେଶନଗୁଡ଼ିକରେ ସ୍ଥାପନ କରାଯାଇଥିବା ଏଟିଭିଏମ୍‌ଗୁଡ଼ିକ ମାଧ୍ୟମରେ ଟିକେଟ ଜାରି କରିବା ନିମନ୍ତେ ସୁବିଧାକାରୀଙ୍କ ନିୟୋଜନ କରିବାର ପ୍ରସ୍ତାବ ରହିଛି । ଷ୍ଟେଶନ ଏବଂ ସୁବିଧାକାରୀଙ୍କ ସଂଖ୍ୟା ତଳେ ଦିଆଗଲା:

| କ୍ର.ସଂ. | ଅବସ୍ଥିତିର ନାମ | ଷ୍ଟେଶନର ବର୍ଗ | ଆବଶ୍ୟକ ସୁବିଧାକାରୀଙ୍କ ସଂଖ୍ୟା |
|---|---|---|---|
| ୧ | ଟାଟା | ଏନ୍‌ଏସ୍‌ଜି-୨ | ୦୧ (ଏକ) |
| ୨ | ସିକେପି | ଏନ୍‌ଏସ୍‌ଜି-୪ | ୦୧ (ଏକ) |
| ୩ | ଆରଓୟୁ | ଏନ୍‌ଏସ୍‌ଜି-୩ | ୦୧ (ଏକ) |
| ୪ | ଜେଏସ୍‌ଜି | ଏନ୍‌ଏସ୍‌ଜି-୩ | ୦୨ (ଦୁଇ) |

**ପ୍ରାକ୍-ଯୋଗ୍ୟତା ମାନଦଣ୍ଡ:** (i) ଆବେଦନକାରୀ ସମ୍ପୃକ୍ତ ଷ୍ଟେଶନ ତଥା ଯେଉଁ ସ୍ଥାନ ପାଇଁ ଏଟିଭିଏମ୍ ସୁବିଧାକାରୀଙ୍କ ନିୟୋଜନ ହେବା ଅଛି ସେହି ଜିଲ୍ଲାର ସ୍ଥାନୀୟ ବାସିନ୍ଦା ହୋଇଥିବା ଆବଶ୍ୟକ । (ii) ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ କମ୍ ହୋଇ ନ ଥିବା ଏବଂ ସେ ମାଟ୍ରିକ କିମ୍ବା ସମତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । (iii) ସୁବିଧାକାରୀ ଭାବେ ନିୟୋଜିତ ହେବା ପୂର୍ବରୁ ଆବେଦନକାରୀଙ୍କୁ ସ୍ଥାନୀୟ ଥାନାରୁ ଏକ ପ୍ରମାଣପତ୍ର ଦାଖଲ କରିବାକୁ ହେବ ଯେ, ତାଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ବିଚାରାଧୀନ ନାହିଁ । ଜଉମୁଦଦିଆ ଲଫାପାକୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡରବାକ୍ସରେ ତା୨୫।୦୪।୨୦୨୩ରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ୧୩.୩୦ ଘଟିକା ମଧ୍ୟରେ ପକାଯିବା ଆବଶ୍ୟକ । ଟେଣ୍ଡର ବାକ୍ସକୁ ନାମାଙ୍କିତ ପଦାଧିକାରୀଙ୍କ ଦ୍ୱାରା ସେହିଦିନ ଠିକ୍ ୧୫.୩୦ ଘଟିକାରେ ଖୋଲାଯିବ । ବିବରଣୀ ପାଇଁ ଦକ୍ଷିଣ ପୂର୍ବ ରେଳପଥ ୱେବ୍‌ସାଇଟ୍ www.ser.indianrailways.gov.in ପରିଦର୍ଶନ କରନ୍ତୁ ।

(PR-03) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

OMC | ODISHA NEW OPPORTUNITIES
Mining Happiness
**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**SHORT NOTICE**
(For Sale of unsold ore produced by ex-lessees in the auctioned mines in Odisha under Koira & Joda Mining Circle)

**No.CAD-03:** The Odisha Mining Corporation Ltd. intends to Sale the unsold ore produced by ex-lessees in the auctioned mines in Odisha under Koira & Joda Mining Circle through National e-auction which will be conducted by MSTC Ltd. The e-auction shall be held from 11.00 AM to 2.00 PM on dt. 10.04.2023.

For details, please visit the website of MSTC i.e **www.mstcecommerce.com**

OIPR-30005/11/0001/2324 **General Manager (S&M)**

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
At-Ambapua, Po-Engineering School, Near Income Tax Office, Berhampur-760011
(E-mail:serwbpr2004@yahoo.com, Tel/Fax:0680-2404287)
No. e-tender//1699//RWC//BAM// Dated, 31.03.2023
1st Corrigendum to Bid Identification No.Online Tender/83-2022-23/BPR

**No.O-02:** Due to unavoidable circumstances the tender for the work "Construction of Bridge over Ghodahada Nallah at 0.410 Km on Bhalia-jhola to Nua Jayanagar road in the District of Ganjam under BSY. (Span 5 x 30.64m)" for the above bid identification is hereby cancelled.
All other contents will remain unchanged.

Sd./- Chief Construction Engineer
R.W.Circle, Berhampur
OIPR-25071/11/0002/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P. H. DIVISION, CUTTACK**
e-mail Id:eephctcii@gmail.com, sephdctc521@gmail.com
e-procurement Notice for Bid identification No. SEPH-DIVISION, CTC- 91 of 2022-23
No.C-1

1. Name of the work :- 1 No of P.H. Work
2. Estimated cost :- Rs.231.53 Lakhs
3. Period of completion :- 2 Months
4. Date & time of availability of bid document in the portal :- From 11.00 AM of 05.04.2023 to 5.00 PM of 19.04.2023
5. Last date/time of receipt of bids in the portal :- 5.00 PM of 19.04.2023
6. Date & time of opening of bids :- 11.00 AM of 20.04.2023
7. Name and address of the Officer Inviting Bid :- The Superintending Engineer, P.H. Division, Cuttack-753004, Odisha, Ph. (0671) 2979063, email :-eephctcii@gmail.com sephdctc521@gmail.com

Further details can be seen from e-procurement portal **https://www.tendersodisha.gov.in**

Sd./- Superintending Engineer
P.H.Division, Cuttack
OIPR-13225/11/0001/2324

E.mail: vimsarsuptd@gmail.com
**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT,VSS INSTITUTE OF MEDICAL SCIENCES & RESEARCH. BURLA, (SAMBALPUR) ODISHA-768017**
Telephone No. 0663-2430738 Fax No,0663-2430435
No.9491/VIMSAR Dated, Burla, the 31st April,2023

**TENDER CALL NOTICE**

**No.E-03:** Sealed Tenders are hereby invited by the undersigned from reputed Manufacturer/Authorized Dealers and Registered firms under GST Act for Annual Maintenance of the Diesel Generators of different makes and capacities along with their control panels available in this Institution, so as to reach this office of the Superintendent, VSS Institute of Medical Sciences & Research, Burla on or before dt 03.05.2023 upto 01.00 P.M. through Regd. Post/Speed Post/Couriers only to the office of the Superintendent, VSS Institute of Medical Sciences & Research, Burla and this will be opened at 12.30 P.M, in the next working day. The tenderer may attend the office at the time of opening of the tenders. The postal/courier delay is the responsibility of the tenderers.

The detail list of Generators atong with terms and conditions of this Tender Call Notice can be downloaded from Dist website www.Sambalpur.nic.in The tenderers should go through the detail terms & conditions before participating.

**The undersigned/committee reserves the full right to accept in full or reject any or all the tenders without assigning any reasons thereof.**

Sd./- Superintendent
VSS Inst. of Med. Sc. & Research, Burla
OIPR-10187/11/0002/2324

See Career Appointment on every Wednesday & Saturday

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No.CAD-10: **TENDER ALERT**

1)**Tender Call Notice No.28/2022-23:** Construction of earthing at 100 numbers of EHT Towers in 400kV Mendhasal-Meramundali DC Line under EHT O&M Division, Mendhasal under EHT O&M Circle, Bhubaneswar.
2) **E-Tender Call Notice No.09/BBS/2022-23:** Provision of wire mesh fencing for 220 kV and 33 kV switchyard at 220/33 kV Grid S/S, Nayagarh under EHT O&M Division, Khurda under EHT O&M Circle, Bhubaneswar.
3)**E-Tender Call Notice No.10/BBS/2022-23:** Provision of wire mesh fencing for 132kV and 33kV switchyard with PCC between 33kV Assotech feeder and 33kV Ranasinghpur ODSSP feeder at 132/33kV Grid S/S Ranasinghpur under EHT O&M Division, Bhubaneswar under EHT O&M Circle, Bhubaneswar.
4)**E-Tender Call Notice No.11/BBS/2022-23:** Provision of wire mesh fencing for 132kV and 33kV switchyard at 132/33kV Grid S/S, Khurda under EHT O&M Division, Khurda under EHT O&M Circle, Bhubaneswar.
5)**E-Tender Call Notice No.BRL.69/2022-23:** Construction of 220kV RCC Cable trench and casting & laying of RCC cable trench slabs for SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.
6)**E-Tender Call Notice No.BRL-72/2022-23:** Construction of 132kV RCC Cable trench and casting & laying of RCC cable trench slabs for SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.
7)**E-Tender Call Notice No.BRL-73/2022-23:** Construction of 33kV RCC Cable trench and casting & laying of RCC cable trench slabs for SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.
8)**Tender Call Notice No.GM/TEL/MRM/AC/TENDER-02/2022-23:** Supply, Installation & Commissioning of 07 Numbers of 1.5 Ton 3 star split type Air Conditioner with 07 numbers of 4KVA Stabilizer at Telecom Circle, Meramundali and Telecom Division, Meramundali.
9)**Tender Call Notice No.02/2023/24:** Hiring diesel run commercial registered vehicle AC Swift Dzire or Equivalent for use at Telecom Division, OPTCL Sambalpur/Lapanga under Telecommunication Division Sambalpur.
10)**Tender Call Notice No.13/2022-23:** Replacement of disc insulator by long rod insulators at different 132kV bays at 132/33kV Grid S/S Nimapara under EHT O&M Division Puri.
11) **Tender Call Notice.EHT(C)/T/10/2022-23:** Supply and installation of dynamic bird flight diverter (LED type) in 220kV Bolangir Kesinga DC Line under EHT Construction Circle, Sambalpur.
12)**Tender Call Notice.EHT(C)/T/9/2022-23:** Supply and fixing of anti climbing device with barbed wire and GI spikes in 220kV Bolangir-Kesinga DC Line under EHT Construction Circle, Sambalpur.
13) **Tender Call Notice No 01/2023-24:** Engagement of vehicle diesel version of Bolero Non-AC 7 seater or Equivalent on monthly basis for use of SDO, E&MR Sub-Division, Kesinga under E&MR Division, Balangir.

For more details please visit OPTCL's official website: **www.optcl.co.in.**
OIPR-04011/11/0001/2324 FIPR-86/2022-23

**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC)**
**RAYAGADA DISTRICT, Phone : 9438200057**
**District Website : www.rayagada.nic.in**

**Tender No. 617** **Dt-03.04.2023**

District Manager, Odisha State Civil Supplies Corporation Ltd., **Rayagada** invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of (i)**Level-I** Transport Contractor for transportation of foodgrains from FSD, FCI to RRCs (ii) **Level-II** Transport Contractor for transportation of foodgrains from RRCs to Retail Centers (FPS) (iii) **Handling** Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha for the biennial Year 2023-25 |
| 2 | Availability of bid document in the portal | From **04.04.2023** |
| 3 | Last Date / Time for receipt of bids in the portal | Dt. **19.04.2023** up to **5.30 PM** |
| 4 | Date/Time of Opening of Technical Bid | Dt. **20.04.2023** at **11.00 AM** |
| 5 | Name and address of the Officer Inviting Tender | District Manager, OSCSC Ltd., **Rayagada** |

Tender Documents & other details can be seen from the e-procurement portal **www.oscsc.in, www.foododisha.in** & **www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/- District Manager,
OSCSC Ltd., Rayagada

## ସଂକ୍ଷେପରେ

### ମହାବୀର ଜୟନ୍ତୀ ପାଇଁ ଶୋଭାଯାତ୍ରା

ରାଉରକେଲା ଅଫିସ,୩।୪

ରାଉରକେଲା ଜୈନ ସମାଜ ତରଫରୁ ସୋମବାର ମହାବୀର ଜୟନ୍ତୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅମର ଭବନ ସମ୍ମୁଖରୁ ସକାଳ ୧୦ଟାରେ ଶୋଭାଯାତ୍ରା ହୋଇଥିଲା। ଏଥିରେ ଦିଗମ୍ବର ଓ ଶ୍ୱେତାମ୍ବର ଜୈନ ସମାଜର ହଜାର ହଜାର ସଂଖ୍ୟକ ମହିଳା ପୁରୁଷ ଓ ଯୁବକ ସାମିଲ ହୋଇଥିଲେ। ଶୋଭାଯାତ୍ରା ଅମର ଭବନରୁ ମଧୁସୂଦନ ଛକ ଏବଂ ପାୱାର ହାଉସ୍ ମୁଖ୍ୟ ମାର୍ଗଦେଇ ବିଶ୍ରା ଡାହାର ସ୍ଥିତ ଜୈନ ମନ୍ଦିର ଯାଏ ଯାଇଥିଲା। ଦିଗମ୍ବର ଜୈନ ସମାଜ ଅଧ୍ୟକ୍ଷ ପବନ କୁମାର ଜୈନ, ସମ୍ପାଦକ ସୁରେନ୍ଦ୍ର ଜୈନ, ଶ୍ୱେତାମ୍ବର ଜୈନ ସମାଜ ଅଧ୍ୟକ୍ଷ ଛଗନଲାଲ ଜୈନ, ସମ୍ପାଦକ ଦୀନେଶ ଗିରିୟା ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ରାଉରକେଲାର ବିକାଶ ପାଇଁ ଦାୟିତ୍ୱବୋଧ ଆବଶ୍ୟକ

ରାଉରକେଲା ଅଫିସ,୩।୪

ରାଉରକେଲା ସିଭିକ୍ ସେଣ୍ଟରରେ ସୋମବାର ଏୟୁସିଟି ସଂସ୍ଥା ଆନୁକୂଲ୍ୟରେ ଆମ ରାଉରକେଲା ଗ୍ରାଣ୍ଡ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏୟୁସିଟି ସଭାନେତ୍ରୀ ରାଜଲକ୍ଷ୍ମୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାନପୋଷ ସହକାରୀ ଜିଲାପାଳ ଅଭିମନ୍ୟୁ ମାଝୀ, ଚାମ୍ବର ଅଫ୍ କମର୍ସର ସଭାପତି ସୁବ୍ରତ ପଟ୍ଟନାୟକ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ, ଡେପୁଟି କମିଶନର ରୋନିତ କୁମାର, ଜାତୀୟ ଟ୍ରାନ୍ସଜେଣ୍ଡର କାଉନସିଲ୍‌ର ପ୍ରମୁଖ ସଦସ୍ୟ ମୀରା ପରିଡା, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ରାଉରକେଲା ସମବାୟ ବ୍ୟାଙ୍କ ସଭାପତି ଦିଲୀପ ମହାପାତ୍ର ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ରାଉରକେଲାର ବିକାଶ ଆଗେଇ ଚାଲିଛି ଆହୁରି ଆଗେଇବ। ମାତ୍ର ଏଥିପାଇଁ ମହିଳା ଶକ୍ତି ଓ ନାଗରିକ ଦାୟିତ୍ୱବୋଧ ବୃଦ୍ଧି ହେବା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହାସହ ସହରର ଉନ୍ନତି ପାଇଁ ବିଦ୍ୟୁତ୍, ପାନୀୟ, ଗୃହ ସହିତ ବିଭିନ୍ନ ରାଜସ୍ୱ ଶୁଳ୍କ ଠିକ୍ ସମୟରେ ପୈଠ କରିବା ଜରୁରୀ ବୋଲି ସେମାନେ କହିଥିଲେ। ଜିଲା ତଥା ରାଜ୍ୟ ବାହାରରୁ ୫ଶହରୁ ଊର୍ଦ୍ଧ୍ୱ ନାଗରିକ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାୟ ୧୦୦ଟି ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଏଥିରେ ଅଂଶଗ୍ରହଣ କରି ତାଙ୍କ ମୂଲ୍ୟବାନ ଅଭିଜ୍ଞତା ବାଣ୍ଟିଥିଲେ। ମହିଳା ଶକ୍ତି ଜାଗରଣ ପାଇଁ ସର୍ଜନ ଡାକ୍ତର ପୂଜା ପତି, ଓଏମ୍ଏସ୍ଇଟିର ଚେୟାରପର୍ସନ ସନ୍ଧ୍ୟାରାଣୀ ପତି, ରିମ୍ସର ଚେୟାରପର୍ସନ ନଳିନୀପ୍ରଭା ପଟ୍ଟନାୟକ, ନିହାରିକା ବସ୍ତିଆ, ମହିଳା ସାମାଜିକ କର୍ମୀ ସୁମନ ଜଲୱାନି ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ତଥା ନୃତ୍ୟଶିଳ୍ପୀ ପଦ୍ମିନୀ ପାଣିଗ୍ରାହୀ ଏଥିରେ ସାମିଲ ହୋଇ ନିଜ ନିଜ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତାରେ ମନୋନିତ ୩୦ରୁ ଅଧିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ପ୍ରାୟ ୫୦ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଭିନେତା ପୁଷ୍ପକ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏୟୁସିଟିର ପ୍ରମୁଖ ସଦସ୍ୟ ଗଣେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋନ୍ ନାଁରେ ଲୁଟିନେଲେ ୧୭ ହଜାର

ରାଉରକେଲା ଅଫିସ,୩।୪

ଜଣେ ବ୍ୟକ୍ତିଙ୍କୁ ଲୋନ୍ କରାଇଦେବାକୁ କହି ତାଙ୍କଠାରୁ ଟଙ୍କା ଲୁଟ୍ ହୋଇଥିବା ନେଇ ପ୍ଲାଣ୍ଟସାଇଟ ଥାନାରେ ସୋମବାର ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡିଜେଲ କଲୋନୀ ଛକର ଜୟଗୋପାଳ ମଣ୍ଡଳଙ୍କର ରାଉରକେଲା ବିଶ୍ରା ଛକ ଏସ୍‌ବିଆଇ ବ୍ୟାଙ୍କରେ ଏକ ସେଭିଙ୍ଗ୍‌ସ ଆକାଉଣ୍ଟ ରହିଛି। ଗତ ରବିବାର ସନ୍ଧ୍ୟା ସାଢେ ୬ଟାରେ ତାଙ୍କ ମୋବାଇଲକୁ ନଂ.୮୬୧୭୦୨୮୫୦୩ରୁ ଏକ କଲ୍ ଆସିଥିଲା। ଜୟଗୋପାଳ ଉକ୍ତ ନମ୍ବରରେ ଲୋନ ସମ୍ବନ୍ଧୀୟ କଥା ହେଉଥିବାବେଳେ ହଠାତ ତାଙ୍କ ଆକାଉଣ୍ଟରୁ ୧୭ ହଜାର ୫ଶହ ଟଙ୍କା କଟିଯାଇଥିଲା। ଏତେ ଟଙ୍କା କଟିଯିବାରୁ ସେ ବ୍ୟାଙ୍କର ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କୁ କୌଣସି ସହାୟତା ମିଳି ନ ଥିଲା। ଫଳରେ ସୋମବାର ସକାଳ ସାଢେ ୧୦ଟାରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଏବଂ ପରେ ଏସ୍‌ବିଆଇ ମ୍ୟାନେଜରଙ୍କୁ ଭେଟି ଏ ନେଇ ଅବଗତ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ଆର୍‌ଏମ୍‌ସି ଆୟୁକ୍ତଙ୍କୁ ସ୍ମାରକପତ୍ର ପ୍ରଦାନ


ଆର୍‌ଏମ୍‌ସି ଆୟୁକ୍ତଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ରାଉରକେଲା ଅଫିସ,୩।୪

### ଉଷା ସର୍ଭେରେ ଆଦିବାସୀଙ୍କୁ ସୁଫଳ ମିଳୁନି

ଉଷା ସର୍ଭେରେ ଆଦିବାସୀମାନଙ୍କୁ କୌଣସି ସୁଫଳ ମିଳି ନ ଥିବା ଦର୍ଶାଇ ସୁନ୍ଦରଗଡ ଜିଲା ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚ ପକ୍ଷରୁ ସୋମବାର ଆର୍‌ଏମ୍‌ସି ଆୟୁକ୍ତଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ସୁନ୍ଦରଗଡ ଜିଲା ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚ ସମେତ ଚମ୍ପାଟୋଲୀ, ଟୁଙ୍ଗୁରୁଟୋଲି, ବନ୍ଦପୋଷ, ଉଡଡୁମ୍, ବାଲୁଘାଟ, ଜଗଦା, ଝାଡତରଙ୍ଗ ଗ୍ରାମପଞ୍ଚାୟତର ଜନସାଧାରଣ ସାମିଲ ହୋଇଥିଲେ। ସଙ୍ଗଠନର ଲେଥା ତିର୍କୀଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ଷ୍ଟିଲ ମେଲ୍ଟିଂ ସପ୍-୨ ବିଭାଗକୁ ଚାମ୍ପିୟନ ଟ୍ରଫି

ରାଉରକେଲା ଅଫିସ,୩।୪

୨୦୨୧-୨୨ ଆର୍ଥିକ ବର୍ଷରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ଆର୍‌ଏସ୍‌ପି ଷ୍ଟିଲ ମେଲ୍ଟିଂ ସପ୍-୨ ବିଭାଗକୁ ଚାମ୍ପିୟନ ଟ୍ରଫି ମିଳିଛି। ସେହିପରି ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗକୁ ରନର୍ସ ଟ୍ରଫି ମିଳିଛି। ଏ ନେଇ ଅନୁଷ୍ଠିତ ବାର୍ଷିକ ନିଷ୍ପାଦନ ସମୀକ୍ଷା ବୈଠକରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ କାରଖାନାର ଗୋପବନ୍ଧୁ ପ୍ରେକ୍ଷାଳୟରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଉତ୍କର୍ଷ ପ୍ରଦର୍ଶନ ଓ ଉଲ୍ଲେଖନୀୟ ସଫଳତା ମାଧ୍ୟମରେ କମ୍ପାନୀକୁ ୨୦୨୨-୨୩ ଆର୍ଥିକ ବର୍ଷରେ ନୂତନ ଶିଖରରେ ପହଞ୍ଚାଇବା ପାଇଁ ପ୍ରାଇମେରୀ ଜୋନ୍, ଷ୍ଟିଲ ଓ ଆନୁଷଙ୍ଗିକ ଜୋନ୍, ମିଲ ଜୋନ୍ ଏବଂ ସେବା ବିଭାଗ ସହ ଓଡିଶା ଖଣି ସମୂହଙ୍କୁ ସେମାନଙ୍କ ଯୋଗଦାନ ସ୍ୱୀକୃତି ସ୍ୱରୂପ ଉତ୍କୃଷ୍ଟ ପ୍ରଦର୍ଶନ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ପ୍ରାଇମେରୀ ଜୋନ ସିଣ୍ଟରିଙ୍ଗ ପ୍ଲାଣ୍ଟକୁ ୧ମ ପୁରସ୍କାର, କଞ୍ଚାମାଲ ପ୍ରବନ୍ଧନ ବିଭାଗ ୨ୟ ପୁରସ୍କାର ଲାଭ କରିଛନ୍ତି। ସେହିପରି ଷ୍ଟିଲ ଓ ଆନୁଷଙ୍ଗିକ ଜୋନ୍‌ରୁ ବ୍ଲାଷ୍ଟ ଫର୍ନେସ ବିଭାଗକୁ ୧ମ ପୁରସ୍କାର, ଷ୍ଟିଲ ମେଲ୍ଟିଂ ସପ-୧ ବିଭାଗକୁ ୨ୟ ପୁରସ୍କାର ମିଳିଛି। ମିଲ୍ ବିଭାଗରୁ ନୂତନ ପ୍ଲେଟ ମିଲ ୧ମ, କୋଲ୍ଡ ରୋଲିଂ ମିଲ୍ ଦ୍ୱିତୀୟ, ସେବା ବିଭାଗରୁ ଟ୍ରାଫିକ ଓ କଞ୍ଚାମାଲ ବିଭାଗ ପ୍ରଥମ, ପିପିସିକୁ ଦ୍ୱିତୀୟ ଏବଂ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସରୁ କାଲ୍ଟା ଲୌହ ଖଣିକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି।


ସପ୍-୨ ବିଭାଗକୁ ଟ୍ରଫି ଓ ପ୍ରାମାଣିକ ପତ୍ର ପ୍ରଦାନ କରାଯାଉଛି।

# ସାମାହାନ୍ ପ୍ରକଳ୍ପ ଉଦ୍‌ଘାଟିତ


ସାମାହାନ ପ୍ରକଳ୍ପ ଉଦ୍‌ଘାଟନ ବୈଠକରେ ଉପସ୍ଥିତ ବରିଷ୍ଠ ଅଧିକାରୀଗଣ।

**ରାଉରକେଲା ଅଫିସ,୩।୪:** ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ପାଇଁ ଏସ୍‌ଏପି କାର୍ଯ୍ୟାନ୍ୱୟନ ପଦକ୍ଷେପ ପ୍ରୋଜେକ୍ଟ ସାମାହାନ୍‌କୁ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଓ ଅର୍ଥ ବିଭାଗ ନିର୍ଦ୍ଦେଶକ ଏ. କେ. ତୁଲସିଆନି ସୋମବାର ଡିଆଇସିଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ କାର୍ମିକ ଏବଂ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ଖଣି ବିଭାଗର ସିଜିଏମ୍ ଇନଚାର୍ଜ ପି. କେ. ରଥ, ସେବା ବିଭାଗର ସିଜିଏମ୍ ଇନଚାର୍ଜ ଦେବବ୍ରତ ଦତ୍ତ, ବିତ୍ତ ଓ ଲେଖା ବିଭାଗ ସିଜିଏମ ଇନଚାର୍ଜ ଏସ. କେ. ନାୟକ, ସି ଏଣ୍ଡ ଆଇଟି ବିଭାଗର ସିଜିଏମ କୌଶଳ ସେନଗୁପ୍ତା, ପରାମର୍ଶଦାତା ମେସର୍ସ ଏର୍ଣ୍ଣଷ୍ଟ ଏଣ୍ଡ ୟଙ୍ଗ୍‌ର ନିର୍ଦ୍ଦେଶକ ରାଜେଶ ଯଶୱାଲ ଓ କାରଖାନା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ତଥା ଏସ୍‌ଏପି କୋର ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ସେଲ୍ କର୍ପୋରେଟ ଅଫିସ ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. ନିଗମ, ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସର ବରସୁଆଁ ଓ ବଲାଣି ଲୌହଖଣି ମୁଖ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀଗଣ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଏଥିସହ ଡିଆଇସି ଏସ୍‌ଡି ମଡ୍ୟୁଲକୁ ଉଦ୍‌ଘାଟନ କରିଥିଲେ। ତୁଲସିଆନା ବରସୁଆ ଲୌହଖଣିରୁ ଆର୍‌ଏସପିକୁ ଲୁହାପଥର ଚାଲାଣ ନିମନ୍ତେ ଇନ୍‌ଭଏସ ଏସ୍‌ଏପି ସିଷ୍ଟମ ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ବ୍ୟବସ୍ଥାକୁ ସେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏ.କେ. ବେହୁରିଆ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରକଳ୍ପ ସାମାହାନର ସାରଣୀ ସମ୍ବନ୍ଧରେ ସିଜିଏମ୍ ଏସ. କେ. ନାୟକ ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲେ। ଅର୍ଥ ବିଭାଗର ଜିଏମ୍ ଏନ୍. କେ. ରାଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପଧାନପାଲିରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ରାଉରକେଲା ଅଫିସ,୩।୪

ରାଉରକେଲା ହ୍ୟୁମାନିଟି ଫାଉଣ୍ଡେଶନ ପକ୍ଷରୁ ପଧାନପାଲି ଶିଶୁଭବନ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମଧୁମେହ, ରକ୍ତଚାପ, କାଶ, ଥଣ୍ଡା, ହାତ ଓ ଗୋଡ ପୀଡା ଆଦି ରୋଗର ଯାଞ୍ଚ ସହ ପରୀକ୍ଷା କରାଯାଇଥିଲା। ଜେପି ହସ୍ପିଟାଲର ଡାକ୍ତର ସଂଗ୍ରାମ ସାମଲ ଏବଂ ଚୈତନ୍ୟ ବାଳ ପାଣ୍ଡେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀମାନଙ୍କୁ ଜରୁରୀ ଔଷଧ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିମଳ ବିଶି, ସୁରେଶ ଶର୍ମା, ଉପେନ୍ଦ୍ର ସିଂ, ଅନିତା ଅଗ୍ରୱାଲ, ବେଣୁଧର କୁମ୍ଭାର, ଜୋୟା ତ୍ରିପାଠୀ, ଭାରତ ଭୂଷଣ ମହାନ୍ତି, ବିପ୍ଳବ ରଞ୍ଜନ ଦାଶ ଏବଂ ବସନ୍ତ ଦାଶଙ୍କୁ ସଙ୍ଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ଦୀପ୍ତି ସୁନ୍ଦରାୟ ଓ କଲ୍ୟାଣୀ ଦାସ ଶିବିର ପରିଚାଳନା କରିଥିବା ବେଳେ ସୁରେଶ ନନ୍ଦ ସହଯୋଗ କରିଥିଲେ।



ଶିବିରରେ ଜଣେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

### ପ୍ରଧାନମନ୍ତ୍ରୀ ପୁରସ୍କାରପ୍ରାପ୍ତ ଯୁବକ ସମ୍ମାନିତ

ରାଉରକେଲା ଅଫିସ,୩।୪

ରାଉରକେଲା ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ସୋମବାର ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଜି-୨୦ ସମିତି ୨୦୨୩ର ପ୍ରଧାନମନ୍ତ୍ରୀ ଯୁବ ଗ୍ରନ୍ଥକର୍ତ୍ତା ପୁରସ୍କାରପ୍ରାପ୍ତ ଯୁବକ ଓମ୍ ପ୍ରିୟଦର୍ଶନୀ ଛୋଟରାୟଙ୍କୁ ଦଳ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ଜେନା, ଫର୍ଟିଲାଇଜର ମଣ୍ଡଳ ସଭାପତି ସନ୍ତୋଷ ଦାସଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

**ଚକ୍ରଧରପୁର ଡିଭିଜନ ଅଧୀନସ୍ଥ ଷ୍ଟେଶନଗୁଡ଼ିକରେ ସ୍ୱୟଂଚାଳିତ ଟିକେଟ ବିକ୍ରୟ ମେଶିନ (ଏଟିଭିଏମ୍)ରେ ମୁତୟନ ହେବା ଲାଗି ସୁବିଧାକାରୀଙ୍କ ନିଯୁକ୍ତି**

ଅଧିସୂଚନା: ସିଓଏମ୍ଏମ୍ଏଲ୍.୮୦/ୟୁଟିଏସ୍/ଏଟିଭିଏମ୍-ଫାସିଲିଟେଟର୍/୦୩.୨୩ ତାରିଖ: ୩୧।୦୩।୨୦୨୩

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଏଟିଭିଏମ୍‌ଗୁଡ଼ିକରେ ସୁବିଧାକାରୀଙ୍କ ନିଯୁକ୍ତି ଲାଗି ଜନସାଧାରଣଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି । ସ୍ମାର୍ଟ କାର୍ଡ ବ୍ୟବହାର କରି ଏଟିଭିଏମ୍ ଟିକେଟ ଜାରି କରିବା ନିମନ୍ତେ ସୁବିଧାକାରୀଙ୍କୁ ନିୟୋଜିତ କରିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି । ମନୋନୀତ ପ୍ରାର୍ଥୀମାନଙ୍କୁ କାର୍ଯ୍ୟ ଆରମ୍ଭ କରିବା ତାରିଖଠାରୁ ତା୩୧।୦୧।୨୦୨୪ରିଖରେ ସମାପ୍ତ ହେଉଥିବା ଅବଧି ପର୍ଯ୍ୟନ୍ତ ଏଟିଭିଏମ୍ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ୍ ଜାରି କରିବାକୁ ସୁବିଧାଜନକ କରିବା ଲାଗି ଚକ୍ରଧରପୁର ଡିଭିଜନ ଅଧୀନସ୍ଥ ନାମିତ ଷ୍ଟେଶନଗୁଡ଼ିକରେ ସୁବିଧାକାରୀ ଭାବେ କାମ କରିବାକୁ ଅନୁମତି ମିଳିବ । ଦରଖାସ୍ତ ଫର୍ମକୁ ସମସ୍ତ ସଂଲଗ୍ନକ ସହିତ କଉମୁଦଦିଆ ଲଫାପାରେ ଆବଶ୍ୟକତା ଅନୁଯାୟୀ ନିର୍ଦ୍ଧାରିତ ଫର୍ମାଟରେ ପକାଯିବା ଆବଶ୍ୟକ । ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଡିଭିଜନରେ ପ୍ରମୁଖ ଷ୍ଟେଶନଗୁଡ଼ିକରେ ସ୍ଥାପନ କରାଯାଇଥିବା ଏଟିଭିଏମ୍‌ଗୁଡ଼ିକ ମାଧ୍ୟମରେ ଟିକେଟ ଜାରି କରିବା ନିମନ୍ତେ ସୁବିଧାକାରୀଙ୍କ ନିୟୋଜନ କରିବାର ପ୍ରସ୍ତାବ ରହିଛି । ଷ୍ଟେଶନ ଏବଂ ସୁବିଧାକାରୀଙ୍କ ସଂଖ୍ୟା ତଳେ ଦିଆଗଲା:

| କ୍ର.ସଂ. | ଅବସ୍ଥିତିର ନାମ | ଷ୍ଟେଶନର ବର୍ଗ | ଆବଶ୍ୟକ ସୁବିଧାକାରୀଙ୍କ ସଂଖ୍ୟା |
|---|---|---|---|
| ୧ | ଟାଟା | ଏନ୍ଏସ୍‌ଜି-୨ | ୦୧ (ଏକ) |
| ୨ | ସିକେପି | ଏନ୍ଏସ୍‌ଜି-୪ | ୦୧ (ଏକ) |
| ୩ | ଆରଓୟୁ | ଏନ୍ଏସ୍‌ଜି-୩ | ୦୧ (ଏକ) |
| ୪ | ଜେଏସ୍‌ଜି | ଏନ୍ଏସ୍‌ଜି-୩ | ୦୨ (ଦୁଇ) |

**ପ୍ରାକ୍-ଯୋଗ୍ୟତା ମାନଦଣ୍ଡ:** (i) ଆବେଦନକାରୀ ସମ୍ପୃକ୍ତ ଷ୍ଟେଶନ ତଥା ଯେଉଁ ସ୍ଥାନ ପାଇଁ ଏଟିଭିଏମ୍ ସୁବିଧାକାରୀଙ୍କ ନିୟୋଜନ ହେବା ଅଛି ସେହି ଜିଲ୍ଲାର ସ୍ଥାନୀୟ ବାସିନ୍ଦା ହୋଇଥିବା ଆବଶ୍ୟକ । (ii) ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ କମ୍ ହୋଇ ନ ଥିବା ଏବଂ ସେ ମାଟ୍ରିକ କିମ୍ବା ସମତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । (iii) ସୁବିଧାକାରୀ ଭାବେ ନିୟୋଜିତ ହେବା ପୂର୍ବରୁ ଆବେଦନକାରୀଙ୍କୁ ସ୍ଥାନୀୟ ଥାନାରୁ ଏକ ପ୍ରମାଣପତ୍ର ଦାଖଲ କରିବାକୁ ହେବ ଯେ, ତାଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ବିଚାରାଧୀନ ନାହିଁ । କଉମୁଦଦିଆ ଲଫାପାକୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡରବାକ୍ସରେ **ତା୨୫।୦୪।୨୦୨୩ରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ୧୩.୩୦ ଘଟିକା** ମଧ୍ୟରେ ପକାଯିବା ଆବଶ୍ୟକ । ଟେଣ୍ଡର ବାକ୍ସକୁ ନାମାଙ୍କିତ ପଦାଧିକାରୀଙ୍କ ଦ୍ୱାରା ସେହିଦିନ ଠିକ୍ ୧୫.୩୦ ଘଟିକାରେ ଖୋଲାଯିବ । ବିବରଣୀ ପାଇଁ ଦକ୍ଷିଣ ପୂର୍ବ ରେଳପଥ ୱେବ୍‌ସାଇଟ୍ **www.ser.indianrailways.gov.in** ପରିଦର୍ଶନ କରନ୍ତୁ ।

(PR-03) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

OMC | ODISHA NEW OPPORTUNITIES
Mining Happiness

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**SHORT NOTICE**
**(For Sale of unsold ore produced by ex-lessees in the auctioned mines in Odisha under Koira & Joda Mining Circle)**

**No.CAD-03:** The Odisha Mining Corporation Ltd. intends to Sale the unsold ore produced by ex-lessees in the auctioned mines in Odisha under Koira & Joda Mining Circle through National e-auction which will be conducted by MSTC Ltd. The e-auction shall be held from 11.00 AM to 2.00 PM on dt. 10.04.2023.

For details, please visit the website of MSTC i.e **www.mstcecommerce.com**

OIPR-30005/11/0001/2324 **General Manager (S&M)**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P. H. DIVISION, CUTTACK**
**e-mail Id:eephctcii@gmail.com, sephdctc521@gmail.com**
**e-procurement Notice for Bid identification No. SEPH-DIVISION, CTC- 91 of 2022-23**
**No.C-1**

1. Name of the work :- 1 No of P.H. Work
2. Estimated cost :- Rs.231.53 Lakhs
3. Period of completion :- 2 Months
4. Date & time of availability of bid document in the portal :- From 11.00 AM of 05.04.2023 to 5.00 PM of 19.04.2023
5. Last date/time of receipt of bids in the portal :- 5.00 PM of 19.04.2023
6. Date & time of opening of bids :- 11.00 AM of 20.04.2023
7. Name and address of the Officer Inviting Bid :- The Superintending Engineer, P.H. Division, Cuttack-753004, Odisha, Ph. (0671) 2979063, email :-eephctcii@gmail.com sephdctc521@gmail.com

Further details can be seen from e-procurement portal **https://www.tendersodisha.gov.in**

**Sd./- Superintending Engineer**
**P.H.Division, Cuttack**
**OIPR-13225/11/0001/2324**

**E.mail: vimsarsuptd@gmail.com**
**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT,VSS INSTITUTE OF MEDICAL SCIENCES & RESEARCH. BURLA, (SAMBALPUR) ODISHA-768017**
**Telephone No. 0663-2430738 Fax No,0663-2430435**
**No.9491/VIMSAR Dated, Burla, the 31st April,2023**

**TENDER CALL NOTICE**

**No.E-03:** Sealed Tenders are hereby invited by the undersigned from reputed Manufacturer/Authorized Dealers and Registered firms under GST Act for Annual Maintenance of the Diesel Generators of different makes and capacities along with their control panels available in this Institution, so as to reach this office of the Superintendent, VSS Institute of Medical Sciences & Research, Burla on or before dt 03.05.2023 upto 01.00 P.M. through Regd. Post/Speed Post/Couriers only to the office of the Superintendent, VSS Institute of Medical Sciences & Research, Burla and this will be opened at 12.30 P.M. in the next working day. The tenderer may attend the office at the time of opening of the tenders. The postal/courier delay is the responsibility of the tenderers.

The detail list of Generators along with terms and conditions of this Tender Call Notice can be downloaded from Dist website www.Sambalpur.nic.in The tenderers should go through the detail terms & conditions before participating.

**The undersigned/committee reserves the full right to accept in full or reject any or all the tenders without assigning any reasons thereof.**

**Sd./- Superintendent**
**VSS Inst. of Med. Sc. & Research, Burla**
**OIPR-10187/11/0002/2324**

See Career Appointment on every Wednesday & Saturday

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
At-Ambapua, Po-Engineering School, Near Income Tax Office, Berhampur-760011
(E-mail:serwbpr2004@yahoo.com, Tel/Fax:0680-2404287)
No. e-tender//1699//RWC//BAM// Dated, 31.03.2023
1st Corrigendum to Bid Identification No.Online Tender/83-2022-23/BPR

**No.O-02:** Due to unavoidable circumstances the tender for the work "Construction of Bridge over Ghodahada Nallah at 0.410 Km on Bhalia-jhola to Nua Jayanagar road in the District of Ganjam under BSY. (Span 5 x 30.64m)" for the above bid identification is hereby cancelled.
All other contents will remain unchanged.

**Sd./- Chief Construction Engineer**
**R.W.Circle, Berhampur**
**OIPR-25071/11/0002/2324**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553
Lifeline of Odisha

No.CAD-10: **TENDER ALERT**

1) **Tender Call Notice No.28/2022-23:** Construction of earthing at 100 numbers of EHT Towers in 400kV Mendhasal-Meramundali DC Line under EHT O&M Division, Mendhasal under EHT O&M Circle, Bhubaneswar.
2) **E-Tender Call Notice No.09/BBS/2022-23:** Provision of wire mesh fencing for 220 kV and 33 kV switchyard at 220/33 kV Grid S/S, Nayagarh under EHT O&M Division, Khurda under EHT O&M Circle, Bhubaneswar.
3) **E-Tender Call Notice No.10/BBS/2022-23:** Provision of wire mesh fencing for 132kV and 33kV switchyard with PCC between 33kV Assotech feeder and 33kV Ranasinghpur ODSSP feeder at 132/33kV Grid S/S Ranasinghpur under EHT O&M Division, Bhubaneswar under EHT O&M Circle, Bhubaneswar.
4) **E-Tender Call Notice No.11/BBS/2022-23:** Provision of wire mesh fencing for 132kV and 33kV switchyard at 132/33kV Grid S/S, Khurda under EHT O&M Division, Khurda under EHT O&M Circle, Bhubaneswar.
5) **E-Tender Call Notice No.BRL.69/2022-23:** Construction of 220kV RCC Cable trench and casting & laying of RCC cable trench slabs for SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.
6) **E-Tender Call Notice No.BRL-72/2022-23:** Construction of 132kV RCC Cable trench and casting & laying of RCC cable trench slabs for SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.
7) **E-Tender Call Notice No.BRL-73/2022-23:** Construction of 33kV RCC Cable trench and casting & laying of RCC cable trench slabs for SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.
8) **Tender Call Notice No.GM/TEL/MRM/AC/TENDER-02/2022-23:** Supply, Installation & Commissioning of 07 Numbers of 1.5 Ton 3 star split type Air Conditioner with 07 numbers of 4KVA Stabilizer at Telecom Circle, Meramundali and Telecom Division, Meramundali.
9) **Tender Call Notice No.02/2023/24:** Hiring diesel run commercial registered vehicle AC Swift Dzire or Equivalent for use at Telecom Division, OPTCL Sambalpur/Lapanga under Telecommunication Division Sambalpur.
10) **Tender Call Notice No.13/2022-23:** Replacement of disc insulator by long rod insulators at different 132kV bays at 132/33kV Grid S/S Nimapara under EHT O&M Division Puri.
11) **Tender Call Notice.EHT(C)/T/10/2022-23:** Supply and installation of dynamic bird flight diverter (LED type) in 220kV Bolangir Kesinga DC Line under EHT Construction Circle, Sambalpur.
12) **Tender Call Notice.EHT(C)/T/9/2022-23:** Supply and fixing of anti climbing device with barbed wire and GI spikes in 220kV Bolangir-Kesinga DC Line under EHT Construction Circle, Sambalpur.
13) **Tender Call Notice No 01/2023-24:** Engagement of vehicle diesel version of Bolero Non-AC 7 seater or Equivalent on monthly basis for use of SDO, E&MR Sub-Division, Kesinga under E&MR Division, Balangir.

For more details please visit OPTCL's official website: **www.optcl.co.in**.
**OIPR-04011/11/0001/2324** **FIPR-86/2022-23**

**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC)**
**RAYAGADA DISTRICT, Phone : 9438200057**
**District Website : www.rayagada.nic.in**

**Tender No. 617** **Dt-03.04.2023**

District Manager, Odisha State Civil Supplies Corporation Ltd., **Rayagada** invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) **Level-II** Transport Contractor for transportation of foodgrains from RRCs to Retail Centers (FPS) (iii) **Handling** Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha for the biennial Year 2023-25 |
| 2 | Availability of bid document in the portal | From **04.04.2023** |
| 3 | Last Date / Time for receipt of bids in the portal | Dt. **19.04.2023** up to **5.30 PM** |
| 4 | Date/Time of Opening of Technical Bid | Dt. **20.04.2023** at **11.00 AM** |
| 5 | Name and address of the Officer Inviting Tender | District Manager, OSCSC Ltd., **Rayagada** |

Tender Documents & other details can be seen from the e-procurement portal **www.oscsc.in, www.foododisha.in** & **www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd/- District Manager,**
**OSCSC Ltd., Rayagada**

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ୪ ଗୁରୁତର



ଖଡ଼ିଆଳ,୩।୪(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଗୋଡ଼ଧୁ ଆପଦର ଗ୍ରାମରେ ମହୁମାଛି ଆକ୍ରମଣରେ ପରିବାରର ୪ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉନ୍ନତି ଘଟିଛି। ସମସ୍ତେ ସୁସ୍ଥ ଥିବା ପରିବାର ପକ୍ଷରୁ ପ୍ରକାଶ। ହୃଦା ପଣ୍ଡା ଏବଂ ତାଙ୍କ ଦୁଇ ନାତି ବିରିଘାଟ ଗ୍ରାମସ୍ଥିତ ସୁନ୍ଦର ନଦୀ ଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ଫେରୁ ଥିବାବେଳେ ମହୁମାଛି ଆକ୍ରମଣ କରିଥିଲେ। ଫଳରେ ହୃଦା ପଣ୍ଡା ଏବଂ ତାଙ୍କ ଅଢେଇ ବର୍ଷର ଦୁଇ ନାତି ନାତୁଣୀଙ୍କୁ ମହୁ ମାଛି ଆକ୍ରମଣ କରିଥିଲା। ଫଳରେ ଗୋଟିଏ ପରିବାର ୪ଜଣ ଗୁରୁତର ହୋଇଥିଲେ।

### ବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ର, ଟ୍ରଷ୍ଟକୁ ସ୍ୱାଗତ

ଖଡ଼ିଆଳ,୩।୪(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଏସଟି ଏକ୍ସ ଭିଆର ପବ୍ଲିକ ସ୍କୁଲ ପରିସରରେ ନୂତନ ଶ୍ରେଣୀରେ ପ୍ରବେଶ କରୁଥିବା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ କର୍ମକର୍ତ୍ତା ସ୍ୱାଗତ କରିଥିଲେ। ବିଦ୍ୟାଳୟ ଟ୍ରଷ୍ଟର ସଦସ୍ୟ ମଧ ପରିବର୍ତ୍ତନ ହୋଇଥିବାରୁ ନୂତନ ନିର୍ଦ୍ଦେଶକ ପ୍ରବୀଣ ରଞ୍ଜନ ଠାକୁର୍ ଓ ନୂତନ ସଦସ୍ୟ ଜିତେନ୍ଦ୍ର ରାଉତରାୟ, ପ୍ରିୟଦର୍ଶିନୀ ଠାକୁର୍, ପ୍ରଭଞ୍ଜନ ଠାକୁର, ମୀନାକ୍ଷୀ ଦଣ୍ଡସେନା (ପ୍ରିନ୍ସିପଲ)ଙ୍କୁ ମଧ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟ ନୂତନ ନିର୍ଦ୍ଦେଶକ, ସଦସ୍ୟ ଓ କର୍ମକର୍ତ୍ତାମାନେ ବିଦ୍ୟାର୍ଥୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟ କର୍ମକର୍ତ୍ତା ବିଶ୍ୱମ୍ଭର ହଂସ ଓ ମମତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସାନ୍ତିମୟୀ ଚଲାନ, ମୁନି ପରୁଆ ଓ ଆଭା ଠାକୁର୍ କାର୍ଯକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଜଣେଇଥିଲେ। ଅନ୍ୟ କର୍ମକର୍ତ୍ତା ରଞ୍ଜିତା ପଟ୍ଟନାୟକ, ବିଦ୍ୟାମନି ଯାନି, ନନ୍ଦିତା ବାଗ, ଚୟନିକା ପଟ୍ଟନାୟକ, ଯୋଗଧାନ ମାଝି କାର୍ଯକ୍ରମରେ ସହଯୋଗ କରିଥିଲେ।

### ଗାଡ଼ି ଯାଞ୍ଚ, ଜରିମାନା ଆଦାୟ

ଖଡ଼ିଆଳ,୩।୪(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳଠାରେ ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ଥାନୀୟ ଆମ୍ବେଡକର ଛକଠାରେ ସଡକ ସପ୍ତାହ ପାଳନ ଅବସରରେ ମୋଟରସାଇକେଲ ଓ ଚାରି ଚକିଆ ଯାନ ଯାଞ୍ଚ କରି ୬,୩୨,୬୨୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ମୋଟ ୭୫ ଜଣଙ୍କଠାରୁ ଜରିମାନା ଆଦାୟ କରିଥିବା ବେଳେ ମଦ ପିଇ ଗାଡି ଚାଳନାରେ ୭ ଜଣ, ନାବାଳକ ଗାଡି ଚଲାଇବା ୨ଜଣ, ଅତ୍ୟଧିକ ମାଲ ପରିବହନ ୨ଜଣ ଓ ୭ଟି ମୋଟରସାଇକେଲ ଜବତ କରାଯାଇଛି। ଜିଲା ପରିବହନ ଅଧିକାରୀ ବିଜୟ କୁମାର ବେହୁରିଆ, ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି, ଏଏସଆଇ ଧନେଶ୍ୱର ମାଝି, ଭଲଭଦ୍ର ନାଏକ, ମୋହନ ବିଳାଶ ଯାଦବ, ଲୀଳା ବାଗଙ୍କ ସମେତ ପୋଲିସ କର୍ମଚାରୀ ଓ ପରିବହନ କର୍ମଚାରୀ ଯାଞ୍ଚରେ ସାମିଲ ଥିଲେ।

### ଷୋହଳ ପ୍ରହର ନାମଯଜ୍ଞ ସମାପନ

ବୋଡେନ,୩।୪(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁରେ ଷୋହଳ ପ୍ରହର ନାମଯଜ୍ଞ ସମାପନ ହୋଇଯାଇଛି। ମହିଳାମାନେ ଶୋଭାଯାତ୍ରାରେ ଯାଇ ଗାଁ ଯଜ୍ଞମଣ୍ଡପରେ କଳସ ସ୍ଥାପନ କରିଥିଲେ। ଏପରିକି ବିନପୁର, ଗୋଲାଭଟା, ଅଁଳାବାହାଲି, ଜାମଗାଁ, ନାଗପଡା ଝରଣାମାଳ ଆଦି ଗାଁଗୁଡିକରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିନପୁରଠାରେ କର୍ତ୍ତା ଭାବେ ଲୋକନାଥ ନିଆଲ ଓ ପ୍ରିୟମ୍ବଦା ଦାୟିତ୍ୱ ତୁଲାଇଥିଲେ। ଏଥିରେ ଶ୍ରୀବତ୍ସ୍ୟବ ସୁପକାର ପୂଜକ ଭାବେ ରହିଥିଲେ। ଯଜ୍ଞରେ ବିନପୁର, ଅମଲାପାଲି, ବୁଡିପଦର, ଦଣ୍ଡେଇବସା, ହିରାପୁର, ଅମେରା ଏପରି ମୋଟ ୭ଟି ଦଳ ଅଂଶଗ୍ରହଣ କରିଥିଲେ। ପରିଚାଳନା କମିଟି ସଭାପତି ଟିକେଶ୍ୱର ନାଗ, ଉପସଭାପତି କାଶିନାଥ ବେହେରା, ସମ୍ପାଦକ ଗଗନବିହାରି ପରାଭୋଏ, ସହସମ୍ପାଦକ ଗଣ୍ଡାରାମ ମାଝି ଏବଂ କୋଷାଧକ୍ଷ ପୁସ୍ତମ ନାଗ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# ହଷ୍ଟେଲରେ ନିଯୁକ୍ତି ନେଇ ଧାରଣା

- ପୂର୍ବତନ ବ୍ଲକ ଅଧକ୍ଷ ଧାରଣାରେ ସାମିଲ
- ହାଇସ୍କୁଲ ପ୍ରତିଷ୍ଠା ସମୟରେ ୪ ଏକର ଜମି ଦାନ କରିଥିଲେ
- ପ୍ରତିଶ୍ରୁତି ଦେଇ ଭୁଲିଗଲେ



ପୂର୍ବତନ ବ୍ଲକ ଅଧକ୍ଷଙ୍କ ସହ ପରିବାର ସସଦସ୍ୟମାନେ ଧାରଣା ଦେଇଛନ୍ତି।

ଖଡ଼ିଆଳ,୩।୪(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଖାସବାହାଲ ଗ୍ରାମପଞ୍ଚାୟତ ବଙ୍କାପୁରରେ ଥିବା ଅନୁସୂଚିତ ଜନଜାତି ବିଦ୍ୟାଳୟ ଓ ଖାସବାହାଲ ହାଇସ୍କୁଲ ବଙ୍କାପୁରଠାରେ ୨ଟି ବିଦ୍ୟାଳୟର ଅନୁସୂଚିତ ଜନଜାତି ଛାତ୍ରଙ୍କ ପାଇଁ ଖୋଲିବାକୁ ଥିବା ଆବାସିକ ଛାତ୍ରାବାସରେ ନିଯୁକ୍ତି ଦାବି କରି ସୋମବାର ଗୋଟିଏ ପରିବାର ସମସ୍ତ ସଦସ୍ୟ ଓ ପୂର୍ବତନ ବ୍ଲକ ଅଧକ୍ଷ କେଶବ ବେହେରା ଧାରଣାରେ ବସିଛନ୍ତି। ଧାରଣାକାରୀଙ୍କ କହିବା ଅନୁଯାୟୀ ୧୯୮୯ରେ ଏହି ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ବେସରକାରୀ ଭାବେ ଏକ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଯାହାକି ପରବର୍ତ୍ତୀ ସମୟରେ ସରକାରୀ ଅନୁଦାନପ୍ରାପ୍ତ ହୋଇଥିଲା। ହାଇସ୍କୁଲ ପ୍ରତିଷ୍ଠା ସମୟରେ ଏହି ପରିବାର ୪ ଏକର ଜମି ଦାନ କରିଥିଲେ। ବର୍ତ୍ତମାନର ବଜାର ଦରରେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଭବିଷ୍ୟତରେ କୌଣସି ପଦବୀ ପାଇଁ ନିଯୁକ୍ତି ଦେବାର ଥିଲେ ତାଙ୍କ ପରିବାରର ସଦସ୍ୟଙ୍କୁ ପ୍ରଥମ ସୁଯୋଗ ଦିଆଯିବ ବୋଲି ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ପ୍ରତିଶ୍ରୁତି ଦିଆଯାଇଥିଲା। ବର୍ତ୍ତମାନ ବିଦ୍ୟାଳୟରେ ଏକ ଶହେ ସିଟର ଆବାସିକ ଛାତ୍ରାବାସ ଖୋଲାଯାଉଥିବା ବେଳେ ୨ଜଣ ରୋଷେୟା ନିଯୁକ୍ତି ଦିଆଯିବ। ଏହି ପରିବାରର ଅରବିନ୍ଦ ବେହେରା ଏହି ପଦବୀ ପାଇଁ ଆଶାୟୀ ଥିଲେ। କିନ୍ତୁ ଏହି ପଦବୀ ଅନୁସୂଚିତ ଜନଜାତିଙ୍କ ପାଇଁ ବୋଲି ବିଜ୍ଞାପନ ପ୍ରକାଶ ପରେ ୩ଜଣ ଆବେଦନ କରିଥିଲେ। ଶିକ୍ଷାଗତ ଯୋଗ୍ୟତାକୁ ବିଚାର କରି ୨ଜଣଙ୍କ ନାମ ବିଦ୍ୟାଳୟ ପକ୍ଷରୁ ଜିଲା ପ୍ରଶାସନକୁ ସୁପାରିଶ କରାଯାଇଛି। ଏହାକୁ ବିରୋଧ କରି ଏହି ପରିବାରର ସବୁ ସଦସ୍ୟ ସଦସ୍ୟା ଧାରଣା ଦେବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତ। ସ୍କୁଲ ପ୍ରତିଷ୍ଠା ସମୟରେ କମିଟି ସଦସ୍ୟ ଥିବା ପୂର୍ବତନ ବ୍ଲକ ଅଧକ୍ଷ କେଶବ ବେହେରା ମଧ ତାଙ୍କୁ ସମର୍ଥନ କରିବା ସହ ପ୍ରଶାସନ ମାନବିକତା ପ୍ରଦର୍ଶନ କରି ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ଏ ନେଇ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କ୍ଷୀଣପ୍ରଭା ପାଣିଗ୍ରାହୀଙ୍କୁ ପଚାରିବାରୁ ନିୟମ ଅନୁଯାୟୀ ଏଥିରେ ଅଗ୍ରାଧିକାର ଭିତ୍ତିରେ ଏସଟି ଲୋକଙ୍କୁ ସୁଯୋଗ ଦେବା ବ୍ୟବସ୍ଥା ଥିବାରୁ ସେ କିଛି କରି ପାରିବେନି ବୋଲି କହିଥିଲେ।

# ଛାତ୍ରୀଛାତ୍ରଙ୍କୁ ମହାକାଶ ବିଷୟରେ ଶିକ୍ଷା ଦେଉଛନ୍ତି ବିଜ୍ଞାନ ଛାତ୍ର

କର୍ଲାମୁଣ୍ଡା,୩।୪(ଡି.ଏନ.ଏ.)

ମହାକାଶ ବିଜ୍ଞାନ ଉପରେ କିଛି ତଥ୍ୟ ପାଇବା ତଥା ବୈଜ୍ଞାନିକ ଜ୍ଞାନର ଗୁଣବତା ହାସଲ କରିବା ପାଇଁ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନେ କିପରି ଆକର୍ଷିତ ହେବେ ସେଥି ପାଇଁ ଆଗେଇ ଆସିଛନ୍ତି ଜଣେ ଉଦୀୟମାନ ଯୁବ ପିଏଚଡି (କୋଷ ବିଜ୍ଞାନ) ଛାତ୍ର ପରେଶ ପ୍ରିୟଦର୍ଶନ ରଣା। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ନିବାସୀ ଅବସରପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ରଣାଙ୍କ ପୁଅ ପରେଶ ନିଜ ଟେଲିସ୍କୋପ ଲେନ୍ସ ମାଧମରେ ବିଭିନ୍ନ ସ୍କୁଲକୁ ଯାଇ ମହାକାଶ ଦେଖାଇଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଚନ୍ଦ୍ରପୃଷ୍ଠ ଓ ଶନି ବଳୟ ଦେଖିବାକୁ ପାଉଛନ୍ତି ଓ ତାଙ୍କ ମନରେ ନାନାଦି ପ୍ରଶ୍ନ ସୃଷ୍ଟି ହେଉଛି। ଯଦ୍ୱାରା କି ଅଧିକ ଜାଣିବା ପାଇଁ ସେମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହେଉଛି। ପରେଶଙ୍କ ମତ ଅନୁସାରେ ଗ୍ରାମାଞ୍ଚଳ ପିଲାମାନେ ବିଜ୍ଞାନ ଅଧ୍ୟୟନ କରିବାକୁ ଏବେ ବି ଭୟ କରନ୍ତି, କିନ୍ତୁ ବିଜ୍ଞାନ ଏକ ଭୟ ନୁହେଁ ବରଂ ଏକ ସୁଯୋଗ ବୋଲି ବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକତା ରହିଛି। ବ୍ୟବହାରିକ ଅଭିଜ୍ଞତା ମାଧ୍ୟମରେ ଶିକ୍ଷାର ଉତ୍ସାହ ଏବଂ ସଚେତନତା ବିସ୍ତାର କରିବାକୁ ଏହା ଏକ ଉଦ୍ୟମ ବୋଲି ସେ କହନ୍ତି। ପ୍ରକାଶଥାଉକି ପରେଶ ବର୍ତ୍ତମାନ ସ୍କଟଲାଣ୍ଡର ଇଡିନବର୍ଗ ବିଶ୍ୱବିଦ୍ୟାଳୟରେ ପିଏଚଡି କରୁଥିବାବେଳେ ଗ୍ରାମାଞ୍ଚଳରେ ବିଜ୍ଞାନର ପ୍ରଚାର ପ୍ରସାର ପାଇଁ ଏକ ଅଭିନବ ଉଦ୍ୟମ ଜାରି ରଖିଛନ୍ତି।


ପରେଶ ନିଜ ଟେଲିସ୍କୋପ ଲେନ୍ସ ମାଧମରେ ରିଷିଡାଠାରେ ଛାତ୍ରୀଛାତ୍ରଙ୍କୁ ମହାକାଶ ଦେଖାଉଛନ୍ତି।

# ଆଇସିଆରଓ ପକ୍ଷରୁ ଅମୃତ ଇଣ୍ଟର୍ନଶିପ କାର୍ଯ୍ୟକ୍ରମ


ଅତିଥିଗଣଙ୍କ ସହ ଛାତ୍ରୀଛାତ୍ର।

ଭବାନୀପାଟଣା,୩।୪(ସ୍ୱ.ପ୍ର.)

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭବାନୀପାଟଣା ଅଡିଟୋରିୟମରେ ଇଣ୍ଡିଆନ ପୋଟାସ ଲିମିଟେଡ (ଆଇପିଏଲ) ରାଷ୍ଟ୍ରୀୟ ଉତ୍ପାଦକତା ପରିଷଦ (ଏନ୍ପିସି) ଓ ସହକାର ଭାରତୀ ମିଳିତ ଉଦ୍ୟମରେ ୧୮ରୁ ୪୫ ବର୍ଷର ମହିଳା ଓ ପୁରୁଷଙ୍କ ପାଇଁ ଅମୃତ ଇଣ୍ଟର୍ନଶିପ ତାଲିମ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ଡ଼. ସଞ୍ଜୟ କୁମାର ଶତପଥୀ, ଜିଲା ମୁଖ୍ୟ କୃଷି ଅଧିକାରୀ ଜାମି ସୂର୍ଯ୍ୟା ରାଓ, କ୍ୟୁଓଏଟି ଭବାନୀପାଟଣା ଅଣ୍ଟ୍ରୋପୋଲୋଜି ଆସିଷ୍ଟାଣ୍ଟ ପ୍ରଫେସର ଡ଼. ଉତ୍ତମ କୁମାର ବେହେରା ଯୋଗଦେଇଥିଲେ। ସହକାର ଭାରତୀର ରାଷ୍ଟ୍ରୀୟ ସମ୍ପାଦିକା ନନ୍ଦିନୀ ରାୟ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଭିଡିଓ କନଫରେନସିଂ ମାଧମରେ ସହକାର ଭାରତୀର ରାଷ୍ଟ୍ରୀୟ ଅଧକ୍ଷ ଦୀନାନାଥ ଠାକୁର ଓ ଆଇସିଆରଓର ଡାଇରେକ୍ଟର ଡ଼. ରାଜୀବ ରଞ୍ଜନ ପରସ୍ପର ସହଯୋଗ ମାଧମରେ ମହିଳମାନେ କୃଷି କ୍ଷେତ୍ରରେ କିପରି ଆତ୍ମନିର୍ଭରଶୀଳ ହୋଇପାରିବା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ଚାଷୀଙ୍କ ସହ ଆମେ କିଭଳି ଭାବେ ସର୍ଭେ କରିବା, ସେହି ବିଷୟରେ ଡ଼. ଉତ୍ତମ କୁମାର ବେହେରା ବକ୍ତବ୍ୟ ରଖିଥିଲେ। କୃଷି କ୍ଷେତ୍ରରେ ମାଟି, ବିହନ ଓ ଜଳସେଚନର ଉପରେ ଆଲୋଚନା କରିଥିଲେ। ସହକାର ଭାରତୀର ପରିଚାଳନା ସମ୍ପାଦକ ବିବେକାନନ୍ଦ ପାତ୍ର କୃଷି ଉତ୍ପାଦନ ଓ ସମବାୟ ସମ୍ପର୍କରେ ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମ ସୁଶ୍ରୀ ମେହେନ୍ଦି ମିଶ୍ର, ଇଣ୍ଡିଆନ ପୋଟାସ ଲିମିଟେଡ, ଭୁବନେଶ୍ୱର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଭବାନୀପାଟଣାରେ ପ୍ରତ୍ୟୁଷ ସାହୁଙ୍କ ନେତୃତ୍ୱରେ ହେଇଥିଲା।

## କଳାହାଣ୍ଡି ଏଗ୍ରୋଟେକ ଉତ୍ପାଦକ କମ୍ପାନୀର କାର୍ଯ୍ୟକର୍ତ୍ତାଙ୍କ ବୈଠକ

କର୍ଲାମୁଣ୍ଡା,୩।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଶୋସାଇଟି କାର୍ଯ୍ୟାଳୟଠାରେ କଳାହାଣ୍ଡି ଏଗ୍ରୋଟେକ ଉତ୍ପାଦକ କମ୍ପାନୀ ଲିମିଟେଡ୍ କର୍ମକର୍ତ୍ତାଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ତିରଞ୍ଜି ମେର୍ଲି, ନିର୍ଦ୍ଦେଶିକା ଭାନୁମତି ପ୍ରଧାନ, ନିଳେନ୍ଦ୍ରୀ ସାହୁ, ଗୌରୀ ଦୀପ, ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାଗ, ବିରେନ୍ଦ୍ର ସାହୁ, ଦ୍ରୋଣ ସାହୁ, ବାଲ୍ମୀକି ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। ସହଭାଗୀ ବିକାଶ ଅଭିଯାନ ଧର୍ମ ସାଗର ପ୍ରଧାନ ଯୋଗଦେଇ କମ୍ପାନୀ ସୁପରିଚାଳନା ନିମନ୍ତେ ଆବଶ୍ୟକ କାଗଜପତ୍ର, ଅଂଶ ଧନ ସଂଗ୍ରହ, ସିଇଓ ନିଯୁକ୍ତି, ବ୍ୟବସାୟ ଯୋଜନା, କମ୍ପାନୀର ପୁଞ୍ଜି ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜଗଦୀଶ ପ୍ରସାଦ ରଣା, ପ୍ରଦୀପ କୁମାର ସାହୁ, ଅଜିତ କୁମାର ପ୍ରଧାନୀ ଉପସ୍ଥିତ ଥିଲେ।

# କଳାହାଣ୍ଡି ବଞ୍ଜାରା ନାରୀ ସେବା ସଂଘ ସମାରୋହ

କୋକସରା,୩।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ହଂସପଡା ଧାନ ମଣ୍ଡିରେ କଳାହାଣ୍ଡି ବଞ୍ଜାରା ନାରୀ ସେବା ସଂଘ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ବଞ୍ଜାରା ସମାଜର ସଭାନେତ୍ରୀ ଯୁବା ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଡିଶା ରାଜ୍ୟ ବଂଜାରା ସମାଜ ସଭାପତି ତୁଳାରାମ ନାଏକ, ମୁଖ୍ୟବକ୍ତା ଭାବେ କିଶୋର ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲା ବଞ୍ଜାରା ସମାଜ ସଭାପତି ଯଶୋବନ୍ତ ସିଂ ନାଏକ, ପୂର୍ବତନ ସଭାପତି ଲଳିତ ନାଏକ, ନାରିନେତ୍ରୀ ସୁମିତ୍ରା ନାଏକ, ଜିଲା ଉପ ସଭାପତି ରାମ ନାଏକ, ପୂର୍ବତନ ସମ୍ପାଦକ ଲକ୍ଷ୍ମଣ ନାଏକ, ସଂସ୍କାର କମିଟି ସଭାପତି ସନ୍ତଲାଲ ନାଏକ, ଜିଲା କୋଷାଧକ୍ଷ ଗୋବିନ୍ଦ ନାଏକ, ଜୟଲାଲ ନାଏକ, ତୁଳସିରାମ ନାଏକ ମଞ୍ଚରେ ଉପସ୍ଥିତ ଥିଲେ। ବଞ୍ଜାରା ସମାଜର ମହିଳା ସଶକ୍ତିକରଣ, ଶିକ୍ଷା, ଅଗ୍ରାଧିକାର ଓ ନାରୀ ଶିକ୍ଷିତା ହେଲେ ହିଁ ସମାଜ ମୁଖ୍ୟ ସ୍ରୋତରେ ଯୋଡ଼ିହେବ ବୋଲି ମତ ଦେଇଥିଲେ। ଏହି ଅସରରେ ବଞ୍ଜାରା ସମାଜର ସାମାଜିକ ନିୟମାବଳୀକୁ ରାଜ୍ୟ ସଭାପତି ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ସମ୍ପାଦକ ବୁଦ୍ଧିରାମ ନାଏକ ଓ ରାଜେନ୍ଦ୍ର ନାଏକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟକ ମହିଳା କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।


ନାରୀ ସେବା ସଂଘ ସମାରୋହରେ ମଞ୍ଚାସୀନ ଅତିଥି।

# ଓଡ଼ିଆ ପ୍ରାଚୀନ କଳା, ସଂସ୍କୃତି ପୁନରୁଦ୍ଧାର ନେଇ ବୈଠକ

ଖଡ଼ିଆଳ,୩।୪(ଡି.ଏନ.ଏ.)


ବୈଠକରେ ଆଲୋଚନା କରାଯାଉଛି।

ନୂଆପଡା ଜିଲା ଖଡିଆଳସ୍ଥିତ ବିଦ୍ୟୁତ୍ ବିଭାଗର ସଭାସ୍ଥଳଠାରେ ଓଡ଼ିଆ ପ୍ରାଚୀନ କଳା ଓ ସଂସ୍କୃତି ପୁନରୁଦ୍ଧାର ନେଇ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ଓଡ଼ିଆ ପ୍ରାଚୀନ କଳା ଓ ସଂସ୍କୃତିର ପୁନରୁଦ୍ଧାର ପାଇଁ ପ୍ରଚେଷ୍ଟା କରିବା ପାଇଁ ସ୍ଥିର କରାଯାଇଥିଲା। ପୂର୍ବତନ ଜିଲା କଳାକାର ତ୍ରିମନ ମାଝି ସଭାପତିତ୍ୱ କରି ସମସ୍ତଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ସମଗ୍ର ନୂଆପଡ଼ା ଜିଲାରେ ସଂକୀର୍ତ୍ତନ କଳାର ବିକାଶ ପାଇଁ ସମସ୍ତ କଳାକାର ମତ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ବୋଡ଼େନ ବ୍ଲକ ସଭାପତି ଉପେନ୍ଦ୍ର ସଲମା, କୋମନା ସଭାପତି ଡଗରେସର ବାଗ, ସିନାପାଲି ବ୍ଲକ ସଭାପତି ଅଶୋକ ନାଏକ, ଗୁରୁ ନରସିଂହ ନାଗ, ଅରୁଣ ଗହିର, ହଲଧର ଗହିର, ଅମରବିଳାସ ପଟେଲ ଓ ଜିଲାର ଅନେକ ଗାୟକ ଓ ବାୟକ ତଥା ଅନ୍ୟ କଳାକାରମାନେ ଅଂଶ ଗ୍ରହଣ କରିଥିଲେ। ଗୁରୁ ବସନ୍ତ ଶବର ମଞ୍ଚ ପରିଚାଳନା କରିଥିଲେ। ଜିଲାର ସମସ୍ତ ସଂକୀର୍ତ୍ତନ ଗୁରୁ, ଗାୟକ, ବାୟକ, ସଙ୍ଗଠକ ଯୋଗଦେଇଥିଲେ।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଜଣେ ଗିରଫ

**ପ୍ରତିରୋଧ କରିବାରୁ ଛାତରୁ ଠେଲିଦେଲ**

ଭବାନୀପାଟଣା,୩।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଓ ଏହା ପ୍ରତିରୋଧ କରିବାରୁ ମହିଳାଙ୍କୁ ଜଣେ ଯୁବକ ଛାତରୁ ଠେଲି ଦେଇଥିବା ଭଳି ଏକ ଦୁଃଖ ଘଟଣା ସାମନାକୁ ଆସିଛି। ବର୍ତ୍ତମାନ ମହିଳା ଜଣକ ଗୁରୁତର ଅବସ୍ଥାରେ ଭୁବନେଶ୍ୱରଠାରେ ଚିକିତ୍ସାଧୀନ ରହିଥିବା ଜଣାପଡିଛି। ଏ ନେଇ ଥାନାରେ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀଙ୍କ ଏତଲାରେ ପୋଲିସ ଏକ ମାମଲା (ନଂ.୧୩୭/୨୦୨୩) ରୁଜୁ କରିଛି। ଘଟଣାରେ ସମ୍ପୃକ୍ତ ଥିବା ଅମ୍ରେଶ ନାଏକ (୩୦) ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧ ତାରିଖ ରାତିରେ ମହିଳା ନିଜ ପରିବାର ସହ ଘରେ ଥିଲେ। ଏହି ସମୟରେ ଅମ୍ରେଶ ତାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ପ୍ରତିରୋଧ କରିବାରୁ ଅମ୍ରେଶ ତାଙ୍କୁ ଛାତରୁ ଠେଲି ଦେଇଥିଲେ। ଏହି ମାମଲା ଏସଆଇ ଥବିର ବରିହା ପରିଚାଳନା କରିଥିଲେ।

# ପଞ୍ଚାୟତରେ ଯୁଗ୍ମଅଭିଯୋଗ ଶୁଣାଣି ଶିବିର

କେସିଙ୍ଗା, ୩।୪(ଡିଏନଏ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଗୋକେଲେଶ୍ୱର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଯୁଗ୍ମଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କେଶୁଲାଲ ତାଣ୍ଡିଙ୍କ ନେତୃତ୍ୱରେ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଅଦୁ ଓ କେସିଙ୍ଗା ପଞ୍ଚାୟତ ସମିତି ଉପଧକ୍ଷା ରାଜ ଲକ୍ଷ୍ମୀ ପଟ୍ଟନାୟକ, ତହସିଲଦାର ଯୋଗେଶ୍ୱର ସାହୁ, ଜିପିଓ ଜୟନ୍ତ କୁମାର ମୁଣ୍ଡ, ଜିଲା ସରପଞ୍ଚ ସଂଘ ସଭାପତି ସୁବୋଧ ରଣା, କୁଣ୍ଡାବନ୍ଧ ପଞ୍ଚାୟତ ସମିତି ସଭ୍ୟ ମନୋଜ କୁମାର ପଟ୍ଟନାୟକ, ଗାଇଗା ସରପଞ୍ଚ ପ୍ରମୋଦ ସାହୁ, ୩ ନଂ. ଜୋନର ଜିଲା ପରିଷଦ ସଭ୍ୟା ସୁନିତା ଶବର, କେସିଙ୍ଗା ଖାଦ୍ୟ ଯୋଗାଣ ସହକାରୀ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ୫୭୧ଜଣ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ କରିଥିଲେ। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାବଦରେ ୩୮୬, ବାର୍ଦ୍ଧକ୍ୟ ଭତ୍ତା ବାବଦରେ ୧୦୧, ରାଶନ କାର୍ଡ ପାଇଁ ୭୧ଜଣ, ଏମ୍ଜିଏନ୍ଆରଇଜିଏସ୍ରେ ୧୩ଜଣ ଅଭିଯୋଗ ଦାଖଲ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଗ୍ରାମପଞ୍ଚାୟତ ୱାର୍ଡ ସଭ୍ୟସଭ୍ୟା ସହଯୋଗ କରିଥିଲେ।



ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

# ଜନ୍ମମାଟି ସୁରକ୍ଷା ସଂଗ୍ରାମ ସମିତିର ପ୍ରତିବାଦ ସଭା

**ଆସନ୍ତା ୨୮ରେ ପଟ୍ଟା ପ୍ରଦାନ ଦାବିରେ ବିରାଟ ସମାବେଶ**

ଭବାନୀପାଟଣା,୩।୪(ସ୍ୱ.ପ୍ର.)


ପ୍ରତିବାଦ ସଭାରେ ଜନ୍ମମାଟି ସୁରକ୍ଷା ସଂଗ୍ରାମ ସମିତିର କର୍ମକର୍ତ୍ତା ଏବଂ ଅନ୍ୟମାନେ।

କଳାହାଣ୍ଡି ଜିଲା ଭବାନୀପାଟଣା ବୟନିକା ପରିସରରେ ସୋମବାର ସନ୍ଧ୍ୟାରେ ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ବିଜୟ ସାହୁଙ୍କ ନେତୃତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଓଡିଶା ସରକାର ବସ୍ତି ଆଇନ ୨୦୧୭ ଜାଗା ମିଶନକୁ ଏକ ଐତିହାସିକ ପଦକ୍ଷେପ ବୋଲି ସରକାର ଘୋଷଣା କଲେ । ଅଥଚ ଆଜି ପର୍ଯ୍ୟନ୍ତ ଠିକ ରୂପାୟନ କରିପାରି ନାହାନ୍ତି। ଭବାନୀପାଟଣା ସହରରେ ଆଜି ବି ବହୁ ବସ୍ତି ସର୍ଭେରୁ ବାଦ ପଡିଛି। ଅନେକାଂଶ ବସ୍ତିବାସିନ୍ଦା ଘର ଡିହ ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି। ଯେଉଁମାନଙ୍କୁ ପଟ୍ଟା ମିଳିଛି ସେମାନଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ସେହିପରି ଅନେକ ଲୋକ ଦେବୋତ୍ତର ଜମିରେ ଘର କରି ବହୁ ବର୍ଷରୁ ରହିଆସୁଛନ୍ତି। ତେଣୁ ଏହି ସବୁକୁ ଦୃଷ୍ଟିରେ ରଖି ଆସନ୍ତା ୨୮ରେ ଭବାନୀପାଟଣାରେ ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ପକ୍ଷରୁ ଏକ ବିରାଟ ସମାବେଶ ଆୟୋଜନ କରାଯିବା ପାଇଁ ସଭାରେ ନିଷ୍ପତ୍ତି ହୋଇଥିଲା। ସଭାକୁ ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ଆବାହକ ଗିରିଧାରୀ ପାତ୍ର ପରିଚାଳନା କରିଥିଲେ। ଏଥିରେ ସମିତି ବରିଷ୍ଠ ସାଥି ସାମନ୍ତ ଖମାରି, ସରୋଜ ବାଗ, ଟିପାକାର ମାଝି, ସୁବାଷ ମାଝି, ହାଡୁ ପୁଳେଇ, ମାୟାଧର ରାଉତ, ଅଭୟ ନାଏକ, ଶକ୍ତି ଛତ୍ରିଆ, ରାଜେଶ ଦୀପ, ଦେବାନନ୍ଦ ଛତ୍ରିଆ, ଅଗଷ୍ଟ ନାଏକ, ଲକ୍ଷ୍ମୀ ନାରାୟଣ ପଣ୍ଡା, ମନ୍ଦାକିନୀ ବାଣୁଆ, ତପସ୍ୱିନି ମେହେର, ସିପିଆଇର ଦାମୋଦର ବେହେରା, ସ୍ୱାଭିମାନ ସୁରକ୍ଷା ମଞ୍ଚର ସୁରେଶ ରାଓ, ତରଣୀ ସେନ ସିଂ, ଆଇନଜୀବୀ ଓ କୃଷକ ନେତା ବିଶନାଥ କର, ତ୍ରିଲୋଚନ ପାଣିଗ୍ରାହୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ସଂକ୍ଷେପରେ

### ଦନ୍ତା ହାତୀ ଆକ୍ରମଣରେ ଦିବ୍ୟାଙ୍ଗ ଯୁବକ ଗୁରୁତର

**ବାଉଁଶୁଣୀ, ୩।୪(ଡି.ଏନ.ଏ.):** ବୌଦ୍ଧ ବ୍ଲକ ତାଳସରଡା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର (ବସ୍ତମପୁର)ରେ ସୋମବାର ସକାଳେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ଦିବ୍ୟାଙ୍ଗ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଜଣକ ହେଲେନେପାଲ ବେହେରା (୩୫)। ସକାଳେ ଗ୍ରାମର କେତେଜଣ ବ୍ୟକ୍ତି ଗୁଠସାହି ପାଖରେ ଥିବା କେନାଲକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ସେଠାରେ ଗୋଟିଏ ହାତୀ ନେପାଳଙ୍କୁ ଷୁଣ୍ଢରେ ଭୁସି ଦେଇ ପଳାଇଥିଲା। ପାଖରେ ଥିବା ଅନ୍ୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ବାଉଁଶୁଣୀ ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ବନବିଭାଗ ଟିମ୍ ଗ୍ରାମବାସୀଙ୍କ ସହ ହାତୀକୁ ଘଉଡାଇବା ପାଇଁ ଚେଷ୍ଟା କରିଥିଲା। ବହୁ ଉଦ୍ୟମ ପରେ ବସ୍ତପୁର ଦେଇ ହାତୀ ପଳାଇଛି । ବନ ବିଭାଗ କର୍ମଚାରୀ ହାତୀକୁ ଜଙ୍ଗଲ ଅଭିମୁଖେ ଘଉଡାଇବାକୁ ଚେଷ୍ଟା ଚଳାଇଛି ।

### ଡୁଙ୍ଗୁରିପାଲିରେ ଶୂନ୍ୟମୃତ୍ୟୁ ସପ୍ତାହ

**ଡୁଙ୍ଗୁରିପାଲି, ୩।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ପୋଲିସ ପକ୍ଷରୁ ଜାତୀୟ ରାଜପଥ ଚିନାଯୁରୀ ଓ ଚେରୁପାଲିଠାରେ ହେଲମେଟ ଚେକିଂକୁ କଡାକଡି କରାଯାଇଛି। ଶନିବାର ହେଲମେଟ ଓ ସିଟ୍‌ବେଲ୍ଟ ଲଗାଇ ନ ଥିବା ଚାଳକଙ୍କଠାରୁ ୧୪ ହଜାର ଟଙ୍କା ଫାଇନ କଟାଯାଇଥିଲା। ରବିବାର ୨୦ଜଣଙ୍କଠାରୁ ୨୦ହଜାର ଟଙ୍କା କଟାଯାଇଥିବା ବେଳେ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ୨୦ ଜଣଙ୍କଠାରୁ ୨୦ ହଜାର ଟଙ୍କା ଚାଲାଣ କଟାଯାଇଛି। ଆସନ୍ତା ୭ ଦିନ ଭିତରେ ସୁବର୍ଣ୍ଣପୁରରେ ଗୋଟିଏ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ନ ହେବା ଏହି ସପ୍ତାହର ମୁଖ୍ୟ ଉଦେଶ୍ୟ। ଏହି ଅଭିଯାନ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ବାଇକ ଚାଳକ ଓ ପଛରେ ବସିଥିବା ଲୋକେ ମଧ ହେଲମେଟ ପିନ୍ଧିବାକୁ ପଡିବ। ସେହିପରି ପେଟ୍ରୋଲ ଟାଙ୍କିରେ ମଧ ହେଲମେଟ ନ ଥିଲେ ପେଟ୍ରୋଲ ମିଳିବ ନାହିଁ। ଯେଉଁ ସ୍କୁଲ ଛାତ୍ରୀଛାତ୍ର ଗାଡି ଚଳାଇବା ବେଳେ ଧରା ପଡିବେ ସେମାନଙ୍କ ଗାଡି ଜବତ କରାଯିବ। ଗାଡି ଚଲାଇ ଫୋନ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯିବ। ମଦ୍ୟପ ଗାଡି ଚାଳକଙ୍କୁ ମଧ ଧରି ଦଣ୍ଡିତ କରାଯିବ ବୋଲି ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ୍ କୁମାର ଜେନା କହିଛନ୍ତି।

### ହେଲମେଟ ଚେକିଂ କଡାକଡି

**ବିନିକା, ୩।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକାରେ ହେଲମେଟ ଚେକିଂକୁ କଡାକଡି କରାଯାଇଛି । ଜିଲାପାଳ ନୋ ହେଲମେଟ ନୋ ପେଟ୍ରୋଲ ନିର୍ଦ୍ଦେଶ ଦେଇଥିବାରୁ ପେଟ୍ରୋଲ ପମ୍ପ ମାଲିକମାନେ ହେଲମେଟ ନ ଥିବା ଆରୋହୀଙ୍କୁ ପେଟ୍ରୋଲ ଦେଉନାହାନ୍ତି। ସୋମବାର ଜିଲା ପରିବହନ ବିଭାଗ ଓ ବିନିକା ପୋଲିସ ବିଭାଗ ତରଫରୁ ୩୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଆଗାମୀ ଦିନରେ ହେଲମେଟ ଚେକିଂ ଚାଲୁ ରହିବ ବୋଲି ଆଇଆଇସି ପବିତ୍ର କୁମାର ସାହୁ କହିଛନ୍ତି ।

### ମହୁମାଛି ଆକ୍ରମଣରେ ୪ ଗୁରୁତର

**ଖଡ଼ିଆଳ,୩।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଗୋଡ଼ଧୁ ଆପଦର ଗ୍ରାମରେ ମହୁମାଛି ଆକ୍ରମଣରେ ପରିବାରର ୪ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ସୁବଳୟାରେ ନାହିଁ ବସ୍‌ଷ୍ଟାଣ୍ଡ, ଯାତ୍ରୀ ହନ୍ତସନ୍ତ

**ଅମରପାଲି, ୩।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ସୁବଳୟା ଉପରେ ବ୍ଲକର ପ୍ରାୟ ୧୦ ପଞ୍ଚାୟତ ସହ ପଡୋଶୀ ସମ୍ବଲପୁର ଜିଲା ରେଢାଖୋଲ ବ୍ଲକର ୪ଟି, ଅନୁଗୋଳ ଜିଲାର ୨ ଓ ବୌଦ୍ଧ ଜିଲାର ୨ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ସୁବଳୟାରେ ପଞ୍ଚାୟତ କାର୍ଯ୍ୟାଳୟ, ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ, ରେଞ୍ଜ ଅଫିସ, ସମବାୟ କାର୍ଯ୍ୟାଳୟ, ହାଇସ୍କୁଲ, ଯୁକ୍ତ ୨ ଓ ଯୁକ୍ତ ୩ କଲେଜ, କସ୍ତୁରବା ଆବାସିକ ଶିକ୍ଷାକେନ୍ଦ୍ର, ଦୈନିକ ବଜାର, ଥାନା ଆଦି କାର୍ଯ୍ୟାଳୟ ରହିଛି। ପ୍ରତ୍ୟହ ଭିନ୍ନ ଭିନ୍ନ ଅଞ୍ଚଳରୁ ଲୋକେ ବିଭିନ୍ନ କାମରେ ଏଠାକୁ ଆସିଥାନ୍ତି। ବୀରମହାରାଜପୁର-ରେଢାଖୋଲ ମଝିରେ ଥିବାରୁ ସୁବଳୟା ଦେଇ ବୌଦ୍ଧ, ରେଢାଖୋଲ, ଅନୁଗୋଳ, ଆଠମଲ୍ଲିକ ସମେତ ପୂର୍ବ ଓ ଦକ୍ଷିଣ ଓଡିଶାକୁ ଗାଡି ମୋଟର ଓ ବସ୍ ଯାତାୟତ କରୁଛି। ଏହି କାରଣରୁ ସୁବଳୟା ବସ୍‌ଷ୍ଟାଣ୍ଡର ଗୁରୁତ୍ୱ ରହିଛି। ମାତ୍ର ସୁବଳୟାରେ ଏ ଯାଏ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇନାହିଁ। ଏଥିଯୋଗୁ ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ବାଧ ହୋଇ ବିଭିନ୍ନ ଦୋକାନ ବାରଣ୍ଡା ଓ ଗଛତଳେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ଖରା, ବର୍ଷା, ଶୀତରେ ହନ୍ତସନ୍ତ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଅଭିଯୋଗ କଲେ ମଧ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି।

### ସେମାନେ ଯାହା କୁହନ୍ତି...



"ଜିଲାର ଅନ୍ୟତମ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ସୁବଳୟା। ବ୍ୟବସାୟ ସହିତ ଅନ୍ୟାନ୍ୟ କାମ ପାଇଁ ପ୍ରତ୍ୟହ ହଜାର ହଜାର ଲୋକ ସୁବଳୟା ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରନ୍ତି। ଜନସ୍ୱାର୍ଥ ଦୃଷ୍ଟିରୁ ଏଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଜରୁରୀ ହୋଇ ପଡିଲାଣି।

**-ପ୍ରମୋଦ ମହାପାତ୍ର, ସରପଞ୍ଚ, ସୁବଳୟା ଗ୍ରାମ ପଞ୍ଚାୟତ**



"ସୁବଳୟାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ହେଲେ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଉନାହିଁ। ବର୍ତ୍ତମାନ ରାସ୍ତା ପାର୍ଶ୍ୱରେ ନାନା ଅବ୍ୟବସ୍ଥାରେ ଲୋକେ ବସ୍‌କୁ ଅପେକ୍ଷା କରୁଛନ୍ତି। ସେଠାରେ ଶୌଚାଳୟ ନ ଥିବାରୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ବସ୍‌ଷ୍ଟାଣ୍ଡ ନିର୍ମାଣ ଆବଶ୍ୟକ।

**-ଅନସୂୟା ପଧାନ, ସରପଞ୍ଚ, କମିରା ଗ୍ରାମ ପଞ୍ଚାୟତ**

ସୁବଳୟା ସ୍କୁଲ ଓ କଲେଜକୁ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର ପଡିବାକୁ ଆସିଥାନ୍ତି। ଏଥି ସହିତ ଏଠାରୁ ପିଲାମାନେ ଜିଲା ସଦର ମହକୁମା ସହିତ ଜିଲା ବାହାର ଶିକ୍ଷାନୁଷ୍ଠାନକୁ ବସ୍‌ରେ ପଢିବାକୁ ଯାଇଥାନ୍ତି।



"ହେଲେ ସୁବଳୟାରେ ବସ୍‌ଷ୍ଟାଣ୍ଡ ନ ଥିବାରୁ ଛାତ୍ରୀଛାତ୍ରମାନେ ହଟହଟା ହେଉଛନ୍ତି। ଏଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ସହିତ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ଓ ୱେଟିଂହଲ ନିର୍ମାଣ କରାଯାଉ।

**-ରୋହିତ ରଞ୍ଜନ ବାରିକ, ଛାତ୍ର**



"ସୁବଳୟା ଜିଲାର ଅନ୍ୟତମ ପ୍ରମୁଖ ସ୍ଥାନ। ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଲୋକେ ବସ୍ ଯୋଗେ ଯାତାୟତ କରିଥାନ୍ତି। ହେଲେ ଏଠାରେ ବସ୍‌ଷ୍ଟାଣ୍ଡ ଅଦ୍ୟାବଧି ନିର୍ମାଣ ହୋଇ ପାରିନାହିଁ। ସ୍ଥାନୀୟ ଲୋକେ ପ୍ରଶାସନକୁ ଅବଗତ କରୁଥିଲେ ହେଁ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ।

**-ଶେଷଦେବ ବାରିକ, ସୁବଳୟା**

# ପୋଷଣ ପକ୍ଷ, ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ




ପୋଷଣ ପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ଡୁଙ୍ଗୁରିପାଲି, ୩।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାଜୀବ ଗାନ୍ଧୀ ସେବା ଭବନରେ ବ୍ଲକସ୍ତରୀୟ ପୋଷଣ ପକ୍ଷ ଓ ଶିଶୁ ପାଇଁ ଦିନଟିଏ ଦିବସ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ସୋମବାର ପାଳନ କରାଯାଇଛି। ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ସିଡିପିଓ ଜୟନ୍ତୀ ଗଡତିଆ, ବଟକୃଷ୍ଣ ପାଢ଼ୀ, ଡୁଙ୍ଗୁରିପାଲି ରାଧାକୃଷ୍ଣ ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ ଯୋଗ ଦେଇଥିଲେ। କିଶୋରୀ ବାଳିକା, ଗର୍ଭବତୀ ଓ ପ୍ରସୂତି ମହିଳା, ଜନ୍ମଠାରୁ ୬ ମାସ ଶିଶୁ କେଉଁ ଖାଦ୍ୟ ଖାଇବା ଦରକାର ଅତିଥିମାନେ କହିଥିଲେ। ଶିଶୁ ପାଇଁ ଦିନଟିଏ ଦିବସ ପାଳନ କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା, ଉଚ୍ଚ ଶିକ୍ଷା, ମିଶନ ବାତ୍ସଲ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବ୍ଲକ ଅଧୀନ ୨୬ ପଞ୍ଚାୟତର ଅଙ୍ଗନୱାଡି କର୍ମୀ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ କିସମର ପିଠା ଓ ଫଳ ପ୍ରଦର୍ଶନୀ କରିଥିଲେ। ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଖାଇବା ଦାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢେ ଓ ବିଭିନ୍ନ ରୋଗ ସ୍ପର୍ଶ କରି ପାରେନାହିଁ ବୋଲି ଅତିଥିମାନେ କହିଥିଲେ। କର୍ମୀମାନେ କମ୍ ଓଜନ ଥିବା ଶିଶୁର ଖାଦ୍ୟ ମାଣ୍ଡିଆରେ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟବାନ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ରାଧାକୃଷ୍ଣ ଉଚ୍ଚ ବାଳିକ ବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରଭାସିନୀ ମିଶ୍ର ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୩।୪(ନି.ପ୍ର.)**



ଜିଲାପାଳ ଓ ଏସ୍‌ପି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୪ଟି ପଞ୍ଜୀକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୨ ଓ ସାମୂହିକ ଦରଖାସ୍ତ ୨ଟି ଗ୍ରହଣ କରାଯାଇଥିଲା। ଗ୍ରହଣ କରାଯାଇଥିବା ୪ଟି ଦରଖାସ୍ତକୁ ତୁରନ୍ତ ସମାଧାନ କରା ଯାଇଥିବା ବେଳେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନ୍ୟ ଦରଖାସ୍ତଗୁଡିକୁ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଜନମୁରା ପଞ୍ଚାୟତ ସିଂହାରୀର ସଖି ସୁନାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨ହଜାର ଟଙ୍କା ଓ ସୋନପୁର ସହରର ଦୀପ ସାଗରଙ୍କୁ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସୋନପୁର ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ସୋନପୁର ଉପଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଇଂ. ବିଷ୍ଣୁପ୍ରସାଦ ପଣ୍ଡା, ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀ, ତହସିଲଦାର ନବୀନ କିଶୋର ପାଢୀ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ଓ ବିଭିନ୍ନ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

### ତାତି ବଢୁଛି, ଆଗକୁ ଅସମ୍ଭାଳ

**ସୋନପୁର,୩।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ତାତି ବଢିବାରେ ଲାଗିଛି। ପଶ୍ଚିମା ଝଡ ପ୍ରବାହ କମିବା ପରେ ପୂର୍ବାହ୍ନରୁ ଖରା ସହ ତାତି ବଢୁଛି। ଗତ ୩୦ ତାରିଖରେ ସୋନପୁର ସହରର ତାପମାତ୍ରା ୩୮.୭ ଡିଗ୍ରୀ ଥିଲା। ସୋନପୁର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଥିଲା। ସୋମବାର ମଧ ଭୀଷଣ ଗ୍ରୀଷ୍ମପ୍ରବାହ ଦେଖିବାକୁ ମିଳିଥିଲା। ମହାନଦୀ ଓ ତେଲନଦୀ ଘେରି ରହିଥିବା ସୋନପୁର ସହର ଧିରେ ତତଲା କଢେଇରେ ପରିଣତ ହେଲାଣି। ନଦୀରେ ଜଳ ପ୍ରବାହ ହ୍ରାସ ପାଇଥିବା ବେଳେ ଶଯ୍ୟାର ପଥର ଖଣ୍ଡ ଓ ବାଲି ପାଇଁ ତାତି ବଢୁଛି। ଖରା ଦିନ ଆରମ୍ଭରୁ ଆକାଶରୁ ନିଆଁ ବର୍ଷିବା ଆରମ୍ଭ ହେଲାଣି। ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ତେବେ ତାତି ଧୀରେ ଧୀରେ ବଢିବ। ଆଗକୁ ତାତି ଅସମ୍ଭାଳ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ରହିଛି।

# ବାଉଁଶୁଣୀ ରାମଲୀଳା: ରାମ ବନବାସ



ବାଉଁଶୁଣୀ ରାମଲୀଳାର ଏକ ଦୃଶ୍ୟ।

**ବାଉଁଶୁଣୀ, ୩।୪(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ରାମଲୀଳା କମିଟି ଆୟୋଜନରେ ଚାଲିଥିବା ରାମଲୀଳାର ରବିବାର ସୀତା ବିବାହ ଓ ରାମ ବନବାସ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ପୌରାଣିକ କଥାବସ୍ତୁ ଉପରେ ଆଧାରିତ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ମିଥିଳା ନଗରୀରେ ସୀତାଙ୍କୁ ବିବାହ କରନ୍ତି। ଦଶରଥ ରାମଙ୍କୁ ଅଯୋଧାରେ ରାଜା କରିବା ପାଇଁ ପରାମର୍ଶ କଲାବେଳେ କୈକେୟୀ ତାଙ୍କୁ ଦୁଇଟି ବର ମାଗନ୍ତି। ବର ଅନୁସାରେ ଭରତ ଅଯୋଧାରେ ରାଜା ହୁଅନ୍ତି ଏବଂ ରାମଚନ୍ଦ୍ର ୧୪ବର୍ଷ ପାଇଁ ବନବାସ ଯାଆନ୍ତି। ବନବାସର ପ୍ରଥମ ରଜନୀରେ ସୃଙ୍ଗବେର ପୁର ଗୃହକ ଶବର ସହିତ ଭେଟ ହୋଇ ଗଙ୍ଗାନଦୀ ପାର ହୋଇ ମୁନୀ ଭରଦ୍ୱାଜଙ୍କ ଆଶ୍ରମରେ ରାମ ସ୍ତ୍ରୀ ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ପହଞ୍ଚନ୍ତି। ଅପରଦୃଶ୍ୟରେ ଦଶରଥ ରାମଙ୍କ ବନବାସ ଯିବା ଦୁଃଖରେ ଦେହତ୍ୟାଗ କରନ୍ତି। ଏହି ସବୁ ଦୃଶ୍ୟ ଦେଖିବା ପାଇଁ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ମଜା ଉଠାନ୍ତି।

**ଅତାବିରା ଏନ୍‌ଏସି ନିର୍ବାଚନ**

# ୭୪.୩୩ ପ୍ରତିଶତ ମତଦାନ

**ସରଣ୍ଡା, ୩।୪(ଡି.ଏନ.ଏ.)**



ଭୋଟ୍ ଦେବା ପାଇଁ ବୁଥ୍‌ରେ ଭୋଟରମାନଙ୍କ ଲମ୍ବାଧାଡି।

ବରଗଡ଼ ଜିଲା ଅତାବିରା ଏନ୍‌ଏସି ନିର୍ବାଚନ ପାଇଁ ସୋମବାର ସନ୍ଧ୍ୟା ୫ଟାରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ତେବେ ଏହି ନିର୍ବାଚନରେ ୭୪.୩୩ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀ ଲଲାଟ ଲୁହା ସୂଚନା ଦେଇଛନ୍ତି। ଏହି ନିର୍ବାଚନରେ ୬୭୭୭ ମହିଳା ଭୋଟରଙ୍କ ମଧ୍ୟରୁ ୪୯୬୪ ଓ ୬୭୪୩ ପୁରୁଷ ଭୋଟରଙ୍କ ମଧ୍ୟରୁ ୫୦୮୫ ଜଣ ମତଦାନ ସାବ୍ୟସ୍ତ କରିଛନ୍ତି। ମୋଟ ୧୩୫୨୦ ଭୋଟରଙ୍କ ମଧ୍ୟରୁ ୧୦ହଜାର ୪୯ଜଣ ଭୋଟ୍ ଦେଇଥିବା ସୂଚନା ମିଳିଛି। ଅତାବିରା ଏନ୍‌ଏସି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪୩ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି। ମତଦାନ ଶେଷ ହେବା ପରେ ସିଲ୍ ଇଭିଏମ୍‌ଗୁଡିକ ବ୍ଲକ ଅଫିସରେ ପ୍ରିଜାଇଡିଂ ଅଫିସରମାନେ ଜମା କରିଛନ୍ତି। ସୋମବାର ସକାଳୁ ଭୋଟ୍ ଦେବା ପାଇଁ ବିଭିନ୍ନ ବୁଥ୍‌ରେ ଭୋଟରଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଅତାବିରାର ସମସ୍ତ ୧୨ୱାର୍ଡପାଇଁ ୧୬ଟିବୁଥ୍ କରାଯାଇଥିଲା। ସେଥିମଧ୍ୟରୁ ୭ଟି ସମ୍ବେଦନଶୀଳ ଏବଂ ୩ଟି ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଥିଲା । ଏହି ବୁଥ୍‌ଗୁଡିକରେ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଥିଲା। ଅତାବିରା ବାଳିକା ହାଇସ୍କୁଲର ୨ନମ୍ବର ବୁଥ୍‌କୁ ପିଙ୍କ୍ (ଗୋଲାପି) ବୁଥ୍ କରାଯାଇଥିଲା । ତେବେ ସାଧାରଣ ନିର୍ବାଚନ ସମୟରେ ପିଙ୍କ୍ ବୁଥ୍‌ରେ ଯେପରି ସେଲ୍ଫି ଜୋନ କରାଯାଏ ଏଠାରେ ତାହାର ଅଭାବ ପରିଲକ୍ଷିତ ହୋଇଥିଲା। ଆଗକୁ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ଏନଏସି ନିର୍ବାଚନ ଫଳାଫଳ ତିନି ପ୍ରମୁଖ ରାଜନୈତିକ ଦଳ ପାଇଁ ଆତ୍ମ ସମ୍ମାନର ବିଷୟ ହୋଇଛି। ତେବେ ସର୍ବାଧିକ ମତଦାନ କାହା ସପକ୍ଷରେ ଯାଇଛି ତାହା ଆସନ୍ତା ୫ ତାରିଖରେ ଭୋଟ ଗଣତି ପରେ ଜଣାପଡିବ।

# ଅଙ୍ଗନୱାଡି କର୍ମୀ, ସହାୟିକାଙ୍କୁ ପାଣି ବୋତଲ, ଛତା ବଣ୍ଟନ



ଅଙ୍ଗନୱାଡ଼ି କର୍ମୀଙ୍କୁ ଛତା, ପାଣି ବୋତଲ ବଣ୍ଟନ କରାଯାଉଛି।

**ବାଉଁଶୁଣୀ, ୩।୪(ଡି.ଏନ.ଏ.)**

ବୌଦ୍ଧ ଜିଲାରେ ତାପମାତ୍ରା ୩୬ଡିଗ୍ରୀ ସେଲସିୟସ ଛୁଇଁଛି। ଆଗକୁ ଆହୁରି ତାପମାତ୍ରା ବଢିବା ସମ୍ଭାବନା ରହିଛି। ତାହାକୁ ଦୃଷ୍ଟିରେ ରଖି ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଉଳିମୁଣ୍ଡା ଅଙ୍ଗନୱାଡ଼ି କେନ୍ଦ୍ରରେ ସୋମବାର ବାଉଁଶୁଣୀ ସେକ୍ଟରର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ଛତା ଓ ପାଣି ବୋତଲ ବଣ୍ଟନ କରାଯାଇଛି। ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ବୈଠକରେ ଅଙ୍ଗନୱାଡ଼ି ଲେଡି ସୁପରଭାଇଜର୍ ସୁନୀତା ଦାଶ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ଛତା ଓ ପାଣି ବୋତଲ ବଣ୍ଟନ କରିଥିଲେ।

# ପୂର୍ବତନ ସୈନିକ ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବୌଦ୍ଧ, ୩।୪(ସ୍ୱ.ପ୍ର)**

ବୌଦ୍ଧ ଜିଲା ପୂର୍ବତନ ସୈନିକ ସଂଘ ପକ୍ଷରୁ ଏକ ଦାବିପତ୍ର ସୋମବାର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିପତ୍ରଟିକୁ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଗ୍ରହଣ କରିଥିଲେ। ଦାବିପତ୍ରରେ ପୂର୍ବ ସୈନିକମାନଙ୍କର ଓଆରଓପି-୨ରେ ବହୁତ ଗୁଡିଏ ବିସଙ୍ଗତି କାରଣରୁ ତାକୁ ସୁଧାରି ଶୀଘ୍ର ଭେଟରାନମାନଙ୍କୁ ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହିତ ଓଆରଓପି ଦୀର୍ଘ ୫୦ରୁ ୬୦ ବର୍ଷ ହେଲା କେନ୍ଦ୍ର ସରକାର ଠିକ ଭାବରେ ଲାଗୁକରିନାହାନ୍ତି। ଓଆରଓପି-୨ରେ କେବଳ ସେନା ଅଧିକାରୀଙ୍କ ଦରମା ଅତ୍ୟଧିକ ବୃଦ୍ଧି ଓ ଡିସେବିଲିଟି ପେନସନରେ ମଧ ଅଧିକାରୀମାନଙ୍କୁ ବେଶି ପ୍ରାଧାନ୍ୟ ଦେଇଥିବା ହେତୁ ଓଆରଓପିରେ ବିଶେଷ ସୁବିଧା କରି ଚଳିତ ଏପ୍ରିଲ ମାସ ଭିତରେ ପ୍ରଦାନ କରିବାକୁ ଦୀର୍ଘ ୨୧ ଦିନ ହେଲା ଦିଲ୍ଲୀର ଜନ୍ତରମନ୍ତ୍ର ଠାରେ ପୂର୍ବ ସୈନିକ ମାନେ ଧାରଣାରେ ବସିଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବୌଦ୍ଧ ଜିଲା ପୂର୍ବତନ ସୈନିକ ସଂଘର ଉପଦେଷ୍ଟା ସୁବେଦାର ଲଳିତ ସାହୁଙ୍କ ନେତୃତ୍ୱରେ ରଞ୍ଜିତ ଅମାତ, ରାଜୀବ ପଣ୍ଡା, ରମାକାନ୍ତ ଚାନ୍ଦ, ବିଷ୍ଣୁଚରଣ ମହାକୁଳ, ଫଣି ସତ୍ୟାନନ୍ଦ ହୋତା, ସୂର୍ଯ୍ୟନାରାୟଣ ପଣ୍ଡା, ନାରାୟଣ ବାରିକ, ଗିରିଶ ପ୍ରଧାନ, ଶମ୍ଭୁ ପ୍ରସାଦ ବେହେରା, କିଶୋର ଚନ୍ଦ୍ର ବିଶ୍ୱାଳ, ରାମଚନ୍ଦ୍ର ବେହେରା, ପଞ୍ଚାନନ ଆପଟ, ସୁବେଦାର ସରୋଜ ଭଞ୍ଜ, ବଳଭଦ୍ର ସାହୁ ପ୍ରମୁଖ ପ୍ରତିନିଧି ମଣ୍ଡଳୀରେ ସାମିଲ ଥିଲେ।



ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପରିବେଷିତ ହେଲା ନାଟକ ସୀତା ଚୋରି

**ବୌଦ୍ଧ ରାମଲୀଳାର ପଞ୍ଚମ ଦିବସ**

**ବୌଦ୍ଧ, ୩।୪(ସ୍ୱ.ପ୍ର)**



ବୌଦ୍ଧ ରାମଲୀଳା ନାଟକର ଏକ ଦୃଶ୍ୟ।

ବୌଦ୍ଧର ଗଣପର୍ବ ରାମଲୀଳା ଉତ୍ସବ ସୋମବାର ପଞ୍ଚମ ଦିବସରେ ପହଞ୍ଚିଛି। ଚତୁର୍ଥ ଦିବସରେ ପିତୃସତ୍ୟ ପାଳିବାକୁ ଯାଇ ସ୍ତ୍ରୀ ସୀତା ଓ ଭାଇ ଲକ୍ଷ୍ମଣଙ୍କୁ ନେଇ ଶ୍ରୀରାମ ବନ ଗମନ କରିବା ପରେ ପିତା ଦଶରଥଙ୍କ ବନ୍ଧୁ ଗୃହକ ଶବର ସହିତ ଭେଟ ହୋଇଛନ୍ତି। ପଞ୍ଚବଟିର ଘୋର ଅରଣ୍ୟ ମଧ୍ୟରେ କୁଟିର ନିର୍ମାଣ କରି ପରିବାର ସହିତ ଶ୍ରୀରାମ ରହିବା ପରେ ଅରଣ୍ୟ ମଧ୍ୟରେ ରାକ୍ଷସମାନଙ୍କୁ ଦମନ କରିବାକୁ ଯାଇ ଖର,ଦୁଷଣ ଓ ତ୍ରିଶିରାକୁ ବଧ କରିଛନ୍ତି। ଏହାର ପ୍ରତିଶୋଧ ନେବାକୁ ରାବଣର ଭଉଣୀ ଶୂପଣଖା ପଞ୍ଚବଟିରେ ପହଞ୍ଚି ରାକ୍ଷସ ମାୟାରେ ସୁନ୍ଦର ନାରୀର ରୂପ ନେଇ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ବିବାହ ପ୍ରସ୍ତାବ ଦିଅନ୍ତି। ଲକ୍ଷ୍ମଣଙ୍କ ଦ୍ୱାରା ଶୂପଣଖାର ନାଶା, କର୍ଣ୍ଣ ଛେଦନ ପରେ ସେ ପ୍ରତିଶୋଧ ପରାୟଣ ହୋଇ ତ୍ରିପୁର ବିଜୟୀ ଭାଇ ରାବଣ ନିକଟରେ ପହଞ୍ଚିଛନ୍ତି। ଭଉଣୀ ନିକଟରୁ ରାବଣ ସବୁ ଶୁଣିବାପରେ ମାରିଚ ଦ୍ୱାରା ମାୟା ମୃଗ ସୃଷ୍ଟି କରି ଶ୍ରୀରାମ ଲକ୍ଷ୍ମଣଙ୍କୁ ସୀତାଙ୍କ ଠାରୁ ଦୂରକୁ ନେଇଯାଇଥିଲେ। ପରେ ପଞ୍ଚବଟିରେ ପହଞ୍ଚି ରାବଣ ଭିକ୍ଷୁକ ବ୍ରାହ୍ମଣ ବେଶରେ ଆସି ମାତା ସୀତାଙ୍କ ନିକଟରୁ ଭିକ୍ଷା ମାଗନ୍ତି। ଜଣେ ଭିକ୍ଷୁକ ବ୍ରାହ୍ମଣକୁ ଦ୍ୱାରରୁ କିପରି ଫେରାଇବେ ବୋଲି ମାତା ସୀତା ଲକ୍ଷ୍ମଣଙ୍କ ଦ୍ୱାରା ଟଣାଯାଇଥିବା ତିନି ଗାର ଅତିକ୍ରମ କରିବା ପରେ ରାବଣ ବଳପୂର୍ବକ ତାଙ୍କୁ ହରଣ କରି ପୁଷ୍ପକ ବିମାନରେ ଆକାଶ ମାର୍ଗରେ ଲଙ୍କା ନଗରି ନେଇଯିବାବେଳେ ଦଶରଥଙ୍କ ମିତ୍ର ବିରାଟ ପକ୍ଷୀ ଜଟାୟୁ ସହିତ ରାବଣର ଘୋର ଯୁଦ୍ଧ ହୁଏ। ସୀତାଙ୍କୁ ରକ୍ଷା କରିବାରେ ଜଟାୟୁ ବିଫଳ ହେବା ସହିତ ରାବଣ ଦ୍ୱାରା ପରାଜିତ ଓ ଆହତ ହୁଅନ୍ତି। ଶ୍ରୀରାମ ଲକ୍ଷ୍ମଣ ମାୟା ମୃଗ ଶୀକାର କରି କୁଟିରକୁ ଫେରିବାପରେ ସୀତାଙ୍କୁ ନ ପାଇ ଅରଣ୍ୟ ସାରା ତାଙ୍କୁ ଖୋଜିବା ସମୟରେ ଆହତ ଜଟାୟୁ ସହିତ ତାଙ୍କର ସାକ୍ଷାତ ହୁଏ। ଜଟାୟୁ ନିକଟରୁ ସୀତାଙ୍କୁ ପୁଷ୍ପକ ବିମାନରେ ରାବଣ ନେଇ ଯାଇଥିବା ଶ୍ରୀରାମ ଲକ୍ଷ୍ମଣ ସୂଚନା ପାଇବା ପରେ ପଞ୍ଚମ ଦିବସର ନାଟକ ଶେଷ ହୋଇଥିଲା। ଶ୍ରୀରାମ ଭୂମିକାରେ ବରିଷ୍ଠ ଓ ଅଭିଜ୍ଞ କଳାକାର ଶିରିଶ ବେହେରା,ଲକ୍ଷ୍ମଣ ଦନାର୍ଦ୍ଦନ ମିଶ୍ର, ସୀତା ବିଶ୍ୱାମିତ୍ର ସାହୁ, ରାବଣ ସୁଦାମ ବେରିହା, ସୁର୍ପଣଖା ଶେଷଦେବ ମଲ୍ଲିକ ଓ ମାରିଚ ଭୂମିକାରେ ସୁରେଶନ ମିଶ୍ର ଉଚ୍ଚକୋଟିର ଅଭିନୟ କରିଥିଲେ। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ରଚିତ ନାଟକକୁ ଭବାନୀ ଶଙ୍କର ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ। ସଙ୍ଗୀତଗୁଡିକୁ ତୁଷାରକାନ୍ତ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିଲେ। ନାଟ୍ୟସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର, କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତି, ସମ୍ପାଦକ ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

**ନାବାଳିକା ବଳାତ୍କାର: ଯୁବକ ଗିରଫ**

ବେଲପାହାଡ (ଡି.ଏନ.ଏ.): ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରାଜେଶ ମହାରଣା (୩୦)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ଶୁକ୍ରବାର ରାତିରେ ବିବାହିତ ଅଭିଯୁକ୍ତ ରାଜେଶ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଅନ୍ୟତ୍ର ନେଇ ବଳାତ୍କାର କରିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନମ୍ବର ୪୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରିଛି।

# ସଂରକ୍ଷିତ ଜଙ୍ଗଲରେ ଅଫିମ ଚାଷ

- ଅବକାରୀ, ବନ ବିଭାଗ ଓ ପୋଲିସ ଟିମ୍‌ର ମିଳିତ ଚଢ଼ାଉ
- ଶୁଖିଲା ଅଫିମ ଗଛ ପୋଡିଦେଲେ

ଲହୁଣୀପଡ଼ା/ବଣାଇଁ, ୩।୪(ଡ଼ି.ଏନ୍.ଏ./ସ.ପ୍ର.)



ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ ମହୁଲପଦା ସଂରକ୍ଷିତ ଜଙ୍ଗଲରେ ଅଫିମ ଚାଷ ହେଉଥିବା ଖବର ମିଳିବା ପରେ ସୋମବାର ପୋଲିସ, ଅବକାରୀ ବିଭାଗ ଓ ବନବିଭାଗ ସ୍କ୍ୱାଡ ମିଳିତ ଭାବେ ଘଟଣାସ୍ଥଳରେ ପହଞ୍ଚି ଥିଲା। ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଆସିଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଅଧିକାରୀ, ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା, ବଣାଇ ସହକାରୀ ଜିଲାପାଳ ରାଜ କିଶୋର ଜେନା, ମହୁଲପଦା ଥାନା ଅଧିକାରୀ ସୁଦର୍ଶନ ଦେହୁରୀ, ଲହୁଣିପଡା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି, ରାଉରକେଲା ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ନେହଲତା ମହାନ୍ତ ପ୍ରମୁଖ ସମ୍ପୃକ୍ତ ଅଞ୍ଚଳରେ ଶୁଖିଲା ଅଫିମ ଗଛ ଥିବା ଦେଖି ପୋଡି ଦେଇଥିଲେ। ସଂରକ୍ଷିତ ଜଙ୍ଗଲରେ ଅଫିମ ଚାଷ ସମ୍ପର୍କରେ ବନବିଭାଗ କିପରି ଜାଣି ନ ପାରିଲା ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଲହୁଣୀପଡା ବ୍ଲକ ଅନ୍ତର୍ଗତ ମହୁଲପଦା ପଞ୍ଚାୟତର ନିଘଞ୍ଚ ଜଙ୍ଗଲ ପାହାଡ଼ ଉପରେ ଥିବା କିରି, କେତ, କୁନ୍ଦୁ, କୁଣ୍ଡଲା ଗ୍ରାମର କିରି ଗ୍ରାମରେ ବେନିୟମ ଭାବେ ଅଫିମ ଚାଷୀ ହୋଇଥିବା ଖବର ପାଇ ପୋଲିସ, ଅବକାରୀ ବିଭାଗ, ବନ ବିଭାଗ ମିଳିତ ଭାବେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଚଢ଼ାଉ କରି ଅଫିମ ଗଛ ଗୁଡିକୁ କାଟି ପୋଡି ନଷ୍ଟ କରି ଦେଇଥିବା ଜଣାପଡ଼ିଛି। ନିଘଞ୍ଚ ଜଙ୍ଗଲ ଭିତରେ ଦୁଇ ଏକରରୁ ଉର୍ଦ୍ଧ୍ୱ ଜମିରେ ବେନିୟମ ଭାବେ ଅଫିମ ଚାଷ ହେଉଥିଲା। ପୋଲିସ ଓ ପ୍ରଶାସନ ପାଖରେ ସୂଚନା ପହଞ୍ଚିବା ପୂର୍ବରୁ ବେନିୟମ ଅଫିମ ଚାଷୀ ବ୍ୟବସାୟୀମାନେ ଅମଳ କରି ନେଇ ଯାଇଥିବାବେଳେ ମାତ୍ର ୨୮ ଡ଼ିସିମିଲ ଜମିର ଅଫିମ ଗଛ ଗୁଡିକୁ ଅମଳ କରି ନେଇ ପାରି ନ ଥିବାରୁ ରହି ଯାଇଥିଲା। ଯାହାକି ସୋମବାର ମିଳିତ ଚଢ଼ାଉ ବେଳେ ସେହି ୨୮ ଡ଼ିସିମିଲ ଜମିରୁ ମାତ୍ର ୪ ହଜାର ୭ଶହ ଚାଷ ହୋଇଥିବା ଅଫିମ ଗଛକୁ କାଟି ପୋଡି ନଷ୍ଟ କରି ଦେଇଥିବା ଜଣାପଡ଼ିଛି।

## ମାରୱାଡ଼ି ମହିଳା ସମିତି ପକ୍ଷରୁ ରକ୍ତଦାନ ଶିବିର

ବ୍ରଜରାଜନଗର,୩।୪(ଡି.ଏନ.ଏ.)

ବ୍ରଜରାଜନଗର ସହରର ଅଗ୍ରସେନ ଭବନଠାରେ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମିତି ତରଫରୁ ସୋମବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମୋଟ ୫୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମହିଳା ସମିତି ଅଧକ୍ଷା ସୁମନ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନ ସମାରୋହରେ ମହିଳା ସମିତିର କାର୍ଯ୍ୟକାରୀ ଉପାଧକ୍ଷା ଅନିତା ଅଗ୍ରୱାଲ, ସମ୍ପାଦକ ସିନମ ରୁଙ୍ଗଟା, କୋଷାଧକ୍ଷ ବରଖା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଯୁବବର୍ଗ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। ଝାରସୁଗୁଡା ବ୍ଲଡ଼ବ୍ୟାଙ୍କର ଡା. ଏସ୍ ଯୋଜୋଙ୍କ ନେତୃତ୍ୱରେ ଭାବଗ୍ରାହୀ ବେହେରା, ଦୋଳଗୋବିନ୍ଦ ଛଞ୍ଚାନ, କିରଣ କୁମାର ସାହୁ, ଭବାନୀ ଶଙ୍କର ସୁନାନୀ, ଗୋବିନ୍ଦ ସାହୁ ରକ୍ତ ସଂଗ୍ରହ କରିଥିଲେ। ମହିଳା ସମିତି ତରଫରୁ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ସୌମ୍ୟରଞ୍ଜନ



@ ଅନିଲ



@ ଶେଷଦେବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଏନ୍‌ଟିପିସି ଦର୍ଲିପାଲିକୁ ମିଳିଲା କଳିଙ୍ଗ ସିଏସ୍‌ଆର୍ ପୁରସ୍କାର

ସୁନ୍ଦରଗଡ଼,୩।୪(ଡି.ଏନ.ଏ.)

ଏନ୍‌ଟିପିସି ଦର୍ଲିପାଲି ସମ୍ମାନଜନକ କଳିଙ୍ଗ ସିଏସ୍‌ଆର ପୁରସ୍କାର ଲାଭ କରିଛି। ଗୋଷ୍ଠୀ ବିକାଶ କାର୍ଯ୍ୟକଳାପରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନଜନକ ଏହି କଳିଙ୍ଗ ସିଏସଆର ପୁରସ୍କାର –୨୦୨୨ ପ୍ରଦାନ କରାଯାଇଛି। ୩୧ ମାର୍ଚ୍ଚ ୨୦୨୩ ରେ ହାଇଦ୍ରାବାଦର ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ ଏଣ୍ଟରପ୍ରାଇଜ ସହଯୋଗରେ ଇନଷ୍ଟିଚ୍ୟୁଟ ଅଫ କ୍ୱାଲିଟି ଆଣ୍ଡ ପରିବେଶ ପରିଚାଳନା ସେବା ଦ୍ୱାରା ଆୟୋଜିତ ପାୱାର ଷ୍ଟେସନ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଅଭିଯାନ –୨୦୨୩ ରେ ସପ୍ତମ ଜାତୀୟ ସେମିନାରରେ ଏନଟିପିସି ଦର୍ଲିପାଲିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଆୟୋଜିତ ସମାରୋହରେରେ ମୁଖ୍ୟ ଅତିଥି ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କଠାରୁ ଏନଟିପିସି ଦର୍ଲିପାଲିର ସିଜିଏମ ଅଜୟ କୁମାର ଟଣ୍ଡନ ପୁରସ୍କାର ଗ୍ରହଣ କରିଛନ୍ତି। ସମ୍ପ୍ରଦାୟର ସାମଗ୍ରିକ ବିକାଶ ତଥା ଏହାର ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଜୀବନଧାରଣର ଉନ୍ନତି ପାଇଁ ଏହାର ଅତୁଳନୀୟ ଅବଦାନ ପାଇଁ ଏନଟିପିସି ଦର୍ଲିପାଲି କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ହେଉଛି ସମ୍ପ୍ରଦାୟକୁ ଉପକୃତ କରିବାରେ ଏନଟିପିସି ଦର୍ଲିପାଲି ଦ୍ୱାରା ନିଆଯାଇଥିବା ସର୍ବୋତ୍ତମ ସିଏସଆର ଅଭ୍ୟାସ ଏବଂ ପଦକ୍ଷେପଗୁଡ଼ିକର ଏକ ସାକ୍ଷ୍ୟ। ଏନେଇ ପ୍ରକଳ୍ପର ସିଜିଏମ ଟଣ୍ଡନ କର୍ମଚାରୀମାନଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ଭଲ କାମ କରିବାକୁ ଉତ୍ସାହିତ କରିଛନ୍ତି।




ଏନ୍‌ଟିପିସି ଦର୍ଲିପାଲିକୁ କଳିଙ୍ଗ ସିଏସ୍‌ଆର ପୁରସ୍କାର ପ୍ରଦାନ କରାଯାଉଛି।

## ଦେବଗଡ଼ରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

ଦେବଗଡ଼, ୩।୪(ଡି.ଏନ.ଏ )

ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ମୋଟ ୩୮ଟି ଅଭିଯୋଗର ଶୁଣାଣି କରିବା ସହ ଏଗୁଡିକର ତୁରନ୍ତ ସମାଧାନ ନିମନ୍ତେ ଉପସ୍ଥିତ ସମ୍ପୃକ୍ତ ବିବାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ୩୮ଟି ଅଭିଯୋଗ ମଧ୍ୟରେ ୨୫ଟି ବ୍ୟକ୍ତିଗତ ଏବଂ ୧୩ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ଏହି ଶିବିରରେ ମୁଖ୍ୟତଃ ବିଦ୍ୟୁତ୍ ସମସ୍ୟା,ବିଶୁଦ୍ଧ ପାନୀୟ ଜଳ ସମସ୍ୟା, ରାସ୍ତାଘାଟର ମରାମତି, ସ୍ୱାସ୍ଥ୍ୟସେବା ସମସ୍ୟା, ଜଙ୍ଗଲ ଜମିର ପଟ୍ଟା ଓ କଳାକାର ଭତ୍ତା ଉପରେ ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଶିବିରରେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲୁକାସ ପ୍ରଧାନ, ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ଡେପୁଟି କଲେକ୍ଟର ଲୀଳାବତୀ ନାୟକଙ୍କ ସମେତ ଜିଲାର ପ୍ରାୟ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

ସୁନ୍ଦରଗଡ଼,୩।୪(ଡି.ଏନ.ଏ.)

ପେନସନ ପ୍ରଦାନରେ ଥିବା ଅସଙ୍ଗତିକୁ ଦୂର କରି ଗୋଟିଏ ର୍‍ୟାଙ୍କ ଗୋଟିଏ ପେନସନ ଆଦି ୪ଦଫା ଦାବିରେ ସୋମବାର ସୁନ୍ଦରଗଡ ଜିଲା ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ସଂଘର ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଜିଲାରେ ଥିବା ଶତାଧିକ ଅବସରପ୍ରାପ୍ତ ସେନା କର୍ମଚାରୀ ଜିଲା ସଂଘ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ପରେ ଏନେଇ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଗୋଟିଏ ର୍‍ୟାଙ୍କ, ଗୋଟିଏ ପେନସନ ସହିତ ମିଲିଟାରୀ ସାର୍ଭିସ ପେ,ଭିନ୍ନକ୍ଷମ ପେନସନ, ଲିବରାଇଜଡ ଫ୍ୟାମିଲି ପେନସନରେ ଥିବା ଅସଙ୍ଗତି ଦୂର ପାଇଁ ଦାବି ରହିଛି। ଏହି ଦାବିପତ୍ର ରାଷ୍ଟ୍ରପତିଙ୍କ ସମେତ ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଉପସଭାପତି ଅନୀଲ କୁମାର ନାଏକ, ସାଧାରଣ ସମ୍ପାଦକ ସୁରମଣୀ ପଟେଲ, କର୍ମକର୍ତ୍ତା ଶିଶିର କୁମାର ନାଏକ, ଉତ୍ତମ ପଟେଲ, ଟଙ୍କଧର ପଟେଲ, ଅରୁଣ କୁମାର ନାଏକ, ଗୋବିନ୍ଦ ପଟେଲ, ଭଗବାନ ସାହୁ, ଗୋଲାପ ଚନ୍ଦ୍ର ପଟେଲ, ଦୁର୍ଗା ମାଧବ ପଟେଲଙ୍କ ସମେତ ଶତାଧିକ ସଭ୍ୟ ଉପସ୍ଥିତ ଥିଲେ।



ଅବସରପ୍ରାପ୍ତ ସେନା କର୍ମଚାରୀ ଶୋଭାଯାତ୍ରାରେ ଯାଉଛନ୍ତି।

## ଶୂନ୍ୟ ସଡ଼କ ଦୁର୍ଘଟଣା ମୃତ୍ୟୁ ସପ୍ତାହ ପାଳନ

ବଡ଼ଗାଁ, ୩।୪(ଡି.ଏନ.ଏ.)

**ମଦ ପିଇ ଗାଡ଼ି ଚଳାଇଲେ ବନ୍ଧାହେବେ**

ସୁନ୍ଦରଗଡ ଜିଲା ବଡ଼ଗାଁ ଦୁର୍ଗା ମଣ୍ଡପଠାରେ ଜିଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଶୂନ୍ୟ ସଡ଼କ ଦୁର୍ଘଟଣା ମୃତ୍ୟୁ ସପ୍ତାହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆର୍‌ଟିଓ ସୁକାନ୍ତ କୁମାର ଦାସ, ସଡ଼କ ସୁରକ୍ଷା ସମିତି ସଭ୍ୟ ଅବସରପ୍ରାପ୍ତ ବିଡିଓ ଗୋପବନ୍ଧୁ ପଟେଲ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସରପଞ୍ଚ ସୁଗାଡ ସମୁଏଲ ସଏ, ଅବସରପ୍ରାପ୍ତ ଶିକ୍ଷକ ପୀତବାସ ପଣ୍ଡା, ଡ୍ରାଇଭର ସଂଘ ସଭାପତି ଦିଲ୍ଲୀପ ଚକ୍ରବର୍ତ୍ତୀ ଯୋଗଦେଇ ଶୂନ୍ୟ ସଡ଼କ ଦୁର୍ଘଟଣା ମୃତ୍ୟୁ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଦୁର୍ଘଟଣା ନିରାକରଣ ଉପରେ ଆଲୋଚନା କରି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଆର୍‌ଟିଓ ଦାସ ଦୁର୍ଘଟଣାରେ ମୃତ୍ୟୁ କିମ୍ବା ଗୁରୁତର ହେଉଥିବା ବ୍ୟକ୍ତିଙ୍କ ପରିବାର କିପରି ଦୁଃଖ କଷ୍ଟ ଭୋଗନ୍ତି ବୁଝାଇଥିଲେ। ଅନ୍ୟମନସ୍କ ହୋଇ, ମଦ୍ୟପାନ କରି, ଅନାବଶ୍ୟକ ଦ୍ରୁତ ଗତି ଚାଳନା, ଟ୍ରାଫିକ ନିୟମ ନ ମାନିବା ଭଳି କେତେକ କାରଣରୁ ଦୁର୍ଘଟଣା ଘଟିଥାଏ। ଏଥିପ୍ରତି ସମସ୍ତେ ସଚେତନ ଓ ସଜାଗ ହେଲେ ଶୂନ୍ୟ ସଡ଼କ ଦୁର୍ଘଟଣା ମୃତ୍ୟୁକୁ ରୋକିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଯେଉଁ ମହତ ଉଦ୍ଦେଶ୍ୟ ରଖିଛନ୍ତି ତାହା ସଫଳ ହୋଇପାରିବ ବୋଲି କହିଥିଲେ। ଡ୍ରାଇଭରମାନେ ଟ୍ରାଫିକ ନିୟମ ମାନିବା, ସ୍ଥାନ ଅନୁଯାୟୀ ନିର୍ଦ୍ଦିଷ୍ଟ ବେଗ ରଖିବା, ଓଭରଟେକ ଠିକ ସ୍ଥାନ ଦେଖି କରିବା, ସିଟବେଲ୍ଟ ଲଗାଇବା, ବାଇକ ଚଳାଇଲେ ହେଲମେଟ ଲଗାଇବାକୁ ପରାମର୍ଶ ଦେଇଥିଲେ।

## ସାଗରପାଲିରେ ୨୪ ପ୍ରହର ନାମଯଜ୍ଞ

ବେଲପାହାଡ,୩।୪(ଡି.ଏନ.ଏ.)

ଲଖନପୁର ବ୍ଲକ ସାଗରପାଲି ଗ୍ରାମରେ ୬୫ତମ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ସୋମବାର ନଗରକୀର୍ତ୍ତନ ସହ ଶେଷ ହୋଇଛି। ନାମ ଯଜ୍ଞରେ ଠେବରା, ଭଅଁରଖୋଲା, ପରସିଆଁ, ଡୁଡୁଗା, ବନପାଳି, ସିଂହାରପୁର, କଦମଡ଼ିହ, ଭଉଁରାଚକା, ସାହୁପଡା, କଲମି(ମୁର), ପରୁଆଭାଡି, ଜରିମୂଳି ଆଦି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ତିନିଦିନ ଧରି ହରି ନାମ ସଂକୀର୍ତ୍ତନ ଦ୍ୱାରା ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ନାମଯଜ୍ଞରେ ଶିବ ନାରାୟଣ ନାୟକ ପୂଜକ ଏବଂ ଶିବୁ ପ୍ରଧାନ ଓ ପଦ୍ମିନୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲା। ସେହିପରି ଷଡ଼ବୈଷ୍ଣବ ଭାବରେ ଯାଦବ ସେଟ, ଜୟରାମ ମେହେର, ବିପିନ ସେଟ, ଶିବ ମେହେର, କୁଳମଣି ବଣିଆଁ, ଧନୁର୍ଯ୍ୟୟ ବଣିଆଁ ଥିଲେ। ଗୁରୁବାର ଅଧିବାସ ପରେ ଶୁକ୍ରବାର ସକାଳୁ ନାମଯଜ୍ଞ ହୋଇଥିଲା। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ପ୍ରଧାନ, ନରେନ୍ଦ୍ର ପ୍ରଧାନ, ପୁରନ୍ଦର ପ୍ରଧାନ, ପ୍ରଦୀପ ପ୍ରଧାନ ଜିତେନ୍ଦ୍ର ପ୍ରଧାନ, ଭାସ୍କର ପ୍ରଧାନଙ୍କ ସମେତ ସାଗରପାଲି ଗ୍ରାମବାସୀ ସହଯୋଗ କରିଥିଲେ।

## ଅଏଁଲାପାଲି ନୂତନ କୃଷି ସମବାୟ ସମିତି ଉଦ୍‌ଘାଟିତ

ବଲପାହାଡ, ୩।୪ (ଡି.ଏନ.ଏ.)

ଲଖନପୁର ବ୍ଲକ ଅନ୍ତର୍ଗତ ଅଏଁଲାପାଲିର ନୂତନ କୃଷି ସମବାୟ ସମିତି ସୋମବାର ଉଦ୍‌ଘାଟିତ ହୋଇଛି। କୁମ୍ଭାରବନ୍ଧ ପଞ୍ଚାୟତ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜର ମୁଖ୍ୟଅତିଥି ଓ ଏମ୍‌ପିଙ୍କ ପ୍ରତିନିଧି ରଘୁ ନନ୍ଦନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭାପତି ରମେଶ ନାଏକ, କୁମ୍ଭାରବନ୍ଧ ସରପଞ୍ଚ କମଳ ଲୋଚନ ବିଶ୍ୱାଳ, ସମିତି ସଭ୍ୟ ରମା ଭାଇ, ସରଣ୍ଡାମାଳ ଏସ୍‌ସିଏସ୍‌ର ସଭାପତି ରମେଶ ପାଢ଼ୀ, ରେମଣ୍ଡା ଏସ୍‌ସିଏସ୍ ସଭାପତି ରଞ୍ଜନ ଭୋଇ, ତିଲିଆ ଏସ୍‌ସିଏସ୍ ସଭାପତି ଭୋନାଥ ବଢେ଼ଇ, ସାମାଜିକ କର୍ମୀ ଲିଙ୍ଗରାଜ ବଢେ଼ଇ, ସମବାୟବିତ୍ ପ୍ରସନ୍ନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଛାତ୍ରୀଙ୍କ ସଫଳତା

ଦେବଗଡ, ୩।୪(ଡି.ଏନ.ଏ.)

ଓଡିଶା ବିଜ୍ଞାନ ଏକାଡେମୀ ଓ ଓଡିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ କର୍ମଶାଳାରେ କୃତିତ୍ୱ ହାସଲ କରିଛନ୍ତି ଦେବଗଡ ଜିଲା ବାରକୋଟ ବ୍ଲକ ଦଣ୍ଡାସିଂହା ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ପାୟଲ ପ୍ରଧାନ। ଚଳିତ ବର୍ଷର ମୁଖ୍ୟ ବିଷୟ 'ସମାଜ ପାଇଁ ବିଜ୍ଞାନର ଅବଦାନ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ ନବମ ଶ୍ରେଣୀ ଛାତ୍ରୀ ପାୟଲ ଅଂଶଗ୍ରହଣ କରି ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଦେବଗଡ ଜିଲା ପାଇଁ ଗୌରବ ଆଣିଛନ୍ତି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନ ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମା ଯୋଗଦେଇ କୃତୀ ଛାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପାୟଲଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ମାର୍ଗଦର୍ଶକ ନକୁଳ ଚନ୍ଦ୍ର ମାହାନ୍ତ ଓ ରୋହିତ ସାହୁ, ପ୍ରଧାନଶିକ୍ଷକ ଗଗନ ବିହାରୀ ନାୟକ ଓ ଜିଲା ବିଜ୍ଞାନ ନିରୀକ୍ଷକ ଦୁଃଖବନ୍ଧୁ ଭୁକ୍ତା ଅଭିନନ୍ଦନ ଜଣାଇଛନ୍ତି।




ଛାତ୍ରୀ ପାୟଲ ପ୍ରଧାନ ପୁରସ୍କାର ଗ୍ରହଣ କରୁଛନ୍ତି।

## ବଡ଼ଗାଁ ଲ୍ୟାମ୍ପସର ବାର୍ଷିକ ସାଧାରଣ ବୈଠକ

ବଡ଼ଗାଁ, ୩।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ସମବାୟ ସମିତି (ଲ୍ୟାମ୍ପସ)ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୁଲକୁ ଠେମରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପ ସଭାପତି ଅହଲ୍ୟା ଲାକ୍ରା, ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ପଟେଲ ଯୋଗଦେଇ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ପଟେଲ ୨୦୨୩– ୨୦୨୩ ଆର୍ଥିକ ବର୍ଷର ବିବରଣୀ ପାଠ କରିଥିଲେ। ବୈଠକରେ ଚାଷୀମାନେ କୃଷିଋଣ, ଧାନ ବିକ୍ରି, ସାର ଯୋଗାଣ ଆଦି ଉପରେ ପ୍ରଶ୍ନ କରିଥିଲେ। ବଡ଼ଗାଁର ଚାଷୀ କରୁଣାକର ସା ଧାନ ଖର୍ଦି ଟଙ୍କାକୁ ସମବାୟ ସମିତିରେ ରଖି ଋଣ ପରିଶୋଧ କରିବାକୁ ପରାମର୍ଶ ଦେଇଥିଲେ। ଚାଷୀ ମନୋଜ ପୃଷେଟ ସମର୍ଥନ କରିଥିଲେ। ସଭାପତି ଠେମରିଆ ଧାନବିକ୍ରି କମିଶନ ଚାଷୀଙ୍କୁ ୩ବର୍ଷ ହେଲା ମିଳି ନ ଥିବାରୁ କ୍ଷୋଭ ପ୍ରକଟ କରିଥିଲେ। ନିର୍ଦ୍ଦେଶକ ପଟେଲ ଚାଷୀମାନେ ଠିକ ସମୟରେ ଋଣ ପରିଶୋଧ କଲେ ୧ଲକ୍ଷ ଟଙ୍କା ମିଳିପାରିବ ଓ ଏସଏଚଜିମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଳିବ ସୂଚନା ଦେଇଥିଲେ।

## ବରପୁତ୍ରଙ୍କ ନାମରେ ଗଛ ଲଗାଇଲେ ଛାତ୍ରୀଛାତ୍ର



ପବ୍ଲିକ ସ୍କୁଲରେ ଛାତ୍ରୀଛାତ୍ର ଚାରା ରୋପଣ କରୁଛନ୍ତି।

ସୁନ୍ଦରଗଡ଼,୩।୪(ଡି.ଏନ.ଏ.)

ବରପୁତ୍ରଙ୍କ ନାମରେ ଗଛ ଲଗାଇ ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଓଡିଶା ଦିବସ ପାଳନ କରିଛନ୍ତି ଛାତ୍ରୀଛାତ୍ର। ବିଦ୍ୟାଳୟର ସ୍କାଉଟ୍ସ୍‌ଗାଇଡ୍ସ ଛାତ୍ରୀଛାତ୍ର ଓଡିଶାର ବରପୂତ୍ରମାନଙ୍କର ଫଟୋଚିତ୍ର ଧରି ସହର ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଦିଲୀପ କୁମାର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଝାରସୁଗୁଡା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ.ଚିରବ୍ରତ ଦତ୍ତ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ଗଠନରେ ବରପୂତ୍ରମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ଡ.ହରପ୍ରିୟା ପଟେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ କୌତୁକ ବେଶ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଏବଂ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା ବିଦ୍ୟାଳୟର ସ୍କାଉଟ୍ସ ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଓଡିଶାର ବରପୁତ୍ରଙ୍କ ନାମରେ ଗଛଚାରା ରୋପଣ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସ୍କାଉଟ୍ସ ଶିକ୍ଷକ ଅଶୋକ କୁମାର ପରିଡା ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବାର୍ହା ମାଂସ ଜବତ

**ଦେଓଗାଁ,୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ଫରେଷ୍ଟ ରେଞ୍ଜ ତଥା ଦେଓଗାଁ ବ୍ଲକ ବନ୍ଧପଡା ଅନ୍ତର୍ଗତ ଖଲିଆପାଲି ଗାଁ ନିକଟରୁ ବନ ବିଭାଗ ବାର୍ହା ମାଂସ ଜବତ କରିଛି । ଏ ନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶି ସୂଚନା ଦେଇଛନ୍ତି । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରେଞ୍ଜର ବିଶିଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ଅତର୍କିତ ଚଢ଼ାଉ କରିଥିଲେ । ଅଭିଯୁକ୍ତ ମାଂସ ଓ ବାଇକ ଛାଡି ଫେରାର ହୋଇ ଯାଇଥିଲେ। ବାର୍ହାର ମୁଣ୍ଡ, ଗୋଡ ଓ ଲାଞ୍ଜକୁ ଜବତ କରିଥିଲା ବନ ବିଭାଗ। ବାଇକ ନଂ ଓଡି୦୩ ଏକ୍ସ ୯୯୫୦କୁ ଜବତ କରାଯାଇଛି।

### ପୌରାଧକ୍ଷାଙ୍କୁ ସଭାମଞ୍ଚକୁ ଡାକିଲେନି, ଭାଜପାର ପ୍ରତିବାଦ

**ଟିଟିଲାଗଡ଼, ୩।୪(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ପ୍ରଶାସନ ତରଫରୁ ଗତ ୧ତାରିଖ ଟିଟିଲାଗଡ ପୌର ପରିଷଦ କଲ୍ୟାଣ ପଣ୍ଡପରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଥିଲା। ଟିଟିଲାଗଡ଼ ପୌରାଧକ୍ଷା ମମତାଦେବୀ ଜୈନଙ୍କୁ ମଞ୍ଚକୁ ଡକା ନ ଯିବାରୁ ଅପମାନବୋଧ କରି ସେ ସଭାସ୍ଥଳ ଛାଡି ଚାଲିଯାଇଥିଲେ। ଏହାର ପ୍ରତିବାଦରେ ସୋମବାର ଭାଜପା ତରଫରୁ ଉପଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରେ ସହାୟକ ଜିଲାପାଳ ଚନ୍ଦ୍ରପ୍ରକାଶ ଦେହୁରୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦେଶ୍ୟରେ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ଟିଟିଲାଗଡର ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ଜିଲା ସଭାପତି ଶିବାଜୀ ମହାନ୍ତିଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଟ୍ରାକ୍ଟର ଓଲଟି ୨ ମୃତ

**ପଦ୍ମପୁର,୩।୪(ଡି.ଏନ.ଏ.):** ବରଗଡ଼ ଜିଲା ବୁଡେନ ଥାନା ଅଧୀନ ପଦ୍ମପୁର ନିକଟସ୍ଥ ଗଡଭାଟି-ବୁବୁଡା ପୋଲଠାରେ ଟ୍ରାକ୍ଟର ଓଲଟି ପଡିବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ଟ୍ରାକ୍ଟର ଡ୍ରାଇଭର ଅକ୍ରୁର ଖର୍ସେଲ ଓ ବୁବୁଡା ଗ୍ରାମର ନାରାୟଣ ପୋଢ଼। ବୁଡେନ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ସୂଚନା ଅନୁସାରେ, ଡଙ୍ଗରମୁଣ୍ଡା ଗ୍ରାମର ଉକ୍ତ ଟ୍ରାକ୍ଟର (ନଂ.ଓଡି୧୭ୱାଇ୫୦୯୩)ରେ ଅକ୍ରୁର ଓ ନାରାୟଣ ଆସୁଥିବା ବେଳେ ଭାରସାମ୍ୟ ହରାଇବାରୁ ଟ୍ରାକ୍ଟର ଓଲଟି ପଡିଥିଲା। ଟ୍ରାକ୍ଟର ତଳେ ଚାପି ହୋଇଯିବାରୁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

# ପୁନରୁଦ୍ଧାର ହେଉନି ଜଳଉତ୍ସ

**ସୋନପୁର,୩।୪(ନି.ପ୍ର.)**



ଗ୍ରାମାଞ୍ଚଳରେ ଜଳାଶୟ ଶୁଖିଲା ପଡିଛି ।

ସୁବର୍ଣ୍ଣପୁର ଜିଲାରେ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗଭୀର ନଳକୂପ ଖୋଳି ଲୋକେ ରବିଋତୁରେ ଧାନ ଚାଷ କରୁଛନ୍ତି। ଧାନଚାଷରେ ଅଧିକ ଜଳ ଆବଶ୍ୟକ ହେଉଥିବାରୁ ଭୂତଳ ଜଳସ୍ତର ହ୍ରାସ ପାଉଛି। ଜିଲାରେ ତାତି ବଢିବା ସହିତ ଆଭ୍ୟନ୍ତରୀଣ ଅଞ୍ଚଳରେ ଜଳ ସଙ୍କଟ ଆରମ୍ଭ ହେଲାଣି। ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଥିବା ପୁରାତନ ଜଳଉତ୍ସଗୁଡିକ ଠିକ୍ ଭାବରେ ପୁନରୁଦ୍ଧାର ହେଉନି। ତେଣୁ ଗ୍ରୀଷ୍ମଋତୁରେ ପ୍ରତିବର୍ଷ ଜିଲାରେ ଜଳକଷ୍ଟ ଦେଖାଯାଉଛି। ଏପ୍ରିଲ ମାସ ଆରମ୍ଭରୁ ତାତି ଅସମ୍ଭାଳ ହେଲାଣି। ୨୦୨୨ରେ ସୋନପୁର ସହର ଦେଶର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଥିଲା। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା।

ସୁବର୍ଣ୍ଣପୁର ପୌରାଞ୍ଚଳରେ ରାଜାରାଜୁଡା ଅମଳରୁ ୫୦ରୁ ଉର୍ଦ୍ଧ୍ୱ ଛୋଟ ବଡ ଜଳ ଉତ୍ସ ଥିଲା। ସେଗୁଡିକୁ ପୁନରୁଦ୍ଧାର ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଜଳଉତ୍ସଗୁଡିକ ପୋତି ହୋଇଗଲାଣି। ଫଳରେ କେବଳ ଜନସାଧାରଣ ନୁହେଁ ପଶୁପକ୍ଷୀ ମଧ୍ୟ ଜଳକଷ୍ଟରୁ ରକ୍ଷା ପାଇ ପାରିନାହାନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ସହିତ ଜଳକଷ୍ଟ ଯୋଗୁଁ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହୋଇଛି।

ଜିଲାରେ ପଞ୍ଚାୟତ ପୋଖରୀ ସଂଖ୍ୟା ୩ ହଜାର ୭୮୮ଟି, ବେସରକାରୀ ପୋଖରୀ ସଂଖ୍ୟା ୫୬୨ଟି, ରାଜସ୍ୱ ବିଭାଗ ଅଧିନରେ ୨୨୯ଟି, କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ ୩୪ଟି ଏହିପରି ମୋଟ ୪ ହଜାର ୬୪୨ଟି ପୋଖରୀ ଅଛି । ଏହି ସମସ୍ତ ପୋଖରୀ ୧୧୧୬୮/୭୫୪ ଏକର ଅଟେ। ସେହିଭଳି ଜିଲାର ମଧ ଭାଗ ଦେଇ ମହାନଦୀ, ତେଲ ନଦୀ, ଅଙ୍ଗନଦୀ, ନିବୃତ୍ତି ଯୋର ଓ ସୁକତେଲ ନଦୀ ଏବଂ ଅନେକ ଯୋର, ନାଳ ପ୍ରବାହିତ ହେଉଛି। ଠେଙ୍ଗୋ ଭଳି ମଧ୍ୟମ ଜଳସେଚନ ପ୍ରକଳ୍ପ ରହିଛି। ତେବେ ନଦୀଗୁଡିକରେ ଜଳ ପ୍ରବାହ ହ୍ରାସ ପାଇଥିବା ବେଳେ ପୋଖରୀଗୁଡିକରେ ଜଳସ୍ତର କମିଛି। ପ୍ରତିବର୍ଷ ଗ୍ରାମାଞ୍ଚଳରେ ପୋଖରୀ ଗୁଡିକର ପୁନରୁଦ୍ଧାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ବିଶେଷ କରି ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ଜଳଉତ୍ସ ଗୁଡିକର ଉନ୍ନତି କରାଯାଉଛି। ମାତ୍ର ଏହି ଅର୍ଥର ସଦ୍‌ବିନିଯୋଗ ହେଉ ନଥିବାରୁ ପୋଖରୀ ଗୁଡିକର ଉନ୍ନତି ହୋଇପାରୁନି। ଗ୍ରୀଷ୍ମଋତୁରେ ଜିଲାର ଅଧିକାଂଶ ପୋଖରୀ ଶୁଖିଲା ପଡୁଛି। ଅନ୍ୟପକ୍ଷେ ଶତାଧିକ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଭୂତଳ ଜଳ ଉତ୍ତୋଳନ କରାଯାଉଛି। ଏହି ଜଳକୁ ରବିଋତୁରେ ଧାନ ଚାଷରେ ବ୍ୟବହାର କରାଯାଉଛି। ଫଳରେ ଭୂତଳ ଜଳସ୍ତର ହ୍ରାସ ପାଉଛି। ଜିଲାରେ ୨୯୨ଟି ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଥିବା ବେଳେ ଜଳସ୍ତର ହ୍ରାସ ଯୋଗୁଁ କିଛି

### ଭୂତଳ ଜଳସ୍ତର ହ୍ରାସ ପାଉଛି

ପ୍ରକଳ୍ପ ଅଚଳ ହୋଇ ପଡିଥିବା ଅଭିଯୋଗ ହେଉଛି। ସେହିପରି ଜିଲାରେ ୮ ହଜାର ୫୮୧ଟି ନଳକୂପ ଥିବା ବେଳେ କେତେକ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ତେଣୁ ଗ୍ରାମାଞ୍ଚଳରେ ଜଳକଷ୍ଟ ଅଧିକ ଗୁରୁତର ହେବା ଆଶଙ୍କା ସୃଷ୍ଟି କରିଛି। ଜିଲାର ପ୍ରାୟ ୪୨ ପ୍ରତିଶତ ଗାଁକୁ ପାନୀୟ ଜଳ ଯୋଗାଣ କରା ଯାଇଥିବା ସରକାରୀ ଭାବେ କୁହାଯାଉଛି । ଏବେ ବି ଜିଲାର ୫୮ ପ୍ରତିଶତ ଗ୍ରାମବାସୀ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ବିନିକା, ଡୁଙ୍ଗୁରିପାଲି ଓ ତରଭା ବ୍ଲକରେ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବା ବେଳେ ତାହା ମନ୍ଥର ଗତିରେ ଚାଲିଛି। ଏବେ ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି । ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳ ଉଲୁଣ୍ଡା, ବୀରମହାରାଜପୁର, ତରଭା, ବିନିକା, ସୋନପୁର ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ଥିବା ଗ୍ରାମ ଗୁଡିକରେ ଜଳକଷ୍ଟ ଆରମ୍ଭ ହେଲାଣି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପୋଷଣ ପାଖୱାଡ଼ା ଦିବସ ପାଳିତ



କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଖପ୍ରାଖୋଲ, ୩।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ଅନ୍ତର୍ଗତ ବାଘଡ଼ିଆ ଗାଁରେ ଆଇସିଡ଼ିଏସ ତରଫରୁ ପୋଷଣ ପାଖୱାଡ଼ା ଦିବସ ସୋମବାର ପାଳିତ ହୋଇଯାଇଛି। ମନୋରଞ୍ଜନ ଥନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ମୁଖ୍ୟଅତିଥିଭାବେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ସୁରଜ ଦୀପ, ସମ୍ମାନୀତ ଅତିଥିଭାବେ ସରପଞ୍ଚ ପ୍ରଫୁଲ୍ଲ ମାଝି, ସିଡ଼ିପିଓ ସୁଜାତା ଦୋରା, ମିଲେଟ ମିଲେଟ ମିଶନ ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ଗଣେଶ ବନଛୋର, ଶିକ୍ଷକ ଗୋବିନ୍ଦ କାଲସାଏ, ଅକ୍ଷୟ ଧରୁଆ, ଜୟପ୍ରକାଶ ରାଉତ ଯୋଗଦେଇଥିଲେ। ଅତିଥିମାନେ ପୋଷଣଯୁକ୍ତ ଖାଦ୍ୟ ବ୍ୟବହାର ପାଇଁ ସଚେତନ କରିଥିଲେ। ଶେଷରେ ମାଲପଡା ଏବଂ କପସିପାଲି ସ୍କୁଲମାନଙ୍କରେ ହୋଇଥିବା ମିଲେଟ କୁଇଜ ପ୍ରତିଯୋଗୀର କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସାନଉଡେନ ଗାଁର ସତ୍ୟନାରାୟଣ ପାଲା ଦଳ କ୍ଷୁଦ୍ରଶସ୍ୟ ପୋଷଣତତ୍ୱ ଖାଦ୍ୟ ଉପରେ ପାଲା ମାଧ୍ୟମରେ ସଚେତନ କରିଥିଲେ।

# ପୁଣି ଚର୍ଚ୍ଚାରେ ପାକ୍ସ ସମ୍ପାଦକ ଚାକିରି

**ବଲାଙ୍ଗୀର ଅଫିସ, ୩।୪**

### ଜାଲ୍ ସାର୍ଟିଫିକେଟ ମାମଲା

ବଲାଙ୍ଗୀର ଡାକ ବିଭାଗରେ ଜାଲ୍ ସାର୍ଟିଫିକେଟ୍ ଧରାପଡିବା ପରେ ଏବେ ବିଭିନ୍ନ ସରକାରୀ ଅଫିସରେ କିଭଳି ଜାଲ୍ ସାର୍ଟିଫିକେଟ ଦେଇ ଶତାଧିକ ଯୁବତୀ, ଯୁବକ ସରକାରୀ ଚାକିରି ହାତେଇଛନ୍ତି ତାହା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଚର୍ଚ୍ଚା ଆଲୋଚନା ବେଳେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଘୁନା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଜାଲ୍ ସାର୍ଟିଫିକେଟ୍ ଦେଇ ସମ୍ପାଦକ ପଦବୀ ହାତେଇ ଥିବା ପୁଣି ଥରେ ଚର୍ଚ୍ଚାର ବିଷୟ ହୋଇଛି।

୨୦୧୬ ମସିହାରୁ ରଶ୍ମିରଞ୍ଜନ ବେହେରା ପାକ୍ସ ସମ୍ପାଦକ ଭାବେ କାର୍ଯ୍ୟ କରିଆସୁଛନ୍ତି। ଜାଲ୍ ସାର୍ଟିଫିକେଟ୍ ଦେଇ ସେ ସମ୍ପାଦକ ପଦବୀ ହାସଲ କରିଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସିଛି। ଡାକ ବିଭାଗରେ ଜାଲ୍ ସାର୍ଟିଫିକେଟ ରାକେଟ ଧରାପଡିବା ପରେ ଏହି ଘଟଣା ପୁଣି ଆଲୋଚନାର ପରିସରକୁ ଆସିଛି। ସୂଚନା ଅଧିକାର କର୍ମୀ ନୀଳମଣି ଯୋଷୀ ଏସ୍‌ପି ଅଫିସକୁ ଯାଇ ଘୁନା ପାକ୍ସ ସମ୍ପାଦକ ନିଯୁକ୍ତି ଜାଲ ସାର୍ଟିଫିକେଟ ମାମଲାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଉକ୍ତ ପାକ୍ସ ସମ୍ପାଦକ ବଲାଙ୍ଗୀର ସ୍ଥିତ କମ୍ପଭାଇ ଭୋକେଶନାଲ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ରୁ ଡିପ୍ଲୋମା ଇନ୍ କୋ-ଅପରେଟିଭ୍ ମ୍ୟାନେଜମେଣ୍ଟ(ଡିସିଏମ୍) ଏବଂ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ କମ୍ପ୍ୟୁଟର ଏପ୍ଲିକେଶନ୍ (ପିଜିଡିସିଏ) ଏବଂ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ ନାଗାର୍ଜୁନ ନଗରର ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ସାର୍ଟିଫିକେଟ ଦେଇଛନ୍ତି। ଏସବୁ ସାର୍ଟିଫିକେଟ୍ ଜାଲ୍ ବୋଲି ସୂଚନା ଅଧିକାର କର୍ମୀ ଯୋଷୀ ଦର୍ଶାଇଛନ୍ତି। ଏନେଇ ଘୁନା ପାକ୍ସ ସମ୍ପାଦକ ବେହେରାଙ୍କୁ ତାଙ୍କ ମୋବାଇଲ ଫୋନ୍ ନଂ ୯୪୩୭୯୭୭୧୯୭ରେ ଯୋଗାଯୋଗ କରାଯାଇଥିଲା। ହେଲେ ସମ୍ପୃକ୍ତ ନମ୍ବରରେ ଇନ୍ କମିଙ୍ଗ୍ ସେବା ଉପଲବ୍ଧ ନଥିବା ବତାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏନେଇ କମ୍ପଭାଇ ଭୋକେଶନାଲ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ର ସତ୍ତ୍ୱାଧିକାରୀ ଜପବନ୍ଧୁ କମ୍ପଙ୍କୁ ପଚାଯିବାରୁ ଘୁନା ସମ୍ପାଦକ ବେହେରା ତାଙ୍କ ଇନଷ୍ଟିଚ୍ୟୁଟ୍‌ରେ ଟ୍ରେନିଂ କରୁଥିଲେ ଏବଂ ଡିସିଏମ୍ ଏବଂ ପିଜିଡିସିଏ ସାର୍ଟିଫିକେଟ ନେଇଛନ୍ତି। ଏହା କୌଣସି ଜାଲ୍ ସାର୍ଟିଫିକେଟ ନୁହେଁ ବୋଲି ସେ କହିଛନ୍ତି। ଡାକ ବିଭାଗରେ ଜାଲ ସାର୍ଟିଫିକେଟ ଧରାପଡିବା ପରେ ବଲାଙ୍ଗୀର ଟାଉନ୍ ପୋଲିସ ରିଲାଏନ୍ସ କୋଚିଂ ସେଣ୍ଟରରେ ଚଢ଼ାଉ କରି ବହୁ ଜାଲ୍ ସାର୍ଟିଫିକେଟ ଜବତ କରିଥିଲା। ଏହାପରେ କମ୍ପଭାଇ ଭୋକେଶନାଲ ଏଜୁକେଶନ୍ କମ୍ପ୍ଲେକ୍ସରେ ପୋଲିସ ଚଢ଼ାଉ କରିଥିଲା। ତେବେ ସେଠାରୁ କୌଣସି ଡକ୍ୟୁମେଣ୍ଟ ବାହାରି ନ ଥିବା ପୋଲିସ ପକ୍ଷରୁ କୁହାଯାଇଥିଲା।

# ମାଣ୍ଡିଆ ଦିବସରେ ସଚେତନତା କାର୍ଯ୍ୟକ୍ରମ




ମାଣ୍ଡିଆ ଦିବସରେ ବାହାରିଥିବା ଶୋଭାଯାତ୍ରା।

**ମୁରିବାହାଲ, ୩।୪(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ମିଲେଟ ମିଶନ ତରଫରୁ ସୋମବାର ମାଣ୍ଡିଆ ଦିବସ ଉପଲକ୍ଷେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ମଧ୍ୟମରେ ସଚେତନା ରାଲି ନଗର ପରିକ୍ରମା କରିଥିଲା। ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ସୁପ୍ରଭା ମହାପାତ୍ରଙ୍କ ଅଧକ୍ଷତାରେ ମୁରିବାହାଲ ସରପଞ୍ଚ ବିଶ୍ୱବିହାର ଯୋଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କାରିଥିଲେ। ସମ୍ମାନୀତ ଅତିଥିଭାବେ ମିଲେଟ ମିଶନର ଆଶା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପାଦକ ଭାସ୍କର ସାହୁ, ଉଜ୍ୱଳ ପୁଟେଲ, ପରିଦର୍ଶିକା ବାସନ୍ତୀ ଭୋଇ, ବିନ୍ଦୁ ବିଳାସିନୀ ଦାସ, ନୀଳେନ୍ଦ୍ରୀ ଖମାରୀ ଉପସ୍ଥିତ ରହି ମାଣ୍ଡିଆର ଉପକାରିତା ଉପରେ ମତ ରଖିଥିଲେ। ଏଡି ଅବସରରେ ମାଣ୍ଡିଆ ପ୍ରସ୍ତୁତ ଜଲାପି, ଗୁଲାପଯାମୁନ, କ୍ଷିରି, ଲଡୁ, ପିଠା ଆଦି ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା।

# କାର୍ଯ୍ୟକ୍ଷମ ହେବ ବାଦିବାହାଲ କୃଷି ସମବାୟ ସମିତି

**ଲୋଇସିଂହା, ୩।୪(ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ପ୍ରାଥମିକ କୃଷି ସମବାୟ ସମିତିକୁ ପରିବର୍ଦ୍ଧିତ କରିବା ପାଇଁ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାରେ ନୂତନ ୧୨ଟି ପ୍ରାଥମିକ ସମବାୟ ସମିତି ଗଠନ କରାଯିବ। ଏହିକ୍ରମରେ ବନ୍ଦ ଥିବା ଲୋଇସିଂହା ବ୍ଲକ ବାଦିବାହାଲ ପ୍ରାଥମିକ କୃଷି ସମବାୟ ସମିତି ପୁଣି କାର୍ଯ୍ୟକ୍ଷମ ହେବାକୁ ଯାଉଛି। ନୂତନ ଶହେ ସଭ୍ୟଙ୍କୁ ନେଇ କାର୍ଯ୍ୟ କରିବ ସମିତି। ଏଥିପାଇଁ ରେଜିଷ୍ଟ୍ରେଶନ ସରିଥିବା ଯୋଗୀସର୍ଡା ସମିତି ସମ୍ପାଦକ ଘନଶ୍ୟାମ ପୁଟା କହିଛନ୍ତି। ୧୯୭୫ରେ ବାଦିବାହାଲରେ ପ୍ରାଥମିକ କୃଷି ସମବାୟ ସମିତି ଗଠନ କରାଯାଇଥିଲା। ବାଦିବାହାଲ, ଭାଲୁପାଲି, କଦଳୀପାଲି, ଅଗଲାପାଲି, ଭାଲିଆମୁଣ୍ଡା, ନେଗିପାଲି, ପିପିଲିପାଲି, ସଲତରପାଲି ଆଦି ଗାଁ ସମିତି ଅଧୀନରେ ରହିଥିଲା। ୨୦୦୦ ମସିହା ପୂର୍ବରୁ ଋଣ ଜାଲିଆତିକୁ ନେଇ ସମିତି ବିବାଦୀୟ ହୋଇପଡିଥିଲା। ସେତେବେଳେ ସମିତି ସମ୍ପାଦଙ୍କ ସମେତ ଲୋଇସିଂହା କେନ୍ଦ୍ରବ୍ୟାଙ୍କ ଶାଖାର କେତେକ କର୍ମଚାରୀ ନିଲମ୍ବିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସମିତି କ୍ଷତିରେ ଚାଲିଲା। ଏହାପରେ ବିଭାଗ ପକ୍ଷରୁ ୨୦୦୪ରେ ସମିତିକୁ ବନ୍ଦ କରି ନିକଟସ୍ଥ ଯୋଗୀସର୍ଡା ସମିତିରେ ମିଶ୍ରଣ କରି ଦିଆଗଲା। ସେବେଠାରୁ ଅଦ୍ୟାବଧି ଉକ୍ତ ସମିତିର କର୍ମଚାରୀ ଯୋଗୀସର୍ଡା ସମିତିରେ କାମ କରୁଛନ୍ତି ଏବଂ ସଭ୍ୟାସଭ୍ୟମାନେ ସମିତିରୁ ସୁବିଧା ପାଉଛନ୍ତି। ଯୋଗୀସର୍ଡା ଓ ବାଦିବାହାଲ ପଞ୍ଚାୟତର ସମସ୍ତ ଗାଁ ଏବଂ ବୁଢୀପଦର ପଞ୍ଚାୟତର ସଦର ଗାଁ ଓ ଲୁହୁରାପାଲିକୁ ବାଦ୍ ଦେଇ ବାକି ଗାଁକୁ ନେଇ ଯୋଗୀସର୍ଡା ସମିତି କାର୍ଯ୍ୟ କରୁଛି। ତେଣୁ ଅନେକ ସମୟରେ ବିବାଦୀୟ ହୋଇ ପଡିଛି। ଚଳିତ ବର୍ଷ ଧାନକିଣା ଜାଲିଆତିକୁ ନେଇ ସମିତି ଜିଲାରେ ଚର୍ଚ୍ଚାରେ ରହିଥିଲା। ସମିତିର ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି।

# 'ଶିକ୍ଷା ବିନା ମନୁଷ୍ୟ ଜୀବନ ମୂଲ୍ୟହୀନ'



ମଞ୍ଚାସୀନ ଅତିଥି ବୃନ୍ଦ।

**ଗୁଡ଼ଭେଲା,୩।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସରସ୍ୱତୀ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଦିନଦୟାଲ କେଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଟିଟିଲାଗଡ ପୌରାଧକ୍ଷା ମମତା ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷା ବିନା ମନୁଷ୍ୟ ଜୀବନ ମୂଲ୍ୟହୀନ ବୋଲି କହିଥିଲେ। ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ମାତୃଶକ୍ତି ପ୍ରମୁଖ ସରସ୍ୱତୀ ନନ୍ଦ ମୁଖବକ୍ତାଭାବେ ଯୋଗ ଦେଇଥିଲେ। ପରିଚାଳନ କମିଟି ସମ୍ପାଦକ ବେଣୁଧର ମନହିରା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶୀଲ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଦୀକ୍ଷାଦଳ ବେହେରା ମଞ୍ଚ ପରିଚାଳନା କରିଥିଲେ। ସହପ୍ରଧାନ ଆଚାର୍ଯ୍ୟ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଟ୍ରକ ଯାଞ୍ଚ ବେଳେ ନାକେଦମ ହେଲେ ପରିବହନ କର୍ମଚାରୀ

**ଲୋଇସିଂହା, ୩।୪(ଡି.ଏନ.ଏ)**

ଯାନବାହାନ ଯାଞ୍ଚବେଳେ ଏକ ଟ୍ରକକୁ ରବିବାର ରାତିରେ ଅଟକାଇ ସୁବର୍ଣ୍ଣପୁର ଜିଲା ଆଞ୍ଚଳିକ ପରିବହନ ବିଭାଗକୁ ନାକେଦମ ହେବାକୁ ପଡିଛି। ଶେଷରେ ସବୁକିଛି ଠିକ୍‌ଠାକ ଥିବାରୁ ଡ୍ରାଇଭରଙ୍କୁ ଗାଡି ହସ୍ତାନ୍ତର କରାଯାଇଥିବା ଲୋଇସିଂହା ଥାନା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି।

ବଲାଙ୍ଗୀର- ସୋନପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଡୁଙ୍ଗରିପାଲି ଥାନା ଅନ୍ତର୍ଗତ ଅଗ୍ନିଶମ କାର୍ଯ୍ୟାଳୟ ଆଗରେ ରବିବାର ରାତିରେ ଯାନବାହାନ ଯାଞ୍ଚ ଚାଲିଥିଲା। ରାତି ପ୍ରାୟ ୧୨ଟାରେ ବରଗଡ ପଟୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ମାର୍ବଲ ବୋଝେଇ ଟ୍ରକ(ଆରଜେ୨୪ଜିଏ୫୦୨୯)କୁ ଅଟକାଇ ବିଭାଗ ପକ୍ଷରୁ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଗାଡିରେ ଓଭରଲୋଡ ଥିବା ଡ୍ରାଇଭରଙ୍କୁ କୁହାଯାଇଥିଲା। ହେଲେ ଡ୍ରାଇଭର ଓଭରଲୋଡ ନାହିଁ ବୋଲି କହିଥିଲେ। ମାପ ପାଇଁ ସୋନପୁରକୁ ଗାଡି ନେବାକୁ କୁହାଯାଇଥିଲା। ହେଲେ ତନଖିସ୍ଥଳରୁ ସୋନପୁରର ଦୂରତା ୬୦ କିମି ଦୂର ଥିବାରୁ ଡ୍ରାଇଭର ରାଜି ଗାଡି ନେବାକୁ ରାଜି ହୋଇ ନ ଥିଲେ। ରାତି ପ୍ରାୟ ୩ଟାରେ ପାଖରେ ମାପ କରିଦେବାକୁ କହି ଟ୍ରକକୁ ଲୋଇସିଂହା ଥାନା ଅନ୍ତର୍ଗତ ଆଗଲାପାଲିର ଏକ କ୍ରଶରକୁ ନେବାକୁ ଡ୍ରାଇଭରଙ୍କୁ କୁହାଯାଇଥିଲା। ୨୦କିମି ବୁର୍ଡା ଛକ ପର୍ଯ୍ୟନ୍ତ ଆସିଲା ପରେ ଡ୍ରାଇଭର ପରିଶ୍ରା ବାହାନରେ ଗାଡିରୁ ଓହ୍ଲାଇ କୁଆଡେ ଚାଲିଯାଇଥିଲେ। ସକାଳେ ସମ୍ପୃକ୍ତ ଡ୍ରାଇଭର ବୁର୍ଡାଛକରେ ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଲୋକଙ୍କୁ ଜଣାଇ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ। ସମ୍ପୃକ୍ତ କ୍ରଶରରେ ଲୋଡିଂ ଗାଡି ମାପ କରିବା ପରେ ଓଜନ ଠିକ୍ ଥିବା ଜଣାପଡିଥିଲା । ଶେଷରେ ପରିବହନ କର୍ମଚାରୀ ଡ୍ରାଇଭରଙ୍କୁ ଖୋଜାଖୋଜି କରି ଲୋଇସିଂହା ଥାନାରେ ଟ୍ରକ ଗାଡି ହସ୍ତାନ୍ତର କରିଥିବା ଜଣାଯାଇଛି ।

# ୨୪ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

**ଦେଓଗାଁ,୩।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଓ ଗୁଡଭେଲା ବ୍ଲକ ସୀମାନ୍ତ ଟେବଡାମୁଣ୍ଡାରେ ୨୪ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ ସମ୍ପନ୍ନ ହୋଇଛି । ମଙ୍ଗଳବାର ସକାଳେ ନାମାରମ୍ଭ ହେବ। ପ୍ରହରୀ କର୍ତ୍ତାଭାବେ ଶଙ୍କର ମେହେର ଓ ତାଙ୍କ ସ୍ତ୍ରୀ ନିଲେନ୍ଦ୍ରୀ ମେହେର ଦାୟିତ୍ୱରେ ଅଛନ୍ତି । କାର୍ଯ୍ୟକ୍ରମ ପରିଚାଳନାରେ ପରିଚାଳନା କମିଟି ସଭାପତି କଳାର ମେହେର, ମନୋଜ ମେହେର, କୁନ୍ତୁ ମେହେର, କୃପାସିନ୍ଧୁ ବାରିକ, ଶୁଶିଳ କୁମାର ମେହେର ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।



୨୪ ପ୍ରହର ନାମଯଜ୍ଞ ପାଇଁ ବାହାରିଥିବା କଳସ ଯାତ୍ରା।

# ସମାନ ର୍ୟାଙ୍କ, ସମାନ ପେନ୍‌ସନ୍ ଦିଅ

**ବଲାଙ୍ଗୀର ଅଫିସ, ୩।୪**

ବଲାଙ୍ଗୀର ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ସମାନ ର୍ୟାଙ୍କ ସମାନ ପେନସନ୍ ଦାବିରେ ସୋମବାର ଏକ ରାଲି ସହର ପରିକ୍ରମା କରିଥିଲା। ରାଲି ପରିକ୍ରମା କରିବା ପରେ ଜିଲାର ଅବସରପ୍ରାପ୍ତ ସୈନିକମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ରକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

କେନ୍ଦ୍ର ସରକାର ସେନାବାହିନୀର ଜେସିଓ ଏବଂ ଯବାନମାନଙ୍କୁ ସମାନ ର୍ୟାଙ୍କକୁ ସମାନ ପେନସନ୍‌ରେ ଯେଉଁ ଅଣଦେଖା କରିଛନ୍ତି ତାର ପ୍ରତିବାଦ କରାଯାଇଥିଲା। ଏଥିରେ ସୈନିକ ସଂଘ ସଭାପତି ବିଭୂତି ଭୂଷଣ ପାଣିଗ୍ରାହୀ, ଉପସଭାପତି ସର୍ବେରାମ ପଟେଲ, ପୂର୍ବତନ ସଭାପତି ଶଶୀକାନ୍ତ ନାଏକ, ପାଟଣାଗଡ ସଂଯୋଜକ ସହଦେବ ପୁରୋହିତ, ଟିଟିଲାଗଡ ସଂଯୋଜକ ଚନ୍ଦ୍ରଶେଖର ସାହୁ, କଣ୍ଟାବାଞ୍ଜି ସଂଯୋଜକ ପ୍ରକାଶ ପଟ୍ଟନାୟକ, ବିନୋଦ ମହାନ୍ତି ଉପସ୍ଥିତ ଥିଲେ। ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ଦାବିପତ୍ର ଦେବାବେଳେ କେନ୍ଦ୍ର ସରକାର ଯେଉଁ ଅବହେଳା କରିଛନ୍ତି ତାକୁ ନିନ୍ଦା କରିବା ସହ ଆଗାମୀ ଦିନରେ ସଂଘର ସମସ୍ତ ସଦସ୍ୟ ଏବଂ ପରିବାର ରରାସ୍ତାକୁ ଓହ୍ଲାଇବେ ବୋଲି କହିଥିଲେ। ରାଲିରେ ପେନସନ୍ ପାଇ ନ ଥିବା ଜଣେ ପୂର୍ବତନ ସୈନିକଙ୍କ ବିଧବା ସ୍ତ୍ରୀ ପ୍ରେମଲତା ନନ୍ଦ କିଭଳି ୨୦୧୪ ମସିହାରୁ ପେନସନ୍ ପାଇବାରୁ ବଞ୍ଚିତ ରହିଛନ୍ତି ଆଲୋଚନା ହୋଇଥିଲା। ଜିଲାପାଳ କାର୍ଯ୍ୟାଳୟରେ ଏକ ମନିଟରିଂ ସେଲ ଖୋଲିବାକୁ ପ୍ରସ୍ତାବ ଦିଆଯାଇଥିଲା।




ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ସୈନିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ୨ ମୃତ

**ପଦ୍ମପୁର,୩।୪(ଡି.ଏନ.ଏ.):** ବରଗଡ଼ ଜିଲା ବୁଢେନ ଥାନା ଅଧୀନ ପଦ୍ମପୁର ନିକଟସ୍ଥ ଗଡଭାଟି-ବୁବୁଡା ପୋଲଠାରେ ଟ୍ରାକ୍ଟର ଓଲଟି ପଡିବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହୁଏ୍ହ ହେଲେ ଟ୍ରାକ୍ଟର ଡ୍ରାଇଭର ଅକ୍ରୁର ଖର୍ସେଲ ଓ ବୁବୁଡା ଗ୍ରାମର ନାରାୟଣ ପୋଢ଼। ବୁଢେନ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ସୂଚନା ଅନୁସାରେ, ଡଙ୍ଗରମୁଣ୍ଡା ଗ୍ରାମର ଉକ୍ତ ଟ୍ରାକ୍ଟର (ନଂ.ଓଡି୧୭ୱାଇ୫୦୯୩)ରେ ଅକ୍ରୁର ଓ ନାରାୟଣ ଆସୁଥିବା ବେଳେ ଭାରସାମ୍ୟ ହରାଇବାରୁ ଟ୍ରାକ୍ଟର ଓଲଟି ପଡିଥିଲା। ଟ୍ରାକ୍ଟର ତଳେ ଚାପି ହୋଇଯିବାରୁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

### ନବୋଦୟ ସ୍କୁଲରେ ଜି-୨୦ ଜନଭାଗୀଦାରି କାର୍ଯ୍ୟକ୍ରମ

**ପାଇକମାଳ,୩।୪(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ଜବାହରଲାଲ ନବୋଦୟ ବିଦ୍ୟାଳୟରେ ଜି-୨୦ ଜନସହଭାଗୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଯୋଗାଭ୍ୟାସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ କ୍ରୀଡ଼ା ଶିକ୍ଷକ ଗିରିଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ତୃତୀୟ ଦିନରେ ପ୍ରାତଃକାଳୀନ ପ୍ରାର୍ଥନା ସଭାସ୍ଥଳରେ ବିଦ୍ୟାଳୟର ଏକାଡେମୀ ଇନ୍‌ଚାର୍ଜ ତଥା ବରିଷ୍ଠ ଶିକ୍ଷକ ଜଗଦୀଶ ପାତ୍ର ଜି-୨୦ର ଉଦ୍ଦେଶ୍ୟ, ଆଭିମୁଖ୍ୟ, ଲକ୍ଷ୍ୟ, କାର୍ଯ୍ୟ ପରିସର ଓ ଅନୁଷ୍ଠାନର ଆଗାମୀ ଦିନର ପରିଚାଳନାଗତ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ଆଲୋକପାତ କରିଥିଲେ।

### ଚବିଶ ପ୍ରହର ନାମଯଜ୍ଞ ସମ୍ପନ୍ନ

**ପାଇକମାଳ,୩।୪(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ସଡ଼କପଡାରେ ୪ଦିନ ଧରି ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ତୋରା, ନୂଆଗଡ, ସିଂହାମୁଣ୍ଡା, ବେଲଡିହି, ବଡବାଙ୍କି, ମିଠାପାଲି, ମୁନିକେଲ, କୋକନରା, ହୀରାପୁର, ପାଇକମାଳ, ଫ୍ରେଜରପୁର, ପିପିଲପାଲି ଆଦି ଗ୍ରାମର ୧୫ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ରାଜୀବ ଲୋଚନ ଭୋଇ ଓ ସ୍ତ୍ରୀ ଭାନୁପ୍ରିୟା ଭୋଇ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଡିଗ୍ରୀଧର ଦେବତା ଓ ମିତ୍ରଭାନୁ ଦେବତା ପୂଜା କାର୍ଯ୍ୟ ତୁଲାଇଥିଲେ। ନାମଯଜ୍ଞ କମିଟି ସଭାପତି ଶୁକଦେବ ପ୍ରଧାନ, ଉପସଭାପତି ଜୟଦେବ ମଟାରୀ, ସମ୍ପାଦକ ନୀଳମଣି ସାହୁ, ଯୁଗ୍ମ ସମ୍ପାଦକ ଡୋଲାମଣି ସାହୁ, କୋଷାଧକ୍ଷ ବିଜୟ ପାଣିଗ୍ରାହୀ, ଶଙ୍କର ଦାଶ, ମାତୃପ୍ରସାଦ ରଥ, ଲିଙ୍ଗରାଜ ସାହୁ, ଗୋପେନ୍ଦ୍ର ପ୍ରଧାନ, ଗୟାଧର ପ୍ରଧାନ, ଜୟଦ୍ରଥ ସାହୁ, ତନୁଜ ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ଆନନ୍ଦ କଲ୍ୟାଣ ମଣ୍ଡପ ଲୋକାର୍ପିତ

**ବରପାଲି,୩।୪(ଡି.ଏନ.ଏ.):** ବରଗଡ ଜିଲା ବରପାଲି ବ୍ଲକ ବାଗବାଡ଼ି ଗ୍ରାମରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ନାମରେ ନବନିର୍ମିତ ଆନନ୍ଦ କଲ୍ୟାଣ ମଣ୍ଡପ ସୋମବାର ଲୋକାର୍ପିତ ହୋଇଯାଇଛି। ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମଣ୍ଡପର ଲୋକାର୍ପଣ କରିଥିଲେ। ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ, ସରପଞ୍ଚ ସୁଷମା ଭୋଇ, ସମିତି ସଭ୍ୟ ଚତୁରୀ ମେହେରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମିତ ହୋଇଥିବାରୁ ଗ୍ରାମବାସୀ ବିଧାୟକ ଓ ସ୍ଥାନୀୟ ପ୍ରତିନିଧି ମଣ୍ଡଳୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

### ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ବରପାଲି,୩।୪(ଡି.ଏନ.ଏ.):** ବରଗଡ଼ ଜିଲା ବରପାଲି ବ୍ଲକ ଝୁଲୋପାଲି ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ପାଇଁ ସୋମବାର କଳସ ସ୍ଥାପନ କରାଯାଇଛି। ସକାଳେ ନାମ ସଂକୀର୍ତ୍ତନ ସହ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ଝାରମୁଣ୍ଡାରୁ ମନ୍ତ୍ରିତ ଶୁଦ୍ଧ ଜଳପୂର୍ଣ୍ଣ କଳସ ଧରି ପୂଜା ମଣ୍ଡପରେ ପହଞ୍ଚିବା ପରେ ଅଧିବାସ ହୋଇଥିଲା। ପୁରୋହିତ କିଶୋର ଦାସ ଓ ଅଚ୍ୟୁତାନନ୍ଦ ଦାସଙ୍କ ଷୋଡ଼ଶ ପୂଜା, ହୋମ ଆହୂତି ପ୍ରଦାନ ପୂର୍ବକ ମହାମନ୍ତ୍ର ନାମଜପ ଆରମ୍ଭ ହୋଇଥିଲା। ଗ୍ରାମର ଅନିଲ ପଧାନ ଓ ସ୍ତ୍ରୀ ସନ୍ତୋଷିନୀ ପଧାନ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ନାମଯଜ୍ଞର ପ୍ରଥମ ସନ୍ଧ୍ୟାରେ ଆଖପାଖ ଗ୍ରାମର ସଂକୀର୍ତ୍ତନ ଦଳ ଯୋଗ ଦେଇଛନ୍ତି। ଆସନ୍ତା ୬ତାରିଖରେ ଏହି ନାମଯଜ୍ଞର ପୂର୍ଣ୍ଣାହୁତି ପଡ଼ିବ ବୋଲି କମିଟିର ଆନନ୍ଦ ବରିହା ପ୍ରକାଶ କରିଛନ୍ତି।

# ବଞ୍ଚିବା ପାଇଁ ସାହିତ୍ୟ ଶକ୍ତି ଯୋଗାଏ

**ସାହିତ୍ୟ ପତ୍ରିକା 'କଥା ଆର୍ କଥାନି' ଉନ୍ମୋଚିତ**

**ବରଗଡ଼ ଅଫିସ,୪।୩**



ଅତିଥିଗଣ ପତ୍ରିକା ଉନ୍ମୋଚନ କରୁଛନ୍ତି।

ବରଗଡ଼ ସମ୍ବଲପୁରୀ ସାହିତ୍ୟ ପରିଷଦ ତରଫରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'କଥା ଆର୍ କଥାନି' ସ୍ଥାନୀୟ ଗାନ୍ଧୀ ପାଠାଗାର ପରିସର ମଧ୍ୟରେ ସୋମବାର ଉନ୍ମୋଚିତ ହୋଇ ଯାଇଛି। କେବଳ ସମ୍ବଲପୁରୀ ଭାଷାରେ ଲିଖିତ ଗଳ୍ପଗୁଡିକୁ ନେଇ ପତ୍ରିକାଟି ମଣ୍ଡିତ ହୋଇଛି। ଏଥିରେ ବରିଷ୍ଠ ଓ ନବୀନ ଲେଖକମାନଙ୍କ ଦ୍ୱାରା ଲିଖିତ ୩୦ଟି ଗଳ୍ପ ସ୍ଥାନ ପାଇଛି । ଏଥିରେ ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତ୍ରିକାର ଉନ୍ମୋଚନ କରିଥିଲେ। କେବଳ ଗୀତ କିମ୍ବା କବିତାରେ ସମ୍ବଲପୁରୀ ସାହିତ୍ୟ ସୀମିତ ନ ରହି ଏହି ଭାଷାରେ ଉନ୍ନତମାନର ଗଳ୍ପ ମଧ୍ୟ ସୃଷ୍ଟି ହୋଇପାରିଛି। ଗଳ୍ପ ବା କଥାନି କାହିଁ କେଉଁ ଆବହମାନ କାଳରୁ ଚଳିଆସୁଛି। ମଣିଷ ଲେଖି ପଢ଼ି ଜାଣିବା ପୂର୍ବରୁ କଥା କହିବା ଶିଖିଥାଏ। ମଣିଷର କହିବା ଶକ୍ତିକୁ କେହି ରୋକି ପାରିବେନାହିଁ। କଥାନି କହିବା ଓ ଶୁଣିବା ଉଭୟ ଲୋକଙ୍କଠାରେ ପ୍ରତିଭା ଭରି ରହିଥାଏ। ଏଣୁ ସାହିତ୍ୟ ମଣିଷକୁ ବଞ୍ଚିବା ସହିତ ଜୀବନକୁ ସରସ ସୁନ୍ଦର କରିବା ପାଇଁ ଶକ୍ତି ଯୋଗାଇଥାଏ ବୋଲି ଉତ୍ସବରେ ମତପ୍ରକାଶ ପାଇଥିଲା ।

ବିଶିଷ୍ଟ ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଆଚାର୍ଯ୍ୟ କହିଥିଲେ, ସମ୍ବଲପୁରୀ ସାହିତ୍ୟ ସୃଷ୍ଟି ସମୟରେ ଦ୍ୱିଅର୍ଥ ଓ ଅଶ୍ଳୀଳତା ଯେପରି ସ୍ଥାନ ନ ପାଏ ସେଥିପାଇଁ ଆମ କବି ଲେଖକମାନେ ସଚେତନ ହେବା ଜରୁରୀ। ସେହିପରି ଅଧାପକ ରାମଚନ୍ଦ୍ର ସାହୁ ଆଲୋଚକ ଭାବେ ଯୋଗଦେଇ ପତ୍ରିକାରେ ପ୍ରକାଶିତ ଗଳ୍ପଗୁଡିକୁ ଆଲୋଚନା କରିଥିଲେ। ପ୍ରାରମ୍ଭରେ କବି ଶରତ ଚନ୍ଦ୍ର ପାଢୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରିଷଦର ମୁଖ୍ୟ ସମ୍ପାଦକ ଉତ୍ପନ୍ନ ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ନରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟଙ୍ଗକବି ମନୋରଞ୍ଜନ ସାହୁ, ନାଟ୍ୟକାର ଅଶୋକ ବହିଦାର, ଅଧାପକ ସୁଶାନ୍ତ କୁମାର ମିଶ୍ର, ଅଧାପକ ସନ୍ତୋଷ ତ୍ରିପାଠୀ, କବି ସଙ୍ଗୀତା ଷଡ଼ଙ୍ଗୀ, ନବନିତା ମହାପାତ୍ର, ତେଜୁରୁ ବାରିକ, ଉମେଶ ପଧାନ, କୁମୁଦ ବାରିକ, ଲକ୍ଷ୍ମଣ ମଲ୍ଲିକ, ଗୁଣନିଧି ଭୋଇଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଥଇଥାନ ଦାବି କଲେ କିନ୍ନର



ଜିଲାପାଳଙ୍କୁ ଫେରାଦ ହୋଇଥିବା କିନ୍ନରବୃନ୍ଦ ।

**ବରଗଡ଼ ଅଫିସ,୩।୪**

ବରଗଡ଼ ସହରରେ ରହୁଥିବା କିନ୍ନରମାନେ ସେମାନଙ୍କୁ ଥଇଥାନ କରିବା ପାଇଁ ଦାବି କରିଛନ୍ତି। ଏହି ଦାବି ନେଇ ସୋମବାର ସେମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ବର୍ଷ ଧରି ୩୩ ଜଣ କିନ୍ନର ବରଗଡ଼ ସହରରେ ରହୁଛନ୍ତି। କିନ୍ତୁ ସ୍ଥାୟୀ ଘର କିମ୍ବା ଜମି ନ ଥିବା ଯୋଗୁ ରେଳ ଷ୍ଟେଶନ, ଗଛମୂଳେ ସେମାନେ ଆଶ୍ରୟ ନେଉଛନ୍ତି ଏବଂ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କିନ୍ନରମାନେ କହିଛନ୍ତି। ଫଳରେ ସେମାନଙ୍କୁ ଜମି ଓ ଘର ଯୋଗାଇ ଦେବାକୁ କିନ୍ନରମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ମାଁ ସମଲେଶ୍ୱରୀ ଟି.ଜି. ଟ୍ରଷ୍ଟର ମେହେନ୍ଦୀ, ପଦ୍ମିନୀ, ଭାଦ୍ରବୀ ପ୍ରମୁଖ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ।

# ସିଏନ୍‌ଆଇ ଚର୍ଚ୍ଚରେ ବିଜୟ ଯାତ୍ରା



ଯିଶୁଙ୍କ ବିଜୟ ଯାତ୍ରା କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁବୃନ୍ଦ ।

**ବରଗଡ଼ ଅଫିସ,୩।୪**

ବରଗଡ଼ ଗାନ୍ଧୀନଗର ସ୍ଥିତ ସିଏନ୍‌ଆଇ ଚର୍ଚ୍ଚରେ ରବିବାର ପ୍ରଭୁ ଯୀଶୁଙ୍କ ବିଜୟ ଯାତ୍ରା ସମାରୋହରେ ପାଳିତ ହୋଇଛି। ବିଶାଳ କୁମାର ବାଗ ଉକ୍ତ ଧାର୍ମିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଅମୂଲ୍ୟ ସୁନା ବାକ୍ୟ ପରିବେଷଣ କରିଥିଲେ। ବରଗଡ଼ ଜିଲା ଖ୍ରୀଷ୍ଟିଆନ ପରିଷଦ ସଭାପତି ଚନ୍ଦ୍ରଶେଖର ବାଗ, ସମ୍ପାଦକ ଜନ୍ ନିଉଟନ ସିଂ ପ୍ରମୁଖ ଯୀଶୁଙ୍କ ବିଜୟ ଯାତ୍ରା ଉପରେ ଉଦ୍‌ବୋଧନ ଦେଇଥିଲେ। ପ୍ରାର୍ଥନା ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ନୈତିକ ଶିକ୍ଷା ଏକାଗ୍ରତା ଆଣେ

**ବରଗଡ଼ ଅଫିସ, ୩।୪**

ବରଗଡ଼ ରାଣା ପ୍ରତାପ ସ୍କୁଲରେ ସୋମବାର ନୈତିକ ଓ ଆଧାତ୍ମିକ ଶିକ୍ଷା ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଧାତ୍ମିକ ଗୁରୁ ଅନନ୍ତ ଚରଣ ଦାଶ ଯୋଗଦେଇ ଶିକ୍ଷାରେ ଅନ୍ୟାନ୍ୟ ଶିକ୍ଷା ସହିତ ନୈତିକ ଓ ଆଧାତ୍ମିକ ଶିକ୍ଷାର ଆବଶ୍ୟକତା ରହିଛି। ନୈତିକ ଶିକ୍ଷା ଛାତ୍ରୀଛାତ୍ରଙ୍କ ମନରେ ଏକାଗ୍ରତା ଆଣେ ବୋଲି ସେ କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଜୟଦେବ ପଣ୍ଡା, ସଂକୀର୍ତ୍ତନ ଗୁରୁ ପ୍ରମୋଦ ଦାଶ, ସାମାଜିକ କର୍ମୀ ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ପାଠପଢ଼ା ସହିତ ପ୍ରତ୍ୟହ ହନୁମାନ ଚାଳିଶା ପାଠ କରିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥି ପ୍ରଦୀପ ପଟ୍ଟନାୟକ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ହନୁମାନ ଚାଳିଶା ପୁସ୍ତକ ବଣ୍ଟନ କରିଥିଲେ।

# ହରମୋନ ଆନାଲାଇଜର ଉଦ୍‌ଘାଟିତ



ହରମୋନ ଆନାଲାଇଜର ଉଦ୍‌ଘାଟନ କରାଯାଉଛି।

**ବରଗଡ଼ ଅଫିସ,୩।୪**

ବରଗଡ଼ ରାଜ୍ ପୋଲି କ୍ଲିନିକ ଆଣ୍ଡ ଡାଇଗ୍ନୋଷ୍ଟିକ ସେଣ୍ଟରରେ ସୋମବାର ସି.ଏଲ. ଆଇ.ଏ. ପଦ୍ଧତି ଦ୍ୱାରା ହରମୋନ ଆନାଲାଇଜର ଉଦ୍‌ଘାଟିତ ହୋଇଯାଇଛି। ଡା. ରାମଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଫର୍ଟିଲିଟି, କ୍ୟାନ୍‌ସର, ଉନ୍ନତମାନର ମଧୁମେହ, କିଡ୍‌ନୀ, ଇନ୍‌ଫେକ୍ସନ, ଆନେମିଆ, ଭିଟାମିନ ଆଦି ଅନେକ ପ୍ରକାର ସ୍ୱତନ୍ତ୍ର ପରୀକ୍ଷା ହୋଇପାରିବ। ପୂର୍ବରୁ ଏହି ସବୁ ପରୀକ୍ଷା ପାଇଁ ରକ୍ତ ନମୁନା ରାଜ୍ୟ ବାହାରକୁ ପଠାଯାଉଥିବାରୁ ଚିକିତ୍ସାରେ ବିଳମ୍ବ ହେଉଥିଲା। ଏହି ନୂଆ ଆନାଲାଇଜର ଦ୍ୱାରା ତୁରନ୍ତ ରିପୋର୍ଟ ମିଳିପାରିବ ଏବଂ ରୋଗୀମାନେ ଶୀଘ୍ର ଚିକିତ୍ସା ପାଇପାରିବେ ବୋଲି ସଂସ୍ଥାର ମୁଖ୍ୟ ରାଜ କିଶୋର ପାଣିଗ୍ରାହୀ କହିଛନ୍ତି ।

# ରାମ ସୀତାଙ୍କ ବିବାହୋତ୍ସବ ମଞ୍ଚସ୍ଥ

**ରାମଲୀଳାର ଚତୁର୍ଥ ଦିବସ**

**ଭେଡେନ,୩।୪(ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଗଣ୍ଡତୁରୁମର ପ୍ରସିଦ୍ଧ ଗଣପର୍ବ ରାମଲୀଳା ଉତ୍ସବର ରବିବାର ଥିଲା ଚତୁର୍ଥ ଦିବସ। ନାଟ୍ୟାଭିନୟରେ ଜନକ ରାଜା ସୀତାଙ୍କ ବିବାହ ପାଇଁ ସ୍ୱୟମ୍ବର ଆୟୋଜନ କରିଛନ୍ତି। ଏଥିପାଇଁ ସେ ସାରା ବିଶ୍ୱର କୋଣ ଅନୁକୋଣରୁ ରାଜାଙ୍କୁ ନିମନ୍ତ୍ରଣ କରିଛନ୍ତି। ତାଙ୍କ ଭବନରେ ରହିଥିବା ଏକ ପୁରୁଣା ଶିବଧନୁରେ ଯିଏ ଗୁଣ ଚଢାଇପାରିବ ତାଙ୍କୁ ହିଁ ସୀତାଙ୍କ ବିବାହ କରିବେ। ମାତ୍ର କେହି ହେଲେ କୃତକାର୍ଯ୍ୟ ହେଲେ ନାହିଁ। ବଶିଷ୍ଠ ମହର୍ଷିଙ୍କ ସହିତ ଯାଇଥିବା ରାମ ଓ ଲକ୍ଷ୍ମଣ ସେଠାରେ ଉପସ୍ଥିତ ଥିଲେ। ଶେଷରେ ମୁନିଙ୍କ ଆଦେଶରେ ରାମ ଶିବଧନୁରେ ଗୁଣ ଦେଇ ଜନକଙ୍କ ସର୍ତ୍ତ ପୂରଣ କରିଥିଲେ। ଏହି ଅବସରରେ ମହାଆଡମ୍ବରରେ ପାଳିତ ହୋଇଛି ରାମସୀତାଙ୍କ ବିବାହ ଉତ୍ସବ। ରାମେଶ୍ୱର ମହାଦେବଙ୍କ ମନ୍ଦିରରୁ ରାମଙ୍କ ବରଯାତ୍ରୀ ମହା ପଟୁଆରରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ରାମ ମନ୍ଦିର ସମ୍ମୁଖରେ ନିର୍ମିତ କନକପୁରୀ ସୁସଜ୍ଜିତ ଖୋଲା ରଙ୍ଗମଞ୍ଚରେ ପହଞ୍ଚିଥିଲେ। ପରେ ମାନସିକ କରିଥିବା ଗ୍ରାମର ସତ୍ୟନାରାୟଣ ପଧାନ ସପତ୍ନୀକ ସୀତାଙ୍କ ମାତା ପିତା ସାଜି ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଇଥିଲେ। ମହାରାଜା ଦଶରଥ ନିଜର ପୁତ୍ରବଧୂ ଓ ପୁଅଙ୍କୁ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମୟରେ କ୍ରୋଧାନ୍ୱିତ ହୋଇ ପର୍ଶୁରାମ ପଥ ଓଗାଳିଛନ୍ତି। ରାମ ଓ ପର୍ଶୁରାମ କଥୋପକଥନ ସମୟରେ ପର୍ଶୁରାମଙ୍କ କଳା ହରଣ କରିବା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

# ଶିକ୍ଷକ ମେଘନାଦ ଭୋଇଙ୍କୁ ରାଜ୍ୟ ପୁରସ୍କାର ପ୍ରଦାନ

**ଅମରପାଲି,୩।୪(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ପଣ୍ଡାପାଲି ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ସହକାରୀ ଶିକ୍ଷକ ମେଘନାଦ ଭୋଇଙ୍କୁ ୨୦୧୭ବର୍ଷ ପାଇଁ ରାଜ୍ୟ ଶିକ୍ଷକ ପୁରସ୍କାରରେ ସମ୍ମାନୀତ କରାଯାଇଛି। ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ଉପଢୌକନ, ମାନପତ୍ର ଓ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମ୍ପ୍ରତି ଭୋଇ ଟିଁପିଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଭାବେ ଅବସ୍ଥାପିତ ଅଛନ୍ତି।

# କୃତୀ ଶିକ୍ଷକ ଦ୍ୱାଦଶ ପ୍ରଧାନଙ୍କୁ ସମ୍ବର୍ଦ୍ଧନା



ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ପାଇକମାଳ,୩।୪(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାଦଶ କୁମାର ପ୍ରଧାନ ରାଜ୍ୟ କୃତୀ ଶିକ୍ଷକ ଭାବେ ସମ୍ମାନିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ତାଙ୍କୁ ବିଦ୍ୟାଳୟ ପ୍ରେକ୍ଷାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଇଓ ଚୂଡାମଣି ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅନିଲ କୁମାର କାଲିଆ, ଏବିଇଓ ଶିବ ପ୍ରସାଦ ଯୋଷୀ ଓ ରାଧେଶ୍ୟାମ ମେହେର, ପ୍ରଫୁଲ୍ଲ ପାଣିଗ୍ରାହୀ, ସୁଶୀଲ କୁମାର ଅଗ୍ରୱାଲ, ମମତା ବାରିକ, ଦୀପାଞ୍ଜଳି ବଡ଼େଇ, ସୁରଥ ସାହୁ ମଞ୍ଚାସୀନ ଥିଲେ। ଦୀର୍ଘ ୩୪ ବର୍ଷ ଧରି ଦ୍ୱାଦଶ ପ୍ରଧାନ ଶିକ୍ଷକତାକୁ ବୃତ୍ତି ଭାବେ ଗ୍ରହଣ କରି ଅଭିନବ ଓ ଆକର୍ଷଣୀୟ କୌଶଳ ଅବଲମ୍ବନ କରି ଛାତ୍ରୀଛାତ୍ରଙ୍କ ସୃଜନଶୀଳତା ଓ ମାନସିକ ସ୍ତରରେ ବିକାଶ ଘଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅତିଥିମାନେ କହିଥିଲେ। ଜ୍ୟୋତିର୍ମୟୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସ୍ମାରକ, ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପ ଗୁଚ୍ଛ ପ୍ରଦାନ କରି ପ୍ରଧାନ ଶିକ୍ଷକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆନନ୍ଦିନୀ ସେଠ, ମଧୁସ୍ମିତା ମେହେର, ରଜତ କୁମାର ସାହୁ ଓ ଜଗବନ୍ଧୁ ସ୍ୱାଧୀନ ସହଯୋଗ କରିଥିଲେ। ତ୍ରିଲୋଚନ ନାଏକ ମଞ୍ଚ ପରିଚାଳନା ଓ ବବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ରେ ଯୁଗ୍ମ ଅଭିଯୋଗ ଶୁଣାଣି

**ବରଗଡ଼ ଅଫିସ,୩।୪**

ବରଗଡ଼ ବ୍ଲକ କାର୍ଯ୍ୟାଳୟରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଆଦିତ୍ୟ ଗୋୟଲଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳର ଲୋକମାନେ ବିଭିନ୍ନ ଅଭିଯୋଗ ନେଇ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରକୁ ଆସିଥିଲେ। ଶିବିରରେ ୧୦୭ ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାପାଳଙ୍କ ସମ୍ମୁଖରେ ସେମାନେ ଅଭିଯୋଗ ଉପସ୍ଥାପନ କରିଥିଲେ। ଅଭିଯୋଗ ଶୁଣିବା ପରେ ସେ ନେଇ ତ୍ୱରିତ ପଦକ୍ଷେପ ନେବା ପାଇଁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଜିଲାପାଳଙ୍କ ନିକଟରେ ଲୋକେ ଅଭିଯୋଗ ଉପସ୍ଥାପନ କରୁଛନ୍ତି ।

# କବିତା ଦିବସରେ କାବ୍ୟ ଫଗୁଣ

**ବରଗଡ଼ ଅଫିସ, ୩।୪**

ବିଶ୍ୱ କବିତା ଦିବସ ଉପଲକ୍ଷେ ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ବାର୍ଷିକ ସାହିତ୍ୟ ଆସର କାବ୍ୟ ଫଗୁଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦ ତରଫରୁ କବି ମନୋରଞ୍ଜନ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କବି ରୋହିତ ଦାଶ ସଭାପତିତ୍ୱ କରିଥିଲେ। ଡଃ ଭଗବତୀ କର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଦୀପ ରାୟ ଓ ସମ୍ମାନିତ ଅତିଥି ଡ଼ଃ ଦ୍ୱାରିକା ନାଥ ନାୟକ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରାୟ ତାଙ୍କ ଭାଷଣରେ ଆମେ ସାହିତ୍ୟ ପଢ଼ି ଲାଭ କଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଡ଼ଃ ନାୟକ ସମାଜରେ ସାହିତ୍ୟର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ।



କାବ୍ୟ ଫଗୁଣ କାର୍ଯ୍ୟକ୍ରମରେ କବି, ସାହିତ୍ୟିକବୃନ୍ଦ।

ସଭାପତି ଦାଶ ଦୁଇଟି କବିତା ମାଧ୍ୟମରେ ବିଶ୍ୱ କବିତା ଦିବସରେ କବିତାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। କାମିନୀ ଦାଶ, ଅଶୋକ ପଶାୟତ, ଶରତ ପାଢ଼ୀ ଓ ଦ୍ୱାରିକା ନାଥ ନାୟକଙ୍କ ସଙ୍ଗୀତରେ ଉତ୍ସବ ସଙ୍ଗୀତମୟ ହୋଇ ଉଠିଥିଲା। ଏହି ଅବସରରେ ଦୁଇ ଯୁବ ପ୍ରତିଭା ଜିନ ତମାମ ଦର୍ଜୀ ଓ ଧର୍ମରାଜ ମହାମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା। କବି ଡ଼ଃ ଅଶୋକ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମ ଅଧିବେଶନରେ ଅଧାପିକା ସୁଷମା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉମେଶ ମହାପାତ୍ରଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁଭାଷୀ କବିତା ପାଠୋତ୍ସବ ହୋଇଥିଲା। ବିଭିନ୍ନ ଜିଲାରୁ ଆସିଥିବା ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହାକୁ କବି କବିତା କୁମୁଦ ମେହେର ସଂଯୋଜନା କରିଥିଲେ। କବି ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କବିଦାମୋଦର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ

**ରେଢ଼ାଖୋଲ,(ଡି.ଏନ.ଏ.):** ରେଢ଼ାଖୋଲ ପୋଲିସ ସୋମବାର ସହର ଉପକଣ୍ଠ ହଳଦିଘାଟ ପୋଲ ନିକଟରେ ଗାଡିମୋଟର ଯାଞ୍ଚ କରୁଥିବା ବେଳେ ଏକ ବାଇକ୍ (ଓଡି୧୫ ଏ-୧୫୬୮) ସହ ୫ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ସୁବଳୟା ଥାନା ଯୁବରାଜପୁର ଗ୍ରାମର ଦୟାସାଗର ପ୍ରଧାନ (୨୫)ଙ୍କୁ ଗିରଫ କରିଛି। ଏ ନେଇ ରେଢାଖୋଲ ଥାନାରେ କେସ୍ ନଂ୮୭ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ଠିକାଦାରଙ୍କଠାରୁ ଲୁଟିନେଲେ ୧ଲକ୍ଷ

**କୁଚିଣ୍ଡା,୩।୪(ଡି.ଏନ.ଏ.):** କୁଚିଣ୍ଡା ସହରର କ୍ଷୁଦ୍ର ଜଳସେଚନ ଅଫିସ ସମ୍ମୁଖରେ ସୋମବାର ସ୍ପଷ୍ଟ ଦିବାଲୋକରେ ଜଣେ ଠିକାଦାରଙ୍କଠାରୁ ଦୁର୍ବୃତ୍ତମାନେ ୧ଲକ୍ଷ ଟଙ୍କା ଲୁଟି ନେଇଥିବା କୁଚିଣ୍ଡା ଥାନାରେ ରିପୋର୍ଟ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲେ ମଧ୍ୟ ଲୁଟେରାଙ୍କ ସୁରାକ ପାଇପାରି ନାହିଁ। ସୂଚନା ଅନୁଯାୟୀ କୁଚିଣ୍ଡା ପଞ୍ଚମୁଖି ଛକସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ କିଣ୍ଡିରା ଗ୍ରାମର ଠିକାଦାର ଶରତ ଚନ୍ଦ୍ର ନାୟକ ୧ଲକ୍ଷ ଟଙ୍କା ଉଠାଇ କ୍ଷୁଦ୍ର ଜଳସେଚନ ଅଫିସକୁ କୌଣସି କାମରେ ଯାଇଥିଲେ । ଟଙ୍କା ଥିବା ବ୍ୟାଗଟି ତାଙ୍କ ନାତିଙ୍କୁ ଧରାଇ ସେ କାର୍‌ରୁ ଓହ୍ଲାଇ ଅଫିସକୁ ଯାଇଥିଲେ। କାର୍ ଡ୍ରାଇଭର ଚା ପିଇବାକୁ ଯାଇଥିବା ସମୟରେ ତାଙ୍କ ନାତି ଏକୁଟିଆ କାର ଭିତରେ ରହିଥିଲେ। ଏହି ସମୟରେ ୨ଜଣ ଅଜଣା ଯୁବକ କାର୍ ପାଖକୁ ଆସି ବ୍ୟାଗ ଧରିଥିବା ବାଳକଙ୍କୁ ଗାଡି ତଳେ ଟଙ୍କା ପଡିଥିବା କହିଥିଲେ। ବାଳକ ଜଣକ ଗାଡି ତଳକୁ ଓହ୍ଲାଇବା ସମୟରେ ଟଙ୍କା ଥିବା ବ୍ୟାଗଟି ଦୁର୍ବୃତ୍ତମାନେ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ବ୍ୟାଗରେ ଟଙ୍କା ସହ କିଛି ଚେକ୍ ବହି ଥିବା ଠିକାଦାର ନାୟକ କୁଚିଣ୍ଡା ଥାନାରେ ରିପୋର୍ଟ କରିଛନ୍ତି।

### ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**କୁଚିଣ୍ଡା,୩।୪(ଡି.ଏନ.ଏ.):** କୁଚିଣ୍ଡା ଥାନା ଅଞ୍ଚଳରେ ଶନିବାର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଶରଧାବାଲି ଗ୍ରାମର ଡେଲିନ ବାଘ(୨୬)ଙ୍କୁ ଗିରଫ କରିଛି। କେସ୍ ନଂ୭୩ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ସୋମବାର ସମ୍ବଲପୁର ଜିଲା ଦୌରାଜଜ୍ କୋର୍ଟ ଚାଲାଣ କରିଥିବା ବେଳେ ତାଙ୍କର ଜାମିନ ନାମଞ୍ଜୁର ହୋଇଛି। ପ୍ରକାଶଥାଉ କି, ଶନିବାର ସନ୍ଧ୍ୟାରେ ଭିନ୍ନକ୍ଷମ ନାବାଳିକା ଜଣକ ନିଜ ପରିବାରର ଜଣେ ସମ୍ପର୍କୀୟଙ୍କ ସହ ଗାଁରେ ହେଉଥିବା ଦଣ୍ଡ ନାଚ ଦେଖିବାକୁ ଯାଇଥିଲେ। ସମ୍ପର୍କୀୟ ଜଣକ ନିଶା ସେବନ କରିଥିବା ଦେଖି ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଘରେ ଛାଡିଦେବି କହି ଡାକିନେଇଥିଲେ। ପରେ ଏକ ନିଛାଟିଆ ସ୍ଥାନରେ ବଳାତ୍କାର କରି ଘର ସମ୍ମୁଖରେ ଅଚେତ ଅବସ୍ଥାରେ ଛାଡି ଦେଇଥିଲେ। ପରିବାର ଲୋକେ ରବିବାର ସକାଳେ ଝିଅକୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରି ଥାନାରେ ରିପୋର୍ଟ କରିଥିଲେ।

### ରାମନବମୀ: ୪ର୍ଥ ଦିନରେ ରାମ ବନବାସ

**ପଡିଆବାହାଲ,୩।୪(ଡି.ଏନ.ଏ.):** ଅଯୋଧାନଗରୀ ପାଲଟିଥିବା ଯୁଯୁମୁରା ବ୍ଲକର କବରାପାଲିଠାରେ ସୋମବାର ଚତୁର୍ଥ ଦିବସରେ ବିରାଜ ଅସୁର ବଧ ସହିତ ରାମ ବନବାସ ଅନୁଷ୍ଠିତ ହୋଇଛି। ୧୧ ଦିନ ଧରି ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ସୂଚନାଯୋଗ୍ୟ ଗ୍ରାମାଞ୍ଚଳରେ ଧର୍ମ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ କବରାପାଲିରେ ଏହି ମହୋତ୍ସାହ ଚଳିତଥର ୭୫ ବର୍ଷରେ ପଦାର୍ପଣ କରି ପ୍ଲାଟିନମ ଜୁବିଲି ପାଳନ କରୁଛି।

# ଆଇପିଏଲ୍ ବେଟିଂରେ ବାଜି ଲାଗୁଛି ପୋଲିସର ସମ୍ମାନ

**ସମ୍ବଲପୁର,୩।୪(ବ୍ୟୁରୋ)**

କୌଣସି ଖେଳକୁଦ, ନିର୍ବାଚନ ସମୟରେ ବେଟିଂ ହୋଇଥାଏ। ଏହି ସମୟରେ ସମ୍ବଲପୁର ଜିଲାରେ ପ୍ରତିଦିନ କୋଟି କୋଟି ଟଙ୍କାର କାରବାର ହୋଇଥାଏ। ହେଲେ ଆଇପିଏଲ୍ କ୍ରିକେଟ ମ୍ୟାଚ ଆରମ୍ଭ ହୋଇଗଲେ ଏହି ପରିମାଣ ବୃଦ୍ଧି ପାଇଥାଏ। ମାର୍ଚ୍ଚ ୩୦ ତାରିଖଠାରୁ ଆଇପିଏଲ୍ କ୍ରିକେଟ ମ୍ୟାଚ ଆରମ୍ଭ ହେବା ପରେ ପ୍ରତି ମ୍ୟାଚରେ ବେଟିଂ ଚାଲିଛି। ପୂର୍ବରୁ ଜିଲାରେ ଦୁଇ ବୁକି (ମୁଖ୍ୟ ଏଜେଣ୍ଟ) ସେମାନଙ୍କ ଅଧୀନରେ ଏଜେଣ୍ଟମାନଙ୍କୁ ନିୟୋଜିତ କରି ଏହାକୁ ପରିଚାଳନା କରୁଥିଲେ। ଏହି ସଂଖ୍ୟା ଏବେ ବୃଦ୍ଧି ପାଇବାରେ ଲାଗିଛି। ଏପରି କି ଏହାର ଚେର ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲମ୍ବିଛି। କେତେଜଣ ପୋଲିସ କର୍ମଚାରୀ ଅନ୍‌ଲାଇନରେ ବେଟିଂ ଲଗାଉଥିବା ଆଲୋଚନା ହେଉଛି। ସୁନାପାଲି ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଯାହାର ରାଜନୀତି ସହ ସମ୍ପର୍କ ରହିଛି ଓ କ୍ଷେତରାଜପୁର ଅଞ୍ଚଳର ଜଣେ ବ୍ୟକ୍ତି ଏହାକୁ ପରିଚାଳନା କରୁଥିବା ଜଣାପଡିଛି। ଏହି ମୁଖ୍ୟ ଦୁଇ ଏଜେଣ୍ଟ ଅଧିକ ବ୍ୟବସାୟ ଆଶାରେ ସେମାନଙ୍କ ଅଧୀନରେ ଥିବା ଏଜେଣ୍ଟମାନଙ୍କ ପାଇଁ ସ୍ୱତନ୍ତ୍ର କମିଶନ ବ୍ୟବସ୍ଥା କରିଛନ୍ତି। ଏବେ ପ୍ରତିଦିନ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାରବାର ହେଉଥିବା ଜଣେ ବ୍ୟକ୍ତି କହିଛନ୍ତି। ଅନ୍‌ଲାଇନ ବେଟିଂ ସୁବିଧା ହୋଇଯିବାରୁ

**ରାଜନେତାଙ୍କ ସମ୍ପର୍କୀୟ, ବ୍ୟବସାୟୀଙ୍କ ସମ୍ପୃକ୍ତି**

ବଡ ବ୍ୟବସାୟୀ, ପ୍ରତିଷ୍ଠିତ ବ୍ୟକ୍ତି, ରାଜନେତା ମଧ୍ୟ ଲୁଚାଛପାରେ ଏଥିରେ ସମ୍ପୃକ୍ତ ରହୁଛନ୍ତି। ମୁଖ୍ୟ ଏଜେଣ୍ଟମାନେ ପାନ ଦୋକାନ, ଚା' ଦୋକାନଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଏଥିପାଇଁ ଅଫିସ ଖୋଲିଛନ୍ତି। ବିଗତ ବର୍ଷରେ ଆଇପିଏଲ୍ ବେଟିଂ କରୁଥିବା ଅଭିଯୋଗରେ ପୋଲିସ ଜାତୀୟଦଳର ଜିଲାସ୍ତରର ଜଣେ ନେତାଙ୍କ ପୁଅଙ୍କ ନାମରେ ମାମଲା ରୁଜୁ କରିଥିଲା। ତାଙ୍କ ଜମାଖାତାକୁ ଫ୍ରିଜ କରିଦେଇଥିବା ପୋଲିସ ସେ ସମୟରେ କହିଥିଲା। ଦୁଇ ମୁଖ୍ୟ ବୁକିଙ୍କ ବିବାଦ ଯୋଗୁ ପୋଲିସକୁ ଫାଇଦା ମିଳିଥିଲା। ଜିଲାର ଅଧିକାଂଶ ଥାନା ଅଞ୍ଚଳରେ ଆଇପିଏଲ୍ ବେଟିଂ ଏଜେଣ୍ଟ ଓ ଅଫିସ ରହିଛି। ହେଲେ ମୋଟା ଅଙ୍କର କମିଶନ କାରବାର ଯୋଗୁ ପୋଲିସ ଗିରଫ କରୁ ନ ଥିବା ଅଭିଯୋଗ ହେଉଛି। ପୋଲିସର ଗୋଇନ୍ଦା, ସ୍ୱତନ୍ତ୍ର ସ୍କ୍ୱାଡ୍, ଥାନାର ଅଧିକାରୀ ଓ କର୍ମଚାରୀ କାମ କରୁଥିବା ବେଳେ ଏହି ଆପରାଧିକ କାମ କିଭଳି ରୋକାଯାଇପାରୁ ନାହିଁ ବୋଲି ପ୍ରଶ୍ନ ଉଠୁଛି। ଫଳରେ ଏବେ ପୋଲିସର ସମ୍ମାନ ଆଇପିଏଲ୍ ବେଟିଂରେ ବାଜି ଲାଗିଛି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଯୁବବର୍ଗ ଏଥିରେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ତେଣୁ ପୋଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ସମ୍ବଲପୁର ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି କହିଛନ୍ତି, ଏଭଳି ଆପରାଧିକ କାର୍ଯ୍ୟ ଉପରେ ପୋଲିସ ନଜର ରଖିଛି। ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ। ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ପଦ୍ମଶ୍ରୀ ଘୋଷିତ କ୍ରିଷ୍ଣା ପଟେଲ


ରାଷ୍ଟ୍ରପତିଙ୍କ ଦ୍ରୌପଦୀ ମୁର୍ମୁଙ୍କ ସହ ଗାୟିକା କ୍ରିଷ୍ଣା ପଟେଲ।

**ସମ୍ବଲପୁର,୩।୪(ବ୍ୟୁରୋ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସମ୍ବଲପୁରୀ ଗୀତ ଗାୟିକା ତଥା ପଦ୍ମଶ୍ରୀ ଘୋଷିତ ସମ୍ବଲପୁର ନିବାସୀ କ୍ରିଷ୍ଣା ପଟେଲ ସୋମବାର ଏକ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ସାକ୍ଷାତ ସମୟରେ ସେ ରାଷ୍ଟ୍ରପତିଙ୍କୁ ସମ୍ବଲପୁରୀ ବାନ୍ଧର ନିର୍ମିତ ସମଲେଶ୍ୱରୀ ଦେବୀଙ୍କର ଫଟୋ ପ୍ରଦାନ କରିଥିଲେ। ଏହା ସହ ରଙ୍ଗବତୀ ଗୀତର ୧୯୭୮ ମସିହାର ରେକର୍ଡ଼ ହୋଇଥିବା ଏକ ଡିସ୍କ ଉପହାର ସ୍ୱରୂପ ଭେଟି ଦେଇଥିଲେ। ଓଡ଼ିଶାର ସମ୍ବଲପୁରୀ ଲୋକ ସଙ୍ଗୀତ ଓ ଆଦିବାସୀ ସଙ୍ଗୀତର ଉଚିତ ରକ୍ଷଣାବେକ୍ଷଣ ନିମନ୍ତେ ଭାରତ ସରକାରଙ୍କ ସଂସ୍କୃତିବିଭାଗ ତଥା ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏହି ସାକ୍ଷାତ ସମୟରେ କଣ୍ଠଶିଳ୍ପୀ ତୁଳାରାମ କଲେତ, ସୁମିତ ଚଇନି ଓ ରାଷ୍ଟ୍ରୀୟ ସୁରକ୍ଷା ବିଶେଷଜ୍ଞ ଓମ୍‌ପ୍ରକାଶ ଦାଶ ଉପସ୍ଥିତ ଥିଲେ ।

# କୁଚିଣ୍ଡାରେ ଯୁଗ୍ମ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଅନ୍ୟମାନେ।

**କୁଚିଣ୍ଡା,୩।୪(ଡି.ଏନ.ଏ.)**

କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ସମ୍ବଲପୁର ଜିଲାପାଳ ଓ ଏସ୍‌ପିଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ।

ଜିଲାପାଳ ଅନନ୍ୟା ଦାଶ କୁଚିଣ୍ଡା ବ୍ଲକକୁ ଆସି ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୨ ଜଣଙ୍କୁ ହୁଇଲ ଚେୟାର, ମଧୁବାବୁ ପେନ୍‌ସନ ଯୋଜନାରେ ୩ଜଣଙ୍କୁ ଭତ୍ତା ଓ କୁଚିଣ୍ଡା ତହସିଲ ପକ୍ଷରୁ ବସୁନ୍ଧରା ଯୋଜନାରେ ୩ଜଣଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିଥିଲେ। ଏହାପରେ ଜିଲାପାଳ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର, ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ରମେଶ ହାଁସଦା, କୁଚିଣ୍ଡା ଉପଜିଲାପାଳ ବିଭୁତି ଭୂଷଣ ନାୟକ, କୁଚିଣ୍ଡା ଏନ୍‌ଏସି ଇଓ ରିହାନ ଖେତ୍ରି, ବିଡ଼ିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ବ୍ଲକ ଅଧକ୍ଷ ଭୁବନେଶର କିଷାନ, କୁଚିଣ୍ଡା ଏସ୍‌ଡିପିଓ ରାଜ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ୪୭ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ପରେ ଜିଲାପାଳ କୁଚିଣ୍ଡା ବ୍ଲକର ଚନ୍ଦନୀମାଲ ପଞ୍ଚାୟତ ଗସ୍ତ କରି ଚନ୍ଦନୀମାଲ ୫-ଟି ହାଇସ୍କୁଲ, ଗ୍ରାମ ପଞ୍ଚାୟତରେ ଥିବା ସୁଲଭ ମୂଲ୍ୟ ଦୋକାନ, ଲସା ଗ୍ରାମର ଗ୍ରାମଦେବୀ ଉତ୍ପାଦକ ଗୋଷ୍ଠୀ ଦ୍ୱାରା କରାଯାଇଥିବା ତରଭୁଜ ଚାଷ ପରିଦର୍ଶନ କରି ଫେରି ଯାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏବିଡିଓ ସହଦେ ନନ୍ଦ, ମୁଖ୍ୟ କିରାଣୀ ତରୁଣ ପ୍ରସାଦ ବିଶ୍ୱାଳ, ବିପିଏମ୍ ଟିପେନସନ ବେହେରା ସହାୟତା କରିଥିଲେ।

# ଫେରାର ଅଭିଯୁକ୍ତ ଗିରଫ, ହାଇକୋର୍ଟରୁ ଜାମିନ ପାଇଥିଲେ

**ରେଢ଼ାଖୋଲ,୩।୪(ଡି.ଏନ.ଏ.)**

ଏକ ବଳାତ୍କାର ମାମଲାରେ ଉଚ୍ଚ ନ୍ୟାୟାଳୟରୁ ୬ସପ୍ତାହ ପାଇଁ ମଧ୍ୟବର୍ତ୍ତିକାଳିନ ଜାମିନରେ ବାହାରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର ପୁଣିଥରେ କୋର୍ଟ ଚାଲାଣ କରିଛି। ସେ ହେଲେ ପଟୁପାଳ ଗ୍ରାମର ସୁରେଶ ମହାକୁଡ। ଗତ ୨୮।୭।୨୦୨୧ରେ ବିରମହାରାଜପୁର ଥାନା ଅଞ୍ଚଳର ଜନୈକା ନାବାଳିକା ଚାରମାଲ ଥାନା ଅଞ୍ଚଳର ଏକ କଲେଜରୁ ଘରକୁ ଫେରୁଥିବା ବେଳେ ସୁରେଶ ରାସ୍ତାରେ ଏକୁଟିଆ ଦେଖି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଚାରମାଳ ଥାନାରେ କେସ୍ ନଂ.୧୦୦/୨୦୨୧, ଦଫା ୩୭୬/୫୦୬/୧୦୯/୩୨୩ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ସୁରେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ୧୦।୧୦।୨୦୨୨ରେ ସୁରେଶ ବାପାଙ୍କ ଚିକିତ୍ସା ପାଇଁ ଉଚ୍ଚନ୍ୟାୟାଳୟରୁ ୬ ସପ୍ତାହ ପାଇଁ ମଧ୍ୟବର୍ତ୍ତିକାଳିନ ଜାମିନରେ ମୁକୁଳିଥିଲେ। ତେବେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଭିଯୁକ୍ତ କୋର୍ଟରେ ଆତ୍ମସମର୍ପଣ ନ କରି ଫେରାର ହୋଇଯାଇଥିଲେ। ଫଳରେ କୋର୍ଟରୁ ଜାମିନବିହୀନ ଗିରଫ ପରୱାନ ଜାରି ହୋଇଥିଲା। ଚାରମାଳ ପୋଲିସ ରବିବାର ଅଭିଯୁକ୍ତ ସୁରେଶଙ୍କୁ ଅତାବିରାରୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

# ଗଞ୍ଜେଇ ସହ ୨ ବାଇକ୍ ଜବତ: ୩ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍ ସହ ଗଞ୍ଜେଇ।

**ନାକଟିଦେଉଳ,୩।୪(ଡ଼ି.ଏନ.ଏ.)**

ନାକଟିଦେଉଳ ଥାନା ପୋଲିସ ରବିବାର ରାତ୍ରିରେ ଚୋରା ଚାଲାଣ ବେଳେ ୧୮କେଜି ଗଞ୍ଜେଇ ସହ ୨ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ବାଗେଡ଼ିଆ ଥାନା ବାଗେଡ଼ିଆ ଗ୍ରାମର ରଞ୍ଜନ ସାହୁ(୩୫), ମୁନା ନାଏକ(୨୪) ଓ କାଠିଆ ମାଝି (୪୫)। ପୋଲିସ ସୂଚନା ଅନୁସାରେ ରେଢ଼ାଖୋଲ-ଦେବଗଡ଼ ରାସ୍ତାର ନାକଟିଦେଉଳ ଶିବ ମନ୍ଦିର ଛକରେ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ରେଢାଖୋଲରୁ ବାଟଗାଁ ପଟକୁ ୨ଟି ବାଇକ୍‌ରେ ୪ଜଣ ଆସୁଥିବା ବେଳେ ସନ୍ଦେହରେ ପୋଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ବାଇକ୍ ସିଟ୍ ତଳେ ଗଞ୍ଜେଇ ପ୍ୟାକେଟ ଥିବା ଦେଖି ପୋଲିସ ଜବତ କରିଥିଲା। ଘଟଣାରେ ୩ଜଣଙ୍କୁ ପୋଲିସ କାବୁ କରିଥିବାବେଳେ ଅନ୍ୟଜଣେ ଫେରାର ହୋଇଯାଇଥିଲେ। ଜବତ ବାଇକ୍ ଦୁଇଟି ହେଲା ଓଆର୍୧୯ସି-୩୮୨୬ ଓ ଓଡ଼ି୧୯ଏଚ-୦୩୫୩। ନାକଟିଦେଉଳ ଥାନା ଏସ୍‌ଆଇ ପବିତ୍ର ଭୋଇଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଗିରଫ ୩ ଅଭିଯୁକ୍ତଙ୍କୁ ସୋମବାର ରେଢାଖୋଲ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ କୃପା ବାଗ କହିଛନ୍ତି।

# ଡା. ରାସେଶ୍ୱରୀ ପାଣିଗ୍ରାହୀ ଟ୍ରଷ୍ଟ ପକ୍ଷରୁ ସହାୟତା

**ସମ୍ବଲପୁର,୩।୪(ବ୍ୟୁରୋ)**

ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସୋମବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶାନ୍ତିନଗରସ୍ଥିତ କାର୍ଯ୍ୟାଳୟରେ ୨ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ, ୨ ଜଣ ଶିଶୁଙ୍କ ସମେତ ୪ଜଣଙ୍କୁ ଚିକିତ୍ସା ପାଇଁ ମୋଟ ୬୩ ହଜାର ୮ଶହ ଟଙ୍କା ସହାୟତା ଦିଆଯାଇଛି। ଏହି ଅବସରରେ ଟ୍ରଷ୍ଟ ପ୍ରତିଷ୍ଠାତ୍ରୀ ଡା. ପାଣିଗ୍ରାହୀଙ୍କ ସମେତ ଅଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତି ଉପସ୍ଥିତ ଥିଲେ। ସ୍ନାତକୋତ୍ତର ଶ୍ରେଣୀ ଛାତ୍ରୀ କବିତା ବଢାଇଙ୍କୁ ପୂର୍ବରୁ ଆର୍ଥିକ ସହାୟତା ଦିଆଯାଇଥିବା ବେଳେ ଗତମାସରୁ ଆସନ୍ତା ଅଗଷ୍ଟ ମାସ ଯାଏ ମାସିକ ୩ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯିବ। ସେହିପରି ବିଜ୍ଞାନ ସ୍ନାତକ ଶ୍ରେଣୀ ଛାତ୍ରୀ ତନୁଶ୍ରୀ ଭୋଇଙ୍କୁ ୭ହଜାର ୮ ଶହ ଟଙ୍କା ପ୍ରଦାନ ସହ ଆଗାମୀ ୩ମାସ ମାସିକ ୩ ହଜାର ଟଙ୍କା ଲେଖାଏଁ ଦିଆଯିବ। ଡାଇବେଟିକ ପୀଡିତ ୭ ବର୍ଷ ବୟସର ସାଇ ମିଶ୍ରଙ୍କ ଚିକିତ୍ସା ପାଇଁ ୧୫ହଜାର ଓ ସିକିଲସେଲ ପୀଡିତ ୧୨ ବର୍ଷୀୟା ବିଦ୍ୟା ନିଖଣ୍ଡିଆଙ୍କ ଚିକିତ୍ସା ପାଇଁ ୧୦ହଜାର ଟଙ୍କା ସହାୟତା ଦିଆଯାଇଛି। କ୍ୟାନସର ପୀଡିତ ବୁଲୁ ମହାରଣାଙ୍କୁ ୧୫ହଜାର ଟଙ୍କାର ସହାୟତା ଦିଆଯାଇଥିବା ବେଳେ ମେରୁଦଣ୍ଡ ସମସ୍ୟା ଥିବା ମହମ୍ମଦ ହାତିମଙ୍କୁ ଚିକିତ୍ସା ସହାୟତା ବାବଦରେ ୧୦ ହଜାର ଟଙ୍କା ଦିଆଯାଇଛି। ସଭ୍ୟ ନିରୁପମା ବଡପଣ୍ଡା, ସୁଧୀର ପୂଜାରୀ, ଦେବାଶିଷ ନନ୍ଦ, ବିପିନ ବିହାରୀ ପଣ୍ଡା, ସୁବ୍ରତ ପଣ୍ଡା ଓ ଶିବ ନନ୍ଦ ଉପସ୍ଥିତ ଥିଲେ।


ଶାନ୍ତିନଗର କାର୍ଯ୍ୟାଳୟରେ ଉପସ୍ଥିତ ଟ୍ରଷ୍ଟ ସଦସ୍ୟ ।

# ପଡିଆବାହାଲରେ ସ୍ୱାସ୍ଥ୍ୟ ଶିବିର

**ପଡିଆବାହାଲ,୩।୪(ଡି.ଏନ.ଏ.)**

ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସୋମବାର ଯୁଯୁମୁରା ବ୍ଲକ ପଡିଆବାହାଲ ଜୟଦୁର୍ଗା ପାଠାଗାର ସମ୍ମୁଖ ସାପ୍ତାହିକ ହାଟ ପଡିଆରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅସ୍ଥିଶଲ୍ୟ, ଭେଷଜ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଉପସ୍ଥିତ ରହି ୯୫୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା ପରାମର୍ଶ ସହ ଟ୍ରଷ୍ଟ ପକ୍ଷରୁ ଔଷଧ ବିତରଣ କରାଯାଇଥିଲା। ଏ ଅବସରରେ ବାହାମ ସରପଞ୍ଚ ସରସ୍ୱତୀ ଭୁସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ସାଂସଦ ପ୍ରତିନିଧି ସସ୍ମିତା ଦେହୁରି, ଟିକି ପଧାନ, ସାମାଜିକ କର୍ମୀ ଡା. ରାଜାରାମ ଷଡ଼ଙ୍ଗୀ, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଭାଜପା ନେତା ମହାପାତ୍ର ଶିବିର ଉଦ୍‌ଘାଟନ କରି ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିକାଶ ଫାଉଣ୍ଡେଶନର ଅସିତ କୁମାର ପଧାନ ଓ ଅଭୟ କୁମାର ବର୍ଗର୍ତ୍ତି ଶିବିର ପରିଚାଳନାରେ ସହଯୋଗ କରିଥିଲେ।


ଶିବିର ଉଦ୍‌ଘାଟନ କରୁଛନ୍ତି ଅତିଥି।

# ଗୋଛରା ସ୍କୁଲ ପାଚେରି ଭଙ୍ଗା ଘଟଣା | ଦୋଷୀ ବିରୋଧରେ ଜିଲାପାଳଙ୍କ ପଦକ୍ଷେପ ନିର୍ଦ୍ଦେଶ

**କୁଚିଣ୍ଡା,୩।୪(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୋଛରା ଦୀନବନ୍ଧୁ ନୋଡାଲ ୫-ଟି ହାଇସ୍କୁଲ ପାଚେରି ଓ ଶୌଚାଳୟ ଭଙ୍ଗା ଘଟଣାରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ କ୍ଷୁବ୍ଧ ହୋଇ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମହୁଲପାଲି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କ୍ଷୟକ୍ଷତିର ଆକଳନ କରି ସଂପୃକ୍ତ ବ୍ୟକ୍ତିଙ୍କଠାରୁ ଭରଣା କରିବାକୁ ବିଡିଓଙ୍କୁ ପରାମର୍ଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କୁଚିଣ୍ଡା ବ୍ଲକ ମହୁଲପାଲି ଥାନା ଗୋଛରା ଦୀନବନ୍ଧୁହାଇସ୍କୁଲ ୧୯୭୭ ମସିହାରେ ସ୍ଥାପିତ ହୋଇଛି। ଏହାକୁ ରାଜ୍ୟ ସରକାର ୫-ଟିରେ ରୂପାନ୍ତରିତ କରିଥିବା ବେଳେ ରବିବାର ରାତିରେ ଗୋଛରା ଗ୍ରାମର ରାଜ କିଶୋର ଦେଓ ନାମକ ବ୍ୟକ୍ତି ଜେସିବି ଲଗାଇ ହାଇସ୍କୁଲ ପାଚେରି ଓ ଶୌଚାଳୟକୁ ଭାଙ୍ଗିଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଏକ୍କା ମହୁଲପାଲି ଥାନାରେ ଅଭିଯୋଗ କରିଛନ୍ତି। ଏହାସହ ସୋମବାର ସମ୍ବଲପୁର ଜିଲାପାଳଙ୍କ କୁଚିଣ୍ଡାରେ ହୋଇଥିବା ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିରରେ ଅଭିଯୋଗ କରିଥିଲେ। ଜିଲାପାଳ ଦାସ ଏହା ଉପରେ ଶୁଣାଣି କରି ତୁରନ୍ତ ଆପରାଧିକ ମାମଲା ରୁଜୁ କରିବାକୁ ମହୁଲପାଲି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ କୁଚିଣ୍ଡା ବିଡିଓଙ୍କୁ କ୍ଷୟକ୍ଷତିର ଆକଳନ ପୂର୍ବକ ଦୋଷୀଙ୍କଠାରୁ ଭରଣା କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରକାଶଥାଉ କି, ରାମତିଲେଇମାଲ ଗ୍ରାମର ଜୟନାରାୟଣ ବାରିକ ନାମକ ବ୍ୟକ୍ତି ୧୯୮୬ରେ ଦୀନବନ୍ଧୁ ହାଇସ୍କୁଲକୁ ଖାତା ନଂ୫୧, ପ୍ଲଟ ନଂ୯୧୧/୨୯୫୦ରୁ ୪୮ ଡେସିମିଲ ଜମିକୁ ଦାନସୂତ୍ରରେ ଦେଇଥିଲେ। ଏହି ଜମି ଉପରେ ୫-ଟି ଅନୁଦାନରେ ପାଚେରି ଓ ଶୌଚାଳୟ ନିର୍ମିତ ହୋଇଥିଲା। ଏ ସମ୍ପର୍କରେ ପାଚେରି ଭାଙ୍ଗିଥିବା ରାଜକିଶୋର ଦେଓଙ୍କୁ ପଚାରିବାରେ ଏହା ତାଙ୍କ ପୁଅ ନାମରେ ଖତିୟାନ ରହିଥିବାରୁ ଭାଙ୍ଗିଥିବା କହିଛନ୍ତି।

# ଡ୍ରେନ୍‌ରେ ରାଇସମିଲ୍ ପାଣି ଜମୁଥିବା ଅଭିଯୋଗ

**ସମ୍ବଲପୁର,୩।୪(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ୱାର୍ଡ଼ ନଂ.୧୧ ଅନ୍ତର୍ଗତ ଲରପଙ୍କରେ ଥିବା ଏକ ରାଇସ୍‌ମିଲ୍‌ରୁ ନିର୍ଗତ ପାଣି ଡ୍ରେନ୍‌ରେ ଜମିରହୁଛି ବୋଲି ଅଞ୍ଚଳବାସୀ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ନାଳରେ ପାଣି ଜମି ରହୁଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ମଶାଙ୍କ ପ୍ରାଦୁର୍ଭାବ ବଢୁଛି। ଏଥିଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ବଲପୁର ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ସ୍ଥାନୀୟ ଅଞ୍ଚଳର ପ୍ରଶାନ୍ତ ପଣ୍ଡା, ପ୍ରଣୟ ଦାସ, ସୁନୀଲ ସିଂ, ଜଗଦୀଶ ସାହୁ, ସଞ୍ଜୟ ଯାଦବ, ମାଧବ ସିଂ ପ୍ରମୁଖ ସମ୍ବଲପୁର ମହାନଗର କମିଶନର ପ୍ରଦୀପ ସାହୁଙ୍କୁ ଭେଟି ଆଲୋଚନା କରିଥିଲେ। କମିଶନର ସାହୁ ଏକସପ୍ତାହ ମଧ୍ୟରେ ପରିସ୍ଥିତି ଅନୁଧ୍ୟାନ କରି ଏହି ସମସ୍ୟାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ।


ଏସ୍‌ଏମ୍‌ସି ଅଫିସ ସମ୍ମୁଖରେ ପ୍ରଭାବିତ ଲୋକେ ।

# ଏଲ୍‌ଆଇ ସେଣ୍ଟରରେ ତାଲା ପକାଇଲେ ଚାଷୀ

**କୁଚିଣ୍ଡା,୩।୪(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବାଉରୀଗୋଡା ଏଲ୍‌ଆଇ (ପ୍ରାଣୀଧନ ନିରୀକ୍ଷକ)ଙ୍କ କାର୍ଯ୍ୟରେ ଅବହେଳା ଅଭିଯୋଗ କରି ସୋମବାର ଚାଷୀମାନେ ଅଫିସରେ ତାଲା ପକାଇ ଦେଇଥିଲେ। ଖବରପାଇ କୁଚିଣ୍ଡା ବିଡିଓ ନବୀନ ଦାସ ଓ ଏସ୍‌ଡିଭିଓ ମୋହନ ମାଣିଆ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ତାଲା ଖୋଲିଥିବା ଜଣାଯାଇଛି। ସୂଚନା ଅନୁଯାୟୀ ବାଉରୀଗୋଡା ଗ୍ରାମର ରୋଶନ ଶୁକ୍ଲାଙ୍କ ସୋମବାର ଏକ ବାଛୁରୀ ଅସୁସ୍ଥ ଥିଲା। ଚିକିତ୍ସା ନିମନ୍ତେ ସେ ଏଲ୍‌ଆଇଙ୍କୁ ଫୋନରେ ଯୋଗାଯୋଗ କରିଥିଲେ। ମାତ୍ର ଏଲ୍‌ଆଇ ଫୋନ ଉଠାଇ ନ ଥିଲେ। ପରେ ତାଙ୍କ ବାଛୁରୀର ମୃତ୍ୟୁ ହୋଇଥିଲା। ଚିକିତ୍ସା ଅଭାବରୁ ବାଛୁରୀର ମୃତ୍ୟୁ ହୋଇଥିବା ଅଭିଯୋଗ କରି ମୃତ ବାଛୁରୀକୁ ଅଫିସ ସମ୍ମୁଖରେ ରଖି ଶୁକ୍ଲା ତାଲା ପକାଇ ଦେଇଥିଲେ। ଏଲ୍‌ଆଇଙ୍କ ଅବହେଳା ଯୋଗୁ ୩ଦିନ ମଧ୍ୟରେ ତାଙ୍କର ୨ଟି ଗାଈ ଓ ୨ଟି ବାଛୁରୀ ମୃତ୍ୟୁବରଣ କରିଥିବା ସେ ଅଭିଯୋଗ କରିଛନ୍ତି। ପରେ ବିଡିଓ, ଏସ୍‌ଡିଭିଓ ପହଞ୍ଚି ଶୁକ୍ଲା ଓ ଗ୍ରାମର ଅନ୍ୟ ଚାଷୀଙ୍କ ଗୋରୁଙ୍କୁ ଭ୍ୟାକସିନ ଦେବା ସହ ବୁଝାଶୁଝା କରି ତାଲା ଖୋଲିଥିଲେ। ବାଉରୀଗୋଡା, ପାରୁଆଭାଡି ଓ ଗୋଛରା ଭଳି ୩ଗୋଟି ଏଲ୍‌ଆଇ ସେଣ୍ଟର ଦାୟିତ୍ୱରେ ଜଣେ ମାତ୍ର ପ୍ରାଣୀଧନ ନିରୀକ୍ଷକ ଥିବାରୁ ଏଭଳି ସ୍ଥିତି ହୋଇଥିବା ବିଡିଓ ଦାସ କହିଛନ୍ତି।


ଏଲ୍‌ଆଇ ସେଣ୍ଟରରେ ତାଲା ଖୁଲୁଛି।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୬.୬୧ ଲକ୍ଷ କୋଟି

ନୂଆଦିଲ୍ଲୀ,୩।୪



ଚଳିତ ଆର୍ଥିକ ବର୍ଷ ( ୨୦୨୨-୨୩ ବର୍ଷ)ରେ ୧୬.୬୧ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ସଂଗ୍ରହ କରାଯାଇଛି। ଯାହାକି ୨୦୨୧-୨୨ ତୁଳନାରେ ପ୍ରାୟ ୧୮% (୧୭.୬୩%) ବୋଲି କୁହାଯାଉଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ବଜେଟ୍ ଆକଳନ ଠାରୁ ଅଧିକ ଅସ୍ଥାୟୀ (ପ୍ରୋଭିଜନାଲ) ପ୍ରତ୍ୟକ୍ଷ ଟିକସ ସଂଗ୍ରହ ହୋଇଛି। ବିଶେଷ କରି ୨୦୨୧-୨୨ ବର୍ଷରେ ୧୪.୧୨ ଲକ୍ଷ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲା। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷର କେନ୍ଦ୍ର ବଜେଟରେ ୧୪.୨୦ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ସଂଗ୍ରହ କରାଯିବା ନେଇ ଆକଳନ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସେଥିରେ ସଂଶୋଧନ କରାଯାଇ ସଂଶୋଧିତ ଆକଳନ ଅନୁଯାୟୀ ୧୬.୫୦ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ଆଦାୟ ହେବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ବଜେଟ ଆକଳନ ଠାରୁ ୧୬.୯୭% ଅଧିକ ଏବଂ ସଂଶୋଧିତ ଆକଳନ ଠାରୁ ୦.୬୯ ପ୍ରତିଶତ ଅଧିକ ଅସ୍ଥାୟୀ ପ୍ରତ୍ୟକ୍ଷ ଟିକସ ସଂଗ୍ରହ (ରିଫଣ୍ଡଗୁଡ଼ିକର ଶୁଦ୍ଧ ବା ନିଟ୍ ଅଫ୍ ଦ ରିଫଣ୍ଡ) କରାଯାଇଛି। ରିଫଣ୍ଡ ପରିଶୋଧ କରିବା ପୂର୍ବରୁ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସର ସକଳ ସଂଗ୍ରହ (ଅସ୍ଥାୟୀ) ପରିମାଣ ୧୯.୬୮ ଲକ୍ଷ କୋଟି ଟଙ୍କା ରହିଛି, ଯାହାକି ୨୦୨୧-୨୨ ଆର୍ଥିକ ବର୍ଷରେ ସଂଗୃହିତ ଟିକସ ପରିମାଣ ୧୬.୩୬ ଲକ୍ଷ କୋଟି ଟଙ୍କା ଠାରୁ ୨୦.୩୩% ଅଧିକ ବୋଲି କୁହାଯାଉଛି। ୨୦୨୨-୨୩ ଆର୍ଥିକ ବର୍ଷରେ ସକଳ କର୍ପୋରେଟ ଟିକସ ସଂଗ୍ରହ (ଅସ୍ଥାୟୀ) ୧୦,୦୪,୧୧୮ କୋଟି ଟଙ୍କା ରହିଛି ଏବଂ ଏହା ପୂର୍ବ ଆର୍ଥିକ ବର୍ଷରେ ସଂଗୃହିତ ସକଳ କର୍ପୋରେଟ୍ ଟିକସ ପରିମାଣ ୮,୫୮,୮୪୯ କୋଟି ଟଙ୍କା ଠାରୁ ୧୬.୯୧% ଅଧିକ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏସଟିଟି ସମେତ ସକଳ ବ୍ୟକ୍ତିଗତ ଆୟକର ଆଦାୟ (ଅସ୍ଥାୟୀ) ୯,୬୦,୭୬୪ କୋଟି ଟଙ୍କା ରହିଛି ଏବଂ ଏହା ପୂର୍ବବର୍ଷ ସଂଗୃହିତ ବ୍ୟକ୍ତିଗତ ଆୟକର (ଏସଟିଟି ସମେତ) ପରିମାଣ ୭,୭୩,୩୮୯ ଠାରୁ ୨୪.୨୩% ଅଧିକ ରହିଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ୩,୦୭,୩୫୨ କୋଟି ଟଙ୍କାର ରିଫଣ୍ଡ ଜାରି କରାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଜାରି ହୋଇଥିବା ରିଫଣ୍ଡ ପରିମାଣ ୨,୨୩,୬୫୮ କୋଟି ଟଙ୍କା ଠାରୁ ୩୭.୪୨% ଅଧିକ ବୋଲି କୁହାଯାଉଛି।

## ଆଇଡିବିଆଇର 'ଇ-ବ୍ୟାଙ୍କ ଗ୍ୟାରେଣ୍ଟି'

ନୂଆଦିଲ୍ଲୀ,୩।୪

ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ନିକଟରେ ଏକ ନୂତନ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ୟାଙ୍କ ନ୍ୟାଶନାଲ ଇ-ଗଭର୍ନାନ୍ସ ସର୍ଭିସେସ୍ ଲିମିଟେଡ୍ (ଏନ୍‌ଇଏସ୍‌ଏଲ୍) ସହଭାଗିତାରେ 'ଇ-ବ୍ୟାଙ୍କ ଗ୍ୟାରେଣ୍ଟି' ସୁବିଧାର ଶୁଭାରମ୍ଭ କରାଯାଇଛି। ଏପରିକି ଏହା କାଗଜ-ଆଧାରିତ ବ୍ୟାଙ୍କ ଗ୍ୟାରେଣ୍ଟି ଜାରି କରିବା ପ୍ରକ୍ରିୟାକୁ ଇ-ଷ୍ଟାମ୍ପିଙ୍ଗ୍ ଓ ଇ-ସିଗ୍ନେଚର ସହିତ ସ୍ଥାନାନ୍ତର କରିଛି, ଏହା ସହିତ ବ୍ୟାଙ୍କ ତା'ର ଗ୍ରାହକଙ୍କୁ ଡିଜିଟାଲ ଓ ଉପଭୋକ୍ତା ଅନୁକୂଳ ସେବା ପ୍ରଦାନ କରିବା ପାଇଁ ଆଉ ଏକ ସଫଳତା ହାସଲ କରିଛି। ଏହି ନୂଆ ପଦକ୍ଷେପ ଅଧିକ ସ୍ୱଚ୍ଛତା ଆଣୁଛି ଏବଂ ଟର୍ନ ଆରାଉଣ୍ଡ ସମୟକୁ ମଧ୍ୟ ହ୍ରାସ କରୁଛି। ଇ-ବିଜିକୁ ଇ-ଷ୍ଟାମ୍ପିଙ୍ଗ ଓ ଇ-ସିଗେନ୍ଚର ସହ କାର୍ଯ୍ୟକାରୀ କରାଯାଇପାରିବ ଏବଂ କେବଳ କିଛି ମିନିଟ୍ ମଧ୍ୟରେ ସମସ୍ତ ହିତାଧିକାରୀଙ୍କୁ ତତ୍କାଳ ବିତରଣ କରାଯାଇପାରିବ।

## ଏନ୍‌ଏମ୍‌ଏସିସିର ଆର୍ଟ ହାଉସ୍ ଉଦ୍‌ଘାଟିତ

ମୁମ୍ବାଇ,୩।୪



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ସ୍ୱପ୍ନର ସାଂସ୍କୃତିକ ପ୍ରତିଷ୍ଠାନ ନୀତା ମୁକେଶ ଅମ୍ବାନୀ କଲଚରାଲ୍ ସେଣ୍ଟର୍ (ଏନ୍‌ଏମ୍‌ଏସିସି)ର ଆର୍ଟ ହାଉସ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁକେଶ ଅମ୍ବାନୀଙ୍କ ମା' କୋକିଳାବେନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ବିଶେଷ କରି ୧୬,୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ନିର୍ମିତ ଅତ୍ୟାଧୁନିକ ଆର୍ଟ ହାଉସ୍‌ରେ ବିଶ୍ୱସ୍ତରୀୟ କଳା ପ୍ରଦର୍ଶନୀଠାରୁ ଆରମ୍ଭ କରି ବୈଷୟିକ ଓ ଶିକ୍ଷା ସମ୍ପର୍କିତ କର୍ମଶାଳା ଭଳି କାର୍ଯ୍ୟକ୍ରମ ଆଦିର ଆୟୋଜନ କରାଯାଇପାରିବ। ସେହିଭଳି ବର୍ତ୍ତମାନ ସମୟର ପ୍ରତିଭାମାନଙ୍କୁ ସାମ୍ନାକୁ ଆଣିବା ଏବଂ କଳାକୁ ଆଗକୁ ବଢ଼ାଇବାରେ ଉକ୍ତ ଆର୍ଟ ହାଉସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ବିଶ୍ୱସ୍ତରୀୟ ମଞ୍ଚ ମିଳିବା ଦ୍ୱାରା ଯୁବ କଳାକାରମାନଙ୍କ ପ୍ରତିଭାକୁ ସାରା ବିଶ୍ୱରେ ପରିଚୟ ମିଳିପାରିବ। ଅପରପକ୍ଷରେ ଉକ୍ତ କଲଚରାଲ୍ ସେଣ୍ଟର୍‌ର ଉଦ୍‌ଘାଟନୀ ସମାରୋହର ତୃତୀୟ ଦିନରେ ଅମ୍ବାନୀ ପରିବାରର ୪ପିଢ଼ିଙ୍କୁ ଏକାସଙ୍ଗେ ଦେଖିବାକୁ ମିଳିଥିଲା। ଏହି ମେଗା ଉଦ୍‌ଘାଟନୀ ସମାରୋହର ଆନ୍ତର୍ଜାତିକ ଫେଶନ ଜଗତରେ ଭାରତୀୟ ଫେଶନର ପ୍ରଭାବକୁ ପ୍ରଦର୍ଶିତ କରୁଥିବା ସ୍ୱତନ୍ତ୍ର କଫି-ଟେବୁଲ୍ ପୁସ୍ତକ 'ଇଣ୍ଡିଆ ଇନ୍ ଫେଶନ୍'କୁ ନୀତା ଅମ୍ବାନୀ ଓ ଇଶା ଅମ୍ବାନୀ ଉନ୍ମୋଚନ କରିଥିଲେ। ଉକ୍ତ ପୁସ୍ତକର କିଛି ମହତ୍ତ୍ୱପୂର୍ଣ୍ଣ ଭାଗକୁ ଇଶା ଅମ୍ବାନୀ ଉପସ୍ଥିତ ଦର୍ଶକଙ୍କୁ ପଢ଼ି ଶୁଣାଇଥିଲେ।

## 'କ୍ଲିନ୍ ଟୁ ଗ୍ରୀନ୍ ଅଭିଯାନ'ର ଶୁଭାରମ୍ଭ

ନୂଆଦିଲ୍ଲୀ,୩।୪

ବହୁ ରାଷ୍ଟ୍ରୀୟ ଲଜିଷ୍ଟିକ କମ୍ପାନୀ ଆରଏଲଜି ସିଷ୍ଟମସ ଇଣ୍ଡିଆ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ 'କ୍ଲିନ୍ ଟୁ ଗ୍ରୀନ୍ ଅଭିଯାନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଉକ୍ତ ଅଭିଯାନ ଅଧୀନରେ କମ୍ପାନୀ ବିଭିନ୍ନ ବର୍ଗର ଇ-ଆବର୍ଜନା ସଂଗ୍ରହ ଡ୍ରାଇଭ୍ ପ୍ରୋଗ୍ରାମ ଆରମ୍ଭ କରିଛି। ବିଶେଷ କରି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ ଇଣ୍ଡିଆ ମନ୍ତ୍ରଣାଳୟର ଅଧୀନରେ ଉକ୍ତ ଅଭିଯାନ ଦେଶର ସମସ୍ତ ଶିକ୍ଷାନୁଷ୍ଠାନ, ନିଗମ, ବହୁଳ ଗ୍ରାହକ, ଖୁଚୁରା ବ୍ୟବସାୟୀ, ରେସିଡେଂଟ ୱେଲଫେୟାର ଆସୋସିଏସନ୍, ଡିଲର ଏବଂ ପଚାରିକ କ୍ଷେତ୍ର ସହିତ ବିଭିନ୍ନ ଦର୍ଶକଙ୍କ ନିକଟରେ ପହଂଚିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏପରିକି ଉକ୍ତ ଅଭିଯାନରେ ୨୪୦ଟି ଶିକ୍ଷାନୁଷ୍ଠାନ, ୭୦ଆରଡବ୍ଲୁଏର, ୫୦ ବଲ୍କ ଗ୍ରାହକ, ୪୦ ଡିଲର ଓ ରିଟେଲର୍ ଏବଂ ୨୮ଟି ରାଜ୍ୟ ଏବଂ ୪୦ଟି ପଚାରିକ କ୍ଷେତ୍ରକୁ ଭାରତରେ ଅନ୍ତର୍ଭୁକ୍ତ କରିବ। ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ (ଇ-ଆବର୍ଜନା) ସାଧାରଣତ ବର୍ଜିତ ସର୍ଭର, କମ୍ପ୍ୟୁଟର ମନିଟର, ମଦରବୋର୍ଡ, ପ୍ରିଂନଟର, ମୋବାଇଲ୍ ଫୋନ୍ ଏବଂ ଚାର୍ଜର, କମ୍ପାକ୍ଟ ଡିସ୍କ, ହେଡଫୋନ୍, ଟେଲିଭିଜନ୍ ସେଟ୍, ୱାଶିଂମେସିନ୍, ଏୟାର କଣ୍ଡିସନର, ରେଫ୍ରିଜରେଟର ଇତ୍ୟାଦି ଅନ୍ତର୍ଭୁକ୍ତ କରୁଛି। ଇ-ଆବର୍ଜନା ଉତ୍ପାଦନକାରୀ ଭାରତ ବର୍ତମାନ ବିଶ୍ୱର ତୃତୀୟ ବୃହତମ ଅଟେ।

ଏ ସମ୍ପର୍କରେ ଆରଏଲଜି ସିଷ୍ଟମ ଇଣ୍ଡିଆର ଏମଡି ରାଧିକା କାଲିଆ କହିଛନ୍ତି, ଆମେ ଇ-ବର୍ଜ୍ୟବସ୍ତୁ ପରିଚାଳନା ଭିତିଭୂମି ପ୍ରତିଷ୍ଠା କରିବାର ଲକ୍ଷ୍ୟ ଦିଗରେ ନିରନ୍ତର କାର୍ଯ୍ୟ କରୁଛୁ। ଏପରିକି ଅତ୍ୟାଧୁନିକ ଇ-ଆବର୍ଜନା ସଚେତନତା କାର୍ଯ୍ୟକ୍ରମ ସହିତ ଆମେ ଉପଯୁକ୍ତ ଇ-ଆବର୍ଜନା ନିଷ୍କାସନ ଏବଂ ପୁନର୍ବ୍ୟବହାର ପ୍ରଣାଳୀ ଗ୍ରହଣ କରିବାର ଗୁରୁତ୍ୱ ବିଷୟରେ ବ୍ୟାପକ ସଚେତନତା ବିସ୍ତାରର ଗତିକୁ ତ୍ୱରାନ୍ୱିତ କରି ସମଗ୍ର ଦେଶକୁ ଆୟତରେ ରଖିଛୁ।

## 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୩'



ଭୁବନେଶ୍ୱର,୩।୪

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଓଡିଏମ୍ ପବ୍ଲିକ ସ୍କୁଲ ପକ୍ଷରୁ ଓଡିଶା ଦିବସ ପାଳିତ ହୋଇଯାଇଛି। ଏପରିକି ସ୍ଥାନୀୟ ପଟିଆସ୍ଥିତ ସ୍କୁଲ ପରିସରରେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ବିଶେଷକରି ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ କଳା, ସାହିତ୍ୟ, ଭାଷା, ବିଜ୍ଞାନ, ନୃତ୍ୟ ଓ ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୩' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ କାଦମ୍ବିନୀର ପ୍ରତିଷ୍ଠାତା ଡ. ଇତି ସାମନ୍ତ, ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର, ଏଫ୍‌ଆର୍‌ଏସସି (ୟୁକେ)ର ବରିଷ୍ଠ ବୈଜ୍ଞାନିକ ବିକାଶ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନ ସ୍ୱାଗତ ଅଭିଭାଷଣ ସହ ସମ୍ମାନ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ ସତ୍ୟେନ୍ଦୁ ଅତିଥିମାନଙ୍କୁ 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୩'ରେ ସମ୍ବର୍ଦ୍ଧିତ କରିଥିଲେ।

## ପାର୍ଲେ ଆଗ୍ରୋର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୩।୪

ଦେଶର ପ୍ରମୁଖ ମୃଦୁପାନୀୟ ଶିଳ୍ପ ତଥା ପାର୍ଲେ ଆଗ୍ରୋ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନିକଟରେ ଏକ ନୂତନ ଉତ୍ପାଦର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ପାର୍ଲେ ଆଗ୍ରୋର ଡାଏରୀ ବ୍ରାଣ୍ଡ ସ୍ମୁଧ ଅଧୀନରେ ଆଉ ଏକ ଅଗ୍ରଣୀ ଉତ୍ପାଦ 'ସ୍ମୁଧ ଫ୍ରୁଟ ଲସି'ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପାର୍ଲେ ଆଗ୍ରୋ ସ୍ମୁଧ ଫ୍ରୁଟ ଲସି ପାଇଁ କମ୍ପାନୀର ଜାତୀୟ ବ୍ରାଣ୍ଡ ଆମ୍ବାସାଡର ବରୁଣ ଧାବନଙ୍କୁ ନେଇ ନୂଆ ପ୍ରଚାର ଅଭିଯାନ ମଧ୍ୟ ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ସ୍ମୁଧ ଫ୍ରୁଟ ଲସି ୩ଟି ସ୍ୱତନ୍ତ୍ର ଅଲଗା ଅଲଗା କିସମରେ ଆସୁଛି, ଯଥା 'ଗୁଆଭା ଚିଲି, ବାନାନା ରମ ଫ୍ଲେଭର ଏବଂ ମିକ୍ସଡ ବେରିଜ।

ଏ ସମ୍ପର୍କରେ ପାର୍ଲେ ଆଗ୍ରୋର ଜଏଣ୍ଟ ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଏମଓ ନାଦିଆ ଚୌହାନ କହିଛନ୍ତି, ସ୍ମୁଧ ଫ୍ଲେଭରଡ ମିଲକ୍ସର ବିପୁଳ ସଫଳତାକୁ ଲକ୍ଷ୍ୟ କରି ଆମେ ଆଉ ଏକ ଅନନ୍ୟ ଉତ୍ପାଦ ସ୍ମୁଧ ଫ୍ରୁଟ ଲସିର ପ୍ରଚଳନ କରିବା ନିମନ୍ତେ ଆମର ସ୍ମୁଧ ଡାଏରୀ ବ୍ରାଣ୍ଡକୁ ସମ୍ପ୍ରସାରିତ କରିଛୁ। ଏପରିକି ଦଶନ୍ଧି ଦଶନ୍ଧି ଧରି ଭାରତୀୟମାନେ ଫଳ ଓ ଦହିକୁ ଖୁବ ଭଲ ପାଇ ଆସୁଛନ୍ତି। ଆମର ଏହି ନୂତନ ଉତ୍ପାଦର ବଜାର ପ୍ରବେଶ ସହ ଉପଭୋକ୍ତାମାନେ ମାତ୍ର ୧୦ ଟଙ୍କାରେ ଏହାକୁ ପାଇପାରିବେ। ସେହିଭଳି ସ୍ମୁଧ ଫ୍ରୁଟ ଲସି ଆମର ଡାଏରୀ ବ୍ରାଣ୍ଡ ସ୍ମୁଧକୁ ୨୦୨୫ ସୁଦ୍ଧା ୫୦୦୦ କୋଟି ଟଙ୍କାର ବ୍ରାଣ୍ଡରେ ପରିଣତ କରିବାକୁ ରହିଥିବା ଆମ ଲକ୍ଷ୍ୟ ହାସଲ ଦିଗରେ ଆଉ ଏକ ଅଗ୍ରସରତା ହୋଇଛି।

ଫୁର୍‌ସତ୍

## ବିଶ୍ୱର ସବୁଠୁ ସୁନ୍ଦର କୁକୁଡ଼ା

### ରାଜ୍ୟସ୍ତରୀୟ ସୁନ୍ଦର ପ୍ରତିଯୋଗିତାରେ ୪ର୍ଥ

ଅମରାବତୀ

ସୁନ୍ଦର ପ୍ରତିଯୋଗିତା କେବଳ ମଣିଷ ଲାଗି ନୁହେଁ, ପଶୁପକ୍ଷୀମାନଙ୍କ ପାଇଁ ମଧ୍ୟ ଆୟୋଜିତ ହୋଇଥାଏ। ନିକଟରେ ଆୟୋଜିତ ରାଜ୍ୟସ୍ତରୀୟ ସୁନ୍ଦର ପ୍ରତିଯୋଗିତାରେ ଏକ କୁକୁଡ଼ା ୪ର୍ଥ ସ୍ଥାନ ହାସଲ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରିପୋର୍ଟ ମୁତାବକ, ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲାର ସୈୟଦ୍ ବାଶା ଏହି କୁକୁଡ଼ାର ମାଲିକ। ସୈୟଦ ତାଙ୍କ ବାପାଙ୍କ ସହ ମିଶି ଶୁଆଭଳି ଥଣ୍ଟ ଥିବା କୁକୁଡ଼ା ପାଳିଥିଲେ, ଯାହା ତାମିଲନାଡୁ ଏବଂ କେରଳରେ ଅଧିକାଂଶ ମିଳିଥାଏ। ଏହି ପ୍ରଜାତିର କୁକୁଡ଼ା ବହୁତ ସୁନ୍ଦର ହୋଇଥାନ୍ତି। କୌଣସି ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାକୁ ହେଲେ ଏପରି କୁକୁଡ଼ାଙ୍କ ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିଥାଏ। ସେମାନଙ୍କୁ ଜରୁରୀ ପୋଷକତତ୍ତ୍ୱ ଥିବା ଖାଦ୍ୟ ଦେବାକୁ ହୋଇଥାଏ। ପ୍ରତିଯୋଗିତାରେ କୁକୁଡ଼ାର ଆକାର, ପ୍ରକାର, ରଙ୍ଗ, ଡେଣାର ଯାଞ୍ଚ ପରେ ବିଜେତା ଘୋଷଣା କରାଯାଏ। ଗତ ୨୯ ଜାନୁୟାରୀରେ ରାଜ୍ୟର ଆନନ୍ଦପୁର ଜିଲାରେ ଆୟୋଜିତ ରାଜ୍ୟସ୍ତରୀୟ ସୁନ୍ଦର ପ୍ରତିଯୋଗିତାରେ ସୈୟଦ୍‌ଙ୍କ କୁକୁଡ଼ା ଥରକରେ ୪ର୍ଥ ସ୍ଥାନ ହାସଲ କରିଥିଲା। ତେବେ ସୈୟଦ୍ ମୋଟ ୫୦ କୁକୁଡ଼ା ପାଳୁଛନ୍ତି। ଆଗକୁ ତାମିଲନାଡୁରେ ଆୟୋଜିତ ହେବାକୁଥିବା ଏପରି ସୁନ୍ଦର ପ୍ରତିଯୋଗିତା ପାଇଁ ସେ ତାଙ୍କ କୁକୁଡ଼ାକୁ ପ୍ରସ୍ତୁତ କରୁଥିବା କହିଛନ୍ତି।



## ୬୫ ବର୍ଷ ପୁରୁଣା ବନାରସୀ ଶାଢ଼ିରେ ପ୍ରିୟଙ୍କା

ମୁମ୍ବାଇ: ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ନିକଟରେ ତାଙ୍କ ସ୍ୱାମୀ ନିକ୍ ଜୋନାସଙ୍କ ସହ 'ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର'ର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଇଭେଣ୍ଟର ଦ୍ୱିତୀୟ ଦିନରେ ପ୍ରିୟଙ୍କା ଏକ ମର୍ଡନ ଟୁଇଟ୍ ସହ ଭିଣ୍ଟେଜ୍ ଶାଢ଼ି ପିନ୍ଧିଥିଲେ, ଯାହା ତାଙ୍କୁ ଏକ ଭିନ୍ନ ରୂପ ଦେଉଥିଲା। ପ୍ରିୟଙ୍କାଙ୍କ ଆଉଟଫିଟ୍‌କୁ ନେଇ ଚର୍ଚ୍ଚା ହେଉଛି। ତାଙ୍କର ଏହି ସୁନ୍ଦର ଆଉଟଫିଟ୍ ସିଲଭର ଥ୍ରେଡ୍‌ସରେ ପ୍ରସ୍ତୁତ ୬୫ ବର୍ଷ ପୁରୁଣା ବନାରସୀ ପଟୋଲା ଶାଢ଼ି ଏବଂ ଖଦି ସିଲ୍କ ଉପରେ ସୁନା ଇଲେକ୍ଟ୍ରୋପ୍ଲେଟିଂରେ ତିଆରି ହୋଇଥିଲା। ସେଥିରେ ୯ଟି ରଙ୍ଗ ପ୍ରତିଫଳିତ ହେଉଥିଲା। ଏକ ହସ୍ତତନ୍ତ ଆଉଟଫିଟ୍ ଅମ୍ବାନୀ ପରିବାର ଇଭେଣ୍ଟରେ ଡିଜାଇନର୍ ଅମିତ୍ ଅଗ୍ରୱାଲ ପ୍ରସ୍ତୁତ କରିଥିଲେ। ଏହି ଶାଢ଼ି ତିଆରି ପାଇଁ ଅମିତ୍‌ଙ୍କୁ ୬ ମାସ ସମୟ ଲାଗିଥିଲା। ବର୍ତ୍ତମାନ ପ୍ରିୟଙ୍କା ତାଙ୍କର ଏହି ଆଉଟଫିଟ୍‌ର ବିଶେଷତା ବିଷୟରେ ଫେସବୁକ୍‌ରେ ପୋଷ୍ଟ କରି ଜଣାଇଛନ୍ତି। ଏଥିସହିତ ସେ ଡିଜାଇନରଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି।



## ୧୦୦ ଫୁଟ୍ ଉପରେ ଟଏଲେଟ୍

ଲଣ୍ଡନ: ବର୍ତ୍ତମାନ ଲୋକେ ବହୁ ଆଡ୍‌ଭେଞ୍ଚରରେ ଯିବାକୁ ପସନ୍ଦ କରୁଛନ୍ତି। ଲଣ୍ଡନରେ ଏପରି ଏକ ଆଡ୍‌ଭେଞ୍ଚର ଦେଖିବାକୁ ମିଳୁଛି। ଲୋକମାନେ ଟଏଲେଟ୍ ଯିବା ସମୟରେ ମଧ୍ୟ ସେହି ଆଡ୍‌ଭେଞ୍ଚରର ମଜା ଉଠାଇପାରିବେ। ତେବେ ଏକ କାଠବାକ୍ସର ଟଏଲେଟ୍ ପ୍ରସ୍ତୁତ ହୋଇଛି। ତା' ମଧ୍ୟରେ ଜଣେ ବ୍ୟକ୍ତି ପଶିବା ପରେ କାଠବାକ୍ସକୁ ଏକ କ୍ରେନ୍ ସାହାଯ୍ୟରେ ମାଟିରୁ ୧୦୦ ଫୁଟ ଉପରକୁ ଉଠାଯିବ। ଏହା ଭିତରେ ଥିବା ସମୟରେ ଲଣ୍ଡନର ବାହାର ଦୁନିଆର ଦୃଶ୍ୟର ମଧ୍ୟ ଆନନ୍ଦ ନେଇହେବ। ଏହି ଆଡ୍‌ଭେଞ୍ଚରର ଆନନ୍ଦ ଉଠାଇଥିବା ଜଣେ ମହିଳା ତାଙ୍କ ଅନୁଭବ ବ୍ୟକ୍ତ କରିଛନ୍ତି। 'ଦି ଲୋ ୱିଥ୍ ଏ ଭ୍ୟୁ' ଟଏଲେଟ୍ ଭିତରକୁ ସେ ଯିବା ପରେ କ୍ରେନ୍ ସାହାଯ୍ୟରେ ସେହି ଟଏଲେଟ୍‌କୁ ୧୦୦ ଫୁଟ୍ ଉପରକୁ ଉଠାଯାଇଥିଲା। ପ୍ରଥମେ ସେହି କାଠବାକ୍ସ ହଲିବାକୁ ଲାଗିଥିଲା। ପରେ ସେ ତା' ଭିତରୁ ଲଣ୍ଡନ ଆକାଶ ଦୃଶ୍ୟର ମଜା ଉଠାଇଥିବା କହିଛନ୍ତି। ସେଥିରେ ତାଙ୍କୁ ଟିକେ ଡର ଲାଗିବା ସହ ତାହା ତାଙ୍କ ପାଇଁ ରୋମାଞ୍ଚକର ଥିବା କହିଛନ୍ତି।



## ମହଙ୍ଗା ପଡ଼ିଲା ରାସ୍ତା ମଝିରେ ଷ୍ଟଣ୍ଟ ଦେଖାଇବା

ମୁମ୍ବାଇ

ନିକଟରେ ମୁମ୍ବାଇ ସହରରେ ଏକ ବାଇକ୍ ଷ୍ଟଣ୍ଟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଷ୍ଟଣ୍ଟ ଦେଖାଉଥିବା ଯୁବକଙ୍କୁ ନିକଟରେ ପୋଲିସ ଗିରଫ କରିଥିବା ଜଣାପଡିଛି। ତାଙ୍କ ନାମ ଫୈୟାଜ୍ କାଦରୀ ବୋଲି ଜଣାପଡିଛି। ବାଇକ୍‌ରେ ଥିବା ଅନ୍ୟ ୨ ଜଣ ଝିଅଙ୍କୁ ପୋଲିସ ଖୋଜିବାରେ ଲାଗିଛି। ରିପୋର୍ଟ ମୁତାବକ, ଏହି ଘଟଣା ଶୁକ୍ରବାର ପୋଲିସ ଷ୍ଟେଶନ ଅଞ୍ଚଳରେ ହୋଇଥିବା ଜଣାପଡିଛି। ଯେଉଁଥିରେ କି ଯୁବକ ଜଣେ ଝିଅଙ୍କୁ ଆଗରେ ଏବଂ ଅନ୍ୟଜଣଙ୍କୁ ବାଇକ୍ ପଛରେ ବସାଇ ଜୋରର୍ ଗାଡ଼ି ଚଲାଇ ଷ୍ଟଣ୍ଟ ଦେଖାଉଥିଲେ। ଏହି ଭିଡିଓକୁ ଜଣେ ସାମାଜିକ କର୍ମୀ ତାଙ୍କ ଟୁଇଟରରେ ପୋଷ୍ଟ କରି ମୁମ୍ବାଇ ପୋଲିସକୁ ଟ୍ୟାଗ କରିଥିଲେ। ଯାହା ଫଳରେ ମୁମ୍ବାଇ ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

## ଖେଳରେ ଖେଳରେ ୨.୪୭ ଲକ୍ଷ ଟଙ୍କାର ଖେଳନା ଅର୍ଡର



ୱାଶିଂଟନ୍

ବର୍ତ୍ତମାନ ଅନ୍‌ଲାଇନର ଯୁଗ। କୌଣସି ଜିନିଷ କିଣିବାକୁ ହେଲେ ବାହାରକୁ ନ ଯାଇ ସହଜରେ ଘରେ ବସି ଡର କରିଦେଲେ ତାହା ଘରେ ଆସି ପହଞ୍ଚିଯାଉଛି। ହେଲେ ଏହା ବେଳେବେଳେ ଘାତକ ସାବ୍ୟସ୍ତ ହେଉଛି। ନିକଟରେ ଆମେରିକାରେ ଜଣେ ୫ ବର୍ଷୀୟା ଝିଅ ଅନ୍‌ଲାଇନରୁ ଖେଳନା ଏବଂ ବୁଟ୍ ଅର୍ଡର କରିଦେଇଛନ୍ତି। ଯାହାର ମୂଲ୍ୟ ୨.୪୭ ଲକ୍ଷ ଟଙ୍କା ହେବ। ରିପୋର୍ଟ ମୁତାବକ, ମା' ଜେସିକା ନୁନେସ୍ କାର୍ ଡ୍ରାଇଭିଂ କରି ଘରକୁ ଆସୁଥିଲେ। ସେହି ସମରେ ଝିଅ ଲିଲା ବାରିସ୍କୋ ଜେସିକାଙ୍କ ଫୋନ୍‌ରେ ଖେଳୁଥିଲେ। ପରେ ଜେସିକା ଦେଖିବା ବେଳକୁ ଆମାଜନ୍‌ରୁ ୧୦ ଛୁଆଙ୍କ ଖେଳନା ବାଇକ୍, ଏକ ଜିପ୍, ୧୦ ବୁଟ୍‌ର ଅର୍ଡର ହୋଇଥିଲା। ସେ ତୁରନ୍ତ ବାଇକ୍‌ର ଅଧା ଅର୍ଡର ରଦ୍ଧ କରିଦେଇଥିଲେ। ହେଲେ ବାକି ଜିନିଷକୁ ରଦ୍ଧ କରିପାରି ନ ଥିଲେ। ଆଉ ସେ ସବୁ ଜିନିଷ ଫେରାଇବାର ମଧ୍ୟ ସୂଚନା ନ ଥିଲା। ତେବେ ଜିପ୍ ଏବଂ ବାଇକ୍‌ର ମୂଲ୍ୟ ୨ ଲକ୍ଷ ୬୧ ହଜାରରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ବୁଟ୍‌ର ମୂଲ୍ୟ ପାଖାପାଖି ୫୦ ହଜାର ଟଙ୍କା ଥିଲା। ସେ ତାଙ୍କ ଝିଅକୁ ପଚାରିବାରେ, ସେ ଏକ ବାଏ ନାଓରେ ମାରିଥିବା କହିଥିଲେ।



କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ସୁରଟରେ ପହଞ୍ଚିବା ପରେ ସମର୍ଥକମାନେ ସ୍ୱାଗତ କରୁଛନ୍ତି।

# ଶାହା ବାଉଳା ହେଲେଣି: ଜେଡିୟୁ

ପାଟନା,୩।୪

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିହାର ଗସ୍ତ ପରେ ଏବେ ରାଜ୍ୟ ରାଜନୀତି ସରଗରମ। ଶାହା ଜେଡିୟୁ ଉପରେ ଯେଉଁ ଅଭିଯୋଗ ଆଣିଥିଲେ ଏବେ ଏହାର ପାଲଟା ଜବାବ ଦେଇଛି ଜେଡିୟୁ। ବିହାର ଅର୍ଥମନ୍ତ୍ରୀ ବିଜୟ ଚୌଧୁରୀ ସୋମବାର ଖବରଦାତା ସମ୍ମିଳନୀ ଜରିଆରେ ଶାହାଙ୍କୁ ଟାର୍ଗେଟ କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ ଜେଡିୟୁ ସହ ମେଣ୍ଟ କରିବା ପାଇଁ ଅମିତ ଶାହାଙ୍କ ପାଖକୁ କିଏ କ'ଣ ଆବେଦନ ପତ୍ର ନେଇ ଯାଇଥିଲେ। ଜେଡିୟୁ ସହ ମେଣ୍ଟ ହେବ ନାହିଁ, ଜେଡିୟୁ ପାଇଁ ଦ୍ୱାର ବନ୍ଦ। ଶାହା ଏଭଳି ବାରମ୍ବାର କହିବା ଦ୍ୱାରା ସ୍ପଷ୍ଟ ହେଉଛି ଯେ, ବିହାରରେ ନୀତୀଶ କୁମାରଙ୍କ ବିନା କିଛି ଫର୍ମୁଲା କାମ ଦେବ ନାହିଁ। ବିହାରରେ ଦଙ୍ଗା କରିବାକୁ ଚେଷ୍ଟା କରାଯାଇଥିଲା ହେଲେ ଏହାକୁ ରୋକି ଦିଆଗଲା। ମନ୍ତ୍ରୀ ବିଜୟ କହିଛନ୍ତି, ବିହାରକୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଆସିଥିଲେ। ଯଦି ମାନବିକତା ଥାଆନ୍ତା ତେବେ ଶାନ୍ତି ପାଇଁ ଅପିଲ କରିଥାଆନ୍ତେ। ଥରୁଟିଏ ବି ସେ ଏହା କହି ନାହାନ୍ତି। ବିହାରରେ ଦଙ୍ଗା ହୋଇପାରିଲା ନାହିଁ, କାରଣ ବିହାର ସରକାରଙ୍କ ଜିରୋ ଟଲରାନ୍ସ ନୀତି ରହିଛି। ବିହାର ନୀତୀଶ ମଡେଲରେ ଚାଲୁଛି। ଏଠାରେ ଭାଇଚାରା ରହିଛି। ଅମିତ ଶାହା ଭୁଲ ଭାଷା ପ୍ରୟୋଗ କରି କହିଛନ୍ତି, ଓଲଟା ଲଟକାଇ ଦେବେ, ସିଧା କରିଦେବେ। ଯାହା ଜଣାପଡୁଛି ଶାହା ବାଉଳା ହେଲେଣି। ୨୦୨୪ ଲୋକ ସଭା ନିର୍ବାଚନକୁ ନେଇ ସେ ବିବ୍ରତ ହୋଇ ପଡ଼ିଲେଣି ବୋଲି ମନ୍ତ୍ରୀ ବିଜୟ କହିଛନ୍ତି।

# ବିଜେଡି ନେତା ଆନ୍ଧ୍ର ଭାଷା କହୁଛନ୍ତି: ଭାଜପା

## କୋଟିଆ ରାଜନୀତି

### କେନ୍ଦ୍ରମନ୍ତ୍ରୀ କେନ୍ଦ୍ର ସହ ଆଲୋଚନା କରି ସମାଧାନ କରନ୍ତୁ: ବିଜେଡି

ଭୁବନେଶ୍ୱର,୩।୪(ବ୍ୟୁରୋ)

କୋଟିଆ ବିବାଦ ଦୀର୍ଘଦିନ ଧରି ଚାଲିଆସିଛି। ଏହି ମାମଲା ଏବେ ସୁପ୍ରିମ୍‌କୋର୍ଟରେ ରହିଛି। ବାରମ୍ବାର ଏ ନେଇ ବିରୋଧୀ ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୋଟିଆ ଗସ୍ତକୁ ନେଇ ରାଜନୀତି ସରଗରମ ହୋଇଛି। ଭାଜପା ଏ ପ୍ରସଙ୍ଗରୁ ଫାଇଦା ଉଠାଇବାକୁ ପୂରା ଦମ୍ ଲଗାଇଥିବା ବେଳେ ବିଜେଡି ମଧ୍ୟ ଏଥିପାଇଁ କେନ୍ଦ୍ର ଉପରକୁ ବଲ୍ ଫିଙ୍ଗିଛି।

କୋଟିଆ ଗସ୍ତରୁ ଫେରିବା ପରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ ମିଳିତ ଭାବେ ସୋମବାର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସେମାନେ କହିଛନ୍ତି, କୋଟିଆ ଗ୍ରାମପୁଞ୍ଜର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଚିନ୍ତା ନାହିଁ। ଓଡ଼ିଶାବାସୀଙ୍କ ସ୍ୱାର୍ଥରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଥିବା କଥାକୁ ସମର୍ଥନ ପରିବର୍ତ୍ତେ ବିଜେଡି ନେତା ଆନ୍ଧ୍ର ସରକାରଙ୍କ ଭାଷା କହୁଛନ୍ତି, ଯାହା ଦୁର୍ଭାଗ୍ୟଜନକ ଏବଂ ଓଡ଼ିଶା ବିରୋଧୀ ମାନସିକତାର ପ୍ରତିଫଳନ। କୋଟିଆରେ ସରକାରଙ୍କ କିଛି ଯୋଜନା ପହଞ୍ଚୁନାହିଁ। ଭୁବନେଶ୍ୱରରେ ବସି ନେତା ଓ ବାବୁମାନେ କୋଟିଆରେ ରାସ୍ତାଘାଟ ଠିକ୍ ଅଛି ଏବଂ ନିର୍ମାଣ କାର୍ଯ୍ୟରେ ୧୫୦ କୋଟି ଟଙ୍କା ବିନିଯୋଗ ହୋଇଛି କହିବା ହାସ୍ୟାସ୍ପଦ। ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ କୋଟିଆବାସୀଙ୍କୁ କଷ୍ଟ ଦେଉଛି। ଧର୍ମେନ୍ଦ୍ର କୋଟିଆ ମାଟିରୁ ଦଳମତ ନିର୍ବିଶେଷରେ ଆନ୍ଧ୍ରର ଅନୁପ୍ରବେଶ ବିରୋଧରେ ଏକଜୁଟ୍ ହେବାକୁ ଯେଉଁ ଆହ୍ୱାନ ଦେଇଥିଲେ ତାହାକୁ ବିଜେଡି ସ୍ୱାଗତ କରିବା ବଦଳରେ ବିରୋଧ କରିବା ରାଜନୈତିକ ଅସହିଷ୍ଣୁତାର ପରିଚୟ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ୨୦୧୮ ଏପ୍ରିଲ ୯ରେ କୋଟିଆ ଗସ୍ତ ସମୟରେ ଲୋକମାନଙ୍କର ସମସ୍ୟା ଶୁଣିବା ପରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ଚିଠି ଦେବା ସହ ବ୍ୟକ୍ତିଗତ ଭାବେ ସାକ୍ଷାତ୍ କରି କୋଟିଆ ସମସ୍ୟା ଉପରେ ଆଲୋଚନା କରିଥିଲେ। ୨୦୨୦ ଓ ୨୦୨୧ରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏହି ପ୍ରସଙ୍ଗରେ ହସ୍ତକ୍ଷେପ ଲୋଡ଼ିଥିଲେ। ପରବର୍ତ୍ତୀ ସମୟରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ୨୨ ସେପ୍ଟେମ୍ବର ୨୦୨୧ରେ ମଧ୍ୟ କୋଟିଆ ଗ୍ରାମପୁଞ୍ଜ ବିବାଦର ସମାଧାନ ପାଇଁ ଚିଠି ମାଧ୍ୟମରେ ୪ଟି ପ୍ରସ୍ତାବ ଦେଇଥିଲେ। ୩୧ ଅକ୍ଟୋବର ୨୦୨୨ରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପୁନର୍ବାର ପତ୍ର ମାଧ୍ୟମରେ ସୀମା ବିବାଦର ସମାଧାନ ପାଇଁ ଗଠିତ ଆନ୍ତଃ ରାଜ୍ୟ କମିଟିର ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରିବା ପାଇଁ ଅନୁରୋଧ କରିଥିଲେ। ୨୦୨୧ ନଭେମ୍ବର ୮ରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ୍ ହୋଇଥିଲା। ଏକ ଯୁଗ୍ମ ଉଚ୍ଚସ୍ତରୀୟ କମିଟି କୋଟିଆ ପଞ୍ଚାୟତରେ ଥିବା ୨୧ଟି ଗ୍ରାମପୁଞ୍ଜର ବିବାଦକୁ ସମାଧାନ କରିବ ବୋଲି ମତପ୍ରକାଶ କରିଥିଲେ। ଏହି ସାକ୍ଷାତ୍‌ର ପାଖାପାଖି ଦେଢ଼ବର୍ଷ ପରେ ବିବାଦ ସମସ୍ୟା ସମାଧାନ ହେବା ପରିବର୍ତ୍ତେ ଆନ୍ଧ୍ର ଓଡ଼ିଶା ସୀମାନ୍ତକୁ ଅନୁପ୍ରବେଶ କରିବା ଏକ ସଙ୍ଗିନ ପ୍ରସଙ୍ଗ ବୋଲି ବିଧାୟକମାନେ କହିଛନ୍ତି।

ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, କୋଟିଆ ଆଜିର ଇସ୍ୟୁ ନୁହେଁ। କୋଟିଆ ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ଏବେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଯଦି କୋଟିଆ ଯାଇଛନ୍ତି ତେବେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ଏହାର ସମାଧାନ କରାନ୍ତୁ। ଯେଉଁ ରାସ୍ତାରେ କେନ୍ଦ୍ରମନ୍ତ୍ରୀଙ୍କ ଗାଡ଼ି ଯାଉଛି ସେହି ରାସ୍ତା ମୁଖ୍ୟମନ୍ତ୍ରୀଙ୍କ କୋଟିଆ ପ୍ୟାକେଜରେ ନିର୍ମାଣ କରାଯାଇଛି ବୋଲି ପ୍ରମିଳା କହିଛନ୍ତି।

# ୩ ବିଧାୟକଙ୍କ ପୁତ୍ରଙ୍କୁ ନେଇ ଚର୍ଚ୍ଚା

## ଗଞ୍ଜାମ ଜିଲ୍ଲା ବିଜେଡି ରାଜନୀତି

ବ୍ରହ୍ମପୁର ଅଫିସ,୩।୪

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏବେଠୁ ଶାସକ ଓ ବିରୋଧୀ ଦଳ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଚାଲିଛି। ଦଳର ପ୍ରତିଷ୍ଠା ଦିବସ ଏବଂ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଦିବସରେ ବିଜେଡି ପକ୍ଷରୁ ଗଞ୍ଜାମ ଜିଲାର ୧୩ ନିର୍ବାଚନମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟ ରାଜନୀତି ଆରମ୍ଭ ହୋଇଛି। ମୁଖ୍ୟ ବିରୋଧୀ ଦଳ ଭାଜପାର ମଣ୍ଡଳ ଓ ବୁଥ୍‌ସ୍ତରୀୟ ସଶକ୍ତୀକରଣ ଅଭିଯାନକୁ ଜୋରଦାର କରାଯାଇଛି। ତେବେ ସର୍ବପୁରାତନ ଦଳ କଂଗ୍ରେସ ପଛରେ ପଡ଼ିଛି। ଅପରପକ୍ଷରେ ବିଜେଡିର କେତେକ ଜନପ୍ରତିନିଧି ଆଗାମୀ ନିର୍ବାଚନ ମଇଦାନକୁ ନ ଓହ୍ଲାଇ ସେମାନେ ପୁଅଙ୍କୁ ରାଜନୀତି ପାଇଁ ବାଟ ଛାଡ଼ିଦେବାର ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ୧୯୯୦ରୁ ୨୦୧୯ ମଧ୍ୟରେ ହୋଇଥିବା ୭ ନିର୍ବାଚନରେ ୨ ଥର ଜନତା ଦଳରୁ ଏବଂ ୫ ଥର ବିଜେଡିରୁ ବିଧାନସଭାକୁ ଲଗାତର ନିର୍ବାଚିତ ହୋଇଥିଲେ। ଏକାଧିକ ଥର ମନ୍ତ୍ରୀ ହୋଇ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ। ଶେଷରେ ସାମ୍ବିଧାନିକ ପଦ ବାଚସ୍ପତି ହୋଇଥିଲେ। ଅସୁସ୍ଥତା ଯୋଗୁ ଗତ ବର୍ଷ ଜୁଲାଇରେ ଇସ୍ତଫା ଦେଇଥିଲେ। ସେ ଦୀର୍ଘଦିନରୁ ନିର୍ବାଚନମଣ୍ଡଳୀକୁ ଆସୁନାହାନ୍ତି। ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିବା ପୁତ୍ର ବିପ୍ଳବ ପାତ୍ର ବିଧାନସଭା କ୍ଷେତ୍ରରେ ବୁଲୁଛନ୍ତି। ତେଣୁ ସୂର୍ଯ୍ୟଙ୍କ ପୁତ୍ର ଉତ୍ତରାଧିକାରୀ ହେବାର ଅନୁଗତ କର୍ମୀ ଚର୍ଚ୍ଚା କରୁଛନ୍ତି।

ଦିଗପହଣ୍ଡି ବିଜେଡି ରାଜନୀତି କ୍ରମଶଃ ରୋଚକ ହେବାରେ ଲାଗିଛି। ବିପ୍ଳବଙ୍କୁ ଚ୍ୟାଲେଞ୍ଜ କରି ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ପ୍ରଧାନ ମଧ୍ୟ ଦିଗପହଣ୍ଡି ନିର୍ବାଚନମଣ୍ଡଳୀରେ କର୍ମୀଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଉଭୟ ବିପ୍ଳବ ଓ ବିପିନ ଆଗାମୀ ନିର୍ବାଚନରେ ବିଜେଡି ଟିକେଟ ପାଇବା ନିମନ୍ତେ କସରତ ଚଳାଇଛନ୍ତି। ବ୍ରହ୍ମପୁରର ଜଣେ ବରିଷ୍ଠ ନେତା ମଧ୍ୟ ଦିଗପହଣ୍ଡି କ୍ଷେତ୍ର ପାଇଁ ସଜବାଜ ହେଉଛନ୍ତି। ସେ ନିର୍ବାଚନମଣ୍ଡଳୀର ପ୍ରମୁଖ କର୍ମୀଙ୍କ ସହ ଯୋଗସୂତ୍ର ସ୍ଥାପନ ସହ ବେଳେବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି।

ସେହିପରି ଚିକିଟି ବିଧାନସଭା ଆସନରୁ ୧୯୯୦ ନିର୍ବାଚନରେ ଥରେ ଜନତା ଦଳରୁ ଏବଂ ୨୦୦୦ରୁ ୨୦୧୯ ମଧ୍ୟରେ ଲଗାତର ୫ ଥର ବିଜେଡିରୁ ବିଧାୟିକା ହୋଇଥିବା ଉଷା ଦେବୀ ଏବେ ନଗର ଉନ୍ନୟନ ମନ୍ତ୍ରୀ ଅଛନ୍ତି। ପୂର୍ବରୁ ମଧ୍ୟ ସେ ଦୁଇଥର କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ। ଉଷା ଦେବୀ ମଧ୍ୟ ଆଗାମୀ ନିର୍ବାଚନ ନ ଲଢ଼ିବା ସମ୍ପର୍କରେ ଅନେକେ ଚର୍ଚ୍ଚା ହେଉଛି। ତାଙ୍କ ପୁତ୍ର ଚିନ୍ମୟାନନ୍ଦ ସ୍ୱରୂପ ଦେବ ଦୀର୍ଘଦିନରୁ ରାଜନୀତି କରୁଛନ୍ତି। ସ୍ୱରୂପ ମୁଖ୍ୟତଃ ପାତ୍ରପୁର ବ୍ଲକରେ ଅଧିକ ସମୟ ଦେଉଛନ୍ତି। ସେହି ବ୍ଲକ ଭାଜପା ଦଖଲକୁ ଯାଇଥିବାରୁ ଏହାକୁ ହାତେଇବାକୁ ପ୍ରୟାସ କରୁଛନ୍ତି। ଉଷା ପୁତ୍ରଙ୍କୁ ପ୍ରୋଜେକ୍ଟ କରୁଥିବା ଚର୍ଚ୍ଚା ହେଉଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ପୁତ୍ର ନଚିକେତା ସ୍ୱାଇଁ ମଧ୍ୟ ଆଗାମୀ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ରାଜନୀତି ମହଲରେ ମତ ପ୍ରକାଶ ପାଇଛି। ସେ ଏବେ ଯୁବ ବିଜେଡି ସଙ୍ଗଠନରେ ସକ୍ରିୟ ଅଛନ୍ତି ଏବଂ ଜୋନ୍ ସଭାପତି ଦାୟିତ୍ୱ ତୁଲାଉଛନ୍ତି। ଉପରୋକ୍ତ ୩ ନିର୍ବାଚନମଣ୍ଡଳୀରେ ବିଧାୟିକା ଓ ବିଧାୟକଙ୍କ ପୁତ୍ରମାନେ ରାଜନୀତିରେ ଅଧିକ ସକ୍ରିୟ ହୋଇଛନ୍ତି। ତେବେ ବିଜେଡି ମୁଖିଆ କ'ଣ ନିଷ୍ପତ୍ତି ନେବେ ସେନେଇ ଦଳର କର୍ମୀ ଅପେକ୍ଷା କରିଛନ୍ତି।

## ରାଜ୍ୟ ଖବର

### ସୀମାନ୍ତରେ ୧୯ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୩।୪(ଡି.ଏନ୍.ଏ.):** ମାଓବାଦୀଙ୍କ ଗଡ଼ ରୂପେ ପରିଚିତ ଛତିଶଗଡରେ ମାଓବାଦୀଙ୍କୁ ଶକ୍ତ ଝଟକା ଲାଗିଛି। ସୋମବାର ସିଆରପିଏଫ୍‌ର ଦାନ୍ତେୱାଡା ଡେପୁଟି ରେଞ୍ଜର କମଳାଲୋଚନ କଶ୍ୟପ ଓ ପୋଲିସ୍ ସୁପରିଟେଣ୍ଡେଣ୍ଟ ଅଞ୍ଜାନେୟ ଭର୍ସନିଙ୍କ ନିକଟରେ ୧୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୪ ଜଣ ମହିଳା ମାଓବାଦୀ ରହିଛନ୍ତି। ଫଳରେ ମାଓବାଦୀଙ୍କୁ ଶକ୍ତ ଝଟକା ଲାଗିଥିବା କୁହାଯାଉଛି। ଏହି ମାଓବାଦୀମାନଙ୍କୁ ୧୦ହଜାର ଲେଖାଏ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏମାନେ ଅନେକ ବଡ଼ ବଡ଼ ହିଂସାକାଣ୍ଡରେ ଜଡିତ ଥିବା ଜଣାପଡିଛି। ଅନ୍ୟପକ୍ଷରେ ଛତିଶଗଡ଼ର ବିଜାପୁର ଜିଲା ସିଲଗର ଜଙ୍ଗଲରେ ପୋଲିସ କୋମ୍ବିଂ ଅପରେଶନ କରୁଥିବା ବେଳେ ଏକ ଆଇଇଡି ବୋମା ଜବତ କରିଛି। ପୋଲିସକୁ ଟାର୍ଗେଟ୍ କରି ମାଓବାଦୀମାନେ ଜଙ୍ଗଲରେ ଏହି ବୋମା ଲୁଚାଇ ରଖିଥିଲେ। ପରେ ଏହାକୁ ଯବାନମାନେ ନିଷ୍କ୍ରିୟ କରି ଦେଇଛନ୍ତି।

### ଦଣ୍ଡନାଚ ରେକର୍ଡ ଡାନ୍ସବେଳେ ଗୋଷ୍ଠୀସଂଘର୍ଷ: ୧୦ ଆହତ

- ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ବଢୁଛି
- ପୋଲିସର ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନି

ଭଞ୍ଜନଗର,୩।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ନୂଆଁ ମହୁଲିଆରେ ରବିବାର ବିଳମ୍ବିତ ରାତିରେ ଦଣ୍ଡନାଚରେ ରେକର୍ଡ ଡାନ୍ସ ଚାଲିଥିବା ବେଳେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ଗୋଲାପଡ଼ାର ପିକୁନ ପଣ୍ଡା। ତାଙ୍କୁ ଭଞ୍ଜନଗର ମେଡିକାଲ ପରେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି।

ପ୍ରକାଶ ଯେ, ରାତିରେ ଘୁ .ନୂଆଗାଁର ଦଣ୍ଡନାଚ ଗୋଲାପଡ଼ା ପଞ୍ଚାୟତର ନୂଆଁ ମହୁଲିଆଠାରେ ହେଉଥିଲା। ଦଣ୍ଡନାଚରେ ରେକର୍ଡ ଡାନ୍ସ ଚାଲିଥିଲା। ଏହି ସମୟରେ କୌଣସି କାରଣକୁ ନେଇ ଦୁଇଗୋଷ୍ଠୀ ମଞ୍ଚ ଉପରେ ଠେଙ୍ଗାରେ ପିଟାପିଟି ହୋଇଥିଲେ। ଗୋଷ୍ଠୀ ସଂଘର୍ଷରେ ବ୍ୟାପକ ଭଙ୍ଗାରୁଜା ହୋଇଥିବା ବେଳେ ସେଠାରେ ଉପସ୍ଥିତ ଥିବା ଶତାଧିକ ଲୋକ ଭୟଭୀତ ହୋଇପଡ଼ିଥିଲେ। ସୋମବାର ଗଣ୍ଡଗୋଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଭଞ୍ଜନଗର ଥାନା ଅଧିକାରୀ ଧୀରେଶ ଦାସଙ୍କ ମତାମତ ନେବା ପାଇଁ ଉଦ୍ୟମ କରାଯାଇଥିଲା, କିନ୍ତୁ ସେ ଫୋନ ନ ଉଠାଇବାରୁ ମତାମତ ନିଆଯାଇପାରିନାହିଁ।



ଦୁଇଗୋଷ୍ଠୀ ମଧ୍ୟରେ ଷ୍ଟେଜ୍‌ରେ ସଂଘର୍ଷ ଚାଲିଛି।

ଏହାପୂର୍ବରୁ ଭଞ୍ଜନଗର ଥାନା ତୁରୁମୁରେ ଗତ ୩୦ ତାରିଖରେ ଏକ ଦଣ୍ଡନାଚରେ ରେକର୍ଡ ଡାନ୍ସ ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଥାନାରେ ସେ ସମୟରେ କୌଣସି ଅଭିଯୋଗ ହୋଇ ନ ଥିଲା। ଅପରପକ୍ଷେ ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ ନ ହେବାପାଇଁ ଆମ ପୋଲିସ ସମିତି ପକ୍ଷରୁ ଦଣ୍ଡନାଚ କମିଟି କର୍ମକର୍ତ୍ତାମାନଙ୍କୁ ଡାକି ସଚେତନତା କରାଯାଇଥିଲା। କିନ୍ତୁ ଅଧିକାଂଶ କମିଟି ପୋଲିସର ନିର୍ଦ୍ଦେଶକୁ ନ ମାନିବାରୁ ରେକର୍ଡ ଡାନ୍ସରେ ଅଶ୍ଳୀଳ ନୃତ୍ୟ ପରିବେଷଣ ହେଉଛି। ଯୁବଗୋଷ୍ଠୀ ଉକ୍ତ ନୃତ୍ୟକୁ ଦେଖିବା ପାଇଁ ପେଲାଠେଲା ହେବାରୁ ତାହା ସଂଘର୍ଷର ରୂପ ନେଉଛି।

### ପରିଧାନ ସମ୍ପର୍କରେ ଜାଣିନି ପୌରପାଳିକା

#### ନବକୃଷ୍ଣ ଚୌଧୁରୀଙ୍କ ଶାର୍ଟ, ପ୍ୟାଣ୍ଟ ପିନ୍ଧା ପ୍ରତିମୂର୍ତ୍ତି ନିର୍ମାଣ ଘଟଣା

ଅନୁଗୋଳ ଅଫିସ, ୩।୪

ଅନୁଗୋଳ କୋର୍ଟ ସମ୍ମୁଖ ଗୋପବନ୍ଧୁ ଉଦ୍ୟାନରେ ବିଶିଷ୍ଟ ଗାନ୍ଧିବାଦୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶାର୍ଟ, ପ୍ୟାଣ୍ଟ ଓ ବୁଟ୍ ପିନ୍ଧା ନବନିର୍ମିତ ପ୍ରତିମୂର୍ତ୍ତି ତ୍ରୁଟିପୂର୍ଣ୍ଣ ବୋଲି ଅନୁଗୋଳ ପୌର କର୍ତ୍ତୃପକ୍ଷ ସୋମବାର ସ୍ୱୀକାର କରିଛନ୍ତି। ଏପରି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖ ପ୍ରକାଶ କରିବା ସହ ତ୍ରୁଟିରେ ସୁଧାର ଅଣାଯିବ ବୋଲି ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ସ୍ପଷ୍ଟୀକରଣରେ ପ୍ରକାଶ କରିଛନ୍ତି। ତେବେ ବରପୁତ୍ରମାନଙ୍କ ସଂଗ୍ରହ କରାଯାଇଥିବା ଆବକ୍ଷ ପ୍ରତିଛବିରେ ସେମାନଙ୍କ ସମ୍ପୂର୍ଣ୍ଣ ପୋଷାକ ସମ୍ପର୍କରେ ସୂଚନା ନ ଥିବା ବିଷୟ ସ୍ପଷ୍ଟୀକରଣରେ ଉଲ୍ଲେଖ କରାଯିବା ଉକ୍ତ ବିବାଦକୁ ଅଧିକ ତେଜିଛି। ବରପୁତ୍ରମାନଙ୍କ ପୋଷାକ ସମ୍ପର୍କରେ ପୌରପାଳିକା ଅଜ୍ଞ ବୋଲି କୁହାଯିବାକୁ ନେଇ ଜିଲାର ବୁଦ୍ଧିଜୀବୀ ଚକିତ ହୋଇଥିବା ବେଳେ ଏପରି ସ୍ପଷ୍ଟୀକରଣକୁ ସାଧାରଣରେ ନାପସନ୍ଦ କରାଯାଇଛି।

ପ୍ରକାଶ ଯେ, ଓଡ଼ିଶା ଦିବସ ଓ ଅନୁଗୋଳ ଜିଲା ପ୍ରତିଷ୍ଠାର ୩୦ ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବାକୁ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନେକ ଯୋଜନା ହୋଇଥିଲା। ସେଥିମଧ୍ୟରୁ ସହରରେ ଥିବା ଗୋପବନ୍ଧୁ ପାର୍କରେ ୧୧ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। କିନ୍ତୁ ଧୋତି ଓ କୁର୍ତ୍ତା ପରିବର୍ତ୍ତେ ଶାର୍ଟ, ପ୍ୟାଣ୍ଟ, ବୁଟ୍ ପିନ୍ଧା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ନବକୃଷ୍ଣଙ୍କ ଝିଅ ଗାନ୍ଧିବାଦୀ ତଥା ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତିଙ୍କ ସହ ଜିଲାର ଅନେକ ବୁଦ୍ଧିଜୀବୀ, ସଚେତନ ନାଗରିକ ପୌରପାଳିକାର ଏପରି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ। ସାଧାରଣରେ କଡ଼ା ସମାଲୋଚିତ ପୌର କର୍ତ୍ତୃପକ୍ଷ ଏହା ଉପରେ ତୁରନ୍ତ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଏକ ମହତ ଉଦ୍ଦେଶ୍ୟ ରଖି ଜିଲାର ବରପୁତ୍ରମାନଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଗୋପବନ୍ଧୁ ଉଦ୍ୟାନରେ ସ୍ଥାପନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ସମସ୍ତ ବରପୁତ୍ରମାନଙ୍କ ଆବକ୍ଷ ପ୍ରତିଛବି ସଂଗ୍ରହ କରାଯାଇଥିଲା, ଯେଉଁଥିରେ ସେମାନଙ୍କ ସମ୍ପୂର୍ଣ୍ଣ ପରିଧାନର ସୂଚନା ନ ଥିଲା। ଜିଲାର ଅନେକ ବୁଦ୍ଧିଜୀବୀଙ୍କ ପରାମର୍ଶ ନିଆଯାଇଥିଲେ ମଧ୍ୟ ଏ ବିଷୟରେ ସ୍ପଷ୍ଟ ସୂଚନା ମିଳିପାରି ନ ଥିଲା। ଫଳରେ କେତେଜଣ ବରପୁତ୍ରଙ୍କ ପରିଧାନ ଧୋତି, କୁର୍ତ୍ତା ବଦଳରେ ଭୁଲବଶତଃ ପ୍ୟାଣ୍ଟ ଓ କୋଟ୍ କରାଯାଇଥିଲା। ପରେ ଏ ବିଷୟରେ ସୂଚନା ମିଳିବାରୁ ପୌର ପରିଷଦ ତରଫରୁ ତ୍ରୁଟି ସଂଶୋଧନ କରାଯିବା କାର୍ଯ୍ୟ ଆରମ୍ଭ ହୋଇଛି।





ନବକୃଷ୍ଣ ଚୌଧୁରୀଙ୍କ ଶାର୍ଟ, ପ୍ୟାଣ୍ଟ, ବୁଟ୍ ପିନ୍ଧା ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି।

ଏ ସମ୍ପର୍କରେ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି କହିଛନ୍ତି, ଓଡ଼ିଶା ଦିବସ ପୂର୍ବଦିନ ବାପିଙ୍କୁ କୋଟ୍ ଓ ବୁଟ୍ ପିନ୍ଧାଯାଇଥିବା ଫଟୋ ଦେଖିବା ପରେ ଚକିତ ହୋଇଯାଇଥିଲି। ପୌରପରିଷଦ ବରପୁତ୍ରଙ୍କୁ ଏପରି ଅବମାନନା କରିବା ଅପେକ୍ଷା ପ୍ରତିମୂର୍ତ୍ତି ପ୍ରତିଷ୍ଠା ନ କରିଥିଲେ ଭଲ ହୋଇଥାନ୍ତା। ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସଂଯୋଜକ ସୂର୍ଯ୍ୟନାରାୟଣ ନାଥ କହିଛନ୍ତି, ଜଣେ ମହାନ୍ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତିକୁ ପ୍ରଶାସନ ବିକୃତ ରୂପ ଦେବା ଦୁର୍ଭାଗ୍ୟର କଥା। ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ଶାଖା ସଭାପତି ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ କହିଛନ୍ତି, ପୌରପରିଷଦ ତୁରନ୍ତ ତ୍ରୁଟି ସଂଶୋଧନ କରି ସ୍ୱାଧୀନତା ସଂଗ୍ରାମୀଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରୁ। ଅନୁଗୋଳ ପୌର ପରିଷଦ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ନିର୍ମାଣ ହୋଇଥିବା ୧୧ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରାଯାଇନାହିଁ। ତ୍ରୁଟି ଜଣାପଡ଼ିଥିବାରୁ ୭ ଦିନ ମଧ୍ୟରେ ସଂଶୋଧନ କରାଯିବ।

### ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ମାଥିଲି,୩।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀ ଜଣେ ମହିଳାଙ୍କୁ ପଥରରେ ଛେଚି ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମାଥିଲି ବ୍ଲକ ଅନ୍ତର୍ଗତ ଚେଡେଙ୍ଗା ପଞ୍ଚାୟତ ତେଲକବେଚା ଗାଁର ନରସିଂହ ପୂଜାରୀ।

ପ୍ରକାଶ ଯେ,୨୦୧୭ ଜୁନ ୨୧ ତାରିଖରେ ତେଲକବେଚା ଗାଁର ନରସିଂହ ଓ ତାଙ୍କ ସ୍ତ୍ରୀ କୁସୁମା ପୂଜାରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ସେହିଦିନ ରାତି ପ୍ରାୟ ୯ଟାରେ କୁସୁମାଙ୍କ ଭାଇ ମାଥିଲି ଥାନା ଅନ୍ତର୍ଗତ ସାରଦାପୁଟ ଗ୍ରାମର ଗଙ୍ଗାଧର ପୂଜାରୀଙ୍କ ନିକଟକୁ ଭଉଣୀଙ୍କୁ ମାରି ଦିଆଯାଇଥିବା ସମ୍ପର୍କରେ ଖବର ଆସିଥିଲା। ତେଲକବେଚା ଓ ପ୍ରଧାନୀଗୁଡା ଜଙ୍ଗଲ ମଧ୍ୟରେ କୁସୁମାଙ୍କ ମୁଣ୍ଡରେ ପଥର ଛେଚି ତାଙ୍କ ସ୍ୱାମୀ ହତ୍ୟା କରିଥିବା ନେଇ ତେଲକବେଚା ଗାଁର ୨ଜଣଙ୍କ ଠାରୁ ଶୁଣି ଗଙ୍ଗାଧର ପରଦିନ ଘଟଣାସ୍ଥଳକୁ ଯିବାରେ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ନେଇ ସେ ମାଥିଲି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ନରସିଂହଙ୍କୁ ଗିରଫ କରିଥିଲା। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେବେଠୁ ଏହି ମାମଲା ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାରଧୀନ ଥିଲା। ୨୮ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ କୋର୍ଟରେ ପୋଲିସ ଦାଖଲ କରିଥିବା ଚାର୍ଜଶିଟକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ମହେନ୍ଦ୍ର କୁମାର ନାଗ ପରିଚାଳନା କରୁଥିଲେ।

### ନଦୀରେ ଗର୍ଭବତୀଙ୍କୁ ବୋହିଲେ ମହିଳା

#### ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ

ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.)/ଟିକିରି(ଡି.ଏନ୍.ଏ.)୩।୪

ରାୟଗଡା ଜିଲାରେ ଜନନୀ ଯନ୍ତ୍ରଣା ଥମୁନାହିଁ। ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସି ପାରିଲାନି। ତେଣୁ ଜଣେ ଗର୍ଭବତୀଙ୍କୁ ମହିଳାମାନେ ନଦୀରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଛନ୍ତି। ସୋମବାର କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ କାହ୍ନୁଗୁଡା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

କାହ୍ନୁଗୁଡାର ସୁରନ୍ଦର ମାଝୀଙ୍କ ସ୍ତ୍ରୀ ଆରତିଙ୍କ ପ୍ରସବ ବେଦନା ହୋଇଥିଲା। ସେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ପରିବାର ଲୋକେ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ପକ୍କା ରାସ୍ତା ନ ଥିବାରୁ କାହ୍ନୁଗୁଡ଼ାରେ ପହଞ୍ଚି ପାରି ନ ଥିଲା। ତେଣୁ ବାଧ୍ୟ ହୋଇ ପରିବାର ଲୋକଙ୍କ ସହାୟତାରେ ଗ୍ରାମର ୩ ଜଣ ମହିଳା ଆରତିଙ୍କୁ ହାତରେ ବୋହି ନଦୀ ପାର କରାଇ ଆରପଟେ ଥିବା ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ସେଠାରୁ ତୁରନ୍ତ ତାଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଆରତିଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି।



ମହିଳାମାନେ ଗର୍ଭବତୀଙ୍କୁ ବୋହି ନେଇ ନଦୀ ପାର୍ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଏପ୍ରିଲ, ୨୦୨୩




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ କଳିଙ୍ଗରେ ଆଇଟିଏଫ୍ ଟେନିସ୍

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଆରମ୍ଭ ହେବ ଆଇଟିଏଫ୍(ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ)ଟେନିସ ପ୍ରତିଯୋଗିତା। ସର୍ବଭାରତୀୟ ଟେନିସ୍ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ୍ ଆସୋସିଏଶନ(ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆଇଟିଏଫ୍ ଏସିଆନ୍ ୧୪ ବର୍ଷରୁ କମ୍ ଡେଭେଲପ୍‌ମେଣ୍ଟ ଚାମ୍ପିୟନଶିପ୍‌ର ଫାଇନାଲ୍ସ ଏଠାରେ ଅନୁଷ୍ଠିତ ହେବ। ଭାରତରେ ଏପରି ଏକ ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ପ୍ରଥମ। ମ୍ୟାଚ୍‌ଗୁଡ଼ିକ ଏପ୍ରିଲ ୪ରୁ ୮ ଏବଂ ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୪ ଦେଶର ୪୬ ଖେଳାଳି ଉଭୟ ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ଏବଂ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଭାରତ ସମେତ ହଂକଂ, ଇଣ୍ଡୋନେସିଆ, କୋରିଆ, ଭିଏତ୍‌ନାମ, କାଜାଖସ୍ତାନ, ମାଲେସିଆ, ଶ୍ରୀଲଙ୍କା, ଥାଇଲାଣ୍ଡ, ସିରିୟା, ଇରାନ, କୁଏତ, ମ୍ୟାନ୍‌ମାର, ପାକିସ୍ତାନ, ଉଜ୍‌ବେକିସ୍ତାନ, ତୁର୍କମେନିସ୍ତାନ, କିର୍ଗିଜସ୍ତାନ, ତାଇୱାନ ଆଦି ଦେଶର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ।

"ଓଡ଼ିଶା ଏବେ ଦେଶର ଏକ ଅଗ୍ରଣୀ ସ୍ପୋର୍ଟ୍ସ ହବ୍‌ରେ ପରିଣତ ହୋଇଛି। ଆମେ ଅନେକ ମର୍କି ଇଭେଣ୍ଟ ଆୟୋଜନ କରିସାରିଛୁ, ମାତ୍ର ଆଇଟିଏଫ୍ ଇଭେଣ୍ଟ ହେବା ଏହା ପ୍ରଥମ। ତେଣୁ ଆମେ ଅତ୍ୟନ୍ତ ଖୁସି। ମୁଁ ଅଂଶଗ୍ରହଣକାରୀ ସମସ୍ତ ଦେଶର ପ୍ରତିଯୋଗୀଙ୍କୁ ସ୍ୱାଗତ କରୁଛି ଏବଂ ଶୁଭକାମନା ଜଣାଉଛି। ଏଠାରେ ରହିବା ଅବସରରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରା ଏବଂ ଆତିଥ୍ୟକୁ ଉପଭୋଗ କରନ୍ତୁ" ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି। ଓଡ଼ିଶା ଟେନିସ୍ ଆସୋସିଏଶନ ସଭାପତି ଅସିତ ତ୍ରିପାଠୀ କହିଲେ, 'ରାଜ୍ୟରେ ଟେନିସ୍ ପାଇଁ ଇକୋସିଷ୍ଟମ ସୃଷ୍ଟି ଲାଗି ଦୀର୍ଘଦିନ ଧରି ଓଟିଏ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ମିଳିତଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହା ଆମ ପାଇଁ ଏକ ବଡ଼ ସଫଳତା। ଏବେ ଆମ ନିକଟରେ କେବଳ ବିଶ୍ୱସ୍ତରୀୟ ଆଇଟିଏଫ୍ ସ୍ୱୀକୃତିପ୍ରାପ୍ତ କୋର୍ଟ ନାହିଁ, ୧୪ ଦେଶର ଖେଳାଳି ଭାଗ ନେଉଥିବା ଏକ ଆଇଟିଏଫ୍ ଇଭେଣ୍ଟ ମଧ୍ୟ ଆୟୋଜନ କରିବାକୁ ଯାଉଛୁ। ଆଗାମୀ ଦିନରେ ଏଠାରେ ଅଧିକରୁ ଅଧିକ ଆଇଟିଏଫ୍ ଇଭେଣ୍ଟ ଆୟୋଜନର ଲକ୍ଷ୍ୟ ରହିଛି''। ପ୍ରକାଶଯୋଗ୍ୟ, ଏହି ପ୍ରତିଯୋଗିତା ଦେଖିବା ପାଇଁ ଦର୍ଶକଙ୍କୁ କୌଣସି ଅର୍ଥ ବ୍ୟୟ କରିବାକୁ ପଡ଼ିବ ନାହିଁ। ଏଣ୍ଟ୍ରି ଫ୍ରି ରହିଛି।



କଳିଙ୍ଗ ଷ୍ଟାଡିୟମସ୍ଥିତ ନବନିର୍ମିତ ଟେନିସ କମ୍ପ୍ଲେକ୍ସ।

### ୧୪ ବର୍ଷରୁ କମ୍ ଏସିଆନ୍ ଡେଭଲପ୍‌ମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସ

# ଅର୍ଣ୍ଣବ ସିହ୍ନା 'ଏ' କାଟେଗୋରି ରେଫରି




ରେଫରି କୋର୍ସରେ ଉତ୍ତୀର୍ଣ୍ଣ ଓଡ଼ିଶା ପରୀକ୍ଷାର୍ଥୀ।

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି)**

### ଓଡ଼ିଶା ହ୍ୟାଣ୍ଡବଲ

ଆସାମର ଗୁଆହାଟୀଠାରେ ହ୍ୟାଣ୍ଡବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଅପ୍‌ଗ୍ରେଡେଶନ ରେଫରି କୋର୍ସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ଅର୍ଣ୍ଣବ କୁମାର ସିହ୍ନା(କଟକ), ଜୀବନଜ୍ୟୋତି ନାୟକ(କେନ୍ଦ୍ରାପଡ଼ା) ଏବଂ ଓଡ଼ିଶା ପୋଲିସରେ କାର୍ଯ୍ୟରତ ପ୍ରଭାତ କୁମାର ଦଳେଇ ଓ ପି. ଭବାନୀ ଶଙ୍କର ରାଓ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସବୁଠାରୁ ଖୁସିର କଥା ହେଲା, ଅର୍ଣ୍ଣବ କାଟେଗୋରି-ଏ' ରେଫରି କୋର୍ସରେ ଉତ୍ତୀର୍ଣ୍ଣ ହୋଇଛନ୍ତି, ଯାହା ରାଜ୍ୟ ହ୍ୟାଣ୍ଡବଲ ବିକାଶରେ ଅନେକ ସହାୟକ ହେବ। ରାଜ୍ୟ ପାଇଁ ଗୌରବ ଆଣିଥିବା ଉକ୍ତ ୪ ରେଫରିଙ୍କୁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା ଅଭିନନ୍ଦନ ଜଣାଇଛନ୍ତି।

# ମେଡ୍‌ଭେଡେଭ୍‌ଙ୍କୁ ମାୟାମି ଓପନ୍ ଟାଇଟଲ

**ମାୟାମି ଗାର୍ଡେନ୍ସ, ୩।୪(ଏପି)**



ଡାନିଲ ମେଡ୍‌ଭେଡେଭ୍ ଚଳିତ ବର୍ଷ ତାଙ୍କ ୪ର୍ଥ ଏଟିପି ଟାଇଟଲ ହାସଲ କରିଛନ୍ତି। ଏଠାରେ ଅନୁଷ୍ଠିତ ଫାଇନାଲରେ ଜାନିକ୍ ସିନରଙ୍କୁ ୭-୫, ୬-୩ ସେଟ୍‌ରେ ହରାଇ ସେ ମାୟାମି ଓପନ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ମ୍ୟାଚ୍ ଜିତିବା ଲାଗି ତାଙ୍କୁ ୧ ଘଣ୍ଟା ୩୪ ମିନିଟ୍ ସମୟ ଲାଗିଥିଲା। ଗତ ୨୫ଟି ମ୍ୟାଚ୍‌ରେ ଏହା ହେଉଛି ତାଙ୍କର ୨୪ତମ ବିଜୟ। ସେ ଯେଉଁଥିରେ ପରାଜିତ ହୋଇଥିଲେ ତାହା ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ କାର୍ଲୋସ ଅଲ୍‌କାରାଜଙ୍କ ବିପକ୍ଷରେ ଇଣ୍ଡିଆନ୍ ୱେଲ୍ସ ଫାଇନାଲରେ।

ଦୁଇ ଖେଳାଳି ସେମାନଙ୍କ କ୍ୟାରିୟରରେ ପରସ୍ପରକୁ ୬ଥର ଭେଟିଛନ୍ତି। ସମସ୍ତ ମ୍ୟାଚ୍‌ରେ ମେଡ୍‌ଭେଡେଭ୍ ବିଜୟୀ ହୋଇଛନ୍ତି। ଏହି ରୁଷୀୟ ଖେଳାଳି ଚଳିତ ବର୍ଷ ଇତିମଧ୍ୟରେ କ୍ରମାଗତ ୫ଟି ଟୁର୍ନାମେଣ୍ଟର ଫାଇନାଲ ଖେଳିସାରିଛନ୍ତି। ସେ ତୁଳନାରେ ୨୦୧୯ରେ ସେ ଲଗାତର ୬ଥର ଚାମ୍ପିୟନଶିପ୍ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ମେଡ୍‌ଭେଡେଭ୍ ଚଳିତବର୍ଷ ରୋଟରଡାମ୍, ଦୋହା ଓ ଦୁବାଇରେ ଟାଇଟଲ ଜିତିସାରିଛନ୍ତି। ୨୦୨୧ ୟୁଏସ୍ ଓପନ୍ ପରେ ଆମେରିକା ମାଟିରେ ରୁଷୀୟ ଖେଳାଳିଙ୍କ ଏହା ହେଉଛି ପ୍ରଥମ ଟାଇଟଲ। ପ୍ରତିଯୋଗିତାର ଏକ ଗ୍ଲାମର ମହିଳା ଡବଲ୍ସ ଫାଇନାଲରେ କେକୋ ଗଫ୍ ଓ ଜେସିକା ପେଗୁଲା ୭-୬, ୬-୨ ସେଟ୍‌ରେ ଲେଲା ଫର୍ନାଣ୍ଡିଜ୍ ଓ ଟେଲର ଟାଉନ୍‌ସେଣ୍ଡଙ୍କୁ ହରାଇ ଦେଇଛନ୍ତି।

# କିଶୋର ଓଭରଅଲ୍ ଚାମ୍ପିୟନ

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି)**

### ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ନ୍ୟାଶନାଲ ଫିଜିକ୍ ଆଲିଆନ୍ସ (ଏନ୍‌ପିସି) ପକ୍ଷରୁ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ଓ ପୁରୁଷ ଫିଜିକ୍ ପ୍ରତିଯୋଗିତା ସ୍ଥାନୀୟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଗତ ୧ ଓ ୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହାର ୭୦ କେଜିରୁ କମ୍ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କିଶୋର ଚନ୍ଦ୍ର ବିଷୋୟୀ ଓଭରଅଲ୍ ଚାମ୍ପିୟନ ହୋଇଛନ୍ତି। ଏହି ବର୍ଗରେ ସତ୍ୟବ୍ରତ ସାହୁ ଓ ଦିବ୍ୟଜ୍ୟୋତି ସାହୁ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ୭୦ କେଜିରୁ ଊର୍ଦ୍ଧ୍ୱ ବର୍ଗରେ ସତ୍ୟଜିତ୍ ପ୍ରତିହାରୀ, ପ୍ରତୀକ କୁମାର ଛତ୍ର ଓ ପ୍ରେମ କ୍ରିଷ୍ଣ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। କ୍ଲାସିକ୍ ଫିଜିକ୍‌ରେ ପ୍ରତୀକ କୁମାର ଛତ୍ର, ପ୍ରେମ୍ କ୍ରିଷ୍ଣ ସାହୁ ଓ କୁନାଲ ନାୟକ ଏବଂ ପୁରୁଷ ଫିଜିକ୍‌ରେ ସଞ୍ଜୟ କୁମାର ଜେନା, ପ୍ରତୀକ କୁମାର ଛତ୍ର ଓ ଦିବ୍ୟଜ୍ୟୋତି ପ୍ରସାଦ ସାହୁ ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାକୁ ରାଜ୍ୟର ପ୍ରତିଷ୍ଠିତ ପୁରୁଷ ଫିଜିକ୍ ଅନ୍ତର୍ଜାତୀୟ ଚାମ୍ପିୟନ ରମନ ରତନ ରାଉତ ପରିଚାଳନା କରିଥିଲେ। ଉତ୍କଳ କରାଟେ ସ୍କୁଲ ଓ ୱାର୍ଲ୍ଡ ଅଫ୍ ନ୍ୟୁଟ୍ରିଶନ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ, ରାଜ୍ୟଗୋଷ୍ଠୀ ଶକ୍ତି ଉତ୍ତୋଳନ ଚାମ୍ପିୟନ ସମରେନ୍ଦ୍ର ରାଉତରାୟ ଏବଂ ବିଜୟ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।




ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ଓ ପୁରୁଷ ଫିଜିକ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।


# Classified Everyday
0674-2580101, 2549949



REAL ESTATE

SALE

Duplex sale at Bhubaneswar @50 lakhs and apartment near Sum Hospital. 9777433701. D-74835

Gharabari boundary plot for sale at Bhubaneswar Rangabazar Enderapal. Per sqft Rs-1200/-. Electricity & bank loan available. Ph-9040172828. D-3161

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74530

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998



CONSTRUCTION

Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74826




Relax, Refresh your Body, Mind at Saikrupa Spa with best therapies, 8984068077. D-3063

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74668

All types of professional body massage by professional therapy. Contact: 9556924059, 7077933109. D-3163

LOST

କବଲା ହଜିଯାଇଛି- ଏତଦ୍ୱାରା ମୁଁ ମିଟୁ ଚରଣ ସାହୁ, ପି-ଆନନ୍ଦ ଚନ୍ଦ୍ର ସାହୁ, ସା- ନୁନୁକାପଷି, ପୋ- କିଶୋରଗଞ୍ଜ, ଥାନା- ହଣ୍ଡପା, ଜିଲ୍ଲା- ଅନୁଗୋଳ ଜଣାଉଛି ଯେ ମୋର ଜମି କବଲା ନମ୍ବର- ୧୧୭୭୨୧୦୦୧୩୧, ଖାତା ନମ୍ବର- ୪୯/୧୯୦, ପ୍ଲଟ୍ ନମ୍ବର- ୧୦୨/୫୦୦/୮୦୩ କିସମ ଘରବାରି, ମୌଜା- ଆନନ୍ଦ ମୁଣ୍ଡା ଏକର ୦.୦୭ ଡିସିମିଲ୍ କବଲାଟି ଗତ ୨୩।୦୩।୨୦୨୩ ଦିନ ବଇଣ୍ଡା ରାଜସ୍ୱ କାର୍ଯ୍ୟାଳୟ ଠାରୁ ଧରି ଘରକୁ ଫେରୁଥିବା ବେଳେ ଖସିପଡ଼ି ହଜିଯାଇଛି। ମୁଁ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲି। ଯଦି କେହି ବ୍ୟକ୍ତି କବଲାକୁ ପାଇବେ ତେବେ ମୋତେ ଫେରାଇବାକୁ ଅନୁରୋଧ କରୁଛି, ୮୦୧୮୧୮୯୪୩୩ । ଧ-୦୦୧୨

AFFIDAVIT

By virtue of an affidavit sworn before the Executive Magistrate, Rairakhol, I Manushi Sahoo, W/o- Ekadashi Sahoo, R/o. At- Ladubahal, PO- Badbahal, Dist-. Sambalpur declare that in the birth certificate of my daughter Tanushree Sahoo bearing Regd. No. 281/23.03.2013 my name has been wrongly noted as Mansi Sahoo instead of Manushi Sahoo. That both the names belongs to one and same person. D-0015

I Niyati Patnaik W/o Saroj Kumar Kar R/o L-22. BHB Colony, Baramunda, Bhubaneswar shall henceforth be known as Lenima Kar affidavit no (CF-67) sworn before EXECUTIVE MAGISTRATE, BHUBANESWAR dated 03.04.2023. D-0014

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



# ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ମୀନତି ବାରିକ**

ଗୁଡୁପାଙ୍ଗି, ମାଳିସାହି, ନୟାଗଡ଼
ଆବିର୍ଭାବ-୨୦।୦୬।୧୯୬୧
ତିରୋଧାନ- ୨୪।୦୩।୨୦୨୩

ମଙ୍ଗଳବାର ଦ୍ୱାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

-ଶୋକସନ୍ତପ୍ତ-
ପୁଅ: ମାନସ ଓ ପ୍ରିୟବ୍ରତ, ବୋହୂ, ନାତି, ବାରିକ ପରିବାରବର୍ଗ।
ଧ-୦୦୧୩

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ ରାଧା ଚରଣ ପାତ୍ର**

ଶକ୍ତିନଗର ୭ମ ଲାଇନ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ : ୧୨.୦୪.୧୯୪୮
ତିରୋଧାନ : ୨୪.୦୩.୨୦୨୩

ତୁମର ଅନାବିଳ ସ୍ନେହ, ସାଙ୍ଗଠନିକ ଜୀବନ, ସମୟାନୁବର୍ତ୍ତିତା, ଶ୍ରଦ୍ଧା, ଭଲପାଇବା, କର୍ତ୍ତବ୍ୟନିଷ୍ଠା, ଆଦର୍ଶ ସ୍ୱାଭିମାନ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆଜିର ଏହି ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ : ପତ୍ନୀ, ପୁତ୍ର, ପୁତ୍ରବଧୂ ଓ ନାତି, ନାତୁଣୀ ସମସ୍ତ ଭାଇମାନଙ୍କ ସହ ସମଗ୍ର ପାତ୍ର ପରିବାରବର୍ଗ
ଧ-୦୦୧୬


# ଦିବ୍ୟଶକ୍ତି, ଅଙ୍କିତା ଚାମ୍ପିୟନ

**ଭୁବନେଶ୍ୱର, ୩।୪ (ସ୍ପୋର୍ଟ୍ସ ବ୍ୟୁରୋ)**

### କର୍ପୋରେଟ୍ ଲିଗ୍ ଟେବୁଲ୍ ଟେନିସ ଉଦ୍‌ଯାପିତ

ଆର୍‌ପି ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ସହିଦ ନଗର ଇନ୍‌ଡୋର ହଲ୍‌ରେ କର୍ପୋରେଟ୍ ଲିଗ୍ ଟେବୁଲ ଟେନିସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଦିବ୍ୟଶକ୍ତି ମହାନ୍ତି, ପୁରୁଷ ଡବଲ୍ସରେ ଦିବ୍ୟଶକ୍ତି ମହାନ୍ତି ଓ କୁମାର ଅରୋଜ୍ୟୋତି ଯୋଡ଼ି ଟାଇଟଲ୍ ହାସଲ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ଅଙ୍କିତା ଖା। ଭେଟେରାନ୍ ପୁରୁଷ ଡବଲ୍ସରେ ମହମ୍ମଦ ଫୟାଜ ଓ ମହମ୍ମଦ ରିୟାଜ ଯୋଡ଼ି ଟାଇଟଲ ହାସଲ କରିଛନ୍ତି। ଦୁଇଦିନିଆ ଏହି ପ୍ରତିଯୋଗିତାରେ ରାଜ୍ୟର ୪୫ଟି କର୍ପୋରେଟ୍ ହାଉସ୍ ଅଂଶଗ୍ରହଣ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଆୟୋଜକ ଆର୍‌ପି ଏକାଡେମୀ ନିର୍ଦ୍ଦେଶକ ଦେବଦତ୍ତ ମହାନ୍ତି, ପ୍ରବୀଣ ମହାନ୍ତି, ଅଧ୍ୟକ୍ଷ ତ୍ରୈଲୋକ୍ୟନାଥ ରାଉତ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀ।

# ପୁଣି ସତର୍କତାର ବେଳ

**ପୁଣି ଡରାଇଲାଣି କରୋନା। ଦୈନିକ ସଂକ୍ରମଣ ବୃଦ୍ଧି ପାଉଥିବା ଖବର ଏବେ ଚିନ୍ତାରେ ପକାଇଛି ଗୃହିଣୀଙ୍କୁ। ପରିବାରର ସମସ୍ତଙ୍କୁ ସୁରକ୍ଷାବଳୟ ଭିତରେ ରଖିବା ଲାଗି ଯଥାସମ୍ଭବ ଘରୋଇ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି...**



କରୋନାର ଭୟାବହତାକୁ ଅଙ୍ଗେ ନିଭାଇଛନ୍ତି ସମସ୍ତେ। ତେଣୁ ପୁଣି ଥରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବା ଖବର ଏବେ ଚିନ୍ତାରେ ପକାଇ ଦେଇଛି। କରୋନା ସଂକ୍ରମଣ, ଲକ୍‌ଡାଉନ୍‌ର କଟକଣା ଏଯାଏଁ ମନରୁ ଲିଭି ନ ଥିବାବେଳେ ପୁଣି ଥରେ ଏସବୁକୁ ସାମ୍ନା କରିବାକୁ ପଡ଼ିବ, ଏକଥା ଭାବି ପ୍ରତିକାର ପାଇଁ ଗୃହିଣୀମାନେ ଆରମ୍ଭ କରିଦେଇଛନ୍ତି ବିଭିନ୍ନ ପ୍ରକାର ଘରୋଇ ଉପଚାର। ପୂର୍ବଭଳି ପୁଣି ଥରେ ହାତ ଧୋଇବା, ସାନିଟାଇଜର ବ୍ୟବହାର କରିବା କିମ୍ବା ଥଣ୍ଡା, କାଶ ପ୍ରତି ସଚେତନ ରହିବା ଆଦି ସବୁ ପ୍ରକାର ସଚେତନତା


ଅରୁନ୍ଧତୀ


ଶୁଭସ୍ମିତା


ସଂଯୁକ୍ତା


ସୁଭଦ୍ରା

ଆରମ୍ଭ କରିଛନ୍ତି। ଏସବୁ ଭିତରେ ପିଲାଙ୍କ ସ୍କୁଲ ଖୋଲି ଥିବାରୁ ସେମାନଙ୍କ ପାଇଁ ଟିକେ ଅଧିକ ସତର୍କ ହେବାକୁ ପଡୁଛି।

**ପିଲାଙ୍କ ପ୍ରତି ଅଧିକ ସଚେତନ:** ଏବେ ପୁଣିଥରେ ସବୁ ଅଭ୍ୟାସ ଆରମ୍ଭକରି ଦେଇଛି। ପିଲାଙ୍କୁ ସ୍କୁଲ ଗାଡ଼ିରେ ସମସ୍ତଙ୍କ ସହ ଛାଡ଼ିବା ବଦଳରେ ନିଜେ ଗାଡ଼ିରେ ନେଇ ଛାଡ଼ିବାକୁ ଯାଉଛି। ବାହାରର କୌଣସି ଖାଦ୍ୟ ପିଲାଙ୍କୁ ଦେଉନି ଏବଂ ସବୁ ପ୍ରକାର ଖାଦ୍ୟ ମୁଁ ନିଜେ ପ୍ରସ୍ତୁତକରି ସେମାନଙ୍କୁ ଦେଉଛି। ପିଲାଙ୍କର ତଥା ଘର ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ସବୁବେଳେ କାମ କରୁଛି। ଭଲ ପରିବେଶରେ ସଚେତନ ରହିଲେ ପିଲାଙ୍କୁ କିମ୍ବା ଆମ ପରିବାରରେ କାହାକୁ ବି କରୋନା ହେବ ନାହିଁ ବୋଲି ମୋର ବିଶ୍ୱାସ ରହିଛି।

*–ସଂଯୁକ୍ତା ଦାସ, ଗୃହିଣୀ, ନୟାପଲ୍ଲୀ, ଭୁବନେଶ୍ୱର*

**ସବୁଦିନ କାଢ଼ା କରୁଛି:** କରୋନା ବଢୁଥିବା ଖବର ଶୁଣିବା ପରେ ଏବେ ଘରେ ସମସ୍ତଙ୍କୁ ସତର୍କ କରାଇ ଦେଇଛି। ପିଲାଙ୍କୁ ସ୍କୁଲ ପଠାଇବା ପୂର୍ବରୁ ହ୍ୟାଣ୍ଡ ୱାଶ୍ ଆଉ ସାନିଟାଇଜର ତ ସାଙ୍ଗରେ ଦେଉଛି। ତା' ଛଡ଼ା ସବୁବେଳେ ତାଙ୍କୁ ପୁଷ୍ଟିକର ଖାଦ୍ୟ ଟିଫିନ୍‌ରେ ଦେଉଛି। ପୂର୍ବଥର କରୋନା ସମୟରେ ଯେମିତି ସବୁଦିନ କାଢ଼ା ପିଇବାକୁ ଦେଉଥିଲି ଏବେ ସେମିତି ସ୍କୁଲରୁ ଫେରିବା ପରେ ପିଲାଙ୍କୁ କାଢ଼ା ଦେଉଛି। ତା' ଛଡ଼ା ଥଣ୍ଡା ହେବା ଭଳି ଲକ୍ଷଣ ଦେଖାଦେବା ମାତ୍ରେ ସଙ୍ଗେ ସଙ୍ଗେ ଔଷଧ ଦେଇଦେଉଛି। କରୋନା ସଂକ୍ରମଣଠାରୁ ଦୂରେଇ ରହିବା ପାଇଁ ପିଲାମାନେ ବି ନିଜେ ସଚେତନ ହୋଇ ସବୁ ପ୍ରକାର କଟକଣା ମାନି ଚଲୁଛନ୍ତି।

*–ଶୁଭସ୍ମିତା ପୁରୀ, ଗୃହିଣୀ, ଖାନନଗର, ନୂଆସାହି, କଟକ*

**ଚିନ୍ତା ଲାଗୁଛି:** ପୁଣି ଥରେ କରୋନା ବଢ଼ିବାରୁ ମୋର ଚିନ୍ତା ବଢ଼ିଯାଇଛି। କାରଣ ଗତଥର ମୋ ଶାଶୁଙ୍କ ଦେହ ବହୁତ ଖରାପ ହୋଇଯାଇଥିଲା। ପିଲାମାନେ ତ ବଡ଼ ହୋଇଗଲେଣି ତେଣୁ ସେମାନେ ନିଜେ ପ୍ରାୟତଃ ସଚେତନ ହେବା ସହ ମତେ ସହଯୋଗ କରୁଛନ୍ତି। ହେଲେ କରୋନା ପାଇଁ ଗତଥର ମୁଁ ଯେମିତି କଲବଲ ହେଇଛି, କାଳେ ଶାଶୁଙ୍କ ଦେହ ପୁଣି ଖରାପ ହୋଇଯିବ ସେଥିପାଇଁ ଡର ଲାଗୁଛି। ଏହି ଦୃଷ୍ଟିରୁ ମତେ ଅଧିକ ସଚେତନ ହେବାକୁ ପଡୁଛି। ଘରେ ଯେମିତି କାହାକୁ ଥଣ୍ଡା କି ଜ୍ୱର ନ ହେବ ସେଥିପାଇଁ ଇମ୍ୟୁନିଟି ବଢ଼ାଇବାକୁ ସକାଳୁ ତୁଳସୀପତ୍ର କାଢ଼ା ଦେବା ଆରମ୍ଭ କରିଛି।

*–ଅରୁନ୍ଧତୀ ମଲ୍ଲିକ, ଗୃହିଣୀ, ଚୂଡ଼ାମଣି, ବାସୁଦେବପୁର, ଭଦ୍ରକ*

**କରୋନାକୁ ନିଶ୍ଚିତ ଜିତିବୁ:** କରୋନା ନାଁ ଶୁଣିଲେ ଏବେ ବି ଡର ଲାଗୁଛି। ଯେମିତି କୋଉ ଗୋଟେ ଭୟଙ୍କର ବିପଦ ମାଡ଼ି ଆସୁଛି। ସେଥିପାଇଁ ତ ମୁଁ ଏବେଠୁ ସଚେତନ ହୋଇଯାଇଛି। ପୁଣି ଥରେ ସମସ୍ତେ କାଢ଼ା ପିଉଛୁ। ଘରେ କାହାକୁ ବି ଥଣ୍ଡା ହେବା ମାତ୍ରେ ସଙ୍ଗେ ସଙ୍ଗେ ଔଷଧ ଖାଇବାକୁ ଦେଉଛି, ତା' ସହିତ ଷ୍ଟିମ୍ ବି ନେଉଛୁ। ବାହାରୁ ଆସିଲେ ଡ୍ରେସ୍ ବଦଳାଇବା, ଗୋଡ଼ହାତ ଭଲଭାବେ ଧୋଇବା ଏସବୁ ତ ସବୁବେଳେ କରୁଛି। ତେଣୁ ମୋ ପରିବାର କରୋନାଠୁ ନିଶ୍ଚିତଭାବେ ଦୂରେଇ ରହିପାରିବେ ବୋଲି ଦୃଢ଼ବିଶ୍ୱାସ ରହିଛି।

*–ସୁଭଦ୍ରା ଦାସ, ଶିକ୍ଷୟିତ୍ରୀ, ବିଦ୍ୟାଳୟ କ୍ଷିଟ୍, ପୋଲସରା, ଗଞ୍ଜାମ*





## ସମସ୍ତେ ସତର୍କ ହୁଅନ୍ତୁ



କରୋନା ପାଇଁ ସମସ୍ତେ ପୂର୍ବଭଳି ସତର୍କ ରୁହନ୍ତୁ। କାହିଁକିନା ଏଥର ବି ସଂକ୍ରମଣ ବଢ଼ିବାରେ ଲାଗିଲାଣି। ଯଦି ସତର୍କ ନ ହେବା ତ ଏହା ପୁଣି ଥରେ ଭୟଙ୍କର ରୂପ ନେଇପାରେ। ତେଣୁ ସମସ୍ତେ ମାସ୍କ ଲଗାନ୍ତୁ ଏବଂ ହ୍ୟାଣ୍ଡୱାଶ୍, ସାନିଟାଇଜର ବ୍ୟବହାର କରନ୍ତୁ। ପରିଷ୍କାର ପରିଚ୍ଛନ୍ନ ରହିବା ସହ ସମସ୍ତେ ନିଜ ଇମ୍ୟୁନିଟି ବଢାଇବା ପାଇଁ ଚେଷ୍ଟା କରନ୍ତୁ। ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ରୋଗର ସାମାନ୍ୟ ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଚିକିତ୍ସା କରନ୍ତୁ। ଯେହେତୁ ସମସ୍ତେ କରୋନାର ଭୟଙ୍କର ରୂପକୁ ଥରେ ଦେଖି ସାରିଛନ୍ତି ତେଣୁ କୌଣସି ପରିସ୍ଥିତିରେ ବି ଅବହେଳା କରିବା ଠିକ୍ ନୁହେଁ। ଏବେ ତ କରୋନା ସହିତ ଏଚ୩ଏନ୨ ଭାରିଆଣ୍ଟର ସଂକ୍ରମଣ ବଢୁଛି। ଡାକ୍ତରଖାନାକୁ ଏବେ ଅଧିକ ସଂଖ୍ୟାରେ ସଂକ୍ରମିତ ରୋଗୀ ଆସୁଛନ୍ତି। ତେଣୁ ରୋଗ ହେବା ପୂର୍ବରୁ ନିରାକରଣ କରିବା ହିଁ ବୁଦ୍ଧିମାନର କାମ।

*– ଡକ୍ଟର ସୁଶ୍ରୀ ସଙ୍ଗୀତା ପାତ୍ର*
ଆସିଷ୍ଟାଣ୍ଟ ପ୍ରଫେସର ସ୍ତ୍ରୀ ରୋଗ,
ଶ୍ରୀ ହସ୍ପିଟାଲ୍, ଭୁବନେଶ୍ୱର

# ପିଲାଙ୍କୁ ପଢ଼ାନ୍ତୁ ଗ୍ରୁପ୍‌ରେ

**ଏକାଠି ଗ୍ରୁପ୍ ହୋଇ ବସି ପାଠ ପଢ଼ିବା ପିଲାଙ୍କ ପାଇଁ ବହୁତ ଭଲ। ସେମାନଙ୍କ ମଧ୍ୟରେ ଏକ ସକାରାତ୍ମକ ଭାବନା ବୃଦ୍ଧି ପାଇଥାଏ। ଏକୁଟିଆ ପଢ଼ିବା ବଦଳରେ ସାଙ୍ଗମାନଙ୍କ ସହ ଏବଂ ଘରେ ଭାଇଭଉଣୀଙ୍କ ସହ ପାଠ ପଢ଼ିବା ପିଲାଙ୍କ ପାଇଁ ବହୁତ ଭଲ।**

➤ପିଲାମାନେ ଯଦି ଏକାଠି ପଢ଼ନ୍ତି ତେବେ ସେମାନେ ନିଜ ଟାର୍ଗେଟରେ ଅଧିକ ଫୋକସ୍ କରିପାରନ୍ତି। କାରଣ ସେମାନଙ୍କ ଉପରେ ଆପେ ଆପେ ଏକ ମାନସିକତା ସୃଷ୍ଟି ହୁଏ କି ଅନ୍ୟମାନଙ୍କ ତୁଳନାରେ ସେମାନେ ଯେପରି ସବୁଥିରେ ଭଲ କରିପାରିବେ। ବିଶେଷକରି ସ୍କୁଲ ପିଲାଙ୍କ କ୍ଷେତ୍ରରେ ଏହି ଭାବନା ରହିଥାଏ ତେଣୁ ସେମାନଙ୍କୁ ଗ୍ରୁପ୍‌ରେ ପଢ଼ାଇବା ପାଇଁ ସୁଯୋଗ ଦେବା ଦରକାର।

➤ଏକାଠି ପଢ଼ିଲେ ପିଲାଙ୍କ ମଧ୍ୟରେ ଏକ ମଜାଦାୟକ ପରିବେଶ ସୃଷ୍ଟି ହୁଏ। ମଝିରେ ମଝିରେ ସେମାନେ ପରସ୍ପର ସହିତ ଖୁସିମଜା କରି କଥା ହୋଇ ମନକୁ ଫ୍ରେଶ୍ କରିଥାନ୍ତି। ଏହା ସହିତ ଯେଉଁମାନେ ପାଠ ନ ପଢ଼ି ଅନ୍ୟ କିଛି କାମ କରୁଥାନ୍ତି ସେମାନଙ୍କୁ ବି ଜଗିବାକୁ ପଡ଼େନି। ସେମାନେ ପରସ୍ପର ପ୍ରତି ଏ କ୍ଷେତ୍ରରେ ଦୃଷ୍ଟି ରଖିଥାନ୍ତି।

➤ବେଳେବେଳେ ଭୟ କିମ୍ବା ଅନ୍ୟ କେଉଁ କାରଣରୁ ପିଲାମାନେ କ୍ଲାସ୍‌ରେ ନିଜର ସନ୍ଦେହ ସମ୍ପର୍କରେ ପଚାରିପାରି ନ ଥାନ୍ତି। କିନ୍ତୁ ଏକାଠି ପଢ଼ିବା ସମୟରେ ପରସ୍ପରକୁ ବେଶ୍ ସହଜରେ ପଚାରି ବୁଝିପାରନ୍ତି। ତେଣୁ ସେମାନଙ୍କର ଜ୍ଞାନ ବୃଦ୍ଧି ହୋଇଥାଏ।

➤ଏକାଠି ପଢ଼ିବା ସମୟରେ ବି ନିଜକୁ ବୋରିଂ ଲାଗୁଥିବା ବିଷୟ ଅନ୍ୟମାନଙ୍କ ସହାୟତାରେ ମଜା ଲାଗିପାରେ।

➤ଏକା ପଢୁଥିବା ସମୟରେ କୌଣସି ସମସ୍ୟା ଆସିଲେ ସହାୟତା ପାଇଁ ପିଲାମାନେ ଶିକ୍ଷକ କିମ୍ବା ଅଭିଭାବକଙ୍କ ସହାୟତା ନେଇଥାନ୍ତି। ଯଦି ପାଖରେ କେହି ନ ଥାନ୍ତି ତେବେ ସେହି ପ୍ରଶ୍ନକୁ ଛାଡ଼ି ଅନ୍ୟ ବିଷୟ ପଢିବାକୁ ହୋଇଥାଏ। ମାତ୍ର ଏକାଠି ପଢ଼ିବା ସମୟରେ ପ୍ରତି ପ୍ରଶ୍ନର ଉତ୍ତର କାହା ପାଖରେ ତ ନିଶ୍ଚୟ ରହିଥାଏ।



# ସୋଫା କିଣିବା ପୂର୍ବରୁ...

**ଘରର ଇଣ୍ଟେରିୟର ଲୁକ୍ ପାଇଁ ବିଭିନ୍ନ ଡିଜାଇନ୍‌ର ସୋଫା ମିଳୁଛି। ତେବେ ଆପଣଙ୍କ ଘରର ଡିଜାଇନ ଓ ସାଇଜ ଅନୁସାରେ କେଉଁଭଳି ସୋଫା କିଣିବାକୁ ହେବ ସେ ସମ୍ପର୍କରେ କିଛି ଧାରଣା ରହିବା ଜରୁରୀ...**

➤ସୋଫା କିଣିବା ପୂର୍ବରୁ ଘରର ସ୍ଥାନ ପ୍ରତି ଧ୍ୟାନଦେବା ଜରୁରୀ। ଯଦି ଘରର ସାଇଜ ଅନୁସାରେ ସୋଫା ମ୍ୟାଚ୍ ନ କରେ ତେବେ ଘର ଛୋଟ ଲାଗିବ।

➤ଘରେ ଇଣ୍ଟେରିୟର ଡେକୋର ପାଇଁ ଆପଣ ଲଗାଇଥିବା ପରଦା ଓ ଅନ୍ୟ ସାଜସଜ୍ଜା ସାମଗ୍ରୀକୁ ମ୍ୟାଚ କରିବା ଭଳି ସୋଫା କିଣନ୍ତୁ। ଏହା ଘରର ଲୁକ୍ ବଢ଼ାଇବ।

➤ସୁନ୍ଦରତା ସହିତ ଆରାମକୁ ମଧ୍ୟ ଧ୍ୟାନଦେବାକୁ ହେବ। କାରଣ ଅଧିକ ସମୟ ବସିବା ପାଇଁ ଆରାମ ଅନୁଭବ ହେଉଥିବା ଭଳି ସୋଫା ନିଜ ଘର ପାଇଁ ବାଛନ୍ତୁ। ଏହା ସହିତ କ୍ୟୁସନର କ୍ୱାଲିଟି ପ୍ରତି ମଧ୍ୟ ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ।

➤ଧ୍ୟାନଦିଅନ୍ତୁ ଯେ ଘର ପାଇଁ ଯେଉଁ ସୋଫା କିଣାହୁଏ ତାହାକୁ ବର୍ଷ ବର୍ଷ ବ୍ୟବହାର କରାଯାଏ। ତେଣୁ ସୋଫାର କ୍ୱାଲିଟି ଓ ତିଆରି କରାଯାଇଥିବା ମ୍ୟାଟେରିଆଲ ପ୍ରତି ଧ୍ୟାନ ଦିଅନ୍ତୁ। ଭଲ କ୍ୱାଲିଟିର ସୋଫାକୁ ବର୍ଷ ବର୍ଷ ଧରି ବ୍ୟବହାର କରିହୁଏ।

➤ସୋଫାର ରକ୍ଷଣାବେକ୍ଷଣ ମଧ୍ୟ ବହୁତ ଜରୁରୀ। ତେଣୁ ଏଭଳି ସୋଫା କିଣନ୍ତୁ ଯାହାକୁ ଆପଣ ନିୟମିତ ବ୍ୟବଧାନରେ ସଫା କରିପାରିବେ। ଯଦି ସଫା କରିବା ନ ଜାଣି ସୋଫାକୁ ଘରକୁ ନେଇ ଆସିବେ ତେବେ ତାହା ଖରାପ ଦିଶିବ। ତେଣୁ କିଣିବା ସମୟରେ ଏନେଇ ପଚାରି ବୁଝନ୍ତୁ।

➤ସବୁଠୁ ବଡ଼ କଥା ହେଉଛି ଆପଣ କେତେ ବଜେଟରେ ସୋଫା କିଣିବାକୁ ଚାହୁଁଛନ୍ତି ସେକଥା ଚିନ୍ତା କରନ୍ତୁ। ସେହି ଅନୁସାରେ ହିଁ କ୍ୱାଲିଟି ଆଉ କମ୍ଫର୍ଟ ଆଦି ସବୁ ଦିଗକୁ ଦେଖି ସୋଫା କିଣନ୍ତୁ।



ସୌନ୍ଦର୍ଯ୍ୟ

# ଘରେ କରନ୍ତୁ ହେୟାର ସ୍ପା

**କେଶ ପାଇଁ ସ୍ପା ଅବଶ୍ୟ ଅନ୍ୟତମ ବ୍ୟୟବହୁଳ ଚିକିତ୍ସା। କିନ୍ତୁ ନିୟମିତ ବ୍ୟବଧାନରେ ସ୍ପା କରିବା ଫଳରେ କେଶର ଅନେକ ପ୍ରକାର ସମସ୍ୟା ଦୂର ହୋଇଥାଏ। ତେଣୁ ବିୟୁଟି ପାର୍ଲରରେ ବ୍ୟୟବହୁଳ ହେୟାର ସ୍ପା କରିବା ବଦଳରେ ଘରେ କିପରି କରିପାରିବେ ଜାଣି ରଖନ୍ତୁ...**



❖ପ୍ରକୃତରେ ହେୟାର ସ୍ପା ଟ୍ରିଟ୍‌ମେଣ୍ଟରେ କେଶକୁ ମସାଜ, ଶାମ୍ପୁ, ହେୟାର ମାସ୍କ, ବାମ୍ପ ଓ କଣ୍ଡିସନିଂ ଆଦି ଦିଆଯାଇଥାଏ। କେଶର ପ୍ରକାର ଅନୁସାରେ ହେୟାର ମାସ୍କ ଓ କ୍ରିମ୍ ଦିଆଯାଏ।

❖ପ୍ରଥମେ କେଶ ଅନୁସାରେ ଶାମ୍ପୁର ଚୟନକରି କେଶକୁ ସଫା କରନ୍ତୁ। ଏହାପରେ କେଶକୁ ହାଲ୍‌କା ଶୁଖାଇ କ୍ରିମ୍ ଲଗାନ୍ତୁ।

❖ଘରେ ନାଚୁରାଲ୍ କ୍ରିମ୍ ତିଆରି କରି ହେୟାର ସ୍ପା କରିବା ପାଇଁ ଅଧା କପ୍ କ୍ଷୀର, ୧ କପ୍ ଆଲୋଭେରା ଜେଲ୍, ୨ ଚାମଚ ନଡ଼ିଆତେଲ, ୨ ଚାମଚ ମହୁ ଓ ୧ଟି ଅଣ୍ଡା ନିଅନ୍ତୁ। ଏସବୁ ସାମଗ୍ରୀକୁ ମିଶାଇ କେଶରେ ଲଗାନ୍ତୁ। କେଶ ଶୁଖିବା ପାଇଁ ଅତି କମ୍‌ରେ ୪୦ ମିନିଟ୍ ପର୍ଯ୍ୟନ୍ତ କେଶ ମୂଳରେ ଏହାକୁ ଭଲଭାବେ ମସାଜ କରନ୍ତୁ।

❖କ୍ରିମ୍ ଲଗାଇବା ପରେ କେଶକୁ ଷ୍ଟିମ୍ ଦିଅନ୍ତୁ। ଗରମପାଣି ନେଇ ସେଥିରେ ଟାୱେଲ ବୁଡ଼ାଇ କେଶରେ ଷ୍ଟିମ୍ ଦିଅନ୍ତୁ। କିଛି ସମୟ ଷ୍ଟିମ୍ ଦେବା ପରେ କେଶ ଧୀରେ ଧୀରେ ଖୋଲା ଖୋଲା ହୋଇଯାଏ।

❖ଏବେ କେଶରେ କଣ୍ଡିସନର ଲଗାଇ କେଶ ଧୋଇ ଦିଅନ୍ତୁ।

❖ହେୟାର ସ୍ପା ନିମନ୍ତେ ଘରେ ବିଭିନ୍ନ ଉପାୟରେ କ୍ରିମ୍ ପ୍ରସ୍ତୁତ କରିପାରିବେ। ତେଣୁ ହେୟାର ମାସ୍କ ପ୍ରସ୍ତୁତି ନେଇ ବିଭିନ୍ନ ଘରୋଇ ପ୍ରଣାଳୀ ସମ୍ପର୍କରେ ଜାଣିରଖନ୍ତୁ। ନିୟମିତ ବ୍ୟବଧାନରେ ଘରେ ପ୍ରସ୍ତୁତ କ୍ରିମ୍ ଲଗାଇ ହେୟାର ସ୍ପା କରନ୍ତୁ। ଫଳରେ କେଶ ଝଡ଼ିବା, ରୂପି ଆଦି ବିଭିନ୍ନ ସମସ୍ୟା ଧୀରେ ଧୀରେ ଦୂରହୋଇଯିବ।



ଖାଦ୍ୟରୁଚି

# କଞ୍ଚା ଆମ୍ବ ପଣା

**ଆବଶ୍ୟକ ସାମଗ୍ରୀ–** କଞ୍ଚା ଆମ୍ବ– ୪ଟି, ଭଜା ଜିରା ଗୁଣ୍ଡ– ୨ ଚାମଚ, ଗୁଡ଼ କିମ୍ବା ଚିନି ସ୍ୱାଦ ଅନୁସାରେ, ପୁଦିନାପତ୍ର– ୧ ବଡ଼ ଚାମଚ, କଳା ଲୁଣ– ୩ ଚାମଚ, ଗୋଲମରିଚ ଗୁଣ୍ଡ– ଅଧା ଛୋଟ ଚାମଚ, ବରଫ ଖଣ୍ଡ– ୫ଟି, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ କଞ୍ଚା ଆମ୍ବକୁ ଭଲଭାବେ ଗୋଟା ଧୋଇ ପ୍ରେସର କୁକରରେ ୨–୩ଟି ସିଟି ଦେଇ ଭଲଭାବେ ସିଝାଇ ଦିଅନ୍ତୁ। ସିଝା ଆମ୍ବର ଚୋପା ଛଡ଼ାଇ ରସ ବାହାରକରି ରଖନ୍ତୁ। ଏହାକୁ ଭଲଭାବେ ଗୋଳାଇଦିଅନ୍ତୁ। ଏଥିରେ ଭଜା ଜିରାଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ଚିନି କିମ୍ବା ଗୁଡ଼ ମିଶାନ୍ତୁ। ଏହାପରେ କଳାଲୁଣ ପକାନ୍ତୁ। ଏସବୁ ମିଶାଇବା ପରେ ଏହାକୁ ଗ୍ରାଇଣ୍ଡିଂ କରି କାଢ଼ି ନିଅନ୍ତୁ। ଆବଶ୍ୟକ ଅନୁସାରେ ପାଣି ମିଶାଇ ସେଥିରେ ବରଫଖଣ୍ଡ ପକାଇ ଦିଅନ୍ତୁ। ଏବେ ଏହି ଆମ୍ବପଣାକୁ ଥଣ୍ଡା ଥଣ୍ଡା ପିଇବାକୁ ଦିଅନ୍ତୁ।



# ଚେନ୍ନାଇ ସୁପରକିଙ୍ଗ୍ସର ବୃହତ୍ ସ୍କୋର


ଦ୍ରୁତ ଅର୍ଦ୍ଧଶତକ ଅବସରରେ ଋତୁରାଜ ଗାଏକ୍ୱାଡ୍।

**ଚେନ୍ନାଇ, ୩।୪**

ସ୍ଥାନୀୟ ଏମଏ ଚିଦାମ୍ବରମ୍ ଷ୍ଟାଡିୟମରେ ସୋମବାର ଚେନ୍ନାଇ ସୁପରକିଙ୍ଗ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ ଅନୁଷ୍ଠିତ ହୋଇଛି। ଋତୁରାଜ ଗାଏକ୍ୱାଡଙ୍କ ଦ୍ରୁତ ଅର୍ଦ୍ଧଶତକ ଏବଂ ଅନ୍ୟ ବ୍ୟାଟରଙ୍କ ଉପଯୋଗୀ ଅବଦାନ ବଳରେ ଚେନ୍ନାଇ ୨୦ ଓଭରରେ ୨୧୭ ରନର ବୃହତ୍ ସ୍କୋର ଛିଡ଼ା କରିଛି। ଚଳିତ ସିଜନରେ ନିଜର ପ୍ରଥମ ମ୍ୟାଚରେ ଚେନ୍ନାଇ ହାରି ଯାଇଥିବାବେଳେ ଲକ୍ଷ୍ନୌ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା।

ଟସ୍ ଜିତି ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଋତୁରାଜ ଗାଏକ୍ୱାଡ ଓ ଡେଭନ କନୱେ ବିସ୍ଫୋରକ ବ୍ୟାଟିଂ କରି ଶତକୀୟ ଭାଗୀଦାରି ଗଢ଼ିବା ସହ ଚେନ୍ନାଇର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୫୬ ବଲ୍‌ରୁ ୧୧୦ ରନ କରି ବିପକ୍ଷ ବୋଲରଙ୍କୁ ନାକେଦମ୍ କରିଥିଲେ। ୧୦ମ ଓଭରର ପ୍ରଥମ ବଲ୍‌ରେ ଗାଏକ୍ୱାଡ୍‌ଙ୍କୁ ଆଉଟ କରି ଲକ୍ଷ୍ନୌ ଦଳକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ରବି ବିଷ୍ଣୋଇ। ୩୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଋତୁରାଜ ୩ ଚୌକା ଓ ୪ ଛକା ସହାୟତାରେ ୫୭ ରନ କରିଥିଲେ। ତାଙ୍କ ଆଉଟରେ କନୱେ ଏକାଗ୍ରତା ହରାଇଥିଲେ। ସେ ଅର୍ଦ୍ଧଶତକର ନିକଟତର ହୋଇଥିଲେ ହେଁ ୪୭ ରନ କରିଥିବାବେଳେ ବିଷ୍ଣୋଇଙ୍କ ଦ୍ୱିତୀୟ ଶିକାର ବନିଥିଲେ। ୨୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା କନ୍‌ୱେ ନିଜ ଇନିଂସ ମଧ୍ୟରେ ୫ ଚୌକା ଓ ୨ ଛକା ମାରିଥିଲେ। ମଧ୍ୟଭାଗରେ ଶିବମ୍ ଦୁବେ, ମୋଇନ୍ ଅଲୀ ବଡ଼ ସ୍କୋର କରିପାରି ନ ଥିଲେ ମଧ୍ୟ ଦ୍ରୁତ ହାରରେ ରନ୍ ସଂଗ୍ରହ କରିଥିଲେ। ଦୁବେ ୧୬ ବଲ୍‌ରୁ ୨୭ ଓ ଅଲୀ ୧୩ ବଲ୍‌ରୁ ୧୯ ରନ ସ୍କୋର କରିଥିଲେ। ବେନ୍ ଷ୍ଟୋକ୍ସ ୮ ଓ ରବୀନ୍ଦ୍ର ଜାଡେଜା ୩ ରନ୍‌କରି ଆଉଟ ହୋଇ ଯାଇଥିଲେ ହେଁ ଅମ୍ବାତି ରାୟୁଡୁ ୨୭ (୧୪ବଲ, ୨ ଚୌକା, ୨ ଛକା) ରନରେ ଅପରାଜିତ ରହି ଚେନ୍ନାଇ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କ୍ରିଜ୍‌କୁ ଆସିବାମାତ୍ରେ ଲଗାତର ୨ଟି ବଲ୍‌ରେ ଛକା ମାରିଥିଲେ। ତେବେ ସେ ତୃତୀୟ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଏଠାରେ ୧୨ ରନ ସଂଗ୍ରହ କରି ଧୋନୀ ଆଇପିଏଲ୍‌ରେ ୫୦୦୦ ରନ ପୂରଣ କରିଥିଲେ। ୨୦ତମ ଓଭର ଆରମ୍ଭ ହେବା ପୂର୍ବରୁ ଲକ୍ଷ୍ନୌ ଦଳ ଆଭେଶ ଖାଁଙ୍କ ସ୍ଥାନରେ ଆୟୁଷ ବଦୋନୀଙ୍କୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ଖେଳାଇଥିଲା। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ରବି ବିଷ୍ଣୋଇ ଓ ମାର୍କ ଉଡ୍ ୩ଟି ଲେଖାଏ ଏବଂ ଆଭେଶ ଖାଁ ଗୋଟିଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)

**ଦିଲ୍ଲୀ ବନାମ ଗୁଜରାଟ**

ସ୍ଥାନ:ଦିଲ୍ଲୀ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୨୧୭/୭ (ଋତୁରାଜ ଗାଏକ୍ୱାଡ୍-୫୭, ଡେଭନ କନ୍‌ୱେ-୪୭, ରବି ବିଷ୍ଣୋଇ-୩/୨୮, ମାର୍କ ଉଡ୍-୩/୪୯, ଆଭେଶ୍ ଖାଁ-୧/୩୯)।

## ଆର୍‌ସିବି ବିଜୟୀ

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ରବିବାର ଡବଲ୍ ହେଡରର ଦ୍ୱିତୀୟ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ଧୂଳି ଚଟାଇଛି ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)। ତିଳକ ବର୍ମାଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ମୁମ୍ବାଇ ୧୭୧ ରନ୍ କରିଥିବା ବେଳେ ୮ ଉଇକେଟ ଓ ୨୨ ବଲ୍ ଥାଇ ମ୍ୟାଚ୍ ଜିତି ନେଇଥିଲା ଆରସିବି। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ତିଳକ ଅପରାଜିତ ୮୪ ରନ୍ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୧ ରନ୍ କରିଥିଲା। ଜବାବରେ ୧୬.୨ ଓଭରରେ ୨ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା।

# ଆରସିବି ପେସ୍ ବୋଲର ଟପ୍‌ଲେ ଆଘାତପ୍ରାପ୍ତ



**ବେଙ୍ଗାଲୁରୁ, ୩।୪ (ପି.ଟି.)**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ପେସ୍ ବୋଲର ରିସି ଟପ୍‌ଲେ ଆଘାତପଆପ୍ତ ହୋଇଛନ୍ତି। ଦଳକୁ ଏହା ଆଉ ଏକ ଧକ୍କା। ଏଠାରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କର ଡାହାଣ କାନ୍ଧରେ ଆଘାତ ଲାଗିଛି। ସ୍କାନ ଫଳାଫଳ ମିଳିବା ପରେ ଯାଇ ଇଂଲଣ୍ଡ ଖେଳାଳିଙ୍କ ଏହା କେତେ ଗୁରୁତର ତାହା ସ୍ପଷ୍ଟ ହେବ ବୋଲି ଆରସିବି ମୁଖ୍ୟ କୋଚ୍ ମାଇକ୍ ହେସନ କହିଛନ୍ତି। ଆରସିବି ଏହି ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ ୮ ଉଇକେଟରେ ବିଜୟ ଲାଭ କରି ଭଲ ଆରମ୍ଭ କରିଛି। ଟପ୍‌ଲେ ବର୍ତ୍ତମାନ ଦଳର ଆଘାତପ୍ରାପ୍ତ ଖେଳାଳି ତାଲିକାରେ ସମିଲ ହୋଇଛନ୍ତି। ଦଳ ପାଇଁ ଏହା ଚିନ୍ତାର କାରଣ ହୋଇଛି। ପୂର୍ବରୁ ଡାହାଣ ହାତୀ ବ୍ୟାଟର ରଜତ ପଟିଦାର ଓ ଫାଷ୍ଟ ବୋଲର ଜୋଶ ହାଜେଲଉଡ୍ ଆଘାତପ୍ରାପ୍ତ ହୋଇସାରିଛନ୍ତି। ପଟିଦାରଙ୍କ ଗୋଇଠିରେ ଆଗତା ଲାଗିଛି। ସେ ଅତିକମ୍‌ରେ ଆଇପିଏଲ୍‌ର ପ୍ରଥମାର୍ଦ୍ଧ ଖେଳିପାରିବେ ନାହିଁ। ଅନ୍ୟପକ୍ଷରେ ହାଜେଲଉଡ୍ ପ୍ରଥମ ୭ଟି ମ୍ୟାଚ ଖେଳି ନ ପାରନ୍ତି।

# ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ୩-୧ ଗୋଲରେ ବିଜୟୀ


ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ଓ ସାଇ ବାଲ୍ ଟିମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି)**

**ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍**

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଚାଲିଥିବା ୨୧ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍(ଫେଜ୍-୨)ରେ ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲର ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଦଳ ୩-୧ ଗୋଲରେ ସାଇ (ଭାରତୀୟ କ୍ରୀଡ଼ା ପ୍ରାଧିକରଣ)ବାଲ୍ ଟିମ୍‌କୁ ପରାସ୍ତ କରିଛି। ମ୍ୟାଚ୍‌ର ୨ୟ ମିନିଟ୍‌ରେ ମମିତା ଓରାମ୍‌ଙ୍କ ଗୋଲ ବଳରେ ଓଡ଼ିଶା ଅଗ୍ରଣୀ ହୋଇଥିଲେ ହେଁ ସାଇର ରିତୁ ଦେବୀ ଲୈଶ୍ରମ ୩ୟ ମିନିଟ୍‌ରେ ଗୋଲ ପରିଶୋଧ କରିଦେବାରୁ ମ୍ୟାଚ୍ ୧-୧ ସ୍ଥିତିକୁ ଚାଲିଆସିଥିଲା। ତେବେ ୧୭ତମ ମିନିଟ୍‌ରେ ମୁନ୍‌ମୁନି ଦାସ ଓ ୩୩ତମ ମିନିଟ୍‌ରେ କମଳା ସିଂ ଗୋଲ ଦେଇ ଓଡ଼ିଶା ଦଳକୁ ବିଜୟୀ କରାଇଥିଲେ। ଅନ୍ୟ ୩ଟି ମ୍ୟାଚ୍‌ରେ ଏଚ୍‌ଆଇଏମ୍ ହକି ଏକାଡେମୀ ୮-୦ ଗୋଲରେ ସାଲ୍ୟୁଟ୍ ହକି ଏକାଡେମୀକୁ, ଅମୃତସରର ଖାଲ୍‌ସା ହକି ଏକାଡେମୀ ୯-୦ରେ ଭାଇ ଭେଲୋ ହକି ଏକାଡେମୀକୁ ଏବଂ ପ୍ରୀତମ୍ ସିୱାଚ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ ୩-୦ ଗୋଲରେ ସାଇ ଶକ୍ତି ଟିମ୍‌କୁ ପରାସ୍ତ କରିଛି।

# ମୌରିସିଓଙ୍କ ଚୁକ୍ତି ମିଆଦ ବଢ଼ାଇଲା ଓଏଫ୍‌ସି


ଡିଏଗୋ ମୌରିସିଓ

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ବ୍ରାଜିଲିଆନ ଫୁଟ୍‌ବଲର ଡିଏଗୋ ମୌରିସିଓଙ୍କ ଚୁକ୍ତି ମିଆଦ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିଛି। ମୌରିସିଓ ଗତ ସିଜନରେ ୧୨ଟି ଗୋଲ ସ୍କୋର ସହ ୪ ଗୋଲ ଦେବାରେ ସହାୟତା କରି ହିରୋ ଗୋଲ୍ଡେନ ବୁଟ୍ ହାସଲ କରିଥିଲେ। ୨୦୨୦-୨୧ ସିଜନରେ ଓଡ଼ିଶା ଏଫ୍‌ସି ସହ ଯୋଗଦେଇଥିବା ମୌରିସିଓ ଏବେ ଟପ୍ ସ୍କୋରର ହୋଇ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ୩୧ ବର୍ଷୀୟ ଏହି ଖେଳାଳିଙ୍କର ଅନେକ ପ୍ରଶଂସକ ହୋଇଯାଇଛନ୍ତି। ତାଙ୍କ ପ୍ରଦର୍ଶନ ବଳରେ ଓଡ଼ିଶା ଏଫ୍‌ସି ଗତ ସଂସ୍କରଣରେ ପ୍ରଥମଥର ପାଇଁ ଟପ୍-୬ ମଧ୍ୟରେ ରହି ପ୍ଲେ-ଅଫ୍ ଖେଳିଥିଲା। ଚୁକ୍ତି ମିଆଦ ବୃଦ୍ଧି ସମ୍ପର୍କରେ ମତ ଦେବାକୁ ଯାଇ ମୌରିସିଓ କହିଛନ୍ତି, ‘‘ମୁଁ ଓଡ଼ିଶା ଲୋକ ଓ ଏହି ସହରକୁ ଭଲପାଏ। ଲୋକମାନେ ମଧ୍ୟ ମୋତେ ଅନେକ ଭଲପାଇବା ଦେଇଛନ୍ତି। ମୁଁ ଏହି କ୍ଲବ ସହ ରହିବାକୁ ନିଷ୍ପତ୍ତି ନେଇଥିବାରୁ ମୋ ପରିବାରବର୍ଗ ବହୁତ ଖୁସି। ମୋ ଯାତ୍ରା ଏପର୍ଯ୍ୟନ୍ତ ବହୁତ ଭଲ ରହିଆସିଛି ଏବଂ ଆଗାମୀ ଦିନରେ ଏହାକୁ ଆଗକୁ ବଢ଼ାଇବା ଉପରେ ଫୋକସ କରୁଛି।’’ ପ୍ରକାଶଯୋଗ୍ୟ, ଏହି ବ୍ରାଜିଲିଆନ ଖେଳାଳି ଓଏଫ୍‌ସି ଦଳର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛନ୍ତି। ତାଙ୍କୁ ନେଇ ଆଗାମୀ ସିଜନରେ ମଧ୍ୟ ଦଳ ସଫଳତା ପାଇବା ନେଇ ଆଶା ରଖିଛି।

# ଦର୍ଶକଙ୍କ ଅନୁପ୍ରବେଶ ଘଟଣାର ତଦନ୍ତ ଆରମ୍ଭ

**ମେଲବୋର୍ନ, ୩।୪ (ଏପି)**

**ଅଷ୍ଟ୍ରେଲିଆନ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି**

ଅଷ୍ଟ୍ରେଲିଆନ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଶେଷରେ କିଛି ଦେଖଣାହାରି ସୁରକ୍ଷା ବ୍ୟବସ୍ଥାକୁ ଅତିକ୍ରମ କରି ଟ୍ରାକ୍ ଆଡ଼କୁ ଚାଲିଯାଇଥିଲେ। ଏହା କିପରି ଘଟିଲା ଅଷ୍ଟ୍ରେଲିଆ ଗ୍ରାଁ ପ୍ରି ଆୟୋଜକଙ୍କ ତରଫରୁ ତାହାର ତଦନ୍ତ ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆନ୍ ଗ୍ରାଁ ପ୍ରି ଦେଖିବା ଲାଗି ୪ ଦିନରେ ରେକର୍ଡ ୪୪୪, ୬୩୧ ଦର୍ଶକ ଆସିଥିଲେ। ତନ୍ମଧ୍ୟରେ କେବଳ ରବିବାର ଉପସ୍ଥିତ ଦର୍ଶକଙ୍କ ସଂଖ୍ୟା ୧୩୧,୧୨୪ ରହିଥିଲା। ଫର୍ମୁଲା ୱାନ୍‌ପ୍ରେମୀମାନେ ସୁରକ୍ଷା ବାଡ଼ ଡେଇଁ ଟ୍ରାକ୍‌ଆଡ଼କୁ ମୁହାଁଇଥିଲେ। ରେସ୍ ପ୍ରମୋଟରମାନଙ୍କୁ ରବିବାର ରାତିରେ ଷ୍ଟିୱାର୍ଡମାନଙ୍କର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଯଥେଷ୍ଟ ସୁରକ୍ଷା ଏବଂ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ସେମାନେ ସ୍ୱୀକାର କରିଥିଲେ। ଅଷ୍ଟ୍ରେଲିଆ ଗ୍ରାଁ ପ୍ରି କର୍ପୋରେଶନ ତରଫରୁ ଘଟଣାର ସମୀକ୍ଷା କରାଯାଉଛି। ଏଥିରେ ଭିକ୍ଟୋରିଆ ପ୍ରଦେଶ ପୋଲିସ ମଧ୍ୟ ରହିଛି। ଜୁନ୍ ୩୦ ସୁଦ୍ଧା ମୋଟର ସ୍ପୋର୍ଟ୍ସର ବିଶ୍ୱ ଗଭର୍ନିଂ ବଡି ଏଫ୍‌ଆଇଏ(ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଅଟୋମୋବାଇଲ) ନିକଟରେ ରିପୋର୍ଟ ଉପସ୍ଥାପନ କରାଯିବ ବୋଲି ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଣ୍ଡ୍ର୍ୟୁ ୱାଲ୍‌କଟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ କି ପ୍ରକାର ଦଣ୍ଡବିଧାନ କରାଯିବ ତାହା ସ୍ଥିର କରିବା ଲାଗି ପୁନଃ ତଦନ୍ତ ପାଇଁ ଏଫ୍‌ଆଇଏ ୱାର୍ଲ୍ଡ ମୋଟର ସ୍ପୋର୍ଟ୍ସ କାଉନ୍‌ସିଲକୁ କୁହାଯାଇଛି।


ଅଷ୍ଟ୍ରେଲିଆନ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଅବସରରେ ଉପସ୍ଥିତ ଦର୍ଶକ।

# ଦିଲ୍ଲୀ ପାଇଁ ସହଜ ହୋଇ ନ ପାରେ ଟାଇଟନ୍ସ

**ନୂଆଦିଲ୍ଲୀ, ୩।୪ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଙ୍ଗଳବାର ଖେଳାଯିବାକୁଥିବା ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ସହଜ ହୋଇ ନ ପାରେ। ଗୁଜରାଟ ଜାଏଣ୍ଟ୍ସ ଦଳର କେନ୍ ୱିଲିୟମସନ ଆଣ୍ଠୁରେ ଆଘାତପ୍ରାପ୍ତ ହୋଇ ଟୁର୍ନାମେଣ୍ଟରୁ ସମ୍ପୂର୍ଣ୍ଣ ବାହାର ହୋଇସାରି ଥିଲେ ମଧ୍ୟ ଗତଥରର ଚାମ୍ପିୟନ ଦଳର ସମସ୍ତ ବିଭାଗରେ ଅନ୍ୟ ବହୁ ଭଲ ଖେଳାଳି ରହିଛନ୍ତି। ସିଜନର ପ୍ରଥମ ଆୱେ ମ୍ୟାଚରେ ଦଳ ମଙ୍ଗଳବାର ଫେଭରାଇଟ୍ ଭାବେ ପଡ଼ିଆକୁ ଓହ୍ଲାଇବ। ପ୍ରତିପକ୍ଷ ଦଳର ତୁଳନାରେ ଏହାରର ପେସ୍ ବାହିନୀ ବେଶ୍ ଉନ୍ନତ। ଅନ୍ୟପକ୍ଷରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଠାରୁ ୫୦ ରନରେ ହାରିଯାଇଥିବା ଆୟୋଜକ ଦଳ ଆଗାମୀ ମ୍ୟାଚ ପାଇଁ ଏହାର ରଣନୀତି ବଦଳାଇପାରେ। ଅନରିଚ ନୋର୍ଜେଙ୍କ ଅନୁପସ୍ଥିତିରେ ପେସ୍ ବାହିନୀରେ ରହିଥିବା ଭାରତୀୟ ବୋଲରମାନେ ସେତେଟା ପ୍ରଭାବୀ ମନେ ହୋଇ ନ ଥିଲେ। ଏହା ଦଳ ପାଇଁ ଏହା ଏକ ଚିନ୍ତାର କାରଣ। ଚେତନ ସାକାରିୟା ଓ ମୁକେଶ କୁମାର ଶୃଙ୍ଖଳିତ ବୋଲର। ହେଲେ ସେମାନଙ୍କ ବୋଲିଂରେ ବେଗ ଓ ବିବିଧତାର ଅଭାବ ରହିଛି। ପେସ୍ ବୋଲିଂକୁ ଭଲରୂପେ ଖେଳିପାରୁଥିବା ପ୍ରତିପକ୍ଷ ଦଳର ଭଲ ଫର୍ମରେ ରହିଥିବା ଶୁବମନ ଗିଲ୍ ଅବା ହାର୍ଦ୍ଦିକ ପାଣ୍ଡ୍ୟା ଉଭୟେ ଧମାକା ସୃଷ୍ଟି କରିପାରନ୍ତି। ଖଲିଲ ଅହମ୍ମଦ ପ୍ରଥମ ଗେମ୍‌ରେ ଭଲ ଖେଳିଥିଲେ। ମାତ୍ର ବର୍ଷ ବର୍ଷ ଧରି ତାଙ୍କ ଫିଲ୍ଡିଂ ଏକ ସମସ୍ୟା ହୋଇ ରହିଆସିଛି। ଫିଲ୍ଡିଂ ସେସନରେ ସେ ସେ ଯେତିକି ସଂଖ୍ୟାରେ କ୍ୟାଚ ଧରିଛନ୍ତି, ସେ ତୁଳନାରେ ଅଧିକ ହାତଛଡ଼ା କରିଛନ୍ତି। କାଇଲ ମେୟର୍ସଙ୍କୁ ବାଦ୍ ଦେବା ଦ୍ୱାରା ଦିଲ୍ଲୀ ପାଇଁ ଓପନିଂ ମ୍ୟାଚ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦଳରେ ଅନ୍ୟ ଜଣେ ବିଶିଷ୍ଟ ପେସ୍ ବୋଲର ଈଶାନ୍ତ ଶର୍ମା ରହିଛନ୍ତି। ତାଙ୍କୁ ଦଳ ବେସ୍ ପ୍ରାଇସ୍‌ରେ କ୍ରୟ କରିଛନ୍ତି। କେବଳ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କୁ ଦଳରେ ନିଆଯାଇଛି। ତାଙ୍କୁ ‘ଇମ୍ପାକ୍ଟ ଖେଳାଳି’ ଭାବେ ଦଳରେ ନିଆଯାଇ ପାରେ। ତେବେ ଭଲ ଖବର ହେଲା ଦକ୍ଷିଣ ଆଫ୍ରିକାର ଉଭୟ ନୋର୍ଜେ ଓ ଲୁନ୍‌ଗି ଏନ୍‌ଗିଡ଼ି ଏଠାରେ ପହଞ୍ଚି ଯାଇଛନ୍ତି। ମଙ୍ଗଳବାର ସିଲେକ୍ସନ ପାଇଁ ସେ ଉପଲବ୍ଧ ହେବେ। ଦିଲ୍ଲୀ ମୁଖ୍ୟ କୋଚ୍ ଖେଳାଳି କମ୍ବିନେଶନରେ କିଛିଟା ପରିବର୍ତ୍ତନ କରିପାରନ୍ତି। ସେ ସେକାରିୟାଙ୍କୁ ବାଦ୍ ଦେଇ ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ମୁସ୍ତାଫିଜୁର ରହମନଙ୍କୁ ବୋଲିଂ ୟୁନିଟ୍‌ରେ ସାମିଲ କରିପାରନ୍ତି। ଏ କ୍ଷେତ୍ରରେ ରିଲି ରୋସୋଙ୍କୁ ବସିବାକୁ ପଡ଼ିପାରେ। ଦିଲ୍ଲୀ ବିପକ୍ଷରେ ମହମ୍ମଦ ଶାମି ଓ ପାଣ୍ଡ୍ୟା ଏକ ଭିନ୍ନ ଚ୍ୟାଲେଞ୍ଜ ସୃଷ୍ଟି କରିବେ। ଦଳରେ ଅଲଜାରି ଯୋଶେଫ୍, ୟାଶ ଦୟାଲ ଏବଂ ସ୍ଥିର ପ୍ରଦର୍ଶନ କରିଆସୁଥିବା ରଶିଦ ଖାଁ ରହିନ୍ତି। ଦିଲ୍ଲୀ ବ୍ୟାଟରମାନଙ୍କ ଲାଗି ଏକ ଚ୍ୟାଲେଞ୍ଜ ହୋଇପାରେ। ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ ସମସ୍ୟା ହେଲା ଭାରତୀୟ ବେଞ୍ଚ ଷ୍ଟ୍ରେନ୍ଥରେ ‘ଇମ୍ପାକ୍ଟ ପ୍ଲେୟର’ ଭାବେ ଖେଳିବା ଲାଗି ଯଥେଷ୍ଟ ଦକ୍ଷ ଖେଳାଳି ନାହାନ୍ତି। ରିପଲ ପଟେଲ, ଲଳିତ ଯାଦବ ଓ ଅମନ ହାକିମ୍ ଖାନ୍‌ଙ୍କ ଭଳି ଖେଳାଳି ଅଛନ୍ତି, ଯେଉଁମାନେ ଭଲ ଘରୋଇ କ୍ରିକେଟର। ହେଲେ ସେମାନଙ୍କ ଉପରେ ଭରସା କରିହେବ ନାହିଁ। କ୍ୟାପିଟାଲ୍ସ ଦଳ ବିଦେଶୀ ଖେଳାଳିଙ୍କର କିପରି ଉପଯୋଗ କରୁଛି ତା’ ଉପରେ ସବୁକିଛି ନିର୍ଭର କରେ।

**ମ୍ୟାଚ ଆରମ୍ଭ: ୭ଟା ୩୦, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ